


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-207 •BHUBANESWAR •SUNDAY •21 JANUARY 2024 •PAGE-20 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୦୭ •ଭୁବନେଶ୍ୱର •ରବିବାର •୨୧ ଜାନୁଆରୀ ୨୦୨୪ •ପୃଷ୍ଠା-୨୦ •ଟ.୬.୦୦ (ସିନ୍ଦୂରା ସହ)


### ୫ ଜିଲ୍ଲାର ୩୬୧ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

# ନୂଆ ଓଡ଼ିଶା ଗଠନ ପାଇଁ ରୂପାନ୍ତରଣ ଶ୍ରେଷ୍ଠ ମାର୍ଗ

■ **ଭୁବନେଶ୍ୱର, ୨୦।୧(ସମିସ):** ଓଡ଼ିଶାରେ ଏବେ ରୂପାନ୍ତରଣର ଯୁଗ ଚାଲିଛି। ରାଜ୍ୟବ୍ୟାପୀ ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତରଣ ରାସ୍ତା ପ୍ରସ୍ତୁତ କରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଚତୁର୍ଥ ପର୍ଯ୍ୟାୟ '୫-ଟି' ସ୍କୁଲ ରୂପାନ୍ତରଣର ତୃତୀୟ ଦିନରେ ୫ ଜିଲ୍ଲାର ୩୬୧ଟି ରୂପାନ୍ତରିତ ସ୍କୁଲକୁ ଶନିବାର ଲୋକାର୍ପିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ସ୍କୁଲ ରୂପାନ୍ତରଣ ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ରୂପାନ୍ତରିତ ସ୍କୁଲର ସଠିକ୍ ଉପଯୋଗ କରି ଭଲ ପାଠ ପଢ଼ିବା ସହ ସୁନ୍ଦର ଭବିଷ୍ୟତ ଗଢ଼: ମୁଖ୍ୟମନ୍ତ୍ରୀ**




**ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ସାଜିଛି**

**ବିଦ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ସଭିଙ୍କ ସହଯୋଗ କାମନା କଲେ '୫-ଟି' ଅଧ୍ୟକ୍ଷ**

**ପୂର୍ବରୁ ୩ଟି ପର୍ଯ୍ୟାୟରେ ଲୋକାର୍ପିତ ହୋଇ ସାରିଛି ରାଜ୍ୟର ୬୮୮୩ଟି ହାଇସ୍କୁଲ**

ଛାତ୍ରଛାତୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରକୁ ଉଚ୍ଚସ୍ତରକୁ ନେଇଥାଏ। ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ, ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ରାଜ୍ୟ ସରକାରଙ୍କ ପ୍ରାଥମିକତା। '୫-ଟି' ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ▶ପୃଷ୍ଠା-୧୩

### ୧୯ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ୧୩ଟି ଜିଲ୍ଲାରେ ଖର୍ଚ୍ଚ ହେବ ୪୬୦୦ କୋଟି

■ **ଭୁବନେଶ୍ୱର, ୨୦।୧ (ସମିସ):** କୃଷି କ୍ଷେତ୍ରରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟ ସରକାର ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟର ୧୩ଟି ଜିଲ୍ଲାରେ ୧୯ଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ମୋଟ ୪୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ବରଗଡ଼, ବଲାଙ୍ଗିର, ବୌଦ୍ଧ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଚାଷୀ ଭାଇଭଉଣୀମାନେ ବହୁଳ ଭାବେ ଉପକୃତ ହେବେ। ବିଶେଷକରି ପିଇବା ପାଣି ଯୋଗାଣ କ୍ଷେତ୍ରରେ ସୁବିଧା ହେବ। ଏହା ସହିତ ମାଛ ଚାଷ, ପଶୁପାଳନ ଆଦିରେ ମଧ୍ୟ ସହାୟକ ହେବ। ଏହି ପ୍ରକଳ୍ପ ସବୁ ଭୂତଳ ଜଳ ସ୍ତର ବୃଦ୍ଧି ▶ପୃଷ୍ଠା-୧୩

**୭୨ଟି ଅନ୍ତଃନଦୀ ଜଳାଶୟ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ**

**'୫-ଟି' ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ପ୍ରକଳ୍ପ ପାଇଁ ମିଳିଥିଲା ପ୍ରସ୍ତାବ**

**ଲୋକମତ, ଲୋକଙ୍କ ପ୍ରସ୍ତାବକୁ ସମ୍ମାନ ଦେଇ ହେଉଛି କାର୍ଯ୍ୟକ୍ରମ**

### ଖୁବଶୀଘ୍ର ନିପନ୍ ଷ୍ଟିଲ୍ କାରଖାନା ପାଇଁ ଶୁଭ ଦିଆଯିବ: '୫-ଟି' ଅଧ୍ୟକ୍ଷ

କେନ୍ଦ୍ରାପଡ଼ାରେ ଇସ୍ପାତ୍ କାରଖାନା ସ୍ଥାପନ ପାଇଁ ଖୁବ୍‌ଶୀଘ୍ର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୂଚନା ଦେଇଛନ୍ତି। ଶନିବାର ୧୩ ଜିଲ୍ଲା ପାଇଁ ଅନ୍ତଃନଦୀ ଜଳାଶୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗଦେଇ '୫-ଟି' ଅଧ୍ୟକ୍ଷ କହିଛନ୍ତି, ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ସ୍ଥାନର ଉନ୍ନତି ପାଇଁ ପ୍ରକଳ୍ପ କରୁଛନ୍ତି। ▶ପୃଷ୍ଠା-୧୩

# ସାନିଆ-ସୋଏବଙ୍କ ବିବାହ ବିଚ୍ଛେଦ



■ **କରାଚି, ୨୦।୧ (ଏଜେନ୍ସି):** ଭାରତୀୟ କିମ୍ବଦନ୍ତୀ ମହିଳା ଟେନିସ ତାରକା ସାନିଆ ମିର୍ଜା ଓ ପାକିସ୍ତାନୀ କ୍ରିକେଟ ଖେଳାଳି ସୋଏବ ମଲିକଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଛି। ଏ ସମ୍ପର୍କରେ କେହି ଆନୁଷ୍ଠାନିକ ଘୋଷଣା କରି ନଥିଲେ ମଧ୍ୟ ପାକିସ୍ତାନୀ ଅଭିନେତ୍ରୀ ସାନା ଜାଭେଦ୍‌ଙ୍କ ସହ ବିବାହ କରିଥିବାର ଏକ ଫଟୋ ସୋଏବ ସାମାଜିକ ଗଣମାଧ୍ୟମରେ ▶ପୃଷ୍ଠା-୧୩

### କେନ୍ଦ୍ରମନ୍ତ୍ରୀଙ୍କ ନିଜସ୍ୱ ସଂସ୍ଥା ଇଡିସିଆଇଏଲ୍ କରୁଛି ଶିକ୍ଷକ ନିଯୁକ୍ତି

# ଜାଣି ଅଜଣା ହେଉଛନ୍ତି ଧର୍ମେନ୍ଦ୍ର

■ **ଭୁବନେଶ୍ୱର, ୨୦।୧ (ସମିସ):** ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ସବୁ ଜାଣି ଅଜଣା ରହିବାର ନାଟକ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ। ଖୋଦ୍ କେନ୍ଦ୍ରମନ୍ତ୍ରୀଙ୍କ ନିଜ ସଂସ୍ଥା ଇଡିସିଆଇଏଲ୍ ଶିକ୍ଷକ ନିଯୁକ୍ତି ଦାୟିତ୍ୱରେ ରହିଛି; ହେଲେ କିଛି ନବୁଝି ଡାହା ମିଛ ଓ ନିରାଧାର କଥା କହିବାରେ ଶ୍ରୀ ପ୍ରଧାନଙ୍କ ଅହେତୁକ ଆଗ୍ରହ ଦେଖି ଲୋକେ ହସିବା ଆରମ୍ଭ କଲେଣି। ଲାଗୁଛି, 'ମାହାଲ ମାଣ୍ଡା' ସୃଷ୍ଟି କରିବାରେ ଶ୍ରୀ ପ୍ରଧାନଙ୍କର ବଡ଼ ଭୂମିକା ରହିଛି ବୋଲି ନିଜ ଟୁଇଟ୍‌ରେ କେନ୍ଦ୍ରମନ୍ତ୍ରୀଙ୍କୁ ସିଧା ନିଶାଣ କରିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ।

ଶିକ୍ଷକ ନିଯୁକ୍ତି ପ୍ରସଙ୍ଗରେ ଶ୍ରୀ ଦାସ କହିଛନ୍ତି, ନିଯୁକ୍ତିର ପୂରା ପ୍ରକ୍ରିୟା କେନ୍ଦ୍ରୀୟ ସଂସ୍ଥା ଇଡିସିଆଇଏଲ୍ ଜରିଆରେ କରାଯାଇଛି ଏବଂ ଏହା ଶ୍ରୀ ପ୍ରଧାନଙ୍କ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟ କରୁଛି। ଏହି କେନ୍ଦ୍ରୀୟ ସଂସ୍ଥାଟି 'ମିନି ରତ୍ନ' ବର୍ଗରେ ଆସୁଛି। ଯଦି ଶ୍ରୀ ପ୍ରଧାନଙ୍କ ମନ୍ତବ୍ୟକୁ ବିଚାରକୁ ନିଆଯାଏ ତା ହେଲେ ସ୍ପଷ୍ଟ ହେଉଛି ଯେ ତାଙ୍କର ନିଜସ୍ୱ ସଂସ୍ଥା ନିଯୁକ୍ତି ପ୍ରକ୍ରିୟାରେ ଜାଲିଆତି କରିଛି। ▶ପୃଷ୍ଠା-୧୩



**ଗଫଲତି ଅଭିଯୋଗ ଆଣି ଲୋକହସା ହେଉଛନ୍ତି କେନ୍ଦ୍ରମନ୍ତ୍ରୀ: ପ୍ରଣବ ପ୍ରକାଶ**

**ବହୁ କେନ୍ଦ୍ରୀୟ ବିଭାଗରେ କର୍ମଚାରୀ ନିଯୁକ୍ତ କରୁଛି ଇଡିସିଆଇଏଲ୍**




## ହାଇକୋର୍ଟରେ ପହଞ୍ଚିଲା ବଟର-ଚିକେନ ମାମଲା

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଦେଶର ପ୍ରସିଦ୍ଧ ଖାଦ୍ୟ ବଟର ଚିକେନ ଏବଂ ଦାଲ ମଖନି ମାମଲା ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିଛି। ଏହି ୨ ବ୍ୟଞ୍ଜନକୁ କିଏ ପ୍ରଥମେ ପ୍ରସ୍ତୁତ କରିଥିଲେ ତାହାର ନିଷ୍ପତ୍ତି ହାଇକୋର୍ଟ ଶୁଣାଇବେ। ଦିଲ୍ଲୀର ମୋତି ମହଲ ରେଷ୍ଟୁରାଣ୍ଟ (ରୁପା ଗୁଜରାଲ) ଏବଂ ଦରିୟାଗଞ୍ଜ ରେଷ୍ଟୁରାଣ୍ଟ (ଦରିୟାଗଞ୍ଜ ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ) ଗତ ଦୁଇ ବର୍ଷ ହେଲା ଏହା ଉପରେ ଦାବି କରୁଛନ୍ତି। ଦରିଆଗଞ୍ଜ ରେଷ୍ଟୁରାଣ୍ଟ ସାମ୍ନାରେ 'ବଟର ଚିକେନ ଏବଂ ଦାଲ ମଖନିର ନିର୍ମାତା' ଲେଖା ଯାଇଛି। ଏହା ବିରୋଧରେ ମୋତି ମହଲ ରେଷ୍ଟୁରାଣ୍ଟ ମାମଲା ରୁଜୁ କରିଥିଲା। ଗତ ୧୬ ତାରିଖରେ ଜଷ୍ଟିସ ସଞ୍ଜୀବ ନରୁଲା ଏହି ମାମଲାର ଶୁଣାଣି କରି ଦରିଆଗଞ୍ଜ ରେଷ୍ଟୁରାଣ୍ଟର ମାଲିକଙ୍କୁ ସମନ ଜାରି କରିଥିଲେ। ମାସେ ଭିତରେ ଲିଖିତ ପ୍ରତିକ୍ରିୟା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମଇ ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଉଭୟ ରେଷ୍ଟୁରାଣ୍ଟ ମାଲିକଙ୍କ ବାପାଙ୍କ ନାମ କୁନ୍ଦନ ଲାଲ ଜଗ୍‌ଗି ବୋଲି ଦାବି କରୁଛନ୍ତି। ସେ ପ୍ରଥମେ ଏହି ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ ବୋଲି କହିଛନ୍ତି।

## ସ୍ନାକ୍ସ କମ୍ପାନୀକୁ ଦିଆଯାଇଥିଲା ଭଦୋଦରା ହରଣୀ ହ୍ରଦର ଠିକା

**ଭଦୋଦରା, ୨୦।୧ (ଏଜେନ୍ସି):** ଗୁଜରାଟ ଭଦୋଦରାର ହରଣୀ ହ୍ରଦରେ ଡଙ୍ଗା ବୁଡ଼ି ମାମଲାରେ ନୂଆ ତଥ୍ୟ ଉନ୍ମୋଚନ ହୋଇଛି। ଏହି ହ୍ରଦର ରକ୍ଷଣାବେକ୍ଷଣ କାମ ଏକ ଅଭିଜ୍ଞତା ନ ଥିବା କମ୍ପାନୀକୁ ଦିଆଯାଇଥିଲା ବୋଲି ସୂଚନା ମିଳିଛି। ୨୦୧୬ରେ ମେସର୍ସ କୋଟିୟା ପ୍ରୋଜେକ୍ଟକୁ ୩୦ ବର୍ଷ ପାଇଁ ଠିକା ଦିଆଯାଇଥିଲା। ତେବେ ଏହି କମ୍ପାନୀ ପାଖରେ କେବଳ ସ୍ନାକ୍ସ ତଥା ଜଳଖିଆ ବନାଇବାର ଅନୁଭବ ଥିଲା। ରକ୍ଷଣାବେକ୍ଷଣ ବିଷୟରେ କିଛି ଜଣା ନ ଥିଲା। ଠିକା ମିଳିବା ସମୟରେ କମ୍ପାନୀର ବ୍ୟାଙ୍କ ବାଲାନ୍ସ ଶୂନ ଥିଲା। ଏହି କମ୍ପାନୀ କୌଣସି ଆଇଟି ପ୍ରମାଣପତ୍ର ମଧ୍ୟ ଜମା କରି ନ ଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୋଟିୟା ପ୍ରୋଜେକ୍ଟ ମାଧ୍ୟମରେ ହ୍ରଦର ଠିକା ପରେଶ ଶାହାଙ୍କୁ ମିଳିଥିଲା। ପରେ ସେ ଏହାକୁ 'ଫନ୍ ଟାଇମ ଅରିନା' ନାମକ କମ୍ପାନୀର ମାଲିକ ନିଲେଶ ଶାହଙ୍କୁ ପ୍ରଦାନ କରିଥିଲେ। ଏହା ପରେ ନିଲେଶ ଠିକାକୁ ନୟନ ଗୋହିଲଙ୍କୁ ଦେଇଥିଲେ। ସେ ଏହି ହ୍ରଦ କୂଳରେ ଟ୍ରକ୍ ଚଲାଉ ଥିଲେ।

● କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ

## ସ୍ତନ କର୍କଟ ପାଇଁ ଲାଭକାରୀ 'ସଞ୍ଜୀବନୀ ଧାନ'




**ରାୟପୁର, ୨୦।୧ (ଏଜେନ୍ସି):** ଛତିଶଗଡ଼ ଇନ୍ଦିରା ଗାନ୍ଧୀ କୃଷି ବିଶ୍ୱବିଦ୍ୟାଳୟରେ ଧାନର ଏକ ନୂତନ କିସମ ପ୍ରସ୍ତୁତ କରାଯାଇଛି। ଏହା ସ୍ତନ କର୍କଟ ରୋଗ ପାଇଁ ଉପକାରୀ ହେବ ବୋଲି କୃଷି ବିଶ୍ୱବିଦ୍ୟାଳୟ ବୈଜ୍ଞାନିକମାନେ କହିଛନ୍ତି। ଧାନର ଏହି କିସମର ନାମ 'ସଞ୍ଜୀବନୀ' ଦିଆଯାଇଛି। ଏହି ଧାନ ରୋଗପ୍ରତିରୋଧକ କ୍ଷମତା ବଢ଼ାଇବା ସହିତ କର୍କଟ ରୋଗୀଙ୍କ ଚିକିତ୍ସାରେ ସହାୟକ ହେବ। ମୁମ୍ବାଇର ଭାଭା ଅଟୋମିକ ରିସର୍ଚ୍ଚ ସେଣ୍ଟର ସହାୟତାରେ ୬ ବର୍ଷରେ ଏହି କିସମ ପ୍ରସ୍ତୁତ କରାଯାଇଛି। ଲୋକଙ୍କ ପାଖରେ ଏହାକୁ ପହଞ୍ଚାଇବା ପାଇଁ ବୈଜ୍ଞାନିକମାନେ ଏହାର ୩ଟି ଉତ୍ପାଦ ପ୍ରସ୍ତୁତ କରିଛନ୍ତି। ସଞ୍ଜିବନୀ ଧାନରୁ ପ୍ରସ୍ତୁତ ଗୋଟିଏ ଉତ୍ପାଦର ନାମ 'ସଞ୍ଜୀବନୀ ଇନ୍‌ଷ୍ଟାଣ୍ଟ' ରଖାଯାଇଛି। ଏହା ରୋଗ ପ୍ରତିରୋଧୀ କ୍ଷମତା ବୃଦ୍ଧି କରିଥାଏ। ଦ୍ୱିତୀୟ ଉତ୍ପାଦର ନାମ 'ସଞ୍ଜୀବନୀ ମଧୁ କଲ୍‌କ' ରହିଛି। ପ୍ରକ୍ରିୟାକରଣ ମାଧ୍ୟମରେ ବ୍ରାଉନ ଚାଉଳର ଗୁଣ୍ଡରେ ମହୁ ମିଶାଇ ଏହାକୁ ପ୍ରସ୍ତୁତ କରାଯାଇଛି। ସଞ୍ଜୀବନୀ ଧାନରୁ 'ରାଇସ ବାର୍' ମଧ୍ୟ ବନା ଯାଇଛି। ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଶନିବାର ଏହି ଉତ୍ପାଦକୁ ଲୋକାର୍ପଣ କରିଛନ୍ତି।

## ରାମ ମନ୍ଦିର ପ୍ରସାଦ କହି ମିଠେଇ ବିକୁଥିଲା ଆମାଜନ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି):** ଇ-କମର୍ସ କମ୍ପାନୀ ଆମାଜନକୁ କେନ୍ଦ୍ର ସରକାର ନୋଟିସ ଜାରି କରିଛନ୍ତି। ସାତ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସମୟସୀମା ମଧ୍ୟରେ ଜବାବ ନ ମିଳିବ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାମ ମନ୍ଦିର ପ୍ରସାଦ କହି ନିଜ ସାଇଟରେ ସାଧାରଣ ମିଠେଇ ବିକ୍ରି କରିବା ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେଣ୍ଟ୍ରାଲ କଞ୍ଜ୍ୟୁମର ପ୍ରୋଟେକ୍ସନ ଅଥରିଟି (ସିସିପିଏ)ର ନୋଟିସ ପରେ କମ୍ପାନୀ ପ୍ରସାଦ ବିକ୍ରି ବନ୍ଦ କରିଦେଇଛି। ଏ ନେଇ କନଫେଡେରେସନ ଅଫ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ସିସିପିଏରେ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ରାମ ମନ୍ଦିର ଉପରେ ପ୍ରଚାରପ୍ରସାର କରାଯାଉଥିବା ମିଥ୍ୟା ଖବରକୁ ନେଇ କେନ୍ଦ୍ର ମାର୍ଗଦର୍ଶିକା ଜାରି କରିଛି। ଏଥିରେ ନ୍ୟୁଜ୍ ଚ୍ୟାନେଲ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକୁ ମିଥ୍ୟା ଖବରରୁ ଦୂରେଇ ରହିବା ପାଇଁ କୁହାଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ଯାଞ୍ଚ ହୋଇ ନ ଥିବା ଆକାଉଣ୍ଟରୁ ଉତ୍ତେଜନାପୂର୍ଣ୍ଣ ଏବଂ ମିଥ୍ୟା ଖବର ପ୍ରଚାରପ୍ରସାର କରାଯାଉଛି। ଏହା ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ସାର୍ବଜନୀନ ବ୍ୟବସ୍ଥାକୁ ବିଗାଡ଼ିପାରେ।

## ହେମନ୍ତ ସୋରେନଙ୍କୁ ୭ ଘଣ୍ଟା ଜେରା

**ରାଞ୍ଚି,୨୦।୧(ଏଜେନ୍ସି):** ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଶନିବାର ଜେରା କରିଛି। ଇଡିର ଏକ ଟିମ୍ ଶନିବାର ସକାଳେ ହେମନ୍ତଙ୍କ ସରକାରୀ ବାସଭବନରେ ପହଞ୍ଚି ପ୍ରାୟ ୭ ଘଣ୍ଟା ଧରି ଜେରା କରିଥିଲେ। ଇଡି ଟିମ୍ ଜେରା ପାଇଁ ଆସୁଥିବା ଖବର ପାଇ ହେମନ୍ତଙ୍କ ସମର୍ଥକମାନେ ତାଙ୍କ ବାସଭବନ ସମ୍ମୁଖରେ ଏକାଠି ହୋଇଥିଲେ। ସେମାନେ କେନ୍ଦ୍ର ସରକାର ଏବଂ ଇଡି ବିରୋଧରେ ନାରାବାଜି କରିଥିଲେ। ତେବେ ଜେରା ପରେ ହେମନ୍ତ ବାହାରକୁ ଆସିବା ପରେ ନିଜ ସମର୍ଥକମାନଙ୍କୁ ସାଧୁବାଦ ଜଣାଇବା ସହିତ ତାଙ୍କ ବିରୋଧରେ କେନ୍ଦ୍ର ସରକାର ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି କହିଥିଲେ। କିନ୍ତୁ ସେ ଇଡି ଜେରାକୁ ନେଇ ଆଦୌ ଭୟଭୀତ ନାହାନ୍ତି ଏବଂ ଶେଷରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଥିଲେ। ଯଦି ଗୁଳି ବାଜିବାକୁ ଥାଏ ତେବେ ପ୍ରଥମେ ତାଙ୍କ ଦେହରେ ଗୁଳି ବାଜିବ ବୋଲି ହେମନ୍ତ ନିଜ ସମର୍ଥକମାନଙ୍କୁ କହିଥିଲେ।

## ଜ୍ଞାନବାପୀ ଟ୍ୟାଙ୍କ ସଫା ଶେଷ

**ବାରାଣସୀ, ୨୦।୧ (ଏଜେନ୍ସି):** ବାରାଣସୀର ଜ୍ଞାନବାପୀ ପରିସରରେ ଥିବା ଟ୍ୟାଙ୍କକୁ ଶନିବାର ସଫା କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପୌରପାଳିକା, ମତ୍ସ୍ୟ ବିଭାଗ ସମେତ ୨୬ ସଦସ୍ୟ ଟିମ୍ ଏହି କାମ ଶେଷ କରିଛନ୍ତି। ଏହି ଅବସରରେ ବାରାଣସୀ ଡିଏମ୍ ମଧ୍ୟ ଉପସ୍ଥିତ ଥିଲେ। ୨ ଘଣ୍ଟା ପର୍ଯ୍ୟନ୍ତ ଏହି କାମ ଚାଲିଥିବାବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୱଜୁସ୍ଥଳରୁ ମାଛ ବାହାର କରାଯାଇଥିଲା।୧୭ଟି ମାଛ ମରିଯାଇଥିବାବେଳେ୩୮ଟିଜୀବନ୍ତଥିଲା।ଏହାକୁମୁସ୍‌ଲିମପକ୍ଷକୁପ୍ରଦାନକରାଯାଇଛି।

## 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଉପରେ ଆକ୍ରମଣ

**ଗୌହାଟୀ, ୨୦।୧ (ଏଜେନ୍ସି):** କଂଗ୍ରେସର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ସପ୍ତମ ଦିନରେ ଅରୁଣାଚଳ ପ୍ରଦେଶରେ ପହଞ୍ଚିଛି। ଏହା ପୂର୍ବରୁ ଯାତ୍ରା ଆସାମ ଦେଇ ଗତି କରିଥିଲା। ଏଠାରେ ଶନିବାର ଯାତ୍ରା ଉପରେ ଆକ୍ରମଣ କରାଯାଇଥିଲା। କଂଗ୍ରେସ ଏହି ଆକ୍ରମଣ ପାଇଁ ବିଜେପିକୁ ଦାୟୀ କରିଛି। ବିଜେପି ଗୁଣ୍ଡା ପୋଷ୍ଟର-ବ୍ୟାନର ଚିରି ଗାଡ଼ି ଭଙ୍ଗାରୁଜା କରିଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏହି ଯାତ୍ରାକୁ ମିଳୁଥିବା ସମର୍ଥନରେ ବିଜେପି ଭୟଭୀତ ହୋଇଯାଇଛି। ଏହାର ଦିନକ ପୂର୍ବରୁ ଯାତ୍ରାକୁ ସୁରକ୍ଷା ଦିଆଯିବ ନାହିଁ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ଘୋଷଣା କରିଥିଲେ।

## ଛାତ୍ରାବାସରେ ଅଗ୍ନିକାଣ୍ଡ; ୨୧ ଜଣଙ୍କ ମୃତ୍ୟୁ

**ବେଜିଂ, ୨୦।୧ (ଏଜେନ୍ସି):** ଚୀନ୍‌ର ଅଲଗା ଅଲଗା ଅଗ୍ନିକାଣ୍ଡ ଘଟଣାରେ ଛାତ୍ରଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ହୋଇଛି। ଅଧିକାରୀଙ୍କ ପକ୍ଷରୁ ଶନିବାର ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ପ୍ରଥମେ ହେନାନ ପ୍ରଦେଶ ସ୍ଥିତ ୟାଙ୍ଗକାଇ ବିଦ୍ୟାଳୟର ଛାତ୍ରାବାସରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତୃତୀୟ ଶ୍ରେଣୀର ୧୩ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ଶନିବାର ସକାଳେ ଟାଙ୍ଗଝୋଉ ସହରର ଏକ ଉତ୍ପାଦନ କେନ୍ଦ୍ରରେ ଧୂଳି ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଛି। ଏଥିରେ ୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି।

ଶ୍ରୀରାମଙ୍କ ସ୍ୱାଗତ ପାଇଁ ଅପେକ୍ଷା

# ଅଯୋଧ୍ୟା ନଗରୀରେ ଅଭେଦ୍ୟ ସୁରକ୍ଷା

- ରାଜ୍ୟ ସୀମା ସିଲ୍, କେବଳ ପାସ୍ ଦେଖାଇ ପ୍ରବେଶ
- ୫୪ ରାଷ୍ଟ୍ରରୁ ଅଯୋଧ୍ୟା ଆସିବେ ୧୦୦ରୁ ଅଧିକ ବିଦେଶୀ ପ୍ରତିନିଧି
- ଘରୋଇ ବିମାନ ଅବତରଣ ପାଇଁ ସ୍ଥାନ ନାହିଁ
- ଅଯୋଧ୍ୟାର ୧୦୦୦ କିମି ପରିସରରେ ସବୁ ବିମାନବନ୍ଦର ବୁକ୍

**ଅଯୋଧ୍ୟା,୨୦।୧(ଏଜେନ୍ସି)**

ଅଯୋଧ୍ୟାରେ ନବ ନିର୍ମିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ସମୟ ଯେତିକି ପାଖେଇ ଆସୁଛି ରାମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବ୍ୟଗ୍ରତା ସେତିକି ବଢିବାରେ ଲାଗିଛି। ଏହି ଐତିହାସିକ ମୁହୂର୍ତ୍ତ ପାଇଁ ଆଉ କିଛି ମାତ୍ର ଘଣ୍ଟାର ଅପେକ୍ଷା ରହିଥିବା ବେଳେ ଅଯୋଧ୍ୟା ନଗରୀ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ମନ୍ଦିର ପରିସର ଠାରୁ ଆରମ୍ଭ କରି ସହରର ବିଭିନ୍ନ ଅଞ୍ଚଳରେ ସାଜସଜା ଆରମ୍ଭ ହେବା ସହିତ ସୁରକ୍ଷା ବ୍ୟବସ୍ଥାକୁ ନେଇ ମକ୍ ଡ୍ରିଲ ଆରମ୍ଭ ହୋଇଛି। ରାମ ମନ୍ଦିର ପରିସର ଏବଂ ସରଯୁ ନଦୀ କୂଳ ସବୁକିଛି ଫୁଲ ସଜାରେ ମଣ୍ଡିତ ହୋଇଛି। ମନ୍ଦିର ପରିସରକୁ ଏନଏସଜି ଏବଂ ଏସପିଜି ଘେରି ରହିଥିବା ବେଳେ ସାରା ସହରରେ କେନ୍ଦ୍ରୀୟ ଏବଂ ରାଜ୍ୟର ୨୫ ହଜାରରୁ ଅଧିକ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି। ଅଯୋଧ୍ୟା ସହର ମଧ୍ୟକୁ ଆଗାମୀ ତିନି ଦିନ ପାଇଁ ବାହାରୁ ଆସୁଥିବା କୌଣସି ଯାନ ପ୍ରବେଶ କରିପାରିବ ନାହିଁ। ଏଥିପାଇଁ ସହରର ବିଭିନ୍ନ ପ୍ରବେଶ ପଥରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ପାରିପାର୍ଶ୍ୱିକ ସ୍ଥିତି ଉପରେ ନଜର ରଖାଯାଇଛି। ହଜାର ହଜାର ସିସିଟିଭି କ୍ୟାମେରା, ଡ୍ରୋନ ଏବଂ କୃତ୍ରିମ ବୁଦ୍ଧିମତା(ଏଆଇ) ବିଦ୍ୟାକୁ ଉପଯୋଗ କରଯାଇ ସାଧାରଣ ଗତିବିଧି ଉପରେ ତୀକ୍ଷଣ ନଜର ରଖାଯାଇଛି। ପ୍ରାଣ ପ୍ରତିଷ୍ଠା ଉତ୍ସବର ୪ ଦିନ ପୂର୍ବରୁ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ଆରମ୍ଭ ହୋଇସାରିଥିଲା ବେଳେ ଶନିବାର ମଧ୍ୟ ବିଭିନ୍ନ ରୀତିନୀତି ଅନୁଯାୟୀ ମନ୍ଦିର ପରିସରରେ ପୂଜା ଅନୁଷ୍ଠିତ ହୋଇଛି। ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ଅଯୋଧ୍ୟାକୁ ସବୁ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ଅବସରରେ ଭକ୍ତ ମଣ୍ଡଳୀଙ୍କ ରାମ, ସୀତା ଏବଂ ହନୁମାନଙ୍କ ଜୟ ଜୟକାରରେ ସାରା ସହର ପ୍ରକମ୍ପିତ ହେବାରେ ଲାଗିଛି। ୨୨ ତାରିଖରେ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୫୪ ଦେଶର ୧୦୦ ପ୍ରତିନିଧିଙ୍କ ସହ ଦେଶର ବିଭିନ୍ନ ସ୍ଥାନରୁ ହଜାର ହଜାର ବିଶିଷ୍ଟ ଅତିଥି ଯୋଗ ଦେବେ। ଆସନ୍ତାକାଲି ଠାରୁ ଅତିଥିମାନଙ୍କ ଆଗମନ ଆରମ୍ଭ ହେବାକୁ ଥିବା ବେଳେ ସେମାନଙ୍କ ମଧ୍ୟରୁ ୫୦୬ ଅତିଥିଙ୍କ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ରାଜ୍ୟ ଅତିଥି ମାନ୍ୟତା ଦିଆଯିବା ସହିତ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାମ ମନ୍ଦିର ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, ମରିସସ୍, ଆଫ୍ରିକା ଏବଂ ୟୁରୋପୀୟ ସଂଘର ବିଭିନ୍ନ ଦେଶ ସମେତ ବହୁ ବୌଦ୍ଧ ଧର୍ମାମ୍ବଲମ୍ବୀ ଦେଶରୁ ପ୍ରତିନିଧିମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଅତିଥିମାନଙ୍କ ବ୍ୟତୀତ ଏହି



ଐତିହାସିକ ମୁହୂର୍ତ୍ତକୁ ଅନୁଭବ କରିବାକୁ ପଡୋଶୀ ରାଜ୍ୟର ବିଭିନ୍ନ ସ୍ଥାନରୁ ରାମ ଭକ୍ତମାନଙ୍କ ଆଗମନ ହେବାରେ ଲାଗିଛି। ଏପରିକି ବିଭିନ୍ନ ଜିଲ୍ଲାରୁ ଲୋକମାନେ ସାଇକଲ ଯୋଗେ ମଧ୍ୟ ଅଯୋଧ୍ୟା ପହଞ୍ଚୁଥିବା ଦେଖାଯାଇଛି।

## ପହଞ୍ଚିଲା ବିଶ୍ୱର ସବୁଠୁ ବଡ଼ ତାଲା; ୧୨୬୫ କିଲୋ ଲଡ୍ଡୁ

● କାଶ୍ମୀରରୁ ମୁସଲମାନ ପଠାଇଲେ ସ୍ୱତନ୍ତ୍ର କେଶର



ସବୁ ପ୍ରସ୍ତୁତି ମଧ୍ୟରେ ଅଯୋଧ୍ୟାରେ ଶନିବାର ପହଞ୍ଚିଛି ବିଶ୍ୱର ସବୁଠାରୁ ବୃହତ ତାଲା। ମନ୍ଦିର ପାଇଁ ଏହି ବିଶାଳ ତାଲାକୁ ଆଲିଗଡ଼ର ଏକ ରାମ ଶ୍ରଦ୍ଧାଳୁ ଦମ୍ପତି ପ୍ରସ୍ତୁତ କରିଛନ୍ତି। ଆଲିଗଡ଼ର ସତ୍ୟପ୍ରକାଶ ଶର୍ମା ଏବଂ ତାଙ୍କ ପତ୍ନୀ ରୁକ୍ମଣୀ ଶର୍ମା ବିଗତ ତିନି ବର୍ଷ ଧରି ଏହି ତାଲା ପ୍ରସ୍ତୁତିରେ ଲାଗି ରହିଥିଲା ବେଳେ ନିକଟରେ ସତ୍ୟପ୍ରକାଶଙ୍କ ପରଲୋକ ହୋଇଥିଲା। ତେବେ ତାଙ୍କ ପତ୍ନୀ ରୁକ୍ମଣୀ ଏହାକୁ ଶନିବାର ଅଯୋଧ୍ୟାରେ ପହଞ୍ଚାଇଛନ୍ତି। ଏହାର ଓଜନ ପ୍ରାୟ ୪୦୦ କିଲୋ। ଏହି ବିଶାଳ ତାଲା ପହଞ୍ଚିବା ପରେ ଏହାକୁ ଦେଖିବାକୁ ପ୍ରବଳ ଭିଡ଼ ଲାଗି ରହିଥିଲା। ଏହାପରେ ଉପସ୍ଥିତ ଶ୍ରଦ୍ଧାଳୁ ଜୟଶ୍ରୀରାମ ନାମରେ ପ୍ରକମ୍ପିତ କରିଥିଲେ। ଏହି ତାଲା ବ୍ୟତୀତ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ହାଇଦରାବାଦ୍‌ରୁ ୧୨୬୫ କିଲୋ ଲଡ୍ଡୁ ମଧ୍ୟ ଆଯୋଧ୍ୟା ପହଞ୍ଚିଛି। ନାଗଭୂଷଣ ରେଡ୍ଡିଙ୍କ ଶ୍ରୀରାମ କ୍ୟାଟରିଂ ସଂସ୍ଥା ଏହି ଲଡ୍ଡୁ ପ୍ରସ୍ତୁତ କରିଛନ୍ତି। ସେହିପରି କାଶ୍ମୀରର କିଛି ମୁସଲମାନ ଭାଇ ଏବଂ ଭଉଣୀମାନେ ଶନିବାର ଅଯୋଧ୍ୟା ପହଞ୍ଚି ପ୍ରଭୁ ରାମଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କେଶର ଅର୍ପଣ କରିଛନ୍ତି। ନବ ନିର୍ମିତ ମନ୍ଦିରରେ ରାମଲାଲାଙ୍କୁ ପ୍ରତିଷ୍ଠା କରାଯାଉଥିବା ସେମାନେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଛନ୍ତି। ଆମ ଧର୍ମ ଅଲଗା ହୋଇପାରେ, କିନ୍ତୁ ସମସ୍ତଙ୍କ ପୂର୍ବଜ ଏକ ଏବଂ ହିନ୍ଦୁ ବୋଲି ସେମାନେ କହିଛନ୍ତି।

## ଭାରତ-ମ୍ୟାଁମାର ସୀମାରେ ଲାଗିବ ତାର ବାଡ଼

**ଅନୁପ୍ରବେଶ ଉପରେ ଲାଗିବ କଟକଣା**

**ଗୌହାଟୀ, ୨୦।୧ (ଏଜେନ୍ସି):** ମ୍ୟାଁମାର ସୀମାରେ ଭାରତ ସରକାର ତାର ବାଡ଼ ଲଗାଇବାକୁ ଯାଉଛନ୍ତି। ଆତଙ୍କବାଦୀ ଏବଂ ଅନୁପ୍ରବେଶକାରୀଙ୍କ ଉପରେ କଟକଣା ଲଗାଇବା ପାଇଁ ଦୁଇ ଦେଶ ମଧ୍ୟରେ ଥିବା 'ମୁକ୍ତ ବିଚରଣ' ଚୁକ୍ତିକୁ ସରକାର ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସାମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏହି ଘୋଷଣା କରିଛନ୍ତି। ଏବେ ଦୁଇ ସୀମା ମୁକ୍ତ ରହିଛି। ଦୁଇ ଦେଶର ନାଗରିକ ଅବାଧ ବିଚରଣ କରୁଛନ୍ତି। ମାତ୍ର ଆତଙ୍କବାଦୀ ଏହାର ଫାଇଦା ନେଇ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ମଣିପୁର ହିଂସା ପଛରେ ଏହି ଆତଙ୍କବାଦୀ ଏବଂ ଅନୁପ୍ରବେଶକାରୀଙ୍କ ହାତ ଥିବା ମଧ୍ୟ ଅଭିଯୋଗ ହୋଇଛି। ଗୌହାଟୀରେ ଆସାମ ପୁଲିସ ପାସିଂ ଆଉଟ ପରେଡରେ ସାମିଲ ହୋଇ ଶାହା କହିଛନ୍ତି ଯେ ମ୍ୟାଁମାର ସହିତ ଭାରତର ମୁକ୍ତ ସୀମା ରହିଛି। ବାଂଲାଦେଶ ସୀମା ଭଳି ଏହାକୁ ତାର ବାଡ଼ ଲଗାଇ ସୁରକ୍ଷିତ କରାଯିବ। ମ୍ୟାଁମାର ଏବଂ ଭାରତ ମଧ୍ୟରେ ଥିବା ମୁକ୍ତ ବିଚରଣ ଚୁକ୍ତି ଉପରେ ମଧ୍ୟ ସରକାର ପୁନର୍ବିଚାର କରୁଛନ୍ତି। ସେହିପରି ୩ ବର୍ଷ ମଧ୍ୟରେ ଦେଶ ନକ୍ସଲବାଦ ମୁକ୍ତ ହେବ ବୋଲି ଶାହା କହିଛନ୍ତି।

ସୂଚନାଯୋଗ୍ୟ ଯେ ଭାରତର ୪ ରାଜ୍ୟକୁ ମ୍ୟାଁମାର ସୀମା ଲାଗିଛି। ଦୁଇ ଦେଶ ମଧ୍ୟରେ ୧୬୦୦ କିମିର ସୀମା ରହିଛି। ଦୁଇ ଦେଶରେ ମଧ୍ୟରେ ୧୯୭୦ରେ ମୁକ୍ତ ବିଚରଣ ଚୁକ୍ତି ହୋଇଥିଲା। ସରକାର କ୍ରମାଗତ ଭାବେ ଏହାର ଅବଧି ବଢ଼ାଇ ଚାଲିଛନ୍ତି। ଶେଷ ଥର ପାଇଁ ୨୦୧୬ରେ ଏହାକୁ ବୃଦ୍ଧି କରାଯାଇଥିଲା। ମ୍ୟାଁମାରରେ ବିଦ୍ରୋହୀ ଗୋଷ୍ଠୀ ଏବଂ ସେନା ମଧ୍ୟରେ ସଂଘର୍ଷ ଜୋର ଧରୁଥିବାବେଳେ ଶାହା ଏହି ଘୋଷଣା କରିଛନ୍ତି। ଏହା ମଧ୍ୟରେ ମ୍ୟାଁମାରର ୬୦୦ ସୈନିକ ସେଠାରୁ ପଳାଇ ଆସି ଭାରତର ମିଜୋରାମରେ ଶରଣ ନେଇଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ କେନ୍ଦ୍ରକୁ ସହାୟତା ମାଗିଛନ୍ତି।

ପାଲେଷ୍ଟାଇନ ପୁରୁଷଙ୍କୁ ଡାଇପର ପିନ୍ଧାଉଛି ଇସ୍ରାଏଲ

## ପ୍ରତି ଘଣ୍ଟାରେ ୨ ମାଆଙ୍କ ମୃତ୍ୟୁ

**ସିରିୟାରେ ଇସ୍ରାଏଲର ଆକ୍ରମଣ; ୫ ମୃତ**

**ତେଲ୍ ଆଭିଭ, ୨୦।୧ (ଏଜେନ୍ସି):** ଗାଜାରୁ ଗିରଫ କରିଥିବା ଇସ୍ରାଏଲ ପୁରୁଷଙ୍କୁ ଇସ୍ରାଏଲ ସେନା (ଆଇଡିଏଫ) ଡାଇପର ପିନ୍ଧାଉଛି। ପାଲେଷ୍ଟିନୀୟଙ୍କୁ ନିଜ ଦୋଷ ନ ଜଣାଇ ଅଜ୍ଞାତ ସ୍ଥାନକୁ ନିଆଯାଉଛି। ସେଠାରେ ୩୦ରୁ ୫୫ ଦିନ ପର୍ଯ୍ୟନ୍ତ ରଖି ଅକଥନୀୟ ଅତ୍ୟାଚାର ଦିଆଯାଉଛି। ଜାତିସଂଘ ମାନବାଧିକାର କମିଶନ (ୟୁଏନ୍‌ଏଚଆରସି) ଅଧିକାରୀ ଅଜିତ ସୁଙ୍ଘାଏ ଏହି ସୂଚନା ଦେଇଛନ୍ତି। ସେହିପରି ଅକ୍ଟୋବର ୭ରୁ ଯୁଦ୍ଧ ଆରମ୍ଭ ହେବାପରଠାରୁ ଏ ପର୍ଯ୍ୟନ୍ତ ଗାଜାରେ ୨୦ ହଜାର ଶିଶୁ ଜନ୍ମ ନେଲେଣି। ତେବେ ପ୍ରତି ଘଣ୍ଟାରେ ୨ ମାଆଙ୍କ ମୃତ୍ୟୁ ହେଉଛି। ଏବେ ଗାଜା ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ରହିଛି। ୟୁଏନ୍ ପ୍ରବକ୍ତା ଟେସ୍ ଇନ୍‌ଗ୍ରାମ ଏହି ସୂଚନା ଦେଇଛନ୍ତି। ଏହା ମଧ୍ୟରେ ଲେବନାନ ଏବଂ ଗାଜାର ଆହତଙ୍କ ଚିକିତ୍ସା ଦେଶରେ ନ କରିବାକୁ ଇସ୍ରାଏଲ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ସିରିୟାର ରାଜଧାନୀ ଦମିସ୍କର ଏକ କୋଠାରେ ଇରାନ ସମର୍ଥକ ନେତାମାନେ ବୈଠକ କରୁଥିବା ସମୟରେ ଇସ୍ରାଏଲ ଏୟାରଷ୍ଟ୍ରାଇକ କରିଛି। ଏହି ଆକ୍ରମଣରେ ଇରାନ ସେନା ରିଭୋଲ୍ୟୁସନାରୀ ଗାର୍ଡର ୪ ଜଣ ପରାମର୍ଶଦାତା ଏବଂ ସିରିୟା ପାଇଁ ଇରାନର ମୁଖ୍ୟ ଗୁଇନ୍ଦା ଅଧିକାରୀ ପ୍ରାଣ ହରାଇଛନ୍ତି। ଏହି ଆକ୍ରମଣରେ ଚାରି ମହଲା ବିଶିଷ୍ଟ କୋଠାଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହା କଡ଼ା ସୁରକ୍ଷା ଅଞ୍ଚଳରେ ଥିଲା।

## ଏକାସଙ୍ଗେ ନିର୍ବାଚନକୁ ଆପ୍‌ର ବିରୋଧ

**ଗୌହାଟୀ, ୨୦।୧ (ଏଜେନ୍ସି):** କଂଗ୍ରେସ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦମୀ ପାର୍ଟି (ଆପ୍) 'ଏକ ଦେଶ ଏକ ନିର୍ବାଚନ'କୁ ଦୃଢ଼ ବିରୋଧ କରିଛି। ଏହା ସମ୍ବିଧାନର ମୌଳିକ ଉଦ୍ଦେଶ୍ୟ, ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର କ୍ଷତି କରିବ। କେନ୍ଦ୍ରରେ ନେତୃତ୍ୱ ନେଉଥିବା ଦଳ ଏହାର ଲାଭ ଉଠାଇବ ବୋଲି କୁହାଯାଇଛି। ନିର୍ବାଚନ କମିଶନଙ୍କ ସଚିବ ନୀତେନ ଚନ୍ଦ୍ରାଙ୍କୁ ଲେଖିଥିବା ଚିଠିରେ ଆପ୍‌ର ଜାତୀୟ ସାଧାରଣ ସମ୍ପାଦକ ପଙ୍କଜ ଗୁପ୍ତା କହିଛନ୍ତି ଯେ ଏହା ଦେଶର ସଙ୍ଘୀୟ ବ୍ୟବସ୍ଥାର ମଧ୍ୟ ବିରୋଧୀ। ଏହା ଝୁଲା ସରକାରକୁ ପରିଚାଳନା କରିବାରେ ବିଫଳ ହେବ। ଏହା ଦ୍ୱାରା ବିବାଦ ସୃଷ୍ଟି ହେବ ଏବଂ ସାଂସଦ-ବିଧାୟକଙ୍କୁ ନେବା ପାଇଁ ଘୋଡ଼ା ବେପାର ଚାଲିବ। ଆର୍ଥିକ ଏବଂ ପ୍ରଶାସନିକ ଉଦ୍ଦେଶ୍ୟ ସାଧନ କରିବା ଲାଗି ସମ୍ବିଧାନ ଏବଂ ଗଣତନ୍ତ୍ରକୁ ବଳି ଦିଆଯାଇପାରିବ ନାହିଁ। ଏକାସଙ୍ଗରେ ନିର୍ବାଚନ ହେବା ଦ୍ୱାରା ଭାରତର ବହୁଦଳୀୟ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଭାବ ପଡ଼ିବ।

ଏକ ଦେଶ ଏକ ନିର୍ବାଚନ ପ୍ରସଙ୍ଗ

# ପ୍ରତି ୧୫ ବର୍ଷରେ ୧୦ ହଜାର କୋଟି ଆବଶ୍ୟକ

**ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି)**

- ଲୋକସଭା ନିର୍ବାଚନରେ ହେବ ୧୧.୮୦ ଲକ୍ଷ ବୁଥ୍
- ପ୍ରତି ବୁଥ୍‌ରେ ରହିବ ୨ ସେଟ୍ ଇଭିଏମ୍

ଏକ ଦେଶ ଏକ ନିର୍ବାଚନକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ମଧ୍ୟ କାର୍ଯ୍ୟ ଆରମ୍ଭ କରିଦେଇଛି। ଏହା ମଧ୍ୟରେ ଏକା ସଙ୍ଗେ ଲୋକସଭା-ବିଧାନସଭା ନିର୍ବାଚନ ହେଲେ ପ୍ରତି ୧୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଆବଶ୍ୟକ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ଏହି ଟଙ୍କାରେ ନୂଆ ଇଭିଏମ୍ କିଣାଯିବ। କାରଣ ଗୋଟିଏ ଇଭିଏମ୍‌ର ଆୟୁଷ ୧୫ ବର୍ଷ ହୋଇଥାଏ। ଏକାସଙ୍ଗେ ନିର୍ବାଚନ ହେଲେ ଗୋଟିଏ ସେଟ୍ ମେସିନକୁ ତିନି ଥର ବ୍ୟବହାର କରାଯାଇପାରିବ। ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଲେଖାଯାଇଥିବା ଏକ ଚିଠିରେ କୁହାଯାଇଛି ଯେ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଦେଶରେ ମୋଟ ୧୧.୮୦ ଲକ୍ଷ ମତଦାନ କେନ୍ଦ୍ର (ପୋଲିଂ ବୁଥ୍) ବନାଇବାକୁ ପଡ଼ିବ। ପ୍ରତି ବୁଥ୍ ପାଇଁ ୨ ସେଟ୍ ଇଭିଏମ୍ ଆବଶ୍ୟକ। ଗୋଟିଏ ବିଧାନସଭା ଏବଂ ଅନ୍ୟଟି ଲୋକସଭା ପାଇଁ ରହିବ। ମତଦାନ ଦିନ ଖରାପ ମେସିନକୁ ବଦଳାଇବା ପାଇଁ କଣ୍ଟ୍ରୋଲ ୟୁନିଟି (ସିୟୁ), ବାଲାଟ ୟୁନିଟ (ବିୟୁ) ଏବଂ ଭୋଟର ଭେରିଫାଏବୁଲ ପେପର ଅଡିଟ ଟ୍ରେଲ (ଭିଭିପାଟ) ମେସିନ ସଂରକ୍ଷିତ ରଖିବାର ଆବଶ୍ୟକତା ରହିଛି।

ଗତ ବର୍ଷ ଫେବୃଆରୀରେ ଏକ ପ୍ରଶ୍ନର ଉତ୍ତର ଦେଇ ଇସିଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏକା ସଙ୍ଗେ ନିର୍ବାଚନ କଲେ ଅତିକମରେ ୪୬ ଲକ୍ଷ ୭୫ ହଜାର ୧୦୦ ବାଲାଟ ୟୁନିଟ, ୩୩ ଲକ୍ଷ ୬୩ ହଜାର ୩୦୦ କଣ୍ଟ୍ରୋଲ ୟୁନିଟ ଏବଂ ୩୬ ଲକ୍ଷ ୬୨ ହଜାର ୬୦୦ ଭିଭିପାଟ ଆବଶ୍ୟକତା ପଡ଼ିବ। ପ୍ରତି ବାଲାଟ ୟୁନିଟର ଆନୁମାନିକ ମୂଲ୍ୟ ୭୯୦୦ ଟଙ୍କା, ସିୟୁର ୯୮୦୦ ଟଙ୍କା ଏବଂ ଭିଭିପାଟ୍‌ର ୧୬୦୦୦ ଟଙ୍କା ଥିଲା।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-207 ◆BHUBANESWAR ◆SUNDAY ◆21 JANUARY 2024 ◆PAGE-20 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୦୭ ◆ଭୁବନେଶ୍ୱର ◆ରବିବାର ◆୨୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦ (ସିନ୍ଦୁରା ସହ)

# ୨୫ ପର୍ଯ୍ୟନ୍ତ ଉପକୂଳରେ ବର୍ଷା

**ଭୁବନେଶ୍ୱର, ୨୦।୧(ସମିସ):** ଆସନ୍ତାକାଲି (ରବିବାର)ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ରହିବା ସହ ସ୍ଥାନେସ୍ଥାନେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୨୨ ଓ ୨୩ତାରିଖରେ ବର୍ଷାର ସମ୍ଭାବନା ସର୍ବାଧିକ ରହିବ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି। ଡ. ପଶୁପାଳକଙ୍କ ଅନୁଯାୟୀ, ଆସନ୍ତା ୨୨ ଓ ୨୩ ତାରିଖରେ ଦିନର ସର୍ବାଧିକ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲସିୟସ୍ କମିବା ସମ୍ଭାବନା ଥିବା ବେଳେ ୨୩ରୁ ୨୫ ତାରିଖ ମଧ୍ୟରେ ରାତି ତାପମାତ୍ରା ୨ ଡିଗ୍ରୀ ଯାଏଁ ବଢ଼ିବ। ସେହିପରି ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ କୁହୁଡ଼ି ହେବାର ସମ୍ଭାବନା ଅଧିକ ରହିଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୨୧ରୁ ୨୪ ତାରିଖ ମଧ୍ୟରେ ୪ ଡିଗ୍ରୀ ପର୍ଯ୍ୟନ୍ତ କମିପାରେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଶୀତର ପ୍ରକୋପ ସାମୟିକ ବଢ଼ିବ। ତେବେ ୨୫ତାରିଖ ପରେ ଶୀତର ପ୍ରକୋପ ଧୀରେଧୀରେ ହ୍ରାସ ପାଇବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ, ରବିବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଅନୁଗୋଳ ଓ ବଲାଙ୍ଗୀର ଜିଲ୍ଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି।




## ରାଜ୍ୟକୁ ଆଉ ଏକ ଜାତୀୟ ସ୍ୱୀକୃତି

# ବିମାନ ଉଡ଼ାଣକୁ ପ୍ରୋତ୍ସାହିତ କରିବାରେ ଓଡ଼ିଶା ଶ୍ରେଷ୍ଠ

**ଭୁବନେଶ୍ୱର,୨୦।୧(ସମିସ):** ଉଭୟ ଆଞ୍ଚଳିକ ସ୍ତରରେ ଏବଂ ବାଣିଜ୍ୟିକ ଦୃଷ୍ଟିରୁ ପଛୁଆ ରୁଟ୍‌ରେ ବିମାନ ଚଳାଚଳ ପାଇଁ ସହାୟତା ଯୋଗାଇଦେବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ। ପରିଣାମ ସ୍ୱରୂପ ଭାରତ ସରକାରଙ୍କ 'ରିଜିଓନାଲ କନେକ୍ଟିଭିଟି ସ୍କିମ୍-ଆର୍‌ସିଏସ୍'ରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ମାନ୍ୟତା ମିଳିଛି। ବିମାନ ସଂଯୋଗୀକରଣରେ ଓଡ଼ିଶା ଶୀର୍ଷ ସ୍ଥାନ ହାସଲ କରିଛି। ହାଇଦ୍ରାବାଦଠାରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ 'ୱିଙ୍ଗ୍‌ସ୍

### ବଳ ଦେଉଛି ଭିଜିଏଫ୍, ଭିତ୍ତିଭୂମି ନିର୍ମାଣ

ଇଣ୍ଡିଆ-୨୦୨୪' କାର୍ଯ୍ୟକ୍ରମରେ ଓଡ଼ିଶାକୁ ସମ୍ମାନିତ କରାଯାଇଛି। କେନ୍ଦ୍ର ବେସାମରିକ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପରିବହନ ବିଭାଗକୁ 'ବେଷ୍ଟ ଷ୍ଟେଟ୍' ପୁରସ୍କାର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଉତ୍ତମ ପରିବହନ ବ୍ୟବସ୍ଥା ହିଁ ବିକାଶର ମାର୍ଗ ନୀତିରେ ରାଜ୍ୟ ସରକାର ଜଳପଥ, ସଡ଼କ ପଥ, ରେଳପଥ ସହିତ ଆକାଶପଥରେ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ଆର୍ଥିକ ସହାୟତା ଦେଉଛନ୍ତି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଦୁବାଇ, ବ୍ୟାଙ୍ଗକକ୍ ଓ ସିଙ୍ଗାପୁରକୁ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିଥିବା ବେଳେ ଆରସିଏସ୍/ଉଡାନ୍ ଯୋଜନାରେ ସାମିଲ ହୋଇଥିବା ଅବା ହେବାକୁ ଥିବା ପୁରୁଣା ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରୁଛନ୍ତି। ନିଜ ଖର୍ଚ୍ଚରେ ଭିତ୍ତିଭୂମି ନିର୍ମାଣ କରିବା ପରେ କେନ୍ଦ୍ର ସରକାରଙ୍କ ସହଯୋଗରେ ବିମାନ ଚଳାଚଳ ଆରମ୍ଭ କରୁଛନ୍ତି। ସୁଦୂର ମାଲକାନଗିରି ହେଉ ଅବା ମୟୂରଭଞ୍ଜର ରାସଗୋବିନ୍ଦପୁର ସ୍ଥିତ ଅମର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପ୍, ସବୁଠି ବେସାମରିକ ବିମାନ ସେବା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ପଷ୍ଟ ବାରିହୋଇ ପଡୁଛି। ତ୍ୱରିତ ଜମି ଅଧିଗ୍ରହଣ, ପାଚେରି ନିର୍ମାଣ, ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ଆରସିଏସ୍ ଉଡ଼ାଣରେ ଅଗ୍ନି ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି। ଝାରସୁଗୁଡ଼ା, ରାଉରକେଲା, ଉତ୍‌କେଲା, ଜୟପୁର, ମାଲକାନଗିରି, ରଙ୍ଗେଇଲୁଣ୍ଡା ବିମାନବନ୍ଦର ଆଜି କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଗକୁ ଆଉ ଦୁଇଟି ଏୟାରଷ୍ଟ୍ରିପ୍‌ରୁ ବିମାନ ଉଡ଼ାଣ ଆରମ୍ଭ ହେବ। ଆରସିଏସ୍-ଉଡ଼ାନ୍ ଯୋଜନା କାର୍ଯ୍ୟାନ୍ୱୟନରେ ଓଡ଼ିଶାର ଅଗ୍ରଣୀ ସ୍ଥାନ ହାସଲ କରିବା ପଛରେ ବଡ଼ କାରଣ ରହିଛି ଭାୟାବଲ୍ ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍)। ଅର୍ଥାତ୍ ଖାଲି ରହୁଥିବା ବିମାନର ସିଟ୍ ପିଛା ରାଜ୍ୟ ସରକାର ବିମାନ କମ୍ପାନୀକୁ କ୍ଷତିପୂରଣ ଦେଉଛନ୍ତି। ସେଥିପାଇଁ ଟିକଟ ମୂଲ୍ୟ ଅପେକ୍ଷାକୃତ କମ୍ ରହୁଥିବା ବେଳେ ସାଧାରଣ ପରିବାରର ଲୋକେ ବିମାନରେ ଯାତ୍ରା କରିବା ସୁଯୋଗ ପାଉଛନ୍ତି। ଏହାଦ୍ୱାରା ରାଜ୍ୟ ଆର୍ଥିକ ପ୍ରଗତି ପାଇଁ ବଳ ପାଇବା ସହ ବିପର୍ଯ୍ୟୟ ଅବା ଜରୁରୀକାଳୀନ ପରିସ୍ଥିତି ପାଇଁ ରାଜ୍ୟର ପ୍ରତି କୋଣରେ ବିମାନବନ୍ଦର ପ୍ରସ୍ତୁତ ହୋଇପାରୁଛି।



## ■ କ୍ରିପ୍ଟୋ କରେନ୍ସିରେ ନିବେଶ ଆଳରେ ୧୦ କୋଟି ଠକେଇ

# ପୁଲିସ୍ ପଞ୍ଝାରେ ୭ ଧୂର୍ତ୍ତ



ବଲାଙ୍ଗିର, ୨୦।୧(ସମିସ): କ୍ରିପ୍ଟୋ କରେନ୍ସିରେ ନିବେଶ ଆଳରେ ଲୋକଙ୍କଠାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିଛି ବଲାଙ୍ଗିର ପୁଲିସ। ଏହି ରାକେଟ୍‌ରେ ସାମିଲ ଥିବା ୭ ଧୂର୍ତ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ, ବଲାଙ୍ଗିରର ପ୍ରସନ୍ନ ମେହେର, ଦୁଷ୍ମନ୍ତ ମେହେର, ହେମନ୍ତ ମେହେର, ଅମୀୟ ପ୍ରଧାନ, କୁମାର ପ୍ରଧାନ, କିଶୋର ଦୀପ ଓ ଜୟପୁରର ସୁବ୍ରତ ଓଝା। ସେମାନଙ୍କଠାରୁ ନଗଦ ୮ ଲକ୍ଷ ୩୪ ହଜାର ୩୦୦ ଟଙ୍କା, ୪ଟି ଦାମୀ କାର ଓ ୪ଟି ବାଇକ୍, ୨୫ ମୋବାଇଲ, ଗୋଟିଏ ଟ୍ୟାବ୍, ତିନୋଟି ଲାପ୍‌ଟପ୍, ତିନୋଟି କମ୍ପ୍ୟୁଟର୍, ଗୋଟିଏ ପ୍ରିଣ୍ଟର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏହାସହ ୫୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ସେମାନଙ୍କର ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟକୁ ପୁଲିସ୍ ଅଚଳ କରିଦେଇଛି। ସ୍ଥାନୀୟ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀ ଏ ସଂପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ଖିଲାରୀଙ୍କ ସୂଚନାନୁଯାୟୀ, ବଲାଙ୍ଗିରରେ କ୍ରିପ୍ଟୋ-କରେନ୍ସି ନାଁରେ ଏକ ଠକ ରାକେଟ୍ ସକ୍ରିୟ ହୋଇଥିବା ନେଇ କିଛି ମାସ ତଳେ ସାମାଜିକ ଗଣମାଧ୍ୟମରୁ ପୁଲିସ୍‌କୁ ସୂଚନା ମିଳିଥିଲା। ଘଟଣାକୁ ଗୁରୁତ୍ୱର ସହ ନେଇ ସାଇବର ଥାନା ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ସହରର

■ ନଗଦ ୮ ଲକ୍ଷ, ୪ଟି କାର୍, ୪ ବାଇକ୍, ୨୫ ମୋବାଇଲ୍ ଜବତ
■ ୫୫ ଲକ୍ଷ ଟଙ୍କାର ବ୍ୟାଙ୍କ ଆକାଉଣ୍ଟ ଅଚଳ

ସୁଦପଡ଼ାଠାରେ ପେଗମାଟାଇଟ୍ ଓ ସଷ୍ଟେନ ପିଭ ଲିମିଟେଡ ନାମରେ ଏକ କାର୍ଯ୍ୟାଳୟ ଖୋଲି ଏହି ବେଆଇନ କାରବାର ଚଳାଉଛନ୍ତି। ଡାଇକନ୍-କଏନ୍ ନାମକ ଏକ କ୍ରିପ୍ଟୋକରେନ୍ସିରେ ନିବେଶ କରି କମ୍ ସମୟରେ ଅଧିକ ସୁଧ ପାଇବାର ଲୋଭ ଦେଖାଇ ଠକେଇର ମାଷ୍ଟରମାଇଣ୍ଡ ପ୍ରସନ୍ନ ମେହେର ଓ ତା'ର ସହଯୋଗୀମାନେ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏଥିପାଇଁ ସେମାନେ କିଛି ଏଜେଣ୍ଟଙ୍କୁ ବି କାମରେ ଲଗାଇଥିଲେ। ଏହିଭଳି ଭାବେ ସେମାନେ ଲୋକଙ୍କଠାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିଲେ। କିନ୍ତୁ ପ୍ରକୃତରେ ସେମାନେ ଲୋକଙ୍କଠାରୁ ଆଣୁଥିବା ଟଙ୍କା ଅନ୍ତର୍ଜାତୀୟ ବଜାରେ ପ୍ରଚଳିତ କୌଣସି କ୍ରିପ୍ଟୋ କରେନ୍ସିରେ ବିନିଯୋଗ କରୁନଥିଲେ। ସେହି ଟଙ୍କାରେ ସେମାନେ ଦାମୀ କାର୍, ବାଇକ୍ କିଣିବା ସହ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ।

## ଗ୍ରାହକ ସାଜି ବାଘଛାଲ ଜବତ କଲା ଏସ୍‌ଟିଏଫ୍

### ଜଣେ ଗିରଫ

**ହରଭଙ୍ଗା/ଚାରିଛକ, ୨୦।୧(ସମିସ):** ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥର ଗ୍ରାମରେ ଶନିବାର ସକାଳୁ ସକାଳୁ ଏସ୍‌ଟିଏଫ ଟିମ୍ ଚଢ଼ଉ କରି ଗୋଟିଏ ବାଘଛାଲ ଜବତ କରିଛି। ଏହି ଘଟଣାରେ କନ୍ଧମାଳ ଜିଲ୍ଲା ସୁଡ୍ରୁକୁମ୍ପା ଗ୍ରାମ ନୂଆସାହିର ଗୌତମ ବେହେରା(୫୫) ଗିରଫ ହୋଇଛି। ଗୌତମ ବାଘ ଛାଲ ବିକ୍ରି କରିବାକୁ ଉଦ୍ୟମ କରିବା ବେଳେ ଏସଟିଏଫ ଟିମ୍ ଜାଲରେ ପଡ଼ିଥିଲା। ଗ୍ରାହକ ସାଜି ଏସଟିଏଫ ଟିମ୍ ତା' ପାଖରେ ପହଞ୍ଚିଥିଲା। ଗୌତମ ଡିଲ୍ କରିବାକୁ ଯାଇ ଧରାପଡ଼ିଥିଲା। ୨୫ ଲକ୍ଷ ଟଙ୍କାରେ ସେ ବାଘ ଛାଲ ବିକ୍ରି ପାଇଁ ମୂଲଚାଲ କରିଥିଲା। ତେବେ ଏସ୍‌ଟିଏଫ୍ ଟିମ୍ ଗୌତମ ପାଖରୁ ଗୋଟିଏ କଳରାପତରିଆ ବାଘଛାଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

## ■ କେନ୍ଦ୍ର ଲୋକପାଳଙ୍କ ନିର୍ଦ୍ଦେଶ

# 'ସେଲ୍'ର ୨୮ ବରିଷ୍ଠ ଅଧିକାରୀ ନିଲମ୍ବିତ

**ରାଉରକେଲା, ୨୦।୧(ସମିସ):** କେନ୍ଦ୍ର ଲୋକପାଳଙ୍କ ନିର୍ଦ୍ଦେଶ କ୍ରମେ ସେଲର ୨ ବରିଷ୍ଠ ଅଧିକାରୀଙ୍କ ସମେତ ୨୮ ଅଧିକାରୀଙ୍କୁ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଶୁକ୍ରବାର ଚାକିରିରୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ୨୦୨୪ ଜାନୁଆରୀ ୧୯ ତାରିଖ ଚିଠି ଆଧାରରେ ସେଲ୍‌ର ବରିଷ୍ଠ ଅଧିକାରୀ ବାଣିଜ୍ୟିକ ବିଭାଗ ନିର୍ଦ୍ଦେଶକ ଭିଏସ ଚକ୍ରବର୍ତ୍ତୀ ଏବଂ ଅର୍ଥ ବିଭାଗ ନିର୍ଦ୍ଦେଶକ ଏକେ ତୁଲସିଆନିଙ୍କୁ ତତ୍କାଳ ନିଲମ୍ବନ କରାଯାଇଛି। ଏଥିସହ ଇସ୍ପାତ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଅନୁଯାୟୀ, ସେଲର ଅନ୍ୟ ୨୬ ଅଧିକାରୀଙ୍କୁ ମଧ୍ୟ ତତ୍କାଳ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଏହି ୨୬ ଅଧିକାରୀଙ୍କ ମଧ୍ୟରେ ନିର୍ବାହୀ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀ ଏସ.କେ ଶର୍ମା, ବିନୋଦ ଗୁପ୍ତା, ଅତୁଲ ମାଥୁର, ଏବଂ ଆରଏମ ସୁରେଶ ରହିଛନ୍ତି। ସେଲର ଏହି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ରହିଥିବାରୁ ଏହାର ତଦନ୍ତ ପାଇଁ କେନ୍ଦ୍ର ଲୋକପାଳ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ତତ୍କାଳ ନିଲମ୍ବନ ପାଇଁ ଇସ୍ପାତ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଏପରି ବଡ଼ଧରଣର ନିଲମ୍ବନ ନିର୍ଦ୍ଦେଶନାମା ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଛି। ଏତଦବ୍ୟତୀତ ଆହୁରି ବଡ଼ ବଡ଼ ଅଧିକାରୀ ବି ସିବିଆଇ ସ୍କାନରରେ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ପ୍ରସଙ୍ଗରେ ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ କମ୍ପାନୀର ବ୍ୟବସାୟ ସ୍ୱାଭାବିକ ଭାବରେ ଜାରି ରହିଛି ଏବଂ ଏହା କମ୍ପାନୀର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ ନାହିଁ। କର୍ପୋରେଟ୍ ଅନୁଶାସନ ଏବଂ ନୈତିକ ଆଚରଣର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ଆମେ ଉତ୍ସର୍ଗୀକୃତ। ଗୁଣବତ୍ତା ଏବଂ ଗ୍ରାହକ ସନ୍ତୁଷ୍ଟି ଉପରେ ଦୃଢ଼ ଧ୍ୟାନ କେନ୍ଦ୍ରିତ ପୂର୍ବକ ଶିଳ୍ପ ଜଗତରେ ସେଲ ସୁଦୃଢ଼ ରହିଛି।

## ● ତୃତୀୟ ଦିନରେ କୋଇଲା ବ୍ୟବସାୟୀଙ୍କ ଘରେ ଚଢ଼ଉ

# ରାଉରକେଲା ଘରୁ ମିଳିଲା ୩କୋଟି ଓ କେଜିଏ ସୁନା

**ଭୁବନେଶ୍ୱର, ୨୦।୧(ସମିସ):** କୋଇଲା ବ୍ୟବସାୟୀ ଘନଶ୍ୟାମ ଡାଲମିଆଙ୍କ ଠିକଣାରେ ତୃତୀୟ ଦିନରେ ବି ଆୟକର ବିଭାଗର ଚଢ଼ଉ ଜାରି ରହିଛି। ଘନଶ୍ୟାମଙ୍କ ରାଉରକେଲାସ୍ଥିତ ଘରୁ ଆଜି ନଗଦ ୩ କୋଟି ଟଙ୍କା ଓ କେଜିଏ ସୁନା ଜବତ କରିଛି ଆୟକର ବିଭାଗ। ଏହି ଘଟଣାରେ

■ ଭାଇ ଘରୁ ଅଢ଼େଇ କୋଟି ,୫ କେଜି ସୁନା ଜବତ
■ ଘନଶ୍ୟାମଙ୍କ ପୁଅକୁ ପଚରାଉଚରା

ଘନଶ୍ୟାମଙ୍କ ପୁଅକୁ ଅଟକ ରଖି ପଚରାଉଚରା କରାଯାଉଛି। ଏତେ ଟଙ୍କା ଏବଂ ସୁନା କେଉଁଠୁ ଆସିଲା, ସେନେଇ ପଚରାଉଚରା କରାଯାଉଥିବା ଜଣାଯାଇଛି। ଘନଶ୍ୟାମ ୩୫୦ରୁ ୪୦୦ କୋଟି ଟିକସ ଫାଙ୍କିଥିବା ସୂଚନା ମିଳିଛି। ଘନଶ୍ୟାମଙ୍କ ଭାଇ ନନ୍ଦକିଶୋରଙ୍କ ଗରୁଙ୍କ ଘରୁ ମଧ୍ୟ ଅଢ଼େଇ କୋଟି ଟଙ୍କା ଓ ୫ କେଜି ସୁନା ଜବତ ହୋଇଛି। ଆହୁରି ମଧ୍ୟ ଓଡ଼ିଶା, ଛତିଶଗଡ଼ ସମେତ ମୋଟ୍ ୧୦ଟି ଠିକଣାରେ ଚଢ଼ଉ କରାଯାଉଛି।

ଓଡ଼ିଶାରେ ରାଉରକେଲା, ସୁନ୍ଦରଗଡ଼, ବିଲେଇ ମୁଣ୍ଡା, ରାୟଗଡ଼ର ୭ଟି ସ୍ଥାନରୁ ବ୍ୟବସାୟୀଙ୍କର ବହୁ ମୂଲ୍ୟବାନ କାଗଜପତ୍ର ଜବତ ହୋଇଛି। ଚଢ଼ଉରେ ୧୦୦ରୁ ଅଧିକ ଅଧିକାରୀ ଓ ସିଆରପିଏଫ୍ ଫୋର୍ସ ସାମିଲ ହୋଇଛନ୍ତି। ଘନଶ୍ୟାମଙ୍କ ଓଡ଼ିଶା, ଛତିଶଗଡ଼, ମୁମ୍ବାଇ, ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ କୋଇଲା ବ୍ୟବସାୟ ଓ ହୋଟେଲ ରହିଛି। ଏହାସହ ଘନଶ୍ୟାମଙ୍କ ଗୋପାଳପୁରରେ ଥିବା ଦୁଇ ମହଲା କୋଠା ଓ ଅଫିସ୍, ବିଲେଇମୁଣ୍ଡାର ଅଫିସ୍, ଘର, ସୋ' ରୁମ୍, ସ୍ପଞ୍ଜ ଆଇରନ୍ ଫ୍ୟାକ୍ଟ୍ରିରେ ମଧ୍ୟ ଚଢ଼ଉ କରିଛି ଆୟକର ବିଭାଗ। ସେହିପରି ଘନଶ୍ୟାମଙ୍କ ଏମ୍‌ସିଏଲରେ ଥିବା କୋଇଲା ପରିବହନ ସାଇଟ୍, ଛତିଶଗଡ଼ ରାୟଗଡ଼ରେ ଥିବା ଆଇରନ, ଷ୍ଟିଲ ଓ ପାୱାର୍ ପ୍ଲାଣ୍ଟ ଫ୍ୟାକ୍ଟ୍ରି ଓ ଘର, ରାୟପୁରରେ ଥିବା ଘର, ଅଫିସ ଏବଂ ବିଳାସପୁରରେ ଥିବା ହୋଟେଲରେ ମଧ୍ୟ ଚଢ଼ଉ ହୋଇଛି। ଚଢ଼ଉ ବେଳେ କିଛି କର୍ମଚାରୀ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।




## ଲୋକକଥା



ରୂପାନ୍ତରଣରେ ରୂପକଳ୍ପ କେତେ
ବଦଳିଗଲାଣି ରାଜ୍ୟର,
ଜଗନ୍ନାଥ ବସ୍ ଶ୍ରୀକ୍ଷେତ୍ର ଛୁଇଁଲା
ଭକତ ଆନନ୍ଦେ ବିଭୋର।
ଯେତେ ଯେତେ ମଠ ମନ୍ଦିର,
ଇସ୍କୁଲ ଓଗେରେ ବିକାଶର ସ୍ପର୍ଶ
ଦେଇ ଚାଲିଚନ୍ତି ସର୍କାର !!

### ୭୫ ବର୍ଷ ପରେ ପୂରଣ ହେଲା ଶିମିଳିପାଳ ବନବାସୀଙ୍କ ବିଜୁଳି ସ୍ୱପ୍ନ

# ସୂର୍ଯ୍ୟାସ୍ତ ପରେ ବି ସୂର୍ଯ୍ୟର ଆଲୋକ

**ବାରିପଦା/ଯଶିପୁର,୨୦।୧(ସମିସ):** ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏଠାକାର ବନବାସୀଙ୍କ ଘରେ ବିଜୁଳି ସଂଯୋଗ ହୋଇପାରି ନ ଥିଲା। ସୂର୍ଯ୍ୟାସ୍ତ ପରେ ଏଠାରେ ସମସ୍ତଙ୍କ ଘରେ ତାଟିକବାଟ ପଡ଼ିଯାଏ। କିରାସିନି ଦର ମହଙ୍ଗା ଥିବାରୁ ରାତିସାରା ସେମାନେ କାଠଗଣ୍ଡି ଜାଳି ଉଜାଗର ରହୁଥିଲେ। ଏବେ ସୂର୍ଯ୍ୟାସ୍ତ ପରେ

● ୬ ହଜାର ପରିବାର ଉପକୃତ
● ୧୮ ଟି ମାଇକ୍ରୋ ଗ୍ରୀଡ୍‌ରେ ଖର୍ଚ୍ଚ ହୋଇଛି ୩୦ କୋଟି



ବି ସୂର୍ଯ୍ୟର ଆଲୋକରେ ଆଲୋକିତ ହୋଇଛି ବନବାସୀଙ୍କ ଅନ୍ଧାରୀ ଘର। ଶିମିଳିପାଳ ବନବାସୀଙ୍କ ଘରେ ପହଞ୍ଚିଛି ବିଜୁଳି। ସୋଲାର ମାଇକ୍ରୋ ଗ୍ରୀଡ୍‌ରୁ ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ଖୁଣ୍ଟ ସାହାଯ୍ୟରେ ବିଜୁଳି ସଂଯୋଗ ହୋଇଛି। ଯେଉଁ ଘର ଦୂରରେ ରହିଛି, ସେଠାକୁ ବ୍ୟକ୍ତିଗତ ଭାବେ ସୋଲାର ଯୋଗେ ବିଜୁଳି ଯୋଗାଇ ଦିଆଯାଇଛି। ଗାଁରେ ବିଜୁଳି ଆଲୁଅ ଜଳିବା ଦେଖି ବନବାସୀ ଖୁସିରେ ଆତ୍ମବିଭୋର୍ ହୋଇଛନ୍ତି। ଅଭୟାରଣ୍ୟର ଯଶିପୁର ବ୍ଲକର ଅସ୍ତକୁଅଁର, ଗୁଡ଼ଗୁଡ଼ିଆ ଏବଂ ବରେଇପାଣି ପଞ୍ଚାୟତର ୪୨ଟି ଗାଁର ୫ ହଜାର ୯୦୦ ପରିବାର ଏହାଦ୍ୱାରା ଉପକୃତ ହେଉଛନ୍ତି। ବର୍ତ୍ତମାନ ବନବାସୀ ୨୪ଘଣ୍ଟିଆ ନିରବଚ୍ଛିନ୍ନ ବିଜୁଳି ସୁବିଧା ପାଇବା ସହ ଟିଭି, ରେଫ୍ରିଜେଟର, ଫ୍ୟାନ ଓ କୁଲର ଆଦି ବ୍ୟବହାର କରିପାରିବେ। ଏହି ୫, ୯୦୦ ପରିବାରକୁ ବିଦ୍ୟୁତ ଯୋଗାଣ ପାଇଁ ଶିମିଳିପାଳ ଅଭୟାରଣ୍ୟରେ ହିଁ ୧୭ଟି ମାଇକ୍ରୋ ଗ୍ରୀଡ୍ ସ୍ଥାପନ ହୋଇଛି। ଏଥିପାଇଁ ୩୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପ ୨୫ବର୍ଷ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଚାଲିପାରିବ। ଏହା ଓଡ଼ିଶା ଇତିହାସରେ ପ୍ରଥମ ଘଟଣା ବୋଲି ସୋଲାର ପ୍ରକଳ୍ପର ଜେନେରାଲ ମ୍ୟାନେଜର ରାଜୀବ କୁମାର ନାଏକ କହିଛନ୍ତି।

### ୪ ଦଶନ୍ଧି ପରେ ଲାଇସେନ୍ସ ନିୟମରେ ସଂଶୋଧନ

# ବନ୍ୟପ୍ରାଣୀଙ୍କୁ ଆହୁରି ବିପଦକୁ ଠେଲିଦେଲେ

**ଭୁବନେଶ୍ୱର,୨୦।୧(ସମିସ):** ଗୋଟିଏପଟେ ବନ୍ୟଜନ୍ତୁଙ୍କୁ ନେଇ ବେଆଇନ କାରବାର ହୁ' ହୁ' ହୋଇ ବଢ଼ି ଚାଲିଥିବା ବେଳେ ଭାରତ ସରକାରଙ୍କ ନୂଆ ନିଷ୍ପତ୍ତି ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏଣିକି ଅନେକ ବନ୍ୟଜନ୍ତୁଙ୍କ ବ୍ୟବସାୟ ପାଇଁ ଦିଆଯାଉଥିବା ଲାଇସେନ୍ସ ନିୟମରେ କୋହଳ କରାଯାଇଛି। ଅର୍ଥାତ୍ ବନ୍ୟପ୍ରାଣୀ କାରବାର ନିମନ୍ତେ ଲାଇସେନ୍ସ ପରିଧି ମଧ୍ୟରୁ ସିଡ୍ୟୁଲ-୨ର ପ୍ରାଣୀମାନଙ୍କୁ ବାଦ୍ ଦିଆଯାଇଛି। କେବଳ ସିଡ୍ୟୁଲ-୧ ବର୍ଗରେ ସାମିଲ ବନ୍ୟପ୍ରାଣୀ ସମ୍ପର୍କିତ କାରବାର ପାଇଁ ଲାଇସେନ୍ସ ଦିଆଯିବ। ସରକାରଙ୍କର ଏହି ନିଷ୍ପତ୍ତି ଦ୍ୱାରା ସାପ, କଇଁଚ, ବାଦୁଡ଼ି, ଦୁର୍ଲଭ ଶାଗୁଣା, ଦୁର୍ଲଭ ବେଙ୍ଗ, ରଙ୍ଗ ବଦଳାଉଥିବା ଏଣ୍ଡୁଅ, ଲଙ୍ଗୁର, ପେଚା ଭଳି ବନ୍ୟପ୍ରାଣୀଙ୍କ ଅବାଧ କାରବାର ପାଇଁ ବାଟ ପରିଷ୍କାର ହେବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଗତ ୧୬ ତାରିଖରେ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୱାଇଲ୍ଡ ଲାଇଫ୍ (ପ୍ରୋଟେକ୍ସନ୍) ଲାଇସେନ୍ସିଂ (ଆଡିସିନାଲ ମ୍ୟାଟରର୍ସ ଫର୍ କନସିଡିରେସନ୍) ରୁଲସ୍ ୨୦୨୪ ଆଇନ ଲାଗୁ କରାଯାଇଛି। ୧୯୮୩ ପରେ ପ୍ରଥମଥର ପାଇଁ ଏହି

- ସିଡ୍ୟୁଲ-୨ ପ୍ରାଣୀଙ୍କ କାରବାର ପାଇଁ ବାଟ ଫିଟିବ
- ନୂଆ ନିୟମକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ବିଶେଷଜ୍ଞ

ଆଇନରେ ସଂଶୋଧନ କରାଯାଇଛି। ଏଥିରେ କୁହାଯାଇଛି ଯେ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁସାରେ, ସିଡ୍ୟୁଲ-୧ରେ ସାମିଲ କୌଣସି ପ୍ରକାର ବନ୍ୟପ୍ରାଣୀଙ୍କ ବ୍ୟବସାୟ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇ ପାରିବନାହିଁ। ଜରୁରୀ ପରିସ୍ଥିତିରେ ଭାରତ ସରକାରଙ୍କ ଅନୁମତିକ୍ରମେ ଏଥିଲାଗି ଲାଇସେନ୍ସ ପ୍ରଦାନ କରାଯାଇ ପାରିବ। ତେବେ ଏହି ଆଇନର ପରିଧି ମଧ୍ୟରେ ଥିବା ସିଡ୍ୟୁଲ-୨ ସୂଚୀରେ ସାମିଲ ପ୍ରାଣୀମାନଙ୍କୁ କାହିଁକି ବାଦ୍ ଦିଆଗଲା, ସେ ସମ୍ପର୍କରେ ବିଜ୍ଞପ୍ତିରେ କିଛି ସ୍ପଷ୍ଟ କରାଯାଇନାହିଁ। ଅପରନ୍ତୁ ସିଡ୍ୟୁଲ-୧ ବର୍ଗର ପ୍ରାଣୀ ସମ୍ପର୍କିତ କାରବାର ପାଇଁ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ପୂର୍ବାପେକ୍ଷା କଡ଼ାକଡି କରାଯାଇଛି। ୧୯୮୩ ମସିହାରେ ପ୍ରଣିତ ନିୟମ ଅନୁସାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅଧୀନରେ ସିଡ୍ୟୁଲ-୧, ସିଡ୍ୟୁଲ-୨ର ଦ୍ୱିତୀୟ ଭାଗରେ ସାମିଲ କୌଣସି ବନ୍ୟପ୍ରାଣୀ ସମ୍ପର୍କିତ କାରବାର ପାଇଁ ଲାଇସେନ୍ସ ପ୍ରଦାନ କରାଯାଇପାରିବ ନାହିଁ। ଏହା ପୂର୍ବରୁ ୨୦୨୨ରେ ହୋଇଥିବା ସଂଶୋଧନ ଜରିଆରେ ବିଭିନ୍ନ ସିଡ୍ୟୁଲରେ ସାମିଲ ପାଇଁ ବନ୍ୟପ୍ରାଣୀଙ୍କ ବିସ୍ତୃତ ବର୍ଗୀକରଣ କରାଯାଇଥିଲା। ୨୦୨୨ ପୂର୍ବରୁ ସମ୍ପୃକ୍ତ ବନ୍ୟପ୍ରାଣୀ କେତେ ବିଲୁପ୍ତପ୍ରାୟ ଅବା ତାହାର ସଂଖ୍ୟା ସମ୍ବେଦନଶୀଳ ତାହା ଆଧାରରେ ସିଡ୍ୟୁଲର ବର୍ଗୀକରଣ କରାଯାଉଥିଲା। ଦୁଇ ବର୍ଷ ତଳେ ସେହି ନିୟମରେ ପରିବର୍ତ୍ତନ କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରାଣୀଙ୍କୁ ସିଡ୍ୟୁଲ-୨ରେ ରଖାଯାଇଥିଲା। ଏବେ ସିଡ୍ୟୁଲ-୨ ବନ୍ୟପ୍ରାଣୀମାନଙ୍କ କାରବାର ପାଇଁ ଲାଇସେନ୍ସ ପ୍ରଦାନ କରିବା ପାଇଁ ପଥ ପରିଷ୍କାର ହୋଇଛି।

ଏ ସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ୍ କହିଛନ୍ତି, ଦେଶରେ କୌଣସି ପ୍ରକାର ବନ୍ୟପ୍ରାଣୀଙ୍କ ଶିକାର ବେଆଇନ ଘୋଷିତ ହୋଇଛି। କିନ୍ତୁ ଏପଟେ ସିଡୁଲ୍ୟ-୨ରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରାଣୀଙ୍କ ବ୍ୟବସାୟ ପାଇଁ ଲାଇସେନ୍ସ ଦିଆଯିବ। ଏପରି ନିୟମ ଦ୍ୱାରା ବନ୍ୟପ୍ରାଣୀଙ୍କ ବ୍ୟବସାୟ, ହତ୍ୟା, ଶିକାର ସହିତ ବେଆଇନ୍ କାରବାର ବୃଦ୍ଧି ପାଇବାର ଯଥେଷ୍ଟ ଆଶଙ୍କା ରହିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରୁ ଏପରି ନିୟମ ଠିକ୍ ନୁହେଁ ବୋଲି ଶ୍ରୀ ମଲ୍ଲିକ୍ କହିଛନ୍ତି।

### ■ ପିକୁ ପଟ୍ଟନାୟକଙ୍କୁ ଗିରଫ ଦାବି

# ଏସ୍‌ପି ଅଫିସ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ




**ପୁରୀ,୨୦।୧(ସମିସ):** ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୁଲିସ ପିକୁ ପଟ୍ଟନାୟକଙ୍କ ବିରୋଧରେ ଦୁଷ୍କର୍ମ ମାମଲା (ନଂ.୨୪/୨୪) ରୁଜୁ କରିଛି। ଏହି ମାମଲାରେ ପିକୁ ପଟ୍ଟନାୟକଙ୍କୁ ଗିରଫ କରିବା ଲାଗି ଶନିବାର ବହୁ ମହିଳା ଏସ୍‌ପି ଅଫିସ ଘେରଉ କରିଥିଲେ। ମହିଳାମାନେ ହାତରେ ପ୍ଲାକାର୍ଡମାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୀଡ଼ିତାଙ୍କ ଝିଅ ମଧ୍ୟ ପିକୁକୁ ଗିରଫ କରିବା ପାଇଁ ଦାବି କରିଥିଲେ। ଯଦି ପୁଲିସ ପ୍ରିୟଦର୍ଶନ ପଟ୍ଟନାୟକ ଓରଫ୍ ପିକୁ ପଟ୍ଟନାୟକଙ୍କୁ ଗିରଫ ନ କରେ ତେବେ ଆମେ ମା' ଝିଅ ଆତ୍ମହତ୍ୟା କରିବୁ ବୋଲି କହିଛନ୍ତି।

ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀଙ୍କର ୨୦୧୮ରେ ଦେହାନ୍ତ ହେବା ପରେ ବିଭିନ୍ନ ମାମଲାକୁ ନେଇ ପିକୁ ତାଙ୍କ ଘରକୁ ଯିବାଆସିବା କରନ୍ତି। ପରବର୍ତ୍ତୀ ସମୟରେ ତାଙ୍କ ସହ ସମ୍ପର୍କ ରଖିବା ସହ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗତ ୪ ମାସ ହେବ ତାଙ୍କୁ ଧରାଛୁଆଁ ଦେଉନାହାନ୍ତି। ତେଣୁ ମହିଳା ଜଣଙ୍କ ଗତ ୧୪ ତାରିଖ ଦିନ ତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ମାତ୍ର ପୁଲିସ କିଛି ନ ଶୁଣିବାରୁ ଗତ ଗୁରୁବାର ପୀଡ଼ିତା ଏସ୍‌ପି ଡ. କନୱର ବିଶାଲ ସିଂଙ୍କୁ ସାକ୍ଷାତ୍ କରି ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଟାଉନ ଥାନା ପୁଲିସ ସୁନୀଲ ପ୍ରଧାନ କହିଛନ୍ତି ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପିକୁ ଓରଫ୍ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ବିରୋଧରେ ଥାନାରେ ଦୁଷ୍କର୍ମ ମାମଲା (ନଂ.୨୫/୨୪) ରୁଜୁ କରାଯାଇଛି। ଏଥିସହ ସଦର ମୁଖ୍ୟ ଚିକିତ୍ସାଳୟରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଛି। ଶନିବାର ଏସ୍‌ପି ଅଫିସ ସମ୍ମୁଖରେ ମହିଳାମାନଙ୍କ ବିକ୍ଷୋଭ ସମ୍ପର୍କରେ ଟାଉନ ଆଇଆଇସି ଶ୍ରୀ ପ୍ରଧାନଙ୍କୁ ପଚାରିବାରୁ ଦୁଷ୍କର୍ମ ମାମଲା କରାଯାଇ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।



ଗଜପତି ମହାରାଜା ଦିବ୍ୟସିଂହ ଦେବ ଶନିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ସାଧୁବାଦ ଜଣାଉଛନ୍ତି

### ■ ହନୁମାନ ବାଟିକାରେ ବୃଦ୍ଧାଶ୍ରମ ବଦଳରେ ହୋଟେଲ ଚାଲିବା ଅଭିଯୋଗ

# ୨୪ତାରିଖ ସୁଦ୍ଧା ସତ୍ୟପାଠ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୦।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାସ୍ଥିତ ପ୍ରସିଦ୍ଧ ହନୁମାନ ବାଟିକାଠାରେ ଏକ ବୃଦ୍ଧାଶ୍ରମକୁ ବେଆଇନ ଭାବେ ହୋଟେଲ ବା ଧର୍ମଶାଳା ଭାବେ ବ୍ୟବହାର କରାଯାଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏହି ମାମଲାରେ ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇପାରିନଥିବାରୁ ଆସନ୍ତା ୨୪ ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକାରୀ ପୂର୍ବକ ସତ୍ୟପାଠ ଦେବାକୁ ହାଇକୋର୍ଟ କହିଛନ୍ତି। ଆଦିତ୍ୟ କୁମାର ମହାପାତ୍ରଙ୍କ ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ଆବେଦନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସାଂସଦଙ୍କ ଉନ୍ନୟନ ହାତ ପାଣ୍ଠିରୁ ପ୍ରାୟ ୪୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ବୃଦ୍ଧାଶ୍ରମକୁ ଧର୍ମଶାଳା ତଥା ହୋଟେଲ ଭାବେ ବ୍ୟବହାର କରାଯାଇଆସୁଥିବା ଆବେଦନକାରୀ ଅଭିଯୋଗ କରିଥିଲେ। ଏହି ପ୍ରସଙ୍ଗରେ ସରକାର ଜବାବ ରଖିବାକୁ କହିଛନ୍ତି ଖଣ୍ଡପୀଠ। ହନୁମାନ ବାଟିକା ଟ୍ରଷ୍ଟ ପକ୍ଷରୁ ପୂର୍ବରୁ ଏକ ସତ୍ୟପାଠ ଦାଖଲ ହୋଇଥିଲା। ନିର୍ମିତ କୋଠାକୁ ଧର୍ମଶାଳା ଭାବେ ବ୍ୟବହାର ଅଭିଯୋଗକୁ ଏଥିରେ ଖଣ୍ଡନ କରାଯାଇଥିଲେ ମଧ୍ୟ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କହିଥିଲେ ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ହନୁମାନ ବାଟିକା ନିକଟରେ ବୃଦ୍ଧାଶ୍ରମ ନିର୍ମାଣ ବାବଦରେ ଗତ ୨୦୧୬ରେ ସାଂସଦଙ୍କ ପାଣ୍ଠିରୁ ୪୩ଲକ୍ଷ ଖର୍ଚ୍ଚ ପାଇଁ ମଞ୍ଜୁର ହୋଇଥିଲା। କିନ୍ତୁ ଏହି କୋଠା ନିର୍ମାଣ ପରେ ଏହାକୁ ବୃଦ୍ଧାଶ୍ରମ କରାନଯାଇ କେବଳ କାର୍ତ୍ତିକ ମାସ ସମୟରେ ହବିଷ୍ୟାଳିଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଅନ୍ୟ ସମୟରେ ଏହାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଉପଯୋଗ କରାଯାଇ ଅର୍ଥ ଉପାର୍ଜନ କରାଯାଉଥିଲା ବୋଲି ଆବେଦନକାରୀ ଦର୍ଶାଇଥିଲେ। ମାମଲାରେ ରାଉରକେଲା ମହାନଗର ନିଗମ, ହନୁମାନ ବାଟିକା ଟ୍ରଷ୍ଟ, ସୁନ୍ଦରଗଡ଼ ଜିଲ୍ଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ପ୍ରଶାନ୍ତ କୁମାର ଜେନା ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ୨୪ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି।

# ମହାପ୍ରଭୁଙ୍କୁ ସପରିବାର ଦର୍ଶନ କଲେ '୫-ଟି' ଅଧ୍ୟକ୍ଷ

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୯ ଥର କଲେ ପରିକ୍ରମା

**ପୁରୀ, ୨୦।୧(ସମିସ):** ସପରିବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ୯ ରାଉଣ୍ଡ ପରିକ୍ରମା କରିଛନ୍ତି '୫-ଟି' ଅଧ୍ୟକ୍ଷ। ଗତ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ ମହାପ୍ରଭୁଙ୍କ ଦର୍ଶନ ଏବଂ ପରିକ୍ରମା ମାର୍ଗ ବୁଲିବା ପାଇଁ ପୁରୀକୁ ଭକ୍ତଙ୍କ ସଂଖ୍ୟା ବଢ଼ିଛି। ଏହିକ୍ରମରେ ଶନିବାର ପ୍ରତ୍ୟୁଷରୁ ସପରିବାର ପୁରୀ ଆସିଥିଲେ '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ପ୍ରଥମେ ସେ ନିଜେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରିଥିଲେ। ଥରେ କି ଦୁଇଥର ନୁହେଁ ୯ ଥର ମନ୍ଦିର ଚତୁଃପାର୍ଶ୍ୱ ବୁଲିଥିଲେ। ଏହାପରେ ଧର୍ମପତ୍ନୀ ତଥା ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ବେଢ଼ା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିବା ପରେ ଭୁବନେଶ୍ୱର ଫେରିଯାଇଥିଲେ '୫-ଟି' ଅଧ୍ୟକ୍ଷ। ଏଭଳି ଏକ ବିଶେଷ ମୁହୂର୍ତ୍ତର ଭିଡ଼ିଓକୁ ସେ ତାଙ୍କ ନିଜ ଏକ୍ସରେ ପୋଷ୍ଟ କରିଛନ୍ତି। କହିଛନ୍ତି 'ଜୟ ଜଗନ୍ନାଥ, ଆଜି ଶ୍ରୀମନ୍ଦିରରେ ୯ ରାଉଣ୍ଡ ପରିକ୍ରମା କଲି। ବହୁତ ଆନନ୍ଦ ମିଳିଲା, ଜୟ ଜଗନ୍ନାଥ।

# ପୂର୍ବତନ ଏସିଟିଓ ଏବଂ ପତ୍ନୀଙ୍କୁ ୩ବର୍ଷ ଲେଖାଏଁ ଜେଲ୍

**ଭୁବନେଶ୍ୱର, ୨୦।୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରି ବ୍ରହ୍ମପୁର ଭିଜିଲାନ୍ସ କୋର୍ଟ ପୂର୍ବତନ ଏସିଟିଓ(ଏକୀକୃତ ଚେକ୍‌ଗେଟ୍, ଚିକିଟି)ର ରମେଶ ଚନ୍ଦ୍ର ବେହେରା ଏବଂ ତାଙ୍କ ପତ୍ନୀ ମମତା ବେହେରାଙ୍କୁ ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଦୁଇଜଣଙ୍କୁ ୧୦ହଜାର ଲେଖାଏଁ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ, ପ୍ରତ୍ୟେକଙ୍କୁ ୩ ମାସ ଲେଖାଏଁ ଅଧିକ ଦଣ୍ଡ ଭୋଗିବାକୁ କୁହାଯାଇଛି। ଭିଜିଲାନ୍ସ ତଦନ୍ତ କରିବା ପରେ ସେମାନଙ୍କଠାରୁ ୩୪ଲକ୍ଷ ୩୨ହଜାର ୯୭୬ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। କୋର୍ଟରେ ତାହା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ବୋଲି ପ୍ରମାଣିତ ହେବା ପରେ କୋର୍ଟ ତାଙ୍କୁ ଏହି ଦଣ୍ଡ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଚିକିଟି, ଏକୀକୃତ ଚେକ୍‌ଗେଟ୍‌ର ଏସିଟିଓ ରମେଶ ଚନ୍ଦ୍ର ଥିବା ସମୟରେ ଏକାଧିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହେବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ତଦନ୍ତ କରିବା ପରେ ତାହା ସ୍ପଷ୍ଟ ହେବା ପରେ ଚଢ଼ଉ କରାଯାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ମିଳିଥିଲା।

# ଭିଜିଲାନ୍ସ ପଞ୍ଝାରେ ଆର୍‌ଆଇ

**ଭଦ୍ରକ, ୨୦।୧ (ସମିସ):** ଜମି କିସମ ପରିବର୍ତ୍ତନ ପାଇଁ ୯ ହଜାର ଟଙ୍କା ଲାଞ୍ଚ ନେବା ବେଳେ କେନ୍ଦୁଆପଦା ରାଜସ୍ୱ ସର୍କଲ ଆର୍‌ଆଇ ଶରତ ଜେନା ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଣ୍ଡେଇପଲ୍ଲୀ ଖାନବାଡି ଅଞ୍ଚଳର ପ୍ରଶାନ୍ତ କୁମାର ଜେନାଙ୍କଠାରୁ ସେ ୯ ହଜାର ଟଙ୍କା ଲାଞ୍ଚ ନେଇଥିଲେ।



ଏନେଇ ଭିଜିଲାନ୍ସ ୨/୨୪ରେ ଏକ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଅଭିଯୋଗକାରୀ ପ୍ରଶାନ୍ତଙ୍କ ବନ୍ତ ତହସିଲ ଅଧୀନ ତୋଡଗାଁ ମୌଜାରେ ଥିବା ୧୨ ଡେସମିଲ ଜମି ରହିଛି। ତାହାର କିସମ ପରିବର୍ତ୍ତନ ପାଇଁ ସେ ଆବେଦନ କରିଥିଲେ। କିନ୍ତୁ ଏହି କାମ ପାଇଁ ତହସିଲଦାରଙ୍କ ରିପୋର୍ଟର ଆବଶ୍ୟକତା ଥିବାରୁ ଏଥିପାଇଁ ୯ ହଜାର ଟଙ୍କା ଦାବି କରିଥିଲେ ଶରତ। ଏ ସଂପର୍କରେ ପ୍ରଶାନ୍ତ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜିର ଏହି ଚଢ଼ଉରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେଶ୍ୱର ସେଠୀ, ଡିଏସ୍‌ପି ଦୁଷ୍ମନ୍ତ ନାୟକ ଓ ଭଦ୍ରକ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ବଙ୍କିମ ବାୱାଲି ପ୍ରମୁଖ ସାମିଲ ଥିଲେ।

# ପାରାଦୀପର ମେଜର ପ୍ରଭଞ୍ଜନ ପାଢ଼ୀ ସେନା ମେଡାଲରେ ସମ୍ମାନିତ

**ପାରାଦୀପ, ୨୦।୧(ସମିସ):** ପାରାଦୀପରେ ଜନ୍ମିତ ତଥା ରାଷ୍ଟ୍ରୀୟ ରାଇଫଲ୍ସର ଅଧିକାରୀ ମେଜର ପ୍ରଭଞ୍ଜନ ପାଢ଼ୀ (୩୦)ଙ୍କୁ ସେନା ପଦକ ପ୍ରଦାନ କରାଯାଇଛି। ଦକ୍ଷିଣ କଶ୍ମୀରରେ ଆତଙ୍କବାଦ ବିରୋଧୀ ଅଭିଯାନରେ ସାହସିକତା ଓ ବୀରତ୍ୱ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ସେନା ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଦକ୍ଷିଣ କଶ୍ମୀରର ଏକ ଗାଁରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ମେଜର ପାଢ଼ୀଙ୍କୁ ସୂଚନା ମିଳିଥିଲା। ତୁରନ୍ତ ସେ ସେଠାରେ ଘେରାବନ୍ଦୀ କରି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଏନକାଉଣ୍ଟର୍‌ରେ ଦୁଇଜଣ ଆତଙ୍କବାଦୀଙ୍କୁ ନିପାତ କରିବା ସହ ଯେପରି କୌଣସି ସାଧାରଣ ନାଗରିକଙ୍କ ମୃତ୍ୟୁ ନହୁଏ, ସେଥିପାଇଁ ସେ ଦୃଷ୍ଟାନ୍ତମୂଳକ ନେତୃତ୍ୱ ଏବଂ ରଣନୀତି କୌଶଳ ପ୍ରଦର୍ଶନ କରିଥିଲେ।



# ଶେଷ ପର୍ଯ୍ୟାୟରେ ନୂଆଦିଲ୍ଲୀରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି

**ଭୁବନେଶ୍ୱର,୨୦।୧(ସମିସ):** ଜାତୀୟ ସାଧାରଣତନ୍ତ୍ର ଦିବସ-୨୦୨୪ ପରେଡ୍‌ରେ ପ୍ରଦର୍ଶିତ ହେବାକୁ ଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ନୂଆଦିଲ୍ଲୀ ଗସ୍ତରେ ଆସି ପ୍ରଜ୍ଞାପନ ମେଢ଼ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ରଘୁରାଜପୁର ଐତିହ୍ୟ ଗ୍ରାମର ପଟ୍ଟଚିତ୍ରକୁ ନେଇ ମହିଳା ଶିଳ୍ପୀମାନେ ନିଜ ନିଜର ଆର୍ଥିକ ଅଭିବୃଦ୍ଧି କରିବା ସହ ନିଜକୁ ସ୍ୱାବଲମ୍ବୀ ଓ ସଶକ୍ତ କରିପାରିଛନ୍ତି। ତାହାର ଏକ ନିଖୁଣ ଚିତ୍ର ଏହି ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଉପସ୍ଥାପନ କରାଯିବ। ଶନିବାର ପୂର୍ବାହ୍ନରେ ଶ୍ରୀ ସମାଲ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରରେ ପହଞ୍ଚି ପ୍ରଜ୍ଞାପନ ମେଢ଼ର ବିଭିନ୍ନ ଅଂଶ, ସେଥିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ସମ୍ପର୍କରେ ପଚାରି ବୁଝିବା ସହ ସେଗୁଡ଼ିକର ତଦାରଖ କରିଥିଲେ। ଏଥିସହ ମେଢ଼ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବର୍ଗର ଶ୍ରମିକ ଓ କାରିଗରଙ୍କ ସହ ମତ ବିନିମୟ କରିଥିଲେ। ଏହାସହ ୨୧ତାରିଖ ଦିନ ରାଷ୍ଟ୍ରୀୟ ରଙ୍ଗଶାଳା ଶିବିରର ଝଙ୍କାର ହଲରେ ଅନୁଷ୍ଠିତ ହେବାକୁ ଥିବା ନୃତ୍ୟ ପ୍ରତିଯୋଗିତା ଏବଂ କର୍ତ୍ତବ୍ୟପଥରେ ମେଢ଼ ସହ ନୃତ୍ୟ କରିବାକୁ ଥିବା କଳାକାରମାନଙ୍କ ନୃତ୍ୟ ଦେଖିଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ଏବଂ ମେଢ଼ ନିର୍ମାଣର ଦାୟିତ୍ୱ ନେଇଥିବା ଇମାଜେରୀ ସଂସ୍ଥାର କୀର୍ତ୍ତି କିଶୋର ମହାରଣା ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

**ଅଗ୍ରଗତି ସମୀକ୍ଷା କଲେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ**

### ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

# ଚାଖି ଖୁଣ୍ଟିଆ ଥିଲେ ସିପାହୀ ବିଦ୍ରୋହର ଅବଦମିତ ବୀରପୁଙ୍ଗବ

**ଭୁବନେଶ୍ୱର, ୨୦।୧ (ସମିସ):** ୧୮୫୭ ମସିହା ସିପାହୀ ବିଦ୍ରୋହରେ ଯେଉଁ କେତେଜଣ ବୀରପୁରୁଷ ସାମିଲ ହୋଇଥିଲେ, ସେମାନଙ୍କ ମଧ୍ୟରେ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ନାମ ଉଲ୍ଲେଖନୀୟ। ଇଂରେଜ ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇ ସେ ସାରା ଦେଶରେ ଚର୍ଚ୍ଚିତ ହୋଇଥିଲେ। ବ୍ରିଟିଶ ବିରୋଧରେ ରାଣୀ ଲକ୍ଷ୍ମୀବାଇଙ୍କୁ ଉତ୍ସାହିତ କରିବା ସହ ସଶସ୍ତ୍ର ସଂଗ୍ରାମର ନେତୃତ୍ୱ ନେଇ ସେ ଅବିସ୍ମରଣୀୟ ହୋଇ ରହିଛନ୍ତି। ବାସ୍ତବରେ ଚାଖି ଖୁଣ୍ଟିଆ ଥିଲେ ସିପାହୀ ବିଦ୍ରୋହର ଅବଦମିତ ବୀରପୁଙ୍ଗବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଚାଖି ଖୁଣ୍ଟିଆ ସ୍ମୃତି ସମିତି, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜୟଦେବ ଭବନରେ ଆୟୋଜିତ ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି।

ବିଧାୟକ ଶ୍ରୀ ଦାଶ କହିଲେ ଯେ, ୧୮୨୭ ମସିହା ଶାମ୍ବ ଦଶମୀ ତିଥିରେ ପୁରୀରେ ଜନ୍ମଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀ ଚାଖି ଖୁଣ୍ଟିଆ ଥିଲେ ଜଣେ ବୀର ପୁରୁଷ। ଇଂରେଜଙ୍କ ବିରୋଧରେ ସେ



ବିଦ୍ରୋହର ମଞ୍ଜି ପୋତିଥିଲେ। ଜୀବନରେ କେବେ ପଛଘୁଞ୍ଚା ନ ଦେଇ ସିପାହୀ ବିଦ୍ରୋହରେ ବୀର ପରି ଲଢ଼ି ସୃଷ୍ଟି କରିଥିଲେ ତାଙ୍କର ଅନନ୍ୟ ପରିଚୟ। ତାଙ୍କର ଏକନିଷ୍ଠ ସାଧନା, ବଳିଷ୍ଠ ନେତୃତ୍ୱ, ଅନନ୍ୟ ଦେଶପ୍ରେମ, ଅସୀମ ତ୍ୟାଗ, ଅସାଧାରଣ ବ୍ୟକ୍ତିତ୍ୱ ଏବଂ ପ୍ରଚଣ୍ଡ ଧିଶକ୍ତି ପାଇଁ ଚାଖି ଖୁଣ୍ଟିଆ ପ୍ରତିଟି ଓଡ଼ିଆ ପ୍ରାଣରେ ଚିରସ୍ମରଣୀୟ ଓ ଚିରନମସ୍ୟ ହୋଇ ରହିବେ।

ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି ମୁଖ୍ୟବକ୍ତା ଏବଂ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ସମଗ୍ର ଉତ୍ତର ଭାରତରେ ବ୍ରିଟିଶମାନଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଚାଖି ଖୁଣ୍ଟିଆ ଛଦ୍ମବେଶରେ ବୁଲିବା ସହ ବ୍ରିଟିଶମାନଙ୍କ ବିରୋଧରେ ବୀରତ୍ୱର ସହ ଲଢ଼ିଥିଲେ। ଅସ୍ତମିତ ପାଇକ ବିଦ୍ରୋହର ପାଉଁଶ ନେଇ ସେ ସିପାହୀ ବିଦ୍ରୋହର ଅନ୍ୟତମ ସେନାପତି ହୋଇପାରିଥିଲେ। ଏହାସହ ସେ ଜଗନ୍ନାଥ ଭାବନାକୁ ଜାତୀୟ ମହାସ୍ରୋତରେ ସାମିଲ କରିପାରିଥିଲେ। ସେ ଏକାଧାରରେ ଶ୍ରୀଜଗନ୍ନାଥଙ୍କ ପରମ ସେବକ, କବି, ସମାଜ ସଂସ୍କାରକ ଓ ମହାନ୍ ବିପ୍ଳବୀ ଥିଲେ। ଚାଖି ଖୁଣ୍ଟିଆଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ ଚାଖି ଖୁଣ୍ଟିଆଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ ଉପସ୍ଥିତ ଥିଲେ। ଶେଷରେ ଚାଖି ଖୁଣ୍ଟିଆ ସ୍ମୃତି ସମିତିର ସମ୍ପାଦକ ପ୍ରଭାତ ରଥ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ରୋଜାଲିନ୍ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚମ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଭକ୍ତି ସଙ୍ଗୀତ ଓ ଦେବଦାସୀ ନୃତ୍ୟ ପରିବେଷଣ କରାଯାଇଥିଲା।



# କଟକ ସିଟି





## ଟ୍ରକ୍ ଦୁର୍ଘଟଣା: ଚାଳକ ଗିରଫ

କଟକ, ୨୦ ।୧(ସମିସ): ଜଣେ ମଦ୍ୟପ ଚାଳକର ବେପରୁଆ ଗାଡି ଚାଳନା ଯୋଗୁଁ ଓଏମ୍‌ପି ଛକରେ ଦୁର୍ଘଟଣା ଘଟିଛି । ଚାଉଳିଆଗଞ୍ଜ ଥାନା ପୁଲିସ ଅଭିଯୁକ୍ତ ଚାଳକକୁ ଗିରଫ କରିଛି । ସେ ହେଉଛି ଭଦ୍ରକ ଧାମନଗର ବଡଡିହ ଗାଁର ସନାତନ ନାୟକ । ଶନିବାର ରାତି ପ୍ରାୟ ୧୦ଟାରେ ଏକ ଚାଉଳ ବୋଝେଇ କରି ଟ୍ରକ ଜଗତପୁର ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ତେବେ ଓଏମପି ଛକରେ କାର୍ଯ୍ୟରତ ଟ୍ରାଫିକ କର୍ମଚାରୀ ତାକୁ ଅଟକିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ମଦ୍ୟପ ଚାଳକ ତାହା ନ ମାନି ଦ୍ରୁତଗତିରେ ଗାଡି ଆଗକୁ ଗଡ଼ାଇଥିଲା । ଫଳରେ ମାଲଗୋଦାମ ପଟୁ ଆସୁଥିବା ଏକ କାର ସହ ଉକ୍ତ ଟ୍ରକର ଧକ୍କା ହୋଇଥିଲା । ଦୁର୍ଘଟଣାରେ କାରଟି ଭାଙ୍ଗିରୁଜି ଯାଇଥିଲା ବେଳେ ଚାଳକ ଜଣକ ଆହତ ହୋଇଥିଲେ । ଏହାକୁ କେନ୍ଦ୍ର କରି ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଏହା ଭିତରେ ଚାଳକ ଜଣକ ଖସିଯିବାକୁ ଉଦ୍ୟମ କରୁଥିଲା ବେଳେ ଟ୍ରାଫିକ କର୍ମଚାରୀ ତାକୁ କାବୁ କରି ନେଇଥିଲେ । ଚାଉଳିଆଗଞ୍ଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ଥାନାରେ ଚାଳକ ସନାତନର ବ୍ରେଥ୍ ଆନାଲାଇଜରରେ ଯାଞ୍ଚ କରାଯିବାରୁ ସେ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିଥିଲା । ତେଣୁ ପୁଲିସ ତାକୁ ଗିରଫ କରିବା ସହ ଉକ୍ତ ଟ୍ରକକୁ ଜବତ କରିଛି ।

## ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନ ଉଦ୍‌ଘାଟିତ



କଟକ, ୨୦।୧(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ୪୩ ତମ ଓଡ଼ିଶା ଇତିହାସ କଂଗ୍ରେସ ଅଧିବେଶନ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ହରିହର ପଣ୍ଡାଙ୍କ ପୌରୋହିତ୍ୟରେ ସେଭେନ୍ ପିଲାର୍ସ ୱିଜ୍‌ଡମ୍ ସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ନ୍ୟାସନାଲ ମନୁମେଣ୍ଟ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର କୁମାର ବାସା ମୁଖ୍ୟବକ୍ତା, ବିଧାୟକ ସୌଭିକ ବିଶ୍ୱାଳ, ଏନ୍‌ଇଏଚ୍‌ୟୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାଶଙ୍କର ଶୁକ୍ଳା, ସାଗର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ନିଳିମା ଗୁପ୍ତା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଆଦିବାସୀ ଭାଷା, ସାହିତ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଆଲୋଚନାରେ ବିଧାୟକ ତାରା ପ୍ରସାଦ ବାହିନୀପତି, ଜେଏନ୍‌ୟୁ ପ୍ରଫେସର ଅଶ୍ୱିନୀ ମହାପାତ୍ର, ପ୍ରଫେସର ମୃଣାଳ ଚାଟାର୍ଜୀ ଭାଗ ନେଇଥିଲେ । ରେଭେନ୍ସା ପିଜି କାଉନସିଲ୍ ଅଧ୍ୟକ୍ଷା ପ୍ରଫେସର ଡ. ଲୁନା ସାମନ୍ତ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଇତିହାସ କଂଗ୍ରେସର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ବାରିକ ବିବରଣୀ ପାଠ କରିଥିଲେ । ସଭାରେ ଓଡ଼ିଶା ଇତିହାସ କଂଗ୍ରେସର ପତ୍ରିକାକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଇତିହାସ ବିଭାଗର ମୁଖ୍ୟ ଡ. ପ୍ରିୟଦର୍ଶୀ କର ଧନ୍ୟବାଦ ଦେଇଥିଲେ ।

## ବାଙ୍କୀ ପ୍ରଗତି ପରିଷଦ ପକ୍ଷରୁ ବନ୍ଧୁମିଳନ

**ବାଙ୍କୀ ଉପଖଣ୍ଡର ଉନ୍ନତି ବିଷୟରେ ଆଲୋଚନା**

**କଟକ, ୨୦ ।୧(ସମିସ):** ବାଙ୍କୀ ପ୍ରଗତି ପରିଷଦର ସହଯୋଗରେ ବରମୁଣ୍ଡାସ୍ଥିତ କାଳୀମନ୍ଦିରରେ ବାଙ୍କି ଉପଖଣ୍ଡର ବାସିନ୍ଦାଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ପ୍ରାକ୍ତନ ପ୍ରାଧ୍ୟାପକ ଧୀରେନ୍ଦ୍ରନାଥ ଶ୍ରୀଚନ୍ଦନ ଅଧ୍ୟକ୍ଷତା କରିଥିଲେ । ଯୁଗଳଚରଣ ସେଠୀ ଓ ବିଶ୍ୱନି ସ୍ୱାଇଁଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟୀ ସଙ୍ଗଠନର ସାଧାରଣ ସମ୍ପାଦକ ବିଜୟକୁମାର ତ୍ରିପାଠୀ ଏବଂ ବିଶିଷ୍ଟ ସମାଜସେବୀ ଶ୍ରୀକାନ୍ତ ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବାଙ୍କି ପ୍ରଗତି ପରିଷଦର ସଭାପତି ନୀଳମୋହନ ତ୍ରିପାଠୀ, ପ୍ରତିଷ୍ଠାତା ସଭ୍ୟ କୃତିବାସ ପଣ୍ଡା, ମାୟାଧର ନନ୍ଦ, ଗଦାଧର ଜେନା, ବିଷ୍ଣୁପ୍ରସାଦ ମିଶ୍ର, ବସନ୍ତକୁମାର ମିଶ୍ର, ଡାକ୍ତର ରାମଚନ୍ଦ୍ର ରାଉତ, ଦେବବ୍ରତ ରଥ, ସୂର୍ଯ୍ୟମଣୀ ମହାପାତ୍ର, ପ୍ରଶାନ୍ତକୁମାର ରାଉତ, ସୁଧୀରଚନ୍ଦ୍ର ତ୍ରିପାଠୀ, ଜଟାଧାରୀ ତ୍ରିପାଠୀ, ସ୍ନେହମୟୀ ଦାସ, ସୁଧାଂଶୁବାଳା ଦେଇ, ଶ୍ରଦ୍ଧାମଣି ଦାଶ, ଲିଙ୍ଗରାଜ ସାହୁ, ଦାମୋଦର ଦାସ, ରମେଶଚନ୍ଦ୍ର ନାୟକ, ମନମୋହନ ସ୍ୱାଇଁ ଏହି ବନ୍ଧୁ ମିଳନରେ ଯୋଗଦେଇ ବାଙ୍କି ଉପଖଣ୍ଡର ଉନ୍ନତି ବିଷୟରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନା କରିଥିଲେ । ଏହି ଅଞ୍ଚଳର ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ, ଆଇନଶୃଙ୍ଖଳା, ଶିକ୍ଷା, ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ଏକ ସ୍ମାରକପତ୍ରକୁ ପରିଷଦର ସଭାପତି ନୀଳମୋହନ ତ୍ରିପାଠୀ ପାଠ କରିଥିଲେ । ବାଙ୍କି ଅଞ୍ଚଳରେ ମୋ ବସ, ଲକ୍ଷ୍ମୀ ବସ, ରେଳବାଇ, ଯୋଗଯୋଗ ଓ ଶୀତଳ ଭଣ୍ଡାର ଆଦିରେ ଥିବା ସମସ୍ୟାର ସମାଧାନ ପାଇଁ ସଭ୍ୟମାନେ ମତ ରଖିଥିଲେ । ମୁଖ୍ୟ ଉଦ୍ୟୋକ୍ତା ଯୁଗଳଚରଣ ସେଠୀ ଧନ୍ୟବାଦ ଦେଇଥିଲେ ।



# ବହୁରୂପୀ ନକଲି ଡାକ୍ତର ଗିରଫ

**କଟକ/ଫୁଲନଖରା, ୨୦ ।୧(ସମିସ)**



**ବିଭିନ୍ନ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଠକେଇ**

କୁଖ୍ୟାତ ଠକ ତଥା ଜଣେ ବହୁରୂପୀ ନକଲି ଡାକ୍ତରକୁ ଗିରଫ କରିବାରେ ସଫଳ ହୋଇଛି କମିଶନରେଟ୍ ପୁଲିସ । ଗତ ୧୯ ତାରିଖ ଅପରାହ୍ଣରେ ଫୁଲନଖରାସ୍ଥିତ ୟୁକୋ ବ୍ୟାଙ୍କରୁ ଅଭିଯୁକ୍ତ ନକଲି ଡାକ୍ତରକୁ ସଦର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଉଛି, ଗୋପାଳପୁର ପାଇକସାହିର ଶ୍ରୀଧର ରାଉତ(୨୯) । ସେ ନିଜକୁ ଏକ ଡାକ୍ତରର ପରିଚୟ ଦେଇ କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରେ ଥିବା ବିଭିନ୍ନ ଜାତୀୟକରଣ ବ୍ୟାଙ୍କ୍ ଓ ଗାଡି ସୋରୁମ୍‌ରେ ତଞ୍ଚକତା ପୂର୍ବକ ବିଶ୍ୱାସ ଜନ୍ମାଇ ଠକାମି କରୁଥିଲା । ତା' ନିକଟରୁ ନକଲି ଆଧାରକାର୍ଡ, ପାନକାର୍ଡ, ଅସଲି ଆଧାରକାର୍ଡ, ବିଭିନ୍ନ ହସ୍ପିଟାଲ ନାମରେ ଥିବା ୫ଟି ରବରଷ୍ଟାମ୍ପ, ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ୍ ଓ ଚେକ୍ ବହି, ତିନୋଟି ଏମ୍‌ସ ହସ୍‌ପିଟାଲର ସାଲାରି ସ୍ଲିପ୍, ନକଲି ପାସପୋର୍ଟ, ଗୋଟିଏ ପଲସର ମୋଟର ସାଇକଲ, ୨ଟି ମୋବାଇଲ୍ ଫୋନ୍ ଓ ଗୋଟିଏ ଷ୍ଟେଥୋସ୍କୋପ ଜବତ ହୋଇଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶ୍ରୀଧର ନିଜକୁ ଡ. ସନ୍ଦିପ, ଡ. ଆଦିତ୍ୟ ଶର୍ମା ଓ ଡ. ସିଦ୍ଧାର୍ଥ ସାର୍ଥକ ନାମରେ ପାନକାର୍ଡ, ଆଧାର କାର୍ଡ ଓ ସାଲାରି ସ୍ଲିପ୍‌ର ନକଲି କାଗଜପତ୍ର ଡିପୋଜିଟ୍ କରବା ସହ ପାଟନାସ୍ଥିତ ଏମ୍‌ସ ଓ ଦିଲ୍ଲୀସ୍ଥିତ ସଫ୍‌ଦର୍‌ଜଙ୍ଗ ହସ୍ପିଟାଲର ଡାକ୍ତର ବୋଲି ପରିଚୟ ଦେଇ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିବାରେ ସଫଳ ହୋଇପାରିଛି । ୨୦୨୧ ମସିହାରେ କଟକ ବକ୍ସିବଜାରସ୍ଥିତ ୟୁନିୟନ ବ୍ୟାଙ୍କରୁ ୧୬ ଲକ୍ଷ ୫୦ ହଜାର, କଟକ ରାଣୀହାଟସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୧୦ ଲକ୍ଷ, ନୟାପଲ୍ଲୀସ୍ଥିତ ଏସ୍‌ବିଆଇରୁ ନିଜକୁ ଡ. ସ୍ୱୟମ୍ ସିଦ୍ଧାର୍ଥ ରାଉତ ପରିଚୟ ଦେଇ ୧୫ ଲକ୍ଷ ଟଙ୍କା ଏବଂ ଝାଡଖଣ୍ଡ ଆଦିତ୍ୟପୁର ଏସ୍‌ବିଆଇରୁ ୨୦ଲକ୍ଷ ଟଙ୍କା ଗାଡି ଲୋନ୍ କରିବାରେ ସଫଳ ହୋଇଥିଲା । ଶ୍ରୀଧର ନିଜକୁ ଡ. ସନ୍ଦୀପ ନାମରେ ନକଲି କାଗଜପତ୍ର ଦେଇ ଭୁବନେଶ୍ୱରସ୍ଥିତ ଅଶୋକନଗର ୟୁକୋ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲିବା ସହ ୧୫ଲକ୍ଷ ଲୋନ୍ ପାଇଁ ଆବେଦନ କରିଥିଲେ । ବ୍ୟାଙ୍କ ଲୋନ୍ ଦେବା ପାଇଁ ମନା କରିଦେବାରୁ ଫୁଲନଖରାସ୍ଥିତ ୟୁକୋ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ନିବେଦନ କରି ୧୦ଲକ୍ଷ ପର୍ସନାଲ ଲୋନ ପାଇଁ ଆବେଦନ କରିଥିଲେ । ଶାଖା ପରିଚାଳକ ଅବିନାଶ ସେଠୀ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ତାହା ନକଲି ବୋଲି ଜାଣିବା ପରେ ସଦର ପୁଲିସ୍‌କୁ ଖବର ଦେଇଥିଲେ । ଅଭିଯୁକ୍ତ ବ୍ୟାଙ୍କରୁ ଖସିଯିବାକୁ ଚେଷ୍ଟା କରିବା ସମୟରେ ଶାଖା ପରିଚାଳକ ନିଜକୁ ଜଣେ ଆଜ୍‌ମା ରୋଗୀ ବୋଲି କହି ଶ୍ରୀଧର ଠାରୁ ଡାକ୍ତରୀ ପରାମର୍ଶ ନେବାକୁ ଚେଷ୍ଟା କରିଥିଲେ । ଖବରପାଇ ସଦର ଥାନା ଏସ୍‌ଆଇ ପିକେ ସାମଲ ଓ ସହଯୋଗୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲେ ।

## ପଦ୍ମିନୀ କେୟାର ପକ୍ଷରୁ ଫିଜିଓଥେରାପି ଶିବିର



**କଟକ, ୨୦।୧(ସମିସ)**

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସ୍କୁଲ ଅଫ ଫିଜିଓଥେରାପି ଓ ପଦ୍ମିନୀ କେୟାର ହସ୍‌ପିଟାଲ ଆନୁକୂଲ୍ୟରେ ମାଗଣା ଚିକିତ୍ସା ଶିବିର ଜପକୁଦ ନିକଟବର୍ତ୍ତୀ କଟରପା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, ଅଣ୍ଟା, ଗଳା, ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଚାଳନା ସମ୍ବନ୍ଧୀୟ ସମସ୍ୟା, ଶିଶୁଙ୍କ ଠାରେ ଦେଖାଯାଉଥିବା ଶାରୀରିକ ଓ ମାନସିକ ଅନଗ୍ରସରତା ତଥା ବ୍ୟବହାରିକ ଜନିତ ସମସ୍ୟା ସଂକ୍ରାନ୍ତ ଚିକିତ୍ସା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ସ୍ଥାନୀୟ ସରପଞ୍ଚ ରଞ୍ଜନ ରାଉଳ ଓ ସମ୍ମାନିତ ଅତିଥି ନାରାୟଣ ପତି, ସମିତିସଭ୍ୟ ଗୟାଧର ମଲ୍ଲିକ ମିଳିତ ଭାବରେ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ନେତୃତ୍ୱରେ ଡାକ୍ତର ଦୁର୍ଗା ପ୍ରସାଦ ମିଶ୍ର, ଡା.ଜ୍ୟୋତିରଞ୍ଜନ ସାହୁ, ଡା. ଦୀପକ ମଲ୍ଲିକ, ଡା. ପ୍ରଜ୍ଞାପାରମିତା ପାଇଟାଲ, ଡା. ସୁଧୃତି ପରମାଣିକ୍ ପ୍ରମୁଖ ରୋଗୀମାନଙ୍କ ଚିକିତ୍ସା ସହ ପରାମର୍ଶ ଦେଇଥିଲେ । ଚନ୍ଦ୍ରଶେଖର ନନ୍ଦ, ପ୍ରାଧ୍ୟାପକ ଡ. ଅଜିତ ମହାପାତ୍ର ଓ ଫିଜିଓଥେରାପି ବିଭାଗର ଛାତ୍ରଛାତ୍ରୀ ଶିବିର ପରିଚାଳନା କରିଥିଲେ ।

## ଦକ୍ଷ ପୁଲିସ୍ ଅଫିସର ଥିଲେ ଅନାଦି

**କଟକ, ୨୦।୧(ସମିସ):** ସୁସାହିତ୍ୟିକ, ପୂର୍ବତନ ସାଂସଦ ଅନାଦି ସାହୁଙ୍କ ଶବାଧାରରେ ପ୍ରଫେସର ବିଜୟାନନ୍ଦ ସିଂହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ପ୍ରଫେସର ସିଂହ ଶୋକପ୍ରକାଶ କରି କହିଛନ୍ତି, ଅନାଦି ଜଣେ ଦକ୍ଷ ପୁଲିସ୍ ଅଫିସର ଭାବରେ ଯେତିକି ପରିଚିତ ଥିଲେ, ସେହିପରି ରାଜନୀତିରେ ମଧ୍ୟ ଚର୍ଚ୍ଚିତ ଥିଲେ । ଓଡ଼ିଆ ସାହିତ୍ୟକୁ ସେ ନୂତନ ଚେତନାରେ ପରିପୂର୍ଣ୍ଣ କରିବାରେ ସଫଳ ହୋଇଥିଲେ ବୋଲି ଡ. ସିଂହ କହିଛନ୍ତି ।

## ଆନ୍ତଃବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**କଟକ, ୨୦।୧(ସମିସ)**

**ବରିଷ୍ଠ ବିଭାଗରେ ଖାନନଗର, କନିଷ୍ଠ ବିଭାଗରେ ବେଲେଶ୍ୱର ଚାମ୍ପିଅନ**

ଓଡ଼ିଶା ଭେଟେରାନ ସ୍ପୋର୍ଟସ ପର୍ସନ ଆସୋସିଏସନ ଆନୁକୂଲ୍ୟରେ ପ୍ୟାରୀମୋହନ ଏକାଡେମୀ ପଡ଼ିଆ ଠାରେ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବରିଷ୍ଠ ବିଭାଗରେ ଖାନନଗର ହାଇସ୍କୁଲ ଏବଂ କନିଷ୍ଠ ବିଭାଗରେ ବେଲେଶ୍ୱର ନୋଡାଲ ୟୁପି ସ୍କୁଲ ଚାମ୍ପିଅନ ହୋଇଛନ୍ତି । ବରିଷ୍ଠ ବିଭାଗ ଫାଇନାଲ ମୁକାବିଲାରେ ଖାନନଗର ସ୍କୁଲ ୧-୦ ଗୋଲରେ ବିଡାନାସୀ ସ୍କୁଲକୁ ପରାସ୍ତ କରିଥିଲା । ସେହିପରି କନିଷ୍ଠ ବିଭାଗ ଫାଇନାଲ ମ୍ୟାଚ୍‌ରେ ବେଲେଶ୍ୱର ନୋଡାଲ ସ୍କୁଲ ୨-୦ ଗୋଲରେ ଶିଶୁ ଭାରତୀକୁ ପରାସ୍ତ କରିଛି । ବରିଷ୍ଠ ବିଭାଗରେ ଖାନନଗର ହାଇସ୍କୁଲର ଶୁଭାଶିଷ ସାହୁ ଏବଂ କନିଷ୍ଠ ବିଭାଗରେ ବେଲେଶ୍ୱର ନୋଡାଲର ପ୍ରକାଶ ଟୁଡୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଛନ୍ତି । ଉଭୟ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ମାସିକ ଏକ ହଜାର ଟଙ୍କା ଲେଖା ପୁରସ୍କାର ପ୍ରଦାନ କରାଯିବ । ବରିଷ୍ଠ ବିଭାଗର ଚାମ୍ପିଅନ ଖାନନଗର ସ୍କୁଲକୁ ବସନ୍ତ ଦାସ ସ୍ମାରକୀ ଏବଂ କନିଷ୍ଠ ବିଭାଗର ଚାମ୍ପିଅନ ବେଲେଶ୍ୱର ନୋଡାଲ ସ୍କୁଲକୁ ଡକ୍ଟର ଭଗବାନ ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଛି । କନିଷ୍ଠ ବିଭାଗରେ ବେଲେଶ୍ୱର ନୋଡାଲ ସ୍କୁଲର ଜ୍ୟୋତି ରଞ୍ଜନ ଦାସ ଶ୍ରେଷ୍ଠ ଗୋଲ କିପର ଏବଂ ସେହି ସ୍କୁଲର ମୋହନ ହାଁସଦା ଶ୍ରେଷ୍ଠ ପୂର୍ବ ଭାଗ ଖେଳାଳି ଭାବରେ ବିବେଚିତ ହୋଇଛନ୍ତି । ଏହି ବୟସ ବର୍ଗରେ ସରକାରୀ ଉର୍ଦ୍ଧ୍ୱ ସ୍କୁଲ ଶ୍ରେଷ୍ଠ ଶୃଙ୍ଖଳା ବିଦ୍ୟାଳୟ ଭାବରେ ବିବେଚିତ ହୋଇଥିଲା । ବରିଷ୍ଠ ବିଭାଗରେ ଖାନନଗର ହାଇସ୍କୁଲର ପୂର୍ଣ୍ଣଚନ୍ଦ୍ର ବିନ୍ଧାଣି ଶ୍ରେଷ୍ଠ ଗୋଲକିପର ଏବଂ ବିଡାନାସୀ ସ୍କୁଲର ଅଜୟ ବେହେରା ଶ୍ରେଷ୍ଠ ପୂର୍ବ ଭାଗ ଖେଳାଳି ଭାବେ ବିବେଚିତ ହୋଇଛନ୍ତି । ଏହି ବୟସ ବର୍ଗରେ ରେଲୱେ ସ୍କୁଲ ଶ୍ରେଷ୍ଠ ଶୃଙ୍ଖଳା ସ୍କୁଲ ଭାବରେ ବିବେଚିତ ହୋଇଛି । ଉଦଯାପନୀ ଉତ୍ସବରେ ମେୟର ସୁବାସ ସିଂ ମୁଖ୍ୟଅତିଥି ଏବଂ ଖାନନଗର ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ ଷଡଙ୍ଗୀ, କ୍ଷୀତିଶ ଚନ୍ଦ୍ର ପାତ୍ର, ବିଇଓ ସରସ୍ୱତୀ କାନୁନଗୋ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଆସୋସିଏସନର ଉପସଭାପତି ସୁନିଲ ବୋଷ ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ ।

## ଡାକ୍ତର ଭୁବନାନନ୍ଦ ମହାରଣା ଗୁରୁତର

**କଟକ, ୨୦।୧(ସମିସ):** ଏସ୍‌ସିବି ମେଡ଼ିକାଲର ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା ଗୁରୁତର ହୋଇପଡ଼ିଛନ୍ତି । ପୁନର୍ବାର ମସ୍ତିଷ୍କାଘାତର ଶିକାର ହୋଇଥିବା ଡାକ୍ତର ମହାରଣାଙ୍କୁ ଏସ୍‌ସିବି ନ୍ୟୁରୋସର୍ଜରୀ ଆଇସିୟୁରେ ଭର୍ତ୍ତି କରାଯାଇଛି । ଶନିବାର ତାଙ୍କର ଏକ ଜଟିଳ ଅସ୍ତ୍ରୋପଚାର ହୋଇଛି । ମାତ୍ର ସ୍ୱାସ୍ଥ୍ୟାବସ୍ଥା ଏବେବି ସଙ୍କଟାପନ୍ନ ରହିଛି ବୋଲି ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି । ଗତବର୍ଷ ଫେବୃୟାରୀରେ ମଧ୍ୟ ମସ୍ତିଷ୍କାଘାତର ଶିକାର ହୋଇଥିଲେ ଡାକ୍ତର ମହାରଣା । ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଦିଲ୍ଲୀର ଏକ ପ୍ରତିଷ୍ଠିତ ହସ୍ପିଟାଲକୁ ନିଆଯାଇଥିଲା । ସେଠାରୁ ସୁସ୍ଥ ହୋଇ ଫେରିଥିଲେ । ତେବେ ଗତ ଦୁଇ ଦିନ ପୂର୍ବେ ପୁନର୍ବାର ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ । ସେଠାରେ ଦୁଇ ଦିନ ଭେଣ୍ଟିଲେଟରରେ ରହିବା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ଶନିବାର ପରିବାର ଲୋକେ ଏସ୍‌ସିବି ମେଡିକାଲକୁ ନେବା ପାଇଁ ଇଚ୍ଛା ପ୍ରକଟ କରିଥିଲେ । ମଧ୍ୟାହ୍ନରେ ତାଙ୍କୁ ଏସ୍‌ସିବି ଅଣାଯାଇଥିଲା । ପୁଣି ଥରେ ମସ୍ତିଷ୍କାଘାତର ଶିକାର ହୋଇଥିବା ଜଣାପଡ଼ିବାରୁ ତାଙ୍କୁ ନ୍ୟୁରୋସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା । ଏସ୍‌ସିବି ଅଧୀକ୍ଷକ ତଥା ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ରଙ୍କ ୟୁନିଟରେ ତାଙ୍କୁ ରଖାଯାଇଥିଲା । ଡାକ୍ତର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଡାକ୍ତର ମହାରଣାଙ୍କର ଅସ୍ତ୍ରୋପଚାର କରାଯାଇଛି । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ହେତୁ ଡାକ୍ତର ମହାରଣାଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ମହାରଣା ଜଣେ ଅତିପରିଚିତ ଚେହେରା । ଅବସର ଗ୍ରହଣ କରିଥିଲେ ସୁଦ୍ଧା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ସେ ଏସ୍‌ସିବି ମେଡ଼ିକାଲର ଜରୁରୀକାଳୀନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି ।

# ଅନାଦି ସାହୁଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

**କଟକ, ୨୦ ।୧(ସମିସ)**



ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ତଥା ୧୯୯୨ରୁ ୧୯୯୫ ଯାଏ ଉତ୍କଳ ସାହିତ୍ୟ ସମାଜର ସଭାପତି ଦାୟିତ୍ୱ ନିର୍ବାହ କରିଥିବା ଅନାଦି ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଶେଷ ସମ୍ମାନ

**ଉତ୍କଳ ସାହିତ୍ୟ ସମାଜ**

ପ୍ରଦାନ କରାଯାଇଥିଲା । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସମେତ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ ସ୍ୱାଇଁ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ ଉପସ୍ଥିତ ରହି ଅନୁଷ୍ଠାନର ପରମ୍ପରାକ୍ରମେ ଶ୍ରୀ ସାହୁଙ୍କ ମରଶରୀରକୁ ଅନୁଷ୍ଠାନର ପତକାରେ ଆଚ୍ଛାଦିତ କରିବା ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ଉପସଭାପତି ସତ୍ୟ ରାୟ, କଟକ ଲେଖକ ସହଯୋଗ ସମିତିର ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ଓ ସ୍ୱରାଜ ମିଶ୍ର ଉପସ୍ଥିତ ଥିଲେ । ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଓ କୋଷାଧ୍ୟକ୍ଷ ଶିବାଶିଷ କର ଶେଷଦର୍ଶନ କରି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

**ମହାନଗର ନାଗରିକ ସଭା:** ପୂର୍ବତନ ସାଂସଦ ତଥା ଅବସରପ୍ରାପ୍ତ ବରିଷ୍ଠ ପୁଲିସ ପ୍ରଶାସକ ଅନାଦି ସାହୁଙ୍କ ବିୟୋଗରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡାକ୍ତର ରବି ରଞ୍ଜନ ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

**ଆଇପିଏସ ସଂଘର ଶୋକ:** ପୂର୍ବତନ ଆଇଜିପି ଅନାଦି ଚରଣ ସାହୁଙ୍କ ବିୟୋଗରେ ରାଜ୍ୟ ଆଇପିଏସ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ଆଜି ଅପରାହ୍ଣରେ କଟକସ୍ଥିତ ରାମକୃଷ୍ଣ ପାଢ଼ୀ ମେମୋରିଆଲ ହଲ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ସାହୁ କେବଳ ଜଣେ ଦକ୍ଷ ଆଇପିଏସ ଅଧିକାରୀ ନୁହଁ ସେ ଏକାଧାରରେ ଜଣେ ସୁସାହିତ୍ୟିକ, ସୁଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି ଡିଜିପି ଶ୍ରୀ ଷଡଙ୍ଗୀ କହିଥିଲେ । ପ୍ରାରମ୍ଭରେ ଆଇପିଏସ ସଂଘର ସମ୍ପାଦକ ତଥା ପୁଲିସ କମିଶନର (ଭୁବନେଶ୍ୱର-କଟକ) ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ୱର୍ଗତ ସାହୁଙ୍କ ଚାକିରୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ଏସସିଆରବି) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର.କେ. ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୀୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ରାଜେଶ କୁମାର, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୋୟଲ, ଆଇଜିପି (ପର୍ସୋନେଲ) ପ୍ରବୀଣ କୁମାର, ଆଇଜିପି (କମ୍ୟୁନିକେସନ) ସତୀଶ ଗଜଭିୟେ, ଆଇଜିପି (ଭିଜିଲାନ୍ସ), ସଞ୍ଜୀୟ କୌଶଲ, ଆଇଜିପି (କେନ୍ଦ୍ରାଞ୍ଚଳ) ଆଶିଷ କୁମାର ସିଂ, ଡିଆଇଜି (ଭିଜିଲାନ୍ସ), ପ୍ରକାଶ ଆର ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**କଟକ, ୨୦।୧(ସମିସ)**

୪୨ମୌଜାସ୍ଥିତ ନୋଡାଲ ବିଦ୍ୟାପୀଠରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ଡ. ଅଭୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାପୀଠ ପରିଚାଳନା କମିଟି ଅଧ୍ୟକ୍ଷ ବିନୟ ମହାପାତ୍ର, ପୂର୍ବତନ ଛାତ୍ର ସନ୍ତୋଷ ପତି ସମ୍ମାନିତ ଅତିଥି ଭାବେ, ଡ. ଏସ୍.କେ କଲିମୁଲ୍ଲା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ମୋ କଥା ମୋ କାହାଣୀ' ଉନ୍ମୋଚିତ ହୋଇଥିଲା । ରୂପାଲି ରୂପଜିତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁଷ୍ପଲତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶର୍ମିଷ୍ଠା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଗଛଟିଏ ମୁଁ ଗଛଟିଏ ଗୀତିନାଟିକା ପ୍ରଦର୍ଶିତ ହୋଇଥିଲା । କାର୍ତ୍ତିକ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁରେ ପୋଡ଼ିହୋଇ ଚିକିତ୍ସାଧୀନ ଶିକ୍ଷୟିତ୍ରୀଙ୍କ ପରଲୋକ

**ମାହାଙ୍ଗା,୨୦।୧(ସମିସ):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପାଇକରାପୁର ପଞ୍ଚାୟତ ବୃନ୍ଦାଜାଗୁଲାଇ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତଥା ପୋଡାମରାଇ ପଞ୍ଚାୟତ ଅଲିଅରା ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ଭାଗ୍ୟଧର ରାଉତଙ୍କ ପତ୍ନୀ ସରୋଜିନୀ ରାଉତ ଗତ ୬ ତାରିଖରେ ବିଦ୍ୟାଳୟ ପରିସରରେ ପଡିଥିବା ଅଳିଆ ଆବର୍ଜନାକୁ ଜଳାଉଥିବା ଅବସ୍ଥାରେ ଅସାବଧାନତା ହେତୁ ତାଙ୍କ ଶରୀରରେ ନିଆଁ ଲାଗିଯିବାରୁ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ହେଲେ ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମର ଶରୀରକୁ ଶହ ଶହ ଛାତ୍ରଛାତ୍ରୀ, ଶିକ୍ଷକ ଓ ପାଇକରାପୁର ଗ୍ରାମବାସୀମାନେ ଏକ ଶୋଭାଯାତ୍ରାରେ ବିଦ୍ୟାଳୟକୁ ଆଣିବା ସହ ଗ୍ରାମ ପରିକ୍ରମା କରାଇଥିଲେ। ଶବାଧାରରେ ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ପରିଡା, ସମିତିସଭ୍ୟାଙ୍କ ପ୍ରତିନିଧି ସଞ୍ଜୟ ସାମଲ, ନଟବର ରାଉତ, ନଟବର ପରିଡା, ବଂଶୀଧର ପରିଡା, ଦୈତାରୀ ବଳ, ସିଆରସିସି ରବିନ କୁମାର ସାହୁ, ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ରାଉତ, ଦିଲୀପ ସିଂହ, ଡ. ଜୟରାମ ସ୍ୱାଇଁଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବାବେଳେ ପୁତ୍ର ଶାରଦା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

## କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବାରଙ୍ଗ,୨୦।୧(ସମିସ):** ବାରଙ୍ଗ ଥାନା ଅନ୍ତର୍ଗତ ପଞ୍ଚୁପାଳ ଗ୍ରାମରେ ଶନିବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି। କେନାଲରେ ବୁଡି ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗୋଲେଖ ଭୋଇ(୭୦)। ଘଟଣାରୁ ଜଣାପଡିଛି ଶନିବାର ଅପରାହ୍ନରେ ଶ୍ରୀ ଭୋଇ ଗ୍ରାମ ପାଖ ଦେଇ ଯାଇଥିବା ପୁରୀ ମୁଖ୍ୟ କେନାଲକୁ ଗାଧେଇବାକୁ ଯାଇଥିଲେ । ଅସାବଧାନତାବଶତଃ ଗୋଡ ଖସି ଯିବା ଯୋଗୁ ସେ କେନାଲରେ ବୁଡି ଯାଇଥିଲେ । ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ପରେ ସେ ପାଣିରେ ଭାସୁଥିବା ଦେଖିଥିଲେ। ଗ୍ରାମର କିଛି ଯୁବକ ତାକୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଇନଜୀବୀଙ୍କ ଘରୁ ଲୁଟ୍

**ବାରଙ୍ଗ,୨୦।୧(ସମିସ):** ଘରର କବାଟ, ଝରକା ତାଡି ଦାମୀ ଆସବା ପତ୍ର ଲୁଟ ହୋଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି, କଟକ ବାରଙ୍ଗ ଥାନା ଅନ୍ତର୍ଗତ ଗୋଠପୁର ଗ୍ରାମରେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ଘରେ ଥିବା ଖଟ, ଆଲମାରୀ, ଡ୍ରେସିଂ ଟେବୁଲ୍, ଡାଇନିଂ ଟେବୁଲ୍, ଇନ୍‌ଭଟର ଗ୍ୟାସଟାଙ୍କି ସମେତ ରୋଷେଇ ଘରର ସମସ୍ତ ସାମଗ୍ରୀ ଲୁଟି ନେଇଥିବା ବେଳେ ସିସିଟିଭିର ହାର୍ଡ ଡିସ୍କକୁ ମଧ୍ୟ ନେଇଯାଇଥିବା ଘର ମାଲିକ ସନ୍ତୋଷ କୁମାର ମହାନ୍ତି ବାରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଶ୍ରୀ ମହାନ୍ତି କଟକରେ ରୁହନ୍ତି। ଗୋଠପୁର ଠାରେ କିଣିଥିବା ନୂତନ ଘରର କାମ ପାଇଁ ସେ ପ୍ରତ୍ୟେକ ଦିନ ସେଠାକୁ ଆସନ୍ତି। କିଛି ଦିନ ହେବ କୌଣସି କାମ ପାଇଁ ବାହାରକୁ ଯାଇଥିଲେ। ଗତକାଲି ରାତିରେ ଆସି ଦେଖନ୍ତି ଘରର ତାଲା ଭଙ୍ଗା ହୋଇଥିବା ବେଳେ ସମସ୍ତ ଜିନିଷ ଚୋରି ହୋଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ ହୋଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ବାରଙ୍ଗ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଜଣେ ଗୁରୁତର

**ସାଲେପୁର,୨୦।୧(ସମିସ):** ଆଜି ସନ୍ଧ୍ୟାରେ ସାଲେପୁର- କେନ୍ଦ୍ରାପଡ଼ା ରାସ୍ତାର କଳାଗ୍ରୀ ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଆଜି ସନ୍ଧ୍ୟା ପ୍ରାୟ ୬.୩୦ମି ସମୟରେ କୋଳଣପୁର ଗ୍ରାମର ଲକ୍ଷ୍ମୀଧର ତରାଇଙ୍କ ପୁଅ ଭୀମସେନ ତରାଇ ଏକ ସାଇକଲ ଯୋଗେ ସାଲେପୁର ବଜାରକୁ ଆସୁଥିବାବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡିଥିଲେ। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ସାଲେପୁର ଦମକଳ ବାହିନୀକୁ ଖବର ଦେବାପରେ ସାଲେପୁର ଦମକଳ ବାହିନୀ ଗୁରୁତର ଭୀମସେନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

## ୨୯ରୁ ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

**ଟାଙ୍ଗୀ,୨୦।୧(ସମିସ):** ୬ ବର୍ଷ ଚୁକ୍ତି ଭିତ୍ତିକ କାର୍ଯ୍ୟକାଳକୁ ଗଣନା କରିବା, କେନ୍ଦ୍ରୀୟ ହାରରେ ଗ୍ରେଡ ପେ ପ୍ରଦାନ କରିବା ଓ ପୁରୁଣା ନିୟମ ଅନୁଯାୟୀ ପେନସନ ପ୍ରଦାନ ଆଦି ପ୍ରାଥମିକ ଶିକ୍ଷକଙ୍କ ୩ ଦଫା ଦାବି ପୂରଣରେ ସରକାର ଅହେତୁକ ବିଳମ୍ବ କରୁଛନ୍ତି। ଡିସେମ୍ବର ସୁଦ୍ଧା ସମସ୍ତ ଦାବି ପୂରଣ ନେଇ ସମସ୍ତ ପ୍ରାଥମିକ ଶିକ୍ଷକ ଆଶା କରିଥିଲେ। ମାତ୍ର ୨୦୨୪ ଜାନୁଆରୀ ୨୦ତାରିଖ ସୁଦ୍ଧା ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ନ୍ୟାୟୋଚିତ ଦାବିକୁ ଉପେକ୍ଷା କଲେ ୨୯ ତାରିଖରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ତୀବ୍ର କରାଯିବ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ସଭାପତି ଶିବାନନ୍ଦ ମଲ୍ଲିକ ଓ ସମ୍ପାଦକ ଧିରେନ ଜେନା ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କୋଟସାହି ପଞ୍ଚାୟତ ଟାଙ୍ଗୀ ରାମଗଡ଼ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା।

## ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

**ଚୌଦ୍ୱାର,୨୦।୧(ସମିସ):** ଚୌଦ୍ୱାର ମହାଜନ ସାହି ପୂଜା କମିଟିର ଏକ ସାଧାରଣ ବୈଠକ ସାହି ରୂପଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ହରେକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକର ପ୍ରାରମ୍ଭରେ କମିଟିର ପୂର୍ବତନ ସଭାପତି ତୋଫାନୀ ନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କମିଟିର ନୂତନ ସଭାପତି ଭାବରେ ସୁନୀଲ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। କାର୍ଯ୍ୟକାରୀ କମିଟିରେ ଜଗବନ୍ଧୁ ସାହୁ, ଅନାଦି ଅଚ୍ୟୁତ ଲେଙ୍କା, ଜିତେନ୍ଦ୍ର ପରିଡ଼ା, ପ୍ରକାଶ ସ୍ୱାଇଁ, ଅଶୋକ ଲେଙ୍କା, ଜଗନ୍ନାଥ ସାହୁ, ରବିନ୍ଦ୍ର ସାହୁ, ଅଶୋକ ସାହୁ, ଅଭିମନ୍ୟୁ ନାୟକ, ମାନସ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ମୋଟ ୨୧ଜଣ ସଦସ୍ୟଙ୍କୁ ଚୟନ କରାଯାଇଥିଲା। ବିଷ୍ଣୁ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

# ୧୨ ଦିନର ଶିଶୁ କନ୍ୟା ଉଦ୍ଧାର

### ଶିଶୁ ସୁରକ୍ଷା ସଂସ୍ଥାକୁ ଉଦ୍ଧାର ଶିଶୁ ହସ୍ତାନ୍ତର

**ମାହାଙ୍ଗା,୨୦।୧(ସମିସ)**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାହାସପୁର ଅରଗଳିଆ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ଦମ୍ପତି ବେଆଇନ ଭାବେ ଅନ୍ୟର ଏକ ୧୨ ଦିନର ଶିଶୁକନ୍ୟାକୁ ନିଜ ଘରେ ରଖିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ମାହାଙ୍ଗା ପୁଲିସ ସହାୟତାରେ ଜିଲ୍ଲା ସିଡବ୍ଲୁସିର ଏକ ଟିମ୍ ଚଢଉ କରି ଉକ୍ତ ଶିଶୁକନ୍ୟାକୁ ଉଦ୍ଧାର କରିଛି । ଏହି ଶିଶୁ କନ୍ୟା ଆଣିବା ପଛରେ ଅନେକ ଗୁମର କଥା ଲୁଚି ରହିଥିବା ଶୁଣିବାକୁ ମିଳିଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଶିଶୁ କନ୍ୟା ବିକ୍ରି ସମ୍ପର୍କରେ ଏକ ବଡ ର୍‌ୟାକେଟର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ଏହି ଗ୍ରାମର ରତିକାନ୍ତ ସାହୁ ଓ ତାଙ୍କ ସ୍ତ୍ରୀ ଏକ ୧୨ ଦିନର ଶିଶୁ କନ୍ୟାକୁ ବେଆଇନ ଭାବେ ଗତ କିଛି ଦିନ ହେବ ନିଜ ପାଖରେ ରଖିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସିଡବ୍ଲୁସି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଡିସିପିଓ ପ୍ରଗତୀ ମହାନ୍ତିଙ୍କ ସମେତ ଏକ ଟିମ୍ ମାହାଙ୍ଗା ପୁଲିସ ସହାୟତାରେ ରତିକାଙ୍କ ଘରେ ଚଢଉ କରିଥିଲେ। ଏହି ଶିଶୁ କନ୍ୟାଟି ବେଆଇନ୍ ଭାବେ ରଖିଥିବା ଜଣାପଡିବା ପରେ ତାକୁ ଉଦ୍ଧାର କରି ଶିଶୁ ସୁରକ୍ଷା ସଂସ୍ଥାକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଶ୍ରୀ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ଶିଶୁ କନ୍ୟାଟି ସମ୍ପୃକ୍ତ ଦମ୍ପତିଙ୍କର ବୋଲି କୌଣସି କାଗଜପତ୍ର ଦେଖାଇ ପାରିଲେନି। ତେବେ ଉକ୍ତ ଶିଶୁ କନ୍ୟାଟି ତାଙ୍କର କୌଣସି ସମ୍ପର୍କୀୟର ବୋଲି ତଦନ୍ତ ସମୟରେ ସୂଚନା ଦେଇଛନ୍ତି। କିନ୍ତୁ ଆଇନଗତ ଦୃଷ୍ଟିରୁ ଉକ୍ତ ଶିଶୁ କନ୍ୟାଟିକୁ ଆମେ ଶିଶୁ ସୁରକ୍ଷା ସଂସ୍ଥାକୁ ନେଉଛୁ। ଯଦି ସଠିକ୍ କାଗଜପତ୍ର ପେଶ କଲେ ତେବେ ଆମେ ବିଚାରକରି ଯାହା ସିଦ୍ଧାନ୍ତରେ ପହଞ୍ଚିବୁ। ଉକ୍ତ ଶିଶୁକନ୍ୟାଟି କେଉଁ ମେଡିକାଲରୁ ଆସିଲା ସେ ସମ୍ପର୍କରେ ଆମେ ଜାଣିନାହୁଁ। ଏହି ଅଭିଯୋଗଟି ସିଡବ୍ଲୁସିକୁ ଯାଇଥିଲା। କିନ୍ତୁ କିଏ, ଅଭିଯୋଗ କରିଥିଲେ ସେ ସମ୍ପର୍କରେ କହିପାରିବୁ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ଏହି ଶିଶୁ କନ୍ୟାକୁ ଆଣିଥିବା ସମ୍ପୃକ୍ତ ଦମ୍ପତିଙ୍କର ଜଣେ ସମ୍ପର୍କୀୟ ଏକ ସରକାରୀ ମେଡିକାଲରେ କାର୍ଯ୍ୟରତ ଅଟନ୍ତି। ଏହି ଶିଶୁକନ୍ୟାଟି ତାଙ୍କ ସହାୟତାରେ ଆସିଥିବା ସନ୍ଦେହ ପ୍ରକାଶ ପାଇଛି।



## ରେଳଷ୍ଟେସନ୍‌ରୁ ୨ ଉଦ୍ଧାର

**କଟକ,୨୦।୧(ସମିସ):** କଟକ ରେଳ ଷ୍ଟେସନରୁ ଜଣେ ନାବାଳିକା ଓ ଜଣେ ନାବାଳକକୁ ଆରପିଏଫ୍ ଉଦ୍ଧାର କରିଛି। ଉଭୟଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି। ସୂଚନା ଅନୁସାରେ, ଶୁକ୍ରବାର ରାତିରେ ଆରପିଏଫ୍ ଏସଆଇ ରୋଜି ମାହାନ୍ଦା ସଦଳବଳେ ଷ୍ଟେସନ ପରିସରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୩ନଂ ପ୍ଲାଟଫର୍ମର ଏକ ବେଞ୍ଚରେ ଜଣେ ନାବାଳିକା ଓ ଜଣେ ନାବାଳକ ବସିଥିବା ନଜରକୁ ଆସିଥିଲା। କିଛି ସମୟ ପରେ ଦୁହିଁଙ୍କ ଗତିବିଧି ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏହାପରେ ଆରପିଏଫ ଟିମ ତାଙ୍କ ପାଖକୁ ଯାଇ ପଚାରିବାରୁ ସେମାନେ କୌଣସି ସଠିକ ଉତ୍ତର ଦେଇ ନ ଥିଲେ। ପରେ ଉଭୟଙ୍କୁ ଆଣି ଆରପିଏଫ ପୋଷ୍ଟର ମହିଳା ଓ ଶିଶୁ ସହାୟତା କେନ୍ଦ୍ର ଜିମା ଦିଆଯାଇଥିଲା। ପଚରାଉଚରା ପରେ ୧୫ ବର୍ଷୀୟ ଝିଅ ଓ ୧୭ ବର୍ଷୀୟ ପୁଅ ସେମାନଙ୍କ ଘର ଜଗତସିଂହପୁର ଅଞ୍ଚଳରେ ବୋଲି କହିଥିଲେ। କିନ୍ତୁ ଘରର ଠିକଣା ଦେଇ ନ ପାରିବାରୁ ଆରିପଏଫ ୨ ଜଣଙ୍କୁ ଚାଇଲ୍ଡଲାଇନ ଜିମା ଦେଇଛି।

# ଟିଗିରିଆରେ ଭତ୍ତା ଓ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ

### ଆମ ଓଡ଼ିଶା ନବୀନ ଓଡିଶା ପକ୍ଷରୁ ୭ କୋଟିର କାର୍ଯ୍ୟାଦେଶ ବଣ୍ଟନ



**ଟିଗିରିଆ,୨୦।୧(ସମିସ**

ଶନିବାର ଅପରାହ୍ନରେ ଟିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲକ୍‌ର ସମୁଦାୟ ୧୪ ପଞ୍ଚାୟତରୁ ମଧୁବାବୁ ପେନ୍‌ସନ ଯୋଜନାରେ ନୂତନ କରି ଅନ୍ତର୍ଭୁକ୍ତ ହୋଇଥିବା ବୟସ୍କ ବ୍ୟକ୍ତିମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ, ବ୍ୟାଙ୍କ ମିତ୍ରମାନଙ୍କୁ ଲାପ୍‌ଟପ କ୍ରୟ ପାଇଁ ଅନୁଦାନ ରାଶି ପ୍ରଦାନ ସହିତ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୭ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପଶୁ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ତଥା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବ୍ଲକର ୧୪ ପଞ୍ଚାୟତରୁ ମନୋନୀତ ହୋଇଥିବା ୩୫୩ ଜଣ ବୃଦ୍ଧବୃଦ୍ଧାଙ୍କୁ ନୂତନ ଭତ୍ତା ବଣ୍ଟନ କରିବା ସହ ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ସ୍ୱତନ୍ତ୍ର ଅନୁମୋଦିତ ୧୯୩ଟି ପ୍ରକଳ୍ପ ନିର୍ମାଣ ପାଇଁ ୭ କୋଟି ଟଙ୍କାର କାର୍ଯ୍ୟାଦେଶ, ବିଧାୟକଙ୍କ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ଗୋଟିଏ ପ୍ରକଳ୍ପ ପାଇଁ ୧.୫୦ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ସହିତ ୬ ଜଣ ବ୍ୟାଙ୍କ ମିତ୍ରଙ୍କୁ ଲ୍ୟାପଟପ କ୍ରୟ କରିବା ପାଇଁ ଜଣ ପିଛା ୫୦ ହଜାର ଟଙ୍କା ଲେଖାଁଏ ମୋଟ ୩ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ସେରିଫେଡର ଅଧ୍ୟକ୍ଷ ଭାଗିରଥି ନନ୍ଦ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତ, ବ୍ଲକ କନିଷ୍ଠ ଯନ୍ତ୍ରୀ ଅଶୋକ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସରକାରୀ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଙ୍ଗୀ ସାଲେପୁର ବିକାଶ ମଞ୍ଚର ଦାବିପତ୍ର ପ୍ରଦାନ



**ସାଲେପୁର,୨୦।୧(ସମିସ):** ଆଜି ଟାଙ୍ଗୀ-ସାଲେପୁର ବିକାଶମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ସାଲେପୁର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ-ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ, ନିଜ ସମର୍ଥକମାନଙ୍କ ସହ ଆଜି ଅପରାହ୍ଣରେ ସାଲେପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଶିବ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଦାବି ମୁତାବକ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ୯-ଏ କୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ କରିବା। ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ପିଲାମାନେ ବେସରକାରୀ ସ୍କୁଲରେ ପାଠ ନ ପଢ଼ି ସରକାରୀ ସ୍କୁଲରେ ପାଠ ପଢ଼ିବା, ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସମସ୍ତ କାର୍ଯ୍ୟ ସଂପାଦନ କରାଯିବା, ସାଲେପୁର ଅଞ୍ଚଳର ପ୍ରବେଶ ପଥ ତଥା ମୁଖଶାଳା ଜଗତପୁରଠାରେ ମଧୁବାବୁଙ୍କ ସ୍ମୃତିତୋରଣ ନିର୍ମାଣ କରିବା ଆଦି ଦାବି ନେଇ ଏକ ଦାବିପତ୍ର ସାଲେପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ମଲ୍ଲିକ, ବିଜୟ ବାରିକ, ଗୋବିନ୍ଦ ରାଉତ, ସଚ୍ଚିଦାନନ୍ଦ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ଅଭୟ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ତ୍ରୈଲୋକ୍ୟ ପଣ୍ଡା, ସେକ୍ ହାସିମ୍, ସେକ୍ ଜାହାଙ୍ଗିର, ପ୍ରଭାକର ନାୟକଙ୍କ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ।

# ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ

**ଚୌଦ୍ୱାର,୨୦।୧(ସମିସ)**



ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ମହାନ୍ ସେବକ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୧ତମ ଶ୍ରାଦ୍ଧୋତ୍ସବ ତଥା ଶିଶୁ ସଦନର ୫୦ତମ ପ୍ରତିଷ୍ଠା ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ଡ.ଗିରିଜା ଶଙ୍କର ଆଚାର୍ଯ୍ୟ, କବି ତଥା ଗାଳ୍ପିକ ବ୍ରଜ କିଶୋର ନାୟକ, ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, କଟକ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣଙ୍କ ଜୀବନୀ ଆଲୋଚନା କରିଥିଲେ। ଏହି ଅବସରରେ ଆନ୍ତଃବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧ ସଂଗୀତ, ହସ୍ତକଳା ଆଦି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିବା ସହିତ ମନୋଜା, ଶିଳାଦେବୀ, ଭ୍ରମରବର ସାହୁ, ପଣ୍ଡିତ କୃପାସିନ୍ଧୁ କର, ଶକ୍ତିଦେବୀ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରିଥିଲେ। ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ କରିଥିଲେ ଏବଂ ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ଣରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଅତିଥି ଭାବେ ଯୋଗଦେଇ ଶିଶୁ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମଧ୍ୟାହ୍ନରେ କେନ୍ଦ୍ରର ମୁଖ୍ୟ ଦାମୋଦର ସାହୁ ଶତାଧିକ ଦୂରାରୋଗୀ ଓ ନିସହାୟଙ୍କୁ ପୂଜାର୍ଚ୍ଚନା ସହିତ ଅନ୍ନ ଓ ବସ୍ତ୍ର ବଣ୍ଟନ କରିଥିଲେ। ପରିଚାଳକ ସୀମାନ୍ତ ନାୟକଙ୍କ ତତ୍ତ୍ୱବଧାନରେ ଚୌଦ୍ୱାର କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

## ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ, ୨୦।୧(ସମିସ):** ଆଜି ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଏକ ଆନ୍ତଃ ମହାବିଦ୍ୟାଳୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଉପଖଣ୍ଡର ସମସ୍ତ +୨ ଏବଂ +୩ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ବି.ଚକ ଭାବେ ବରିଷ୍ଠ ସାମ୍ବାଦିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ବରିଷ୍ଠ ସାହିତ୍ୟିକ କୌଶିକ ନାୟକ, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତାରେ କଳାପଥର ଧଳାପଥର ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ସାହୁ ପ୍ରଥମ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରୋଜାଲିନ୍ କର ଏବଂ ସ୍ନେହାଙ୍ଗିନୀ ସ୍ୱାଇଁ ଯୁଗ୍ମ ଦ୍ୱିତୀୟ, ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟର ଆଦିତ୍ୟ ପଣ୍ଡା ତୃତୀୟ ଏବଂ ବୈଦ୍ୟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ସ୍ୱତନ୍ତ୍ର ଭାବେ ସାନ୍ତ୍ୱନାମୂଳକ ପୁରସ୍କାର ପାଇବା ପାଇଁ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସଂପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ ପରିଚାଳନା କରିଥିଲେ। ଏହି ପ୍ରତିଯୋଗୀମାନଙ୍କୁ ଚଳିତ ମାସ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।

# ରାଜ୍ୟସ୍ତରୀୟ ମରିଚିଆ ଫୁଟ୍‌ବଲ କପ୍; ସେମିରେ ବଉଳକୁଦ

**ବାରଙ୍ଗ,୨୦।୧(ସମିସ):** ବାରଙ୍ଗ ମରିଚିଆ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ମରିଚିଆ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଣ୍ଣଦେବୀ କ୍ଲବ, ବଉଳକୁଦ ସେମିଫାଇନାଲରେ ପ୍ରବେଶ କରିଛି। ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ୨୮ତମ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନରେ ୪ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ ବରାହୀପୁର ଉଷୁମା କ୍ଲବ ସହିତ ମୁଣ୍ଡମୁହାଣ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡମୁହାଣ କ୍ଲବ ୧-୦ ଉଷୁମାକୁ ହରାଇ କ୍ୱାଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିବାବେଳେ ଦ୍ୱିତୀୟ ପ୍ରିକ୍ୱାଟର ମ୍ୟାଚଟି ବଉଳକୁଦ କ୍ଲବ, ସହିତ କୃଷକବନ୍ଧୁ କ୍ଲବ ତଣ୍ଡିକଣା ମଧ୍ୟରେ ହୋଇଥିଲା। ଏଥିରେ ବଉଳକୁଦ ୧-୦ଗୋଲରେ ଗୋଲରେ ବିଜୟ ହାସଲ କରି କ୍ୱାଟର ଫାଇନାଲ ପ୍ରବେଶ କରିଥିଲା। ପରେ ପରେ ବଉଳକୁଦ ସହିତ ମୁଣ୍ଡମୁହାଣ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ବଉଳକୁଦ ଦଳ ୨-୦ ଗୋଲରେ ମୁଣ୍ଡମୁହାଣକୁ ହରାଇ ଚତୁର୍ଥ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ ରାଉତରାୟ ଯୋଗଦେଇଥିବାବେଳେ ଭୁବନେଶ୍ୱର ଆଥଲେଟିକ ଜେନରାଲ ସେକ୍ରେଟାରୀ ସୌର୍ଯ୍ୟ ପରିଜା, ଇଂଜେଣା ସରପଞ୍ଚ ହେମନ୍ତ ପରିଡା, ସମାଜସେବୀ ସୁବ୍ରତ ଦାସ, ଭୁବେନ୍ଦୁ ମିଶ୍ର, ସୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୟୁଥ ସ୍ପୋର୍ଟସ କ୍ଲବ ମରିଚିଆର ସଭାପତି ତପନ କୁମାର ଚକ୍ରବର୍ତ୍ତୀ ଓ କ୍ଲବର ସମସ୍ତ ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ସାଲେପୁର,୨୦।୧(ସମିସ)**

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ଗତକାଲି ବିଳମ୍ବିତ ରାତ୍ରିରେ ଜଣେ ଟ୍ରକ୍ ଚାଳକଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିବାବେଳେ ଟ୍ରକ୍ ଚାଳକଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତ୍ରିରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ହରିଚନ୍ଦନପୁର ବ୍ୟାରେଜ୍ ପୋଲ ଉପରେ ନିଜେ ଚଳାଉଥିବା ଟ୍ରକ୍‌ର ବାମପାର୍ଶ୍ୱର ପଛ ଚକ ତଳେ ଚାପି ହୋଇ ଟ୍ରକ୍ ଚାଳକ ଟିଗିରିଆ ଅଞ୍ଚଳର ସୁଧିର ପରିଡ଼ା ମୃତ୍ୟୁବରଣ କରିଥିଲେ। ସୁଧିରଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ସୁଧିର ନିଜେ ଗାଡ଼ି ଚଳାଉଥିବାବେଳେ କେଉଁ ପରିସ୍ଥିତିରେ ଟ୍ରକ୍‌ର ବାମ ପାଶ୍ୱର୍ ପଛଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଲା, ତା'ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ସୁଧିରକୁ କେହି ହତ୍ୟାକରି ତାଙ୍କ ଉପରେ ଟ୍ରକ୍ ମଡାଇ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। କିଶୋରନଗର ଓ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଟ୍ରକ୍‌ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ବାଙ୍କୀ କଲେଜରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବାଙ୍କୀ,୨୦।୧(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଚଳିତ ବର୍ଷ ୫ଜଣ ଛାତ୍ରୀ ୟୁଜିସି ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଚଳିତ ବର୍ଷ ୫ଜଣ ଛାତ୍ରଛାତ୍ରୀ ଯଥା ରଶ୍ମିତା ରାଉତ, ପୁଷ୍ପରାଜ ରାଉତ, ସୁନୀତା ମହାପାତ୍ର, ବିଳାସିନୀ ସାହୁ ଓ ହରିପ୍ରିୟା ମହାପାତ୍ର ସଫଳତା ଅର୍ଜନ କରିଥିବାରୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧନା ଜଣାଇଥିଲେ। ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ବିଭାଗର ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ଅଧ୍ୟାପକ ସୁକାନ୍ତ ମହାପାତ୍ର, ଅଧ୍ୟାପିକା ଏଲିଜା ମହାପାତ୍ର, ଅଧ୍ୟାପିକା ଶିବାନୀ ଦେବଦର୍ଶିନୀ ପ୍ରଧାନ ଓ ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢୀ ଯୋଗଦାନ କରି ସଫଳ ଛାତ୍ରଛାତ୍ରୀମାନଙ୍କୁ ବଧେଇ ଜଣେଇଥିଲେ। ଅଧ୍ୟାପିକା ଦୁର୍ଗେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।








# ଭାରତରେ ସର୍ବାଧିକ ଟ୍ରେଣ୍ଡିଂ ମିମ୍ସ

ଆଜିକାଲି ଯୁବପୀଢ଼ି ସୋସିଆଲ ମିଡିଆରେ ମିମ୍ସ ଦେଖିବା କିମ୍ବା ସେଗୁଡିକୁ ନିଜ ବନ୍ଧୁମାନଙ୍କ ଚାଲିଚଳଣୀ ସହ ମେଳ ଖାଇବା ଭଳି ସମସ୍ତଙ୍କୁ ସେୟାର କରିବାରେ ବ୍ୟସ୍ତ ରହୁଛନ୍ତି। ତେବେ କିଛି ମିମ୍ସ ରହିଛି ଯାହାକୁ ଦେଖିବା ପରେ ସେହି ସମୟରେ ମୁଡ୍ ଯେତେ ଖରାପ ଥାଉ ନା କାହିଁକି, ଏସବୁ ଦେଖିବା ପରେ ମୁହଁରେ ହସ ଆସିଯାଇଯାଏ। ତେବେ ୨୦୨୩ରେ ସର୍ବାଧିକ ଟ୍ରେଣ୍ଡିଂ କରିଥିବା ବା ଭାଇରାଲ୍ ହୋଇଥିବା ମିମ୍ସ, ଯାହାକୁ ଇଣ୍ଟରନେଟରେ ଜନସାଧାରଣ ସର୍ବାଧିକ ଥର ସର୍ଚ୍ଚ କରିଥିବା ଜଣାଯାଇଛି।



### ■ ଜଷ୍ଟ ଲୁକିଂ ଲାଇକ୍ ଏ ୱୋ

ଏହି ମିମ୍ସ ସେତେବେଳେ ଭାଇରାଲ୍ ହେଲା ଯେତେବେଳେ ଜସ୍ମିନ୍ କୌର ନାମକ ଜଣେ ମହିଳା ତାଙ୍କ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ସେ ଲୋକମାନଙ୍କୁ ଏକ ସୁଟ୍ ବିକ୍ରି କରିବାକୁ ସୂଚନା ଦେଉଛନ୍ତି। ସେଥିରେ ସେ ବାରମ୍ବାର 'ଜଷ୍ଟ ଲୁକିଂ ଲାଇକ୍ ଏ ୱୋ' ଶବ୍ଦକୁ ବାରମ୍ବାର କହୁଛନ୍ତି। ଜସ୍ମିନ୍‌ଙ୍କର ଏହି ଶୈଳୀ ଲୋକଙ୍କ ହୃଦୟକୁ ଏତେ ସ୍ପର୍ଶ କଲା ଯେ ସାଧାରଣ ଲୋକଙ୍କ ସହ ବଲିଉଡ ଇଣ୍ଡଷ୍ଟ୍ରି ମଧ୍ୟ ତାଙ୍କ ଭିଡିଓ କପି କରିଥିଲା।

### ■ ଭୁପେନ୍ଦ୍ର ଯୋଗୀ

ଭୁପେନ୍ଦ୍ର ଯୋଗୀ ପ୍ରଥମ ଥର ପାଇଁ ଚର୍ଚ୍ଚାକୁ ଆସିଥିଲେ ଯେତେବେଳେ ମଧ୍ୟପ୍ରଦେଶରେ ନିର୍ବାଚନ ସମୟରେ ଜଣେ ସାମ୍ବାଦିକ ତାଙ୍କୁ ଏକ ପ୍ରଶ୍ନ ପଚାରିଥିଲେ ଯେ ମଧ୍ୟପ୍ରଦେଶର ରାସ୍ତା ଆମେରିକାର ରାସ୍ତା ଅପେକ୍ଷା ଭଲ କି? ଏହାର ଜବାବରେ ଯୋଗୀ କହିଥିଲେ ଯେ ଆମେରିକା ଅପେକ୍ଷା ମଧ୍ୟପ୍ରଦେଶର ଭଲ ରାସ୍ତା ଭଲ। ଏହା ପରେ ସାମ୍ବାଦିକ ତାଙ୍କୁ ପଚାରିଥାଲେ ଯେ ସେ ଆମେରିକା ଯାଇଛନ୍ତି କି ? ଭୁପେନ୍ଦ୍ର ଉତ୍ତର ଦିଅନ୍ତି - ହଁ, ମୁଁ ଅନେକ ସ୍ଥାନକୁ ଯାଇଥିଲି। ଏହାପରେ ସାମ୍ବାଦିକ ତାଙ୍କୁ ଆମେରିକାରେ ପରିଦର୍ଶନ କରିବାକୁ ଯାଇଥିବା ସ୍ଥାନଗୁଡିକର ନାମ ପଚାରିଥିଲେ। ଏହାର ଉତ୍ତରରେ ବ୍ୟକ୍ତି ଜଣକ ତାଙ୍କ ନାମ ଜଣାଇ କୁହନ୍ତି 'ଭୁପେନ୍ଦ୍ର ଯୋଗୀ'। ଏହାପରେ ଭିଡିଓର ଏହି କ୍ଲିପ୍ ମିମ୍ସ ଭାବରେ ବଶେ ଭାଇରାଲ୍ ହୋଇଥିଲା।

### ■ ମୋଏ-ମୋଏ

ମୋଏ-ମୋଏ ସୋସିଆଲ ମିଡିଆରେ ଏତେ ଭାଇରାଲ ହୋଇଥିଲା ଯେ ଏହାକୁ ଗାଇଥିବା ବ୍ୟକ୍ତି ମଧ୍ୟ କଳ୍ପନା କରିପାରି ନ ଥିଲେ। ମୋଏ-ମୋଏ ହେଉଛି ସର୍ବିଆର ଏକ ସଂଗୀତ, ଯାହାକୁ ସର୍ବିଆ ଗାୟିକା ତେୟା ଦୋରା ଗାଇଛନ୍ତି। ଏହି ଗୀତର ଇନଷ୍ଟାଗ୍ରାମ ରିଲ୍ସ ଭାରତରେ ଭାଇରାଲ ହୋଇଥିଲା। ସମସ୍ତେ ଏହି ଗୀତକୁ ନିଜ ଭିଡିଓର ପୃଷ୍ଠଭୂମିରେ ରଖୁଛନ୍ତି। ମୂଳ ଗୀତରେ ମୋଏ-ମୋଏ ସ୍ଥାନରେ ମୋଜେ-ମୋର୍ ଲେଖାଯାଇଛି ଯାହାର ଅର୍ଥ ହେଉଛି 'ମୋର ଦୁଃସ୍ୱପ୍ନ'।

### ■ ଆଯେଁ

ବିହାରର ଷଷ୍ଠ ଶ୍ରେଣୀର ଛାତ୍ର ଆଦିତ୍ୟ କୁମାରଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ଜଣେ ସାମ୍ବାଦିକ ପିଲାଙ୍କୁ ତାଙ୍କର ପ୍ରିୟ ବିଷୟ ବିଷୟରେ ପଚାରିଥିଲେ। ଏହାର ଜବାବରେ ପିଲାଟି କହିଥିଲା 'ଆଯେଁ' ଏବଂ ପ୍ରିୟ ବିଷୟ ବାଇଗଣ ବୋଲି କହିଥିଲା। ଏହି ମିମ୍ସ ସୋସିଆଲ ମିଡିଆରେ ଲୋକଙ୍କୁ ବହୁତ ହସାଇଥିଲା।

### ■ ଔକାତ୍ ଦିଖାଦି

ଏହି ମିମ୍ସ ଏତେ ଭାଇରାଲ୍ ହୋଇଥିଲା ଯେ ସମସ୍ତେ ଏହାକୁ ନିଜ ରିଲ୍‌ସରେ ଯୋଡିଛନ୍ତି। ଯଦି କିଛି ଘଟେ ଆଉ ଯାହା ଲୋକଙ୍କ ଆଶାଠାରୁ ଭିନ୍ନ ସେମାନେ ଏହି ଲାଇନ୍ ସହ ସହିତ ନିଜର ମତ ପ୍ରକାଶ କରିଥାନ୍ତି। ଏହି ମିମ୍ସ ସୋସିଆଲ୍ ମିଡିଆରେ ବେଶ୍ ଲୋକପ୍ରିୟ ହୋଇଛି।

## କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ ଶୋ' ୨୦୨୪

# ପବନରେ ଚାର୍ଜହେବ ମୋବାଇଲ୍

ଆମେରିକାରେ ଅନୁଷ୍ଠିତ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ସିଇଏସ୍ -୨୦୨୪ରେ ବିଶ୍ୱର ବିଭିନ୍ନ ସ୍ଥାନରୁ କମ୍ପାନୀଗୁଡିକ ସେମାନଙ୍କର ନୂତନ ଟେକ୍ନୋଲୋଜି ଉପସ୍ଥାପନ କରିଛନ୍ତି। ଏହି ଅନୁକ୍ରମରେ ସ୍ମାର୍ଟଫୋନ କମ୍ପାନୀ ଇନଫିନିକ୍ସ ସିଇଏସ୍ -୨୦୨୪ରେ ଏକ ନୂତନ ଟେକ୍ନୋଲୋଜି ଆଣିଛି, ଯାହାର ନାମ ଏୟାର ଚାର୍ଜ ଟେକ୍ନୋଲୋଜି। ଏହି ଟେକ୍ନୋଲୋଜିରେ ଫୋନ୍ ପବନରେ ଚାର୍ଜ ହେବ। ଏୟାର ଚାର୍ଜ ଟେକ୍ନୋଲୋଜି ମଲ୍ଟି-କଏନ୍ ଚୁମ୍ବକୀୟ ରିଜୋନାନ୍ସ ଏବଂ କମ୍ପାନୀର ଆଲଗୋରିଦମ ଉପରେ ନିର୍ଭର କରେ, ଯାହା ୨୦ ସେଣ୍ଟିମିଟର ଏବଂ ୬୦ ଡିଗ୍ରୀ ଆଙ୍ଗେଲ୍




ପର୍ଯ୍ୟନ୍ତ ୱାୟାରଲେସ୍ ଚାର୍ଜିଂ ଅନୁମତି ଦେଇଥାଏ। ଏୟାର ଚାର୍ଜ ଟେକ୍ନୋଲୋଜିରେ ପ୍ରୋଟେକ୍ଟିଭ ସର୍କିଟ ସାମିଲ ଅଛି ଏବଂ ୬.୭୮ ମଗୋହର୍ଜରୁ କମ୍ ଫ୍ରିକ୍ୱେନ୍ସି ବ୍ୟବହାର କରେ। ଇନଫିନିକ୍ସର ଏହି ଏୟାରଚାର୍ଜ ଟେକ୍ନୋଲୋଜିର ସାହାଯ୍ୟରେ ୟୁଜର୍ସମାନେ ଖେଳ ସିଜିନ୍‌ରେ କିମ୍ବା ଭିଡିଓ ଦେଖିବା ସମୟରେ ସହଜରେ ନିଜ ଫୋନ୍ ଚାର୍ଜ କରିପାରିବେ।

ସେମାନଙ୍କୁ ଚାର୍ଜ କରିବା ପାଇଁ ଚାର୍ଜିଂ ୱେରର କୌଣସି ଆବଶ୍ୟକତା ପଡ଼ିବନାହିଁ। ଏହି ଟେକ୍ନୋଲୋଜି ମଲ୍ଟି କଏଲ୍ ମ୍ୟାଗ୍ନେଟିକ୍ ରିଜୋନାନ୍ସ ବୈଶିଷ୍ଟ୍ୟ ସାହାଯ୍ୟରେ ୨୦ ସେମି ଦୂରରେ ଥିବା ଫୋନ୍‌କୁ ଚାର୍ଜ କରିବ। ସ୍ମାର୍ଟଫୋନ କମ୍ପାନୀ ଇନଫିନିକ୍ସ ଆଉ ଏକ ନୂତନ ଇ-କଲର ଶିଫ୍ଟ ଟେକ୍ନୋଲୋଜି ଆଣିଛି। ଇନଫିନିକ୍ସର ଏହି ଇ-କଲର ଶିଫ୍ଟ ଟେକ୍ନୋଲୋଜି ହେତୁ ସ୍ମାର୍ଟଫୋନ୍‌ର ପଛ ଭାଗରେ ରଙ୍ଗ ବଦଳିବାରେ ଲାଗେ। କମ୍ପାନୀ ଦାବି କରିଛି ଯେ, ଏହି ପ୍ରକ୍ରିୟାରେ ଫୋନ୍‌ର ବ୍ୟାଟେରୀ ଆଦୌ ଖର୍ଚ୍ଚ ହୁଏ ନାହିଁ। ଇନଫିନିକ୍ସ ଏହି ନୂତନ ଫିଚରକୁ ବିକଶିତ କରିଛି, ଯାହା ଦ୍ୱରା ୟୁଜର୍ସମାନେ ନିଜ ଇଚ୍ଛାନୁସାରେ ସ୍ମାର୍ଟଫୋନ୍‌ର ପଛକୁ କଷ୍ଟମାଇଜ କରିପାରିବେ। ଏହି ଟେକ୍ନୋଲୋଜି ସାହାଯ୍ୟରେ ୟୁଜର୍ସମାନେ ନିଜ ଫୋନ୍ ପଛ ପାର୍ଶ୍ୱରେ ସମୟ, ମୁଡ୍ ଏବଂ ଅନ୍ୟାନ୍ୟ ଫିଚରଗୁଡିକୁ ମ୍ୟାଟ୍ରିକ୍ସ ଆରେଞ୍ଜମେଣ୍ଟରେ ପ୍ରଦର୍ଶିତ କରିପାରିବେ।

କମ୍ପାନୀ ଦାବି କରିଛି ଯେ ଏହି ଫିଚର ସାହାଯ୍ୟରେ ୟୁଜର୍ସ ବ୍ୟାଟେରୀ ବ୍ୟବହାର ନ କରି ନିଜ ଫୋନର ପଛ ପ୍ୟାନେଲକୁ କଷ୍ଟମାଇଜ କରିପାରିବେ।

## ଡାଇରେକ୍ଟ ଟୁ ମୋବାଇଲ୍ ବ୍ରଡ୍‌କାଷ୍ଟିଂ ଖୁବ୍‌ଶୀଘ୍ର

# ବିନା ସିମ୍‌କାର୍ଡ, ଇଣ୍ଟର୍‌ନେଟ୍‌ରେ ଭିଡିଓ ଷ୍ଟ୍ରିମିଂ

ସତ ହେବ ଡାଇରେକ୍ଟ ଟୁ ମୋବାଇଲ୍ ବ୍ରଡ୍‌କାଷ୍ଟିଂ ସ୍ୱପ୍ନ। ଭବିଷ୍ୟତରେ ଲୋକେ ବିନା ସିମ୍ କାର୍ଡ ଓ ଇଣ୍ଟର୍‌ନେଟ୍‌ରେ ମୋବାଇଲ୍‌ରେ ଭିଡିଓ ଷ୍ଟ୍ରିମ୍ କରିବାରେ ସକ୍ଷମ ହେବେ। ଏ ନେଇ କେନ୍ଦ୍ର ସୂଚନା ପ୍ରସାରଣ ପକ୍ଷରୁ ସୂଚନା ଦିଆଯାଇଛି।

୫ଜି ବ୍ରଡକାଷ୍ଟ ସମ୍ମିଟ୍‌କୁ ସମ୍ବୋଧିତ କରି କେନ୍ଦ୍ର ସୂଚନା ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ର କହିଛନ୍ତି ଯେ ଖୁବ୍‌ଶୀଘ୍ର ଘରୋଇ ଟେକ୍ନୋଲୋଜି ଡାଇରେକ୍ଟ ଟୁ ମୋବାଇଲ୍(ଡିଟୁଏମ୍)ର ପରୀକ୍ଷା ୧୯ଟି ସହରରେ କରାଯିବ। ନୂଆ ଟେକ୍ନୋଲୋଜି ପାଇଁ ୪୭୦-୫୮୨ମେଗାହର୍ଜ୍ଜ ସ୍ପେକଟ୍ରମ୍ ସଂରକ୍ଷଣ କରିବାକୁ ହେବ। ଭିଡିଓ ଟ୍ରାଫିକ୍‌ର ୨୫-୫୦ ପ୍ରତିଶତ ଡି୨ଏମ୍‌ରେ ସିଫ୍ଟ ହୋଇଯିବ। ଫଳରେ ୫ଜି ନେଟ୍‌ୱାର୍କ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ଦୂର ହେବ। ଫଳରେ



ଦେଶର ଦ୍ରୁତ ଡିଜିଟାଲ୍ ବିକାଶ ହେବା ସହ ସାମଗ୍ରୀ ବିତରଣ ଗଣତାନ୍ତ୍ରିକ ହେବ। ତେବେ ଏହି ଟେକ୍ନୋଲୋଜିର ପୂର୍ବରୁ ପରୀକ୍ଷା ସରିଛି। ପ୍ରଥମେ ବେଙ୍ଗାଲୁରୁ, କର୍ତ୍ତବ୍ୟପଥ ଓ ନୋଏଡ଼ାରେ ଏହାର ପରୀକ୍ଷଣ କରାଯାଇଛି। ଡି୨ଏମ୍ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ଏହି ଟେକ୍ନୋଲୋଜି ଦେଶରେ ୮-୯ କୋଟି ଟିଭି ପାଖରେ ପହଞ୍ଚିବ। ଦେଶରେ ୨୮୦ ଘର ମଧ୍ୟରୁ ୧୯୦ ନିୟୁତ ଲୋକଙ୍କ ଘରେ ଟିଭି ରହିଛି। ଦେଶରେ ୮୦ କୋଟି ସ୍ମାର୍ଟଫୋନ୍ ରହିଥିବାବେଳେ ୬୯ ପ୍ରତିଶତ କଣ୍ଟେଣ୍ଟ ଭିଡିଓ ଫାର୍ମାଟ୍‌ରେ ଦର୍ଶକଙ୍କ ପାଖକୁ ପହଞ୍ଚୁଛି।

## ୧୨ ବର୍ଷ ମଧ୍ୟରେ

# ପ୍ରଥମ ଥର ପାଇଁ ସାମସଙ୍ଗକୁ ପଛରେ ପକାଇଲା ଆପଲ

ଦୀର୍ଘ ୧୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସାମସଙ୍ଗକୁ ପଛରେ ପକାଇ ସ୍ମାର୍ଟଫୋନ୍ ଦୁନିଆରେ ଏକ ନମ୍ବର ସ୍ଥାନ ହାସଲ କରିଛି ଆପଲ୍। କରୋନା ମହାମାରୀ ପରଠାରୁ ସ୍ମାର୍ଟଫୋନ୍ ବଜାରରେ ମାନ୍ଦାବସ୍ଥା ଦେଖାଦେଇଥିଲା। ଇଣ୍ଟରନ୍ୟାସନାଲ ଡାଟା କର୍ପୋରେସନ (ଆଇଡିସି)ର ତଥ୍ୟ ଅନୁଯାୟୀ, ଗତବର୍ଷ ପଠାଯାଇଥିବା ଫୋନ୍‌ର ଏକ ପଞ୍ଚମାଂଶ ଭାଗ ଆପଲ୍ ଆଇଫୋନ୍‌ର ଥିଲା। ସାମସଙ୍ଗର ବଜାର ଅଂଶ ୧୯.୪% ରହିଥିବାବେଳେ ସାଓମି ତୃତୀୟ ସ୍ଥାନରେ ରହିଥିବାବେଳେ ଓପୋ ଚତୁର୍ଥ ସ୍ଥାନରେ ରହିଛି` ସେହିପରି ଆଇଡିସି ରିପୋର୍ଟ ଅନୁଯାୟୀ, ଗତବର୍ଷ ପ୍ରାୟ ୧୨୦ ନିୟୁତ ସ୍ମାର୍ଟଫୋନ୍ ବିକ୍ରି ହୋଇଥିଲା, ଯାହା କି ପୂର୍ବବର୍ଷ ତୁଳନାରେ ୩ ପ୍ରତିଶତ କମ୍। ଗତ ଏକ ଦଶନ୍ଧି ମଧ୍ୟରେ ସ୍ମାର୍ଟଫୋନ୍ ବିକ୍ରିର ଏହା ସର୍ବନିମ୍ନ ସଂଖ୍ୟା।



## ଇଭି କ୍ରେତାଙ୍କ ଚିନ୍ତା ଦୂର ହେଲା

# ଆସିଲା ସଲିଡ୍-ଷ୍ଟେଟ୍ ବ୍ୟାଟେରୀ

**୧୦ ମିନିଟ୍‌ରେ ଫୁଲ୍ ଚାର୍ଜ**

ଇଲେକ୍ଟ୍ରିକ ଯାନ (ଇଭି) କ୍ରେତାମାନଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଏହାର ଚାର୍ଜିଂ। ଇଲେକ୍ଟ୍ରିକ ଯାନରେ ହେଭି ଡ୍ୟୁଟି ଲିଥିୟମ ବ୍ୟାଟେରୀ ସଂସ୍ଥାପନ କରାଯାଇଛି। ଏହି ବ୍ୟାଟେରିକୁ ଚାର୍ଜ କରିବା ପାଇଁ ବହୁତ ସମୟ ଲାଗିଥାଏ। ବହୁ ଇଲେକ୍ଟ୍ରିକ ଯାନ ନିର୍ମାଣକାରୀ କମ୍ପାନଗୁଡିକ ଟୁ-ହ୍ୱିଲର୍ସ ପାଇଁ ବ୍ୟାଟେରି ସ୍ୱାପିଂର ବିକଳ୍ପ ଦେଉଛନ୍ତି। ହେଲେ କାରର ବ୍ୟାଟେରିକୁ ସ୍ୱାପ୍ କରିବା ଅସମ୍ଭବ। ହାଭାର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଇଲେକ୍ଟ୍ରିକ ଯାନର କ୍ରେତାମାନଙ୍କ ପାଇଁ ଏହି ଟେନସନ୍ ଦୂର କରିଛନ୍ତି। ଗବେଷକମାନେ ଏପରି ସଲିଡ୍- ଷ୍ଟେଟ ବ୍ୟାଟେରି ତିଆରି କରିଛନ୍ତି, ଯେଉଁଥିରେ ୧୦ ମିନିଟ୍‌ରେ ଫୁଲ ଚାର୍ଜ କରାଯାଇପାରିବ। ହାଭାର୍ଡ ବିଶ୍ୱବିଦ୍ୟାଳୟ ଗବେଷକଙ୍କ କହିବା ଅନୁଯାୟୀ, ସଲିଡ୍-ଷ୍ଟେଟ୍ ଟେକ୍ନୋଲୋଜି ଉପରେ ପର୍ଯ୍ୟବେଶିତ ଏହି ବ୍ୟାଟେରି ନେଚୁରାଲ ମ୍ୟାଟେରିଆଲରେ ତିଆରି ହୋଇଛି। ଏହାକୁ ଏପରିଭାବେ ବିକଶିତ କରାଯାଇଛି ଯେ, ଏହାକୁ ମାତ୍ର ୧୦ ମିନିଟ୍‌ରେ ଫୁଲ ଚାର୍ଜ କରାଯାଇପାରୁଛି। ଏହି ଲିଥିୟମ ମେଟାଲ ସଲିଡ୍-ଷ୍ଟେଟ୍ ବ୍ୟାଟେରୀକୁ ହାଭାର୍ଡ ବିଶ୍ୱବିଦ୍ୟାଳୟର ଜନ ଏ.ପ୍ଲାସନ ସ୍କୁଲ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଆପ୍ଲାଏଡ ସାଇନ୍ସ ରିସର୍ଚ୍ଚ ବିକଶିତ କରିଛି। ଏହି ପ୍ରକଳ୍ପ ସହ ଜଡିତ ଆସୋସିଏଟ ପ୍ରଫେସର ଜିନ୍ ଲିଙ୍କ କହିବା ଅନୁଯାୟୀ, ଏଥିରେ ୬,୦୦୦ ଗୁଣା ଅଧିକ ଚାର୍ଜିଂ ସାଇକେଲ ମିଳୁଛି, ଯାହା ଅନ୍ୟ କୌଣସି ପାଉଚ୍ ବ୍ୟାଟେରୀ ସେଲ୍‌ଠାରୁ ବହୁ ଅଧିକ। ଗବେଷକଙ୍କ କହିବାନୁଯାୟୀ, ଲିଥିୟମ୍ ମେଟାଲ ଆନୋଏଡ୍‌ରେ ନିର୍ମିତ ବ୍ୟାଟେରୀ ଇଭିର ମାଇଲେଜ୍‌ବଢାଇଥାଏ।




ଏହାଫଳରେ ଖୁବଶୀଘ୍ର ଇଲେକ୍ଟ୍ରିକ ଯାନକୁ ମଧ୍ୟ ଫାଷ୍ଟ ଚାର୍ଜିଂ ବ୍ୟାଟେରି ମିଳିଯିବ। ଏହି ସଲିଡ୍- ଷ୍ଟେଟ ବ୍ୟାଟେରିର ଆଉ କିଛି ବର୍ଷରେ ବାଣିଜ୍ୟିକ ଭାବେ ଉତ୍ପାଦନ କରାଯିବ। ଏହି ଫ୍ୟୁଚିରିଷ୍ଟିକ ବ୍ୟାଟେରି ୬,୦୦୦ ସାଇକେଲ ପରେ ମଧ୍ୟ ୮୦ ପ୍ରତିଶତ କ୍ଷମତା ରହିବ। ତେବେ ହାଇୱେ ପାର୍ଶ୍ୱରେ ଲାଗିଥିବା ଚାର୍ଜିଂ ପଏଣ୍ଟରେ ୧୦ ମିନିଟ ଚାର୍ଜ କରିବା ପରେ ଆପଣ ପୁଣି ଯାତ୍ରା କରିପାରିବେ।

## କାର୍ ରିଭ୍ୟୁ

# ଏମଜି ଏଷ୍ଟର ୨୦୨୪

## ୯,୯୮,୦୦୦ ଟଙ୍କାରୁ ଆରମ୍ଭ

୧୦୦ ବର୍ଷ ପୁରୁଣା ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ମୋରିସ୍ ଗ୍ୟାରେଜ୍‌ସ (ଏମଜି) ଏହାର ଶ୍ରେଣୀରେ ଦେଶର ସବୁଠୁ ଉନ୍ନତ ଏସୟୁଭି ଏମ୍‌ଜି ଏଷ୍ଟର ୨୦୨୪ ବଜାରକୁ ଛାଡିଛି। ଅତିରିକ୍ତ ସୁରକ୍ଷା ଏବଂ ସୁବିଧା ପାଇଁ ନୂଆ ଏଷ୍ଟର ୨୦୨୪ରେ ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟ ରହିଛି। ଯେପରିକି ଆଗ ଧାଡ଼ିରେ ଭେଣ୍ଟିଲେଟେଡ୍ ସିଟ୍, ଓ୍ୱାୟାରଲେସ୍ ଚାର୍ଜର, ଓ୍ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେ ଏବଂ ଅତିରିକ୍ତ ନିରାପତା ପାଇଁ ଅଟୋ-ଡିମିଂ ଆଇଆରଭିଏମ୍ ଏବଂ ସାମଗ୍ରିକ ଡ୍ରାଇଭିଂ ଅଭିଜ୍ଞତା ପାଇଁ ଉନ୍ନତ ଉପଭୋକ୍ତା ଇଣ୍ଟରଫେସ୍ ସହିତ ଏକ ଅପଡେଟ୍ ଆଇ-ସ୍ମାର୍ଟ ୨.୦। ଏଆଇ ସୁବିଧା ଥିବାଭାରତର ପ୍ରଥମ ଏସୟୁଭି ନୂଆ ଭାରିଆଣ୍ଟ ସ୍ପ୍ରିଣ୍ଟ, ସାଇନ୍, ସିଲେକ୍ଟ, ସାର୍ପ ପ୍ରୋ ଏବଂ ସାଭି ପ୍ରୋ ଭାରିଆଣ୍ଟରେ ଉପଲବ୍ଧ, ଯାହା ୯,୯୮,୦୦୦ ଟଙ୍କାର ଆକର୍ଷଣୀୟ ମୂଲ୍ୟରୁ ଆରମ୍ଭ। ଏମ୍‌ଜି ଏଷ୍ଟର ୨୦୨୪ରେ ଏବେ ଆଇ-ସ୍ମାର୍ଟ ୨.୦ ସହିତ ୮୦ରୁ ଅଧିକ ସଂଯୋଜିତ ବୈଶିଷ୍ଟ୍ୟ ରହିଛି। ଜିଓ ଭଏସ୍ ରିକଗ୍ନିସନ୍ ବ୍ୟବସ୍ଥାଭିତ୍ତିକ ପାଣିପାଗ, କ୍ରିକେଟ୍ ଅପଡେଟ୍, କାଲକୁଲେଟର, ଘଣ୍ଟା, ତାରିଖ/ଦିନ ସୂଚନା, ରାଶିଫଳ, ଅଭିଧାନ, ଖବର ଏବଂ ଜ୍ଞାନ ପାଇଁ ଉନ୍ନତ ଭଏସ୍ କମାଣ୍ଡକୁ ସକ୍ଷମ କରିଛି। ଡିଜିଟାଲ କି କାର୍ଯ୍ୟକାରିତା ସହିତ ଆଣ୍ଟି-ଥେଫ୍ଟ ସୁବିଧା, ନେଟୱର୍କ ସଂଯୋଗ ବିନା ମଧ୍ୟ ସୁରକ୍ଷା ସୁନିଶ୍ଚିତ କରୁଛି। ଏମ୍‌ଜି ଏଷ୍ଟରରେ ୪୯ଟି ଶ୍ରେଷ୍ଠମାନର ସୁରକ୍ଷାସୁବିଧା ରହିଛି ଏବଂ ପ୍ରିମିୟମ ଇଣ୍ଟେରିୟର ଏବଂ ପାନୋରାମିକସନ ରୁଫ୍ ଡ୍ରାଇଭିଂ ଅନୁଭୂତିକୁ ଏକ ନୂତନ ସ୍ତରରେ ପହଞ୍ଚାଇଛି। ନୂଆ ଏମଜି ଏଷ୍ଟର ୨୦୨୪ ଯଥାକ୍ରମେ ୧.୫ ଲକ୍ଷ ଏମଟି ଏବଂ ସିଭିଟି ଏବଂ ୧.୩ ଟର୍ବୋଏଙ୍କି ପାୱାରଟ୍ରେନ ଉପଲବ୍ଧ ହେବ।



# ଧୂର୍ତ୍ତକ



ରବି ପଣ୍ଡା



ଏକ ସାମାନ୍ୟ ଘଟଣାଟି ତାକୁ ନେଇ ଏମିତି ସ୍ଥାନରେ ଥୋଇଦେବ, ଏକଥା କଳ୍ପନା କରି ପାରୁ ନଥିଲା ଅକ୍ରୂର।

ତା'ର ଦୁଃସ୍ଥିତିକୁ ସାମାନ୍ୟ ପରିବର୍ତ୍ତନ କରି ପାରୁ ନଥିବା ରାଜନୈତିକ ବ୍ୟବସ୍ଥା ପ୍ରତି ସେ ସର୍ବଦା ଥିଲା ବୀତସ୍ପୃହ ଓ ଉଦାସୀନ। ସେଦିନ ମାଷ୍ଟର କ୍ୟାଣ୍ଟିନ ଛକ ଦେଇ ଯାଉଯାଉ ଦେଖିଲା ଚାଲିଛି ଗୋଟେ ବିରାଟ ଶୋଭାଯାତ୍ରା। ଶୋଭାଯାତ୍ରାକାରୀମାନେ ବେଶ୍ ଉଗ୍ର ଓ ଉଦ୍‌ଭ୍ରାନ୍ତ। ଦାବି ହାସଲ ପାଇଁ ଯେ- କୌଣସି କାଣ୍ଡ ଘଟାଇ ଦେବାକୁ ସେମାନେ ଯେମିତି ପ୍ରସ୍ତୁତ। ସ୍ଲୋଗାନ ବି ଦିଆଯାଉଛି ଖୁବ୍ ଉତ୍ତପ୍ତ ଓ ଉତ୍ତେଜିତ।

ଅକ୍ରୂରକୁ ମଜା ଲାଗୁଥିଲା ଓ ସେମାନଙ୍କୁ ଲକ୍ଷ୍ୟକରି ସମତାଳରେ ଚାଲୁଥିଲା। ପି.ଏମ୍.ଜି. ଛକ ପାଖାପାଖି ପହଞ୍ଚିବା ବେଳକୁ ଦେଖିଲା ସୁଦୃଢ଼ ବ୍ୟାରିକେଡ୍ ଓ ଯେକୌଣସି ଉଗ୍ରତାକୁ ଦମନ କରିଦେବାର ମାନସିକତାରେ ତୟାର ପୋଲିସ।

ଏ ଦୃଶ୍ୟ ଅକ୍ରୂରକୁ ଆହୁରି ଉଲ୍ଲସିତ କରୁଥିଲା। ତା'ର ଅବଚେତନ ମନ ଯେମିତି ଖୁବ୍ ଡିଆଁଡେଇଁ କରୁଥିଲା ଭିତରେ। କ'ଣ ଘଟୁଛି ଘଟଣା, ଜାଣିବା ଉଦ୍‌ଗ୍ରୀବତାରେ ସେ ଆଉ ଟିକେ ପାଖେଇ ଆସିଲା ଶୋଭାଯାତ୍ରାର।

ତାକୁ ଅଜବ ଲାଗୁଥିଲା ଏଇଥିପାଇଁ ଯେ, ସେ ଜାଣେ ଶୋଭାଯାତ୍ରା, ଅନଶନ, ହରତାଳ- ଏଗୁଡା ଗୋଟାଏ ଗୋଟାଏ ପ୍ରହସନ। ଯାହା କେବେ ବି ଭାଙ୍ଗି ପାରେନା ପ୍ରଶାସନର ନିଦ। ଏମାନେ ହୋ ହୋ ହୋଇ ଯିବେ, ସରକାର କିଛି ଫାଙ୍କା ପ୍ରତିଶ୍ରୁତି ଦେବେ, ଦିନେ ଦୁଇ ଦିନ ତୁମ୍ବିତୋଫାନ ହେବ, ତାପରେ ସବୁ ହଜିଯିବ ଅଦିନିଆ ଘୂର୍ଣ୍ଣିଟିଏ ପରି।

କିନ୍ତୁ ଏବେ ସେ ଘଟଣା କ'ଣ ଦେଖୁଚି ସେ !

ପୋଲିସ ସହ ଶୋଭାଯାତ୍ରାକାରୀମାନଙ୍କର ଆରମ୍ଭ ହୋଇ ଗଲାଣି ପ୍ରବଳ ଧସ୍ତାଧସ୍ତି। ବ୍ୟାରିକେଡ୍‌କୁ ଠେଲାପେଲା। କେତେ ଜଣ ତା' ଉପରେ ଚଢ଼ିଯାଇ ପୋଲିସ ଉପରକୁ ଝାମ୍ପ ଦେବାକୁ ପ୍ରସ୍ତୁତ। ଶୁଭୁଛି ହୋ ହୋ, ଘୋ ଘୋ।

ହଠାତ୍ ଆରମ୍ଭ ହୋଇଗଲା ଲାଠି ମାଡ଼ ପୋଲିସ ତରଫରୁ। ଛତ୍ରଭଙ୍ଗ ଦେଉଛି ଶୋଭାଯାତ୍ରା। ଅକ୍ରୂର ଧାଇଁ ପଳେଇବାକୁ ଯାଉଥିଲା ତ, ତା' ମୁଣ୍ଡରେ ବାଜିଲା ଗୋଟେ ପ୍ରଚଣ୍ଡ ପ୍ରହାର। ତାକୁ ସବୁ ଅନ୍ଧାର ଦେଖାଗଲା। ସେ ମୁଣ୍ଡଟାକୁ ଚାପିଧରି ଗଡ଼ି ପଡ଼ିଲା ବେଳକୁ ପୁଣି ବାଜିଲା ଦି' ଚାରି କୀଳା ତା' ପିଚାରେ। ତା' ଚେତା ବୁଡିଗଲା।

ଏହା ଭିତରେ କେତେ ସମୟ ଯାଇଛି, ତାକୁ ଜଣା ନାହିଁ।

ଆଖି ଖୋଲିଲା ବେଳକୁ ଦେଖିଲା, ସେ ମେଡିକାଲରେ। ହାତରେ ମୁଣ୍ଡରେ ପଟି। ତାକୁ ଘେରିଛନ୍ତି ଶହଶହ ଲୋକ। ତା'ପାଇଁ ବାହାରେ ଚାଲିଛି ସ୍ଲୋଗାନ, ସରକାରର ନିନ୍ଦାଗାନ, କ୍ଷତିପୂରଣ ଦାବି ଇତ୍ୟାଦି।

ତା'ର ଚେତା ଫେରିବା ଖବର ପାଇ ପୋଲିସ ଆସିଲା ଷ୍ଟେଟ୍‌ମେଣ୍ଟ ନେବା ପାଇଁ। ତାକୁ ଘେରି ରହିଥିଲେ ସେହି ବିଦ୍ରୋହୀ ଶୋଭାଯାତ୍ରାର ନେତୃମଣ୍ଡଳୀ। ସେମାନେ ଜାଣିବାକୁ ବ୍ୟଗ୍ର ଥିଲେ, ସେ କିଏ ଓ କ'ଣ ତା'ର ପରିଚୟ।

ଅକ୍ରୂରଠାରୁ ବାୟୋଡାଟା ନେଲା ପରେ ପୋଲିସ ଆଶ୍ଚର୍ଯ୍ୟ ହୋଇ ପଚାରିଲା ଆପଣ ତ ସେ ଏରିଆ ଲୋକ ନୁହଁନ୍ତି, ସେ ସଂଗଠନ ସହ ଆପଣଙ୍କ ଆଦୌ ସଂପୃକ୍ତି ନାହିଁ, ତେବେ ସେ ଶୋଭାଯାତ୍ରାରେ ଆପଣ ଯାଉଥିଲେ କାହିଁକି!!

ଅକ୍ରୂର ମୁଣ୍ଡକୁ ବୁଦ୍ଧିଟିଏ ଜୁଟିଗଲା ଅକସ୍ମାତ। ସେ ଦମ୍ଭିଲା ସ୍ୱରରେ କହିଲା, ଏରିଆମାନେ? ଆପଣ କ'ଣ କହିବାକୁ ଚାହୁଁଛନ୍ତି? ସେମାନଙ୍କ ଦାବି ତ ସାର୍ବଜନୀନ। ଦାବି ହକ୍ ଓ ଯଥାର୍ଥ ବୋଲି ଜାଣିଲି ଓ ସେମାନଙ୍କୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଗଲି। ଏଠାରେ ଆଞ୍ଚଳିକତା ଆଦି ସଂକୀର୍ଣ୍ଣତାର ପ୍ରଶ୍ନ ଉଠୁଛି କୋଉଁଠି! ଯେଉଁଠି ହେଲେ ତ ମଣିଷ ପାଇଁ ସଂଗ୍ରାମ ହେଉଚି... ତା'ର ବଞ୍ଚିବାର ଦାବି ନେଇ ସଂଗ୍ରାମ...।

ଅକ୍ରୂରର ଏ ଉଦାର ଉତ୍ତର ପୋଲିସକୁ ଚୁପ୍ କରି ଦେଲା ସିନା ଶୋଭାଯାତ୍ରାକାରୀଙ୍କୁ ଆହୁରି ଉଚ୍ଛନ୍ନ କରିଦେଲା। ସେମାନେ ତା'ର ଜୟ ଜୟକାର ଆରମ୍ଭ କରିଦେଲେ। ଖବରକାଗଜ, ଟିଭି ଆଦିର ସାମ୍ବାଦିକମାନଙ୍କ ଭିଡ଼ ବଢ଼ିଗଲା ତା' ଚତୁଃପାର୍ଶ୍ୱରେ। ତା'ର ଇଣ୍ଟରଭ୍ୟୁ ଛପାଗଲା କ୍ୟାପସନ୍‌ରେ। କିଛି କିଛି ସମ୍ବାଦପତ୍ରର ସଂପାଦକୀୟ ଲେଖାଗଲା ତା' ଉପରେ। ଟିଭିର ବିଭିନ୍ନ ଚ୍ୟାନେଲରେ ଟେଲିକାଷ୍ଟ ହେଲା ତା'ର ସମସ୍ତ ବୃତ୍ତାନ୍ତ। ତା'ଉପରେ ବର୍ବର ଅମାନୁଷିକ ଆକ୍ରମଣ ପାଇଁ ସରକାର ବିରୋଧରେ ରାଜ୍ୟର ସମସ୍ତ ଦଳ, ଶ୍ରମିକ କର୍ମଚାରୀ ସଂଗଠନ ନିନ୍ଦା ପ୍ରସ୍ତାବ ଆଗତ କଲେ। କେତେକ ରାଜନୈତିକ ସଂଗଠନ ତାଙ୍କର ମାନବିକ ମୂଲ୍ୟବୋଧ ରକ୍ଷାର ଅପାର ଅବଦାନ ପାଇଁ ତାଙ୍କୁ ପରବର୍ତ୍ତୀ ନିର୍ବାଚନର ପ୍ରାର୍ଥୀ ଘୋଷଣାର ପ୍ରସ୍ତାବ ମଧ୍ୟ ଦେଇଦେଲେ।

ରାତାରାତି ଅକ୍ରୂର ବିଖ୍ୟାତ ନେତା ହୋଇଗଲା ଓ ଭାବୁଥିଲା ଟିକିଏ ବୁଦ୍ଧି ଖଟେଇଲେ ମଣିଷ କୋଉଠି ନ ପହଞ୍ଚିପାରେ ସତରେ !! ■

ମୋ: ୯୪୩୭୨୭୫୮୦୮

## ଏ ସପ୍ତାହର କବିତା

### ବେପାର



ଅଜୟ ପ୍ରଧାନ

କେଫେ କଫି ଡେ'ରେ ବସିଚି ଅନେଇ
ଫେସବୁକ୍ ଫ୍ରେଣ୍ଡ ବଡେଇଚି ନୂଆ ଥାକ
ବରାଦ କରିବାକୁ ପଡ଼ିବ କଫି ଦି'କପ୍
( ବେଶୀ ନୁହଁ, କପ୍' କୁ ଦୁଇଶ' !)
ମସଲା ବନ୍ ଗୋଟାଏ
କ୍ରାଉନ୍ ତା'ର ହିଲ୍ ମୋର-
କଥାବାର୍ତ୍ତା ପରେ ଆଉ କ'ଣ
ନୂଆନୂଆ ଦିନ ତ ଗେଲବସରର
କହିହବନି କୂଳରୁ ଯାଇ ନଛୁଇଁବ ମୁହାଣ !

କୁତୁକୁତୁ ଲାଗୁଚି ତ-
ବାଳରେ ବଜେଇଚି ଗାର୍ନର୍
ଗାଲରେ ଚଲେଇଚି ଠିକେଠିକେ ଟ୍ରିମର୍
ଧତରାମତରା ନୁହଁ ଡେନିମ୍ ଜିନ୍‌ସ ଉପରେ
ହାଫ୍ ସାର୍ଟ ଖଣ୍ଡେ
ଯେମିତି ଲାଗିବ ମୋର ବୟସ ତିରିଶ୍ ବତିଶ୍ ଭିତରେ,
ତା' ବୟସ କେଜାଣି କେତେ !

ମୁଁ ଟିପ ଖସେଇବାରେ ବ୍ୟସ୍ତ ମୋବାଇଲ୍ ସ୍କ୍ରିନ୍
କିଛିନାଇଁ ମେସେଜ୍
ନାଇଁ ମିସ୍ କଲ୍ !
ପ୍ରଥମରୁ ହିନ୍ଦୀ ସିନେମାର ହିରୋଇନ୍ ଫଟୋ
ଲକ୍‌ଡ ଥିଲା ତା' ପ୍ରୋଫାଇଲ୍ ଯଦିଓ।
ଚାଲିଥିଲା ଗଡ଼ିଗଡ଼ି ଗମାତ
ମୋ କାନକୁ ଶୁଭୁଥିଲା ତା' ହସ ଇମୋଜି ଓଠରୁ,
ଚାଟିଂରେ ସେ ବିଲ୍‌କୁଲ୍ ଓସ୍ତାଦ୍ !

କୁଆଡ଼େ ଗଲାସେ ଡାକି ଏ ଭିଡ଼ଜାଗାକୁ !
ମୁଁ ହରଡ଼ଘଣାରେ,
ନ ଆସିଲେ ହଜାରେ କଫି ଓ ବନ୍ ଯିବ ବେକାରରେ
ସେ ଆସିଲେ ଆଉ ଯିବ ଦି'ଚାରିହଜାର ଟଙ୍କା ମଲ୍‌ରେ,
ଭାବୁଭାବୁ
ଡବଲ୍ ଅର୍ଡର୍ ସରିଯାଏ ସେ ନଥିବା ଭିତରେ !

ଗାର୍ଲଫ୍ରେଣ୍ଡ ମନ କ'ଣ ବୁଝେ ପର୍ସ ଖାଲି ନକଲେ ? ■

ଦଇତାପଡ଼ା ସାହି, ପୁରୀ
ମୋ: ୭୯୭୮୮୫୮୦୯୧

### ମୋହନ ଦାସ



ଅମରେନ୍ଦ୍ର ମାଧବ ଦାଶ

ତୁମ ସରଳତାକୁ
ସହଜେ ଗ୍ରହଣ କରିପାରୁନା ଆମେ
ତୁମ ସତ୍ୟକୁ ବି ସ୍ୱୀକାର କରିବାକୁ
ସାହସ କୁଳାଏନା ଅନେକ ସମୟ ଆମର...

କେଉଁ ଧାତୁରେ ଗଢ଼ା କେଜାଣି
ଯେଉଁ ମାଟିରେ କଦାପି ଦେଇ ହୁଏନି ପାଦ
ଅସମ୍ଭବ ଅସମ୍ଭବ ଲାଗେ ସବୁ କିଛି
ପ୍ରୟାସ ନିରର୍ଥକ ବୋଲି ପ୍ରତ୍ୟୟ ହୁଏ
ତମେ ବେଶ୍ ଆରାମରେ
ସେଇ ରାସ୍ତାରେ ବାଟ ଚାଲ ବେଶ୍ ଦୂରଯାଏଁ...

ଅନେକ ଅସନ୍ତୋଷ, ଅନେକ ବିଦ୍ରୋହ
ଅନେକ ତିକ୍ତତା, ଅନେକ ଷଡ଼ଯନ୍ତ୍ର ପରେ ବି
କେମିତି ରୁହ ତମେ ଅବିଚଳିତ, ସ୍ଥିରଚିତ୍ତ?
ମଗ୍ନମାଟିର ମଣିଷ ପରି କେଜାଣି ?
ବୁଝିବା ଶକ୍ତି ବାହାରେ ରହିଯାଅ ସଦାକାଳ ତୁମେ,
ଆମେ ଥ' ହେଇ ସେମିତି ଦେଖୁଥାଉ ଯାହା...

ମାଟି ସହ ଆମେ ମାଟି ହେଲା ବେଳେ
ତୁମେ ବାଣ୍ଟି ଚାଲିଥାଅ
ବିଶ୍ୱ ଭ୍ରାତୃତ୍ୱ, ମଣିଷପଣିଆର ବାର୍ତ୍ତା
କହି ଚାଲିଥାଅ ନିରୁତା ଜୀବନର
ସୂକ୍ଷ୍ମାତିସୂକ୍ଷ୍ମ ଗୂଢ଼ ରହସ୍ୟ
ପଢ଼ାଇ ଚାଲିଥାଅ ସତ୍ୟ,
ଅହିଂସାର ସେ ଅବୁଝା ପାଠ
ଯାହା ଆମ ମଗଜର ଉର୍ଦ୍ଧ୍ୱରେ
ରହିଥାଏ ସେସବୁ...

ଆଉ ଯେତେ ଯେତେ କବଳିତ କରିଚାଲିଥାଏ
ମିଛ, ମାୟାର କୁଟିଳତା
ତୁମେ ସେତିକି ସେତିକି
ପରିଚ୍ଛନ୍ନ ହେଇ ଆସୁଥାଅ ସଦାକାଳ
ସକାଳର ଉଦିତ ସୂର୍ଯ୍ୟପରି
ଅନ୍ଧାରର ଗହଳି ଭିତରେ ସ୍ପଷ୍ଟ ଦିଶ
ପଲକରେ ଉଦ୍ଭାସିତ ହୋଇଉଠେ
ତୁମ ପାକୁଆ ପାଟି ଓ ହସ ହସ ମୁହଁ
ନିଚ୍ଛକ ମାନବତା ଆଉ ସତ୍ୟର ପ୍ରତୀକ ହେଇ
ଆମ ସାମ୍ନାରେ ଠିଆ ହୁଅ... ■

ମୋ: ୯୪୩୭୩୫୯୯୪୫

# ଭକ୍ତକବି ମଧୁସୂଦନ ରାଓ



ଡକ୍ଟର ଉଦ୍ଧବ ଚରଣ ନାୟକ

ଓଡ଼ିଶାର ଘରେ ଘରେ ଦୁଇଟି ପୁସ୍ତକ ଖୁବ୍ ଲୋକପ୍ରିୟ । ଗୋଟିଏ ହେଲା ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ', ଅନ୍ୟଟି ହେଲା ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ'। କଟକ ମହାନଗରୀ ମଧ୍ୟଭାଗରେ ଅବସ୍ଥିତ 'ଉତ୍କଳ ସାହିତ୍ୟ ସମାଜ' ଓ ଭିକ୍ଟୋରିଆ ହାଇସ୍କୁଲ ବା 'ଭକ୍ତମଧୁ ବିଦ୍ୟାପୀଠ' ଦୁଇଟି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ମଧୁସୂଦନ ରାଓ ଏକାଧାରାରେ ଥିଲେ ଜଣେ ଶିକ୍ଷାବିତ୍, ଆଦର୍ଶ ଶିକ୍ଷକ,କବି,ପଣ୍ଡିତ,ବାଗ୍ମୀ, ସାହିତ୍ୟିକ, ସୁସଂଗଠକ ଓ ସମାଜ ସଂସ୍କାରକ ।

ଓଡ଼ିଆ ପାଠ୍ୟ ପୁସ୍ତକ ରଚନା କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ । 'ଶିଶୁବୋଧ', 'ବିଜ୍ଞାନପାଠ', 'ଅଙ୍କ ପୁସ୍ତକ', 'ସାହିତ୍ୟ ମଞ୍ଜରୀ', 'ସାହିତ୍ୟ କୁସୁମ' ଓ 'ସାହିତ୍ୟ ତରଙ୍ଗ' ଆଦି ରଚନା କରି ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ପୂରଣ କରିଥିଲେ। ଏହା ବ୍ୟତୀତ 'ସୁଖବୋଧ ଅଭିଧାନ' ନାମରେ ଏକ ଓଡ଼ିଆ ଅଭିଧାନ ପ୍ରଣୟନ କରିବା ସହ 'ବସନ୍ତ ଗାଥା', 'ଉତ୍କଳ ଗାଥା', 'ଛାନ୍ଦମାଳା', 'କୁସୁମାଞ୍ଜଳି', 'କବିତାବଳୀ' ଓ 'ପ୍ରବନ୍ଧମାଳା' ଆଦି କବିତା ଓ ପ୍ରବନ୍ଧ ପୁସ୍ତକ ରଚନା କରିବା ସହ ଶହ ଶହ ଭଜନ ଜଣାଣ ରଚନା କରି ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଯାଇଛନ୍ତି । ତାଙ୍କର ରଚିତ -

ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

ଏହି ଫକ୍ତିଟି ଓଡ଼ିଆ ପ୍ରାଣରେ ନବଉନ୍ମାଦନା ସୃଷ୍ଟି କରେ । ଜୀବନ ସମ୍ପର୍କରେ ତାଙ୍କର ମର୍ମସ୍ପର୍ଶୀ କବିତାଟି ହେଲା :-

"ରେ ଆତ୍ମନ ! ନିଦ୍ରା ପରିହରି
ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ
ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ।"

ମଧୁସୂଦନଙ୍କ ସ୍ୱରଚିତ ପାଠ୍ୟ ପୁସ୍ତକ 'ବାଳବୋଧ' (ପ୍ରଥମ ଓ ଦ୍ୱିତୀୟ ମାନ) ରେ ପିଲାଙ୍କ ପାଇଁ କାହିଁକି, ସମସ୍ତଙ୍କ ପାଇଁ, କେତେକ ଉପଦେଶ ବାଣୀ ଲେଖି ଯାଇଛନ୍ତି –

ପିତାମାତା ପରି ଆଉ କେ ଅଛି ସଂସାରେ,
ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ॥

x x x

ପାଳିବ ଆନନ୍ଦେ ସଦା ଗୁରୁଜନ କଥା,
କଦାପି କାହାର ମନେ ଦେବ ନାହିଁ ବ୍ୟଥା ॥ (କୁଟୁମ୍ବ)

ପୁଣି ସେ ଲେଖି ଯାଇଛନ୍ତି –

ସକଳ ଜୀବେ ଦୟାବହି । ପବିତ୍ର କର ଏହି ମହୀ,
ପ୍ରଭୁ ସବୁରି ପିତାମାତା । ସର୍ବ ପ୍ରାଣୀର ପ୍ରାଣଦାତା ॥
ତେଜିଣ ହିଂସା ଅହଂକାର । ଅହିଂସାଧନ କର ସାର ॥ (ଦୟା)

ଜରା ଆକ୍ରମଣ ସମ୍ପର୍କରେ ସେ କହିଯାଇଛନ୍ତି-

ଜରା ଆକ୍ରମଣେ, ତେବେ ହେବକି ନିରାଶ ?
ଢାଳିବ କି ଆର୍ତ୍ତନାଦ ବିଷାଦର ଶ୍ୱାସ ?
ନିରାଶର କଥା ଛି ଛି କହିବ କେମନ୍ତେ
ଅନ୍ତରରେ ଅନୁଭବି ଅନନ୍ତ ବିଶ୍ୱାସ ॥ (ବସନ୍ତ ଗାଥା)

ଭାରତର ପ୍ରାଚୀନ ଗାଥାକୁ ସେ ମନେପକାଇ ଗାଇଛନ୍ତି-

ଅନ୍ୟାୟ ଅତ୍ୟାଚାରରେ ଚିର ଜର୍ଜରିତ,
ସର୍ବଦା ଜଡ଼ିତ କୁସଂସ୍କାର ଅନ୍ଧକାରେ
ଥିଲା ଏ ଭାରତ ଭୂମି ଯୁଗାନ୍ତ ପୀଡ଼ିତ।
ଯେବେ ଶାକ୍ୟ ସିଂହ ବୁଦ୍ଧ ବିଖ୍ୟାତ ସଂସାରେ
ଭୂଭାର ଗ୍ରହଣ ଅର୍ଥେ ତେଜି ରାଜଭୋଗ
ତପସ୍ୟା ସାଗରେ ମଜ୍ଜି, ଲଭିଲେ ସେ ଜଳେ
ପ୍ରଚାରିଲେ ନବଦୀକ୍ଷା, ସମାନ ସକଳେ,
ବ୍ୟାପିଲା ବନାଗ୍ନି ପ୍ରାୟେ ମହାଦୀକ୍ଷା ଅବନୀ ମଣ୍ଡଳେ।
(କୁସୁମାଞ୍ଜଳି)

ଏପରି ଅନେକ କବିତା ସେ ରଚନା କରି ଭାରତୀୟ ତଥା ଉତ୍କଳୀୟମାନଙ୍କୁ ଉଦ୍‌ବୋଧନ ଦେଇଯାଇଛନ୍ତି। ଏହି ମହାନ୍ ବ୍ୟକ୍ତି ୧୮୫୩ ମସିହା ଜାନୁଆରୀ ମାସ ୨୯ ତାରିଖ ଶ୍ରୀପଞ୍ଚମୀ ତିଥିରେ ପବିତ୍ର ପୁରୀ ଓ ଶ୍ରୀକ୍ଷେତ୍ର ଧାମରେ ଏକ ମରହଟ୍ଟା କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିଲେ ଭାଗୀରଥି ରାଓ ଓ ଅମ୍ବିକା ଦେବୀଙ୍କ ପୁତ୍ର ଭାବରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୮୦୩ ମସିହାରେ ତତ୍କାଳୀନ ବ୍ରିଟିଶ୍ ସରକାର ମରହଟ୍ଟାମାନଙ୍କୁ ହଟାଇ ଓଡ଼ିଶାର ଶାସନଭାର ଗ୍ରହଣ କରିଥିଲେ। ଫଳରେ ମଧୁସୂଦନଙ୍କ ପରିବାର ସମେତ ଅନେକ ମରହଟ୍ଟା କର୍ମଚାରୀ ଓଡ଼ିଶାର ବିଭିନ୍ନ ସ୍ଥାନରେ ରହିଯାଇ ଓଡ଼ିଆ ହେବା ସଙ୍ଗେ ଓଡ଼ିଆ ଭାଷାକୁ ନିଜର ମାତୃଭାଷା ଭାବରେ ଆଦରି ନେଇ ଯାଇଥିଲେ। ଫଳରେ ତାଙ୍କ ବଂଶଧରମାନେ ପୁରୀଠାରେ ଅବସ୍ଥାନ କରିଥିଲେ। ମଧୁସୂଦନଙ୍କ ବାଲ୍ୟ ଶିକ୍ଷା ପୁରୀଠାରେ ସମାପନ ହେବା ସହ ସେ ପୁରୀ ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନସ (ମ୍ୟାଟ୍ରିକ୍) ପାସ କରି କଟକ ଆସି ଏଫ୍.ଏ ଶ୍ରେଣୀରେ ନାମ ଲେଖାଇ କୃତିତ୍ୱର ସହ ସଫଳତା ହାସଲ କରିଥିଲେ ହେଁ ବି.ଏ. ପଢ଼ିବା ପାଇଁ କଲିକତା ଯିବାକୁ ପଡୁଥିବାରୁ ପିତା ଅନୁମତି ଦେଇ ନଥିଲେ। ପୁରୀ ଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକଭାବରେ ସେ କାର୍ଯ୍ୟକରିବାକୁ ପସନ୍ଦ କରିଥିଲେ। କଟକରେ ଅଧ୍ୟୟନ ସମୟରେ ସେ ବ୍ରାହ୍ମ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ। ଶିକ୍ଷାର ପ୍ରସାର ନିମନ୍ତେ ନିଜକୁ ଉତ୍ସର୍ଗ କରିବାରେ ସେ ଲାଗିଲେ। ସେ କଟକ ଜିଲ୍ଲା ସ୍କୁଲ ସମୂହରୁ ଡେପୁଟି କମିଶନର, କଟକ ତାଲିମ ସ୍କୁଲର ପ୍ରଧାନଶିକ୍ଷକ ଓ ଶେଷରେ ସେ ଇନ୍ସପେକ୍ଟର ଅଫ୍ ସ୍କୁଲ ପଦବିରୁ ଅବସର ଗ୍ରହଣ କରିଥିବାର ଜଣାଯାଏ।

ଶିକ୍ଷା ଓ ଶିକ୍ଷକମାନଙ୍କର ଉନ୍ନତି ବିଧାନ ପାଇଁ ସେ 'ଶିକ୍ଷାବନ୍ଧୁ' ନାମରେ ଏକ ପତ୍ରିକା ଓ ଶିକ୍ଷକମାନଙ୍କ ସହାୟତା ନିମନ୍ତେ 'ଅବିଧାନବନ୍ଧୁ', 'ନିମ୍ନ ଶିକ୍ଷକବନ୍ଧୁ' ଆଦି ରଚନା କରି ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆନୟନ କରିଥିଲେ। କଟକରେ ଥିବା ସମୟରେ ସେ ୧୮୮୧ ମସିହାରେ ଏକ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରି ତାହାକୁ ୧୮୮୯ ମସିହାରେ ହାଇସ୍କୁଲରେ ପରିଣତ କରିବା ପୂର୍ବକ ବିଦ୍ୟାଳୟର ନାମ 'ଭିକ୍ଟୋରିଆ ସ୍କୁଲ' ରଖିଥିଲେ। ତାଙ୍କ ପରଲୋକ ପରେ ଏହି ବିଦ୍ୟାଳୟଟି 'ଭକ୍ତମଧୁ ବିଦ୍ୟାପୀଠ' ଭାବରେ ନାମିତ ହୋଇଛି। ଶିକ୍ଷାକ୍ଷେତ୍ରରେ ତାଙ୍କର ଆଦର୍ଶକୁ ଲକ୍ଷ୍ୟ କରି ତତ୍କାଳୀନ ସରକାର ତାଙ୍କୁ 'ରାୟ ବାହାଦୁର' ପଦବି ପ୍ରଦାନ କରିଥିବାର ଜଣାଯାଏ। ଓଡ଼ିଶାର ପ୍ରାଚୀନ ସାହିତ୍ୟ ଓ ସଂସ୍କୃତି ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ପ୍ରତିଷ୍ଠା କରି ଏହାର ସଭାପତି ଆସନ ଅଳଙ୍କୃତ କରିଥିଲେ। ୧୯୦୩ ମସିହାରେ ଏହା ପ୍ରତିଷ୍ଠା ହୋଇଥିଲା। ଉତ୍କଳ ଜନନୀଙ୍କର ଏହି ବରପୁତ୍ର କଟକଠାରେ ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ନିଜର କୃତି ଓ କୀର୍ତ୍ତି ପାଇଁ ସେ ଚିରଦିନ ଅମର ହୋଇ ରହିବେ। ■

ମୋ: ୯୪୩୮୨୯୯୧୭୪

## ପତ୍ରିକା ପରିଚୟ

### ଶୋଭନା

#### ସଂପାଦକ:ବିଧୁଭୂଷଣ ପଟ୍ଟନାୟକ




ୟୁନିଟ୍ - ୯, ଭୁବନେଶ୍ୱର
ଜାନୁଆରୀ - ୨୦୨୪
ମୂଲ୍ୟ : ୪୦ ଟଙ୍କା

ମହିଳା ପତ୍ରିକାର ନବଦିଗନ୍ତ 'ଶୋଭନା'ର ଜାନୁଆରୀ ସଂଖ୍ୟା ପ୍ରକାଶ ପାଇଛି। ଏହି ସଂଖ୍ୟାରେ 'ଅନନ୍ୟ ପରମ୍ପରା'ରେ ସୁନୀଲ ରଥଙ୍କ 'ଶ୍ରୀଜଗନ୍ନାଥ ସଂସ୍କୃତି: ଅଣଆର୍ଯ୍ୟ ଓ ଆର୍ଯ୍ୟ ସଂସ୍କୃତିର ସମନ୍ୱୟ'ରେ ଧର୍ମ ଓ ସଂସ୍କୃତି ମଧ୍ୟରେ ସଂପର୍କ,ସଂସ୍କୃତିର ସମନ୍ୱୟ , ଆର୍ଯ୍ୟ ଓ ଅଣଆର୍ଯ୍ୟ ସଂସ୍କୃତିର ସମନ୍ୱୟ ସଂପର୍କରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। 'ଗପ ବିଭାଗ'ରେ ଗିରୀଶ ସାହୁଙ୍କ 'ପ', ସଦାନନ୍ଦ ତ୍ରିପାଠୀଙ୍କ 'ଆଗନ୍ତୁକ', ପରେଶ କୁମାର ପଟ୍ଟନାୟକଙ୍କ 'ଏକା', ସୀତେଶ ତ୍ରିପାଠୀଙ୍କ 'ବୁଦ୍ଧୁ', କ୍ଷୀରୋଦ ଦାସଙ୍କ 'ଅବଧାନେ', ରବି ପଣ୍ଡାଙ୍କ 'ପ୍ରତୀକ୍ଷା', ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ 'ପ୍ରିୟ ମୃତ୍ୟୁ', ମୃତ୍ୟୁଞ୍ଜୟ ଷଡ଼ଙ୍ଗୀଙ୍କ 'ଚମତ୍କାରର ଚବିଶ ଘଣ୍ଟା',ନିତ୍ୟାନନ୍ଦ ପଣ୍ଡାଙ୍କ 'କିମ୍ବଦନ୍ତୀର ନାୟକ', ମାୟାଧର ସାହୁଙ୍କ 'ଲଚ୍ଛୁ ସଉରାର ଅନ୍ୱେଷଣ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଅନେକ ଗଳ୍ପରେ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି। କେତେକ ଗଳ୍ପରେ ମାନବୀୟ ଭାବାବେଗ ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି। ସେହିପରି 'ସ୍ୱତନ୍ତ୍ର ପ୍ରସଙ୍ଗ'ରେ ଜାନକୀଶ ବଡ଼ପଣ୍ଡାଙ୍କ 'ରକ୍ତ ଗୋଲାପର ସ୍ତବକ', 'ଲୋକକଥା'ରେ କୃପାସିନ୍ଧୁ ବିଶ୍ୱାଳଙ୍କ 'ତୋତେ ମୁଁ ବୋଲଇ ଫୁଲ କୁଆଁରୀ ଲୋ!', 'ବର୍ଣ୍ଣ ବ୍ୟଞ୍ଜନ'ରେ ଉମାପଦଙ୍କ 'ପାଉଁରୁଟିକୁ ଗୋରାଙ୍କ କବଳରୁ ମୁକୁଳାଇଥିବା ମହିଳା!', 'ସ୍ୱାସ୍ଥ୍ୟ ସନ୍ଦେଶ'ରେ 'ଜୀବନର ପ୍ରଥମ ପ୍ରତିଷେଧକ' ପ୍ରଭୃତି ଲେଖା ଏହି ସଂଖ୍ୟାଟିକୁ ବର୍ଣ୍ଣାଢ଼୍ୟ କରିଛି। 'ଶୋଭନା'ର ଗଳ୍ପ ସ୍ୱତନ୍ତ୍ର ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ। ■

### ରେବତୀ

#### ସଂପାଦିକା: ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ଜାନୁଆରୀ - ୨୦୨୪
ମୂଲ୍ୟ : ୫୦ ଟଙ୍କା

ଆମ ମାଟିର ସ୍ୱର 'ରେବତୀ'ର ଜାନୁଆରୀ ୨୦୨୪ ସଂଖ୍ୟା ଆମର ହସ୍ତଗତ ହୋଇଛି। ଏହି ସଂଖ୍ୟାରେ ଡକ୍ଟର ପ୍ରଫୁଲ୍ଲ କୁମାର ପାଣିଙ୍କ 'ବ୍ୟକ୍ତିତ୍ୱର ବ୍ୟାପ୍ତି', ଡକ୍ଟର ମାନସ ବେହେରାଙ୍କ 'ବିଦ୍ରୋହୀ ବ୍ୟକ୍ତିତ୍ୱ'ରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୀବନ, ସାହିତ୍ୟ ଓ ବ୍ୟକ୍ତିତ୍ୱର ଆଭା ଅତି ଚମତ୍କାର ଭାବେ ପ୍ରତିଫଳିତ ହୋଇଛି। ସେହିପରି ସମ୍ବେଦନା ମିଶ୍ରଙ୍କ 'ମକର ମହକ', ମନୋଜ ମେହେରଙ୍କ 'ବନ୍ଦନୀୟ ବାନ୍ଧଶିଳ୍ପୀ' ଦୁଇଟି ଚମତ୍କାର ଫିଚର ପ୍ରକାଶ ପାଇଛି। ସେପଟେ 'ନୂଆମୁହଁ: ପ୍ରଖର ସୁଅ', 'ତାରୁଣ୍ୟର ତ୍ରିଦେବୀ', 'ମୋ ପସନ୍ଦର ନୂଆମୁହଁ' , 'ମୋର ପ୍ରିୟ ନୂଆମୁହଁ' ଆଦି ଫିଚରରେ କେତେ ଜଣ ନୂଆ ପିଢ଼ିର ଲେଖକଲେଖିକାଙ୍କ ପ୍ରତିଭାର ଆକଳନ କରାଯାଇଛି। ବନଜ ଦେବୀ, ଡକ୍ଟର ଅବନୀ ପ୍ରଧାନ, ପିନାକୀ ମିଶ୍ର,ପ୍ରଶାନ୍ତ ଦାସ, ସୌଭାଗ୍ୟବନ୍ତ ମହାରଣା, ଡକ୍ଟର ଶ୍ରୀହରି ଧଳ ପ୍ରମୁଖଙ୍କ କବିତା ମନଛୁଆଁ ହୋଇପାରିଛି। ସେହିପରି ଶୁଭ୍ରଶ୍ରୀ ଶୁଭସ୍ମିତା ମିଶ୍ର ଓ ଅଜୟ କୁମାର ପଣ୍ଡାଙ୍କ ଦୁଇଟି ଭିନ୍ନ ସ୍ୱାଦର ଗପ ପ୍ରକାଶ ପାଇଛି। ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ 'ଦେବଦୂତ ଦେବରାଜ'ରେ ତାଙ୍କ ବାପାଙ୍କ ସାହିତ୍ୟ ଓ ଜୀବନ ସଂପର୍କରେ ଆଲୋକପାତ କରିଛନ୍ତି। ସେହିପରି 'ଚରିତ ଉପନ୍ୟାସ', 'ଧାରାବାହିକ କାବ୍ୟ', 'ପୁଷ୍ପ ବିତାନ', 'ରୋଷେଇଶାଳ', 'ଶେଷପୃଷ୍ଠା' ଆଦି ନିୟମିତ ବିଭାଗ ମଧ୍ୟ ଆକର୍ଷଣୀୟ ହୋଇଛି। 'ରେବତୀ'ର ଜାନୁଆରୀ ସଂଖ୍ୟା ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### କ୍ରାନ୍ତିଧାରା

#### ସଂପାଦକ: ଏମ୍. ହିମାଂଶୁ ଆଚାରୀ



ଉମରକୋଟ, ନବରଙ୍ଗପୁର
ଜାନୁଆରୀ - ୨୦୨୪
ମୂଲ୍ୟ : ୮୦ ଟଙ୍କା

ଏମ୍. ହିମାଂଶୁ ଆଚାରୀଙ୍କ ସଂପାଦିତ ସମକାଳୀନ ସାହିତ୍ୟର ସ୍ୱର 'ଚନ୍ଦନଧାରା'ର ନବବର୍ଷ ବିଶେଷାଙ୍କ -୨୦୨୪ ପ୍ରକାଶ ପାଇଛି। ବହୁ ପ୍ରବୀଣ, ନବୀନ ଲେଖକଲେଖିକାଙ୍କ କବିତା,ଗପ, ପ୍ରବନ୍ଧ ଓ ଆଲୋଚନାରେ 'ଚନ୍ଦନଧାରା'ର ଏହି ସଂଖ୍ୟାଟି ସମୃଦ୍ଧଶାଳୀ ହୋଇଛି। 'ପ୍ରବନ୍ଧ ଓ ଆଲୋଚନା ବିଭାଗ'ରେ ମାନସ ରଞ୍ଜନ ମହାପାତ୍ରଙ୍କ 'ସମକାଳୀନ ଓଡ଼ିଆ ସାହିତ୍ୟ ଓ କଥାଶିଳ୍ପୀ ମନୋଜ ଦାସ: କିଛି ଅନୁଭବ', ସୌଦାମିନୀ ମିଶ୍ର (ଦାଶ)ଙ୍କ 'ଶ୍ରୀରାମଙ୍କ ଶକ୍ତି ପୂଜା', ବନ୍ଦନା ସାହୁଙ୍କ 'ଚେତନାର ସ୍ୱର', ଡକ୍ଟର ସୁରେନ୍ଦ୍ର ନାଥ ସାହୁଙ୍କ 'ବାଣପୁର ନୀଳାଦ୍ରି ପ୍ରସାଦଗଡ଼ରୁ ମଥୁରା ମାରଦା', ଅଧ୍ୟାପକ ପବିତ୍ର ମୋହନ ବାରିକଙ୍କ 'ଆଶ୍ୱିନ ମାସର ମାହାତ୍ମ୍ୟ' ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ହୋଇଛି। 'କଥା ଓ କାହାଣୀ' ବିଭାଗରେ ଅଜୟ ମହାପାତ୍ରଙ୍କ 'ଓପୋସମ୍', ଡା. ମଞ୍ଜୁବାଳା ପଣ୍ଡାଙ୍କ 'ଈଶ୍ୱରୀ', ରଞ୍ଜିତାରାଣୀ ହୋତାଙ୍କ 'ପ୍ରିୟତମା', ସୁଷମା ପରିଜାଙ୍କ 'ସୂର୍ଯ୍ୟୋଦୟ ଅପେକ୍ଷାରେ ଜୀବନ', ସସ୍ମିତା ମହାନ୍ତିଙ୍କ 'ପ୍ରତିଜ୍ଞା', ଯାଜ୍ଞସେନୀ ହୋତାଙ୍କ 'ନାନୁ ହାର' ଆଦି ଗପ ମର୍ମସ୍ପର୍ଶୀ ହୋଇଛି। ସେହିପରି 'କବିତା ବିଭାଗ'ରେ ଅନ୍ନପୂର୍ଣ୍ଣା ମହାନ୍ତି, ଶୈଳବାଳା ମହାପାତ୍ର, ନିହାର ରଞ୍ଜନ ଦାଶ, ସୁଶାନ୍ତ ନାୟକ, ପ୍ରଦୀପ କୁମାର ପଣ୍ଡା, ରବି ଶତପଥୀ, ମୌସୁମୀ ଦାସ, ସୁଚେତା ନନ୍ଦ, ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ ପ୍ରମୁଖଙ୍କ କବିତାଗୁଡ଼ିକ ମାର୍ମିକ ହୋଇଛି। ଏହା ସହିତ ଗୀତି କବିତା, ସନେଟ୍ ମଧ୍ୟ ମନଛୁଆଁ ହୋଇଛି। 'ଚନ୍ଦନଧାରା'ର ନବବର୍ଷ ବିଶେଷାଙ୍କ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■





# 'ସମଲେଇ' ସ୍ୱପ୍ନ ସାକାର

**ସମଗ୍ର ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବତା କହିଲେ ମା' ସମଲେଇ। ସମଲେଇ ପୀଠକୁ ନେଇ କେବଳ ପଶ୍ଚିମ ଓଡ଼ିଶାବାସୀ ନୁହନ୍ତି ରାଜ୍ୟବାସୀଙ୍କ ମନରେ ଅନେକ୍ ସ୍ୱପ୍ନ ଜାଗରଣ ହୋଇଥିଲା। ଆଉ ଏହି ସ୍ୱପ୍ନକୁ ପୂରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମ ଆଜି ସାକାର ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ନୂଆ ରୂପ ନେବାକୁ ଯାଉଛି ସମଲେଇ ହେରିଟେଜ୍ ପ୍ରକଳ୍ପ।**

ପ୍ରସ୍ତୁତି: ଶୁଭାଶିଷ







ସମ୍ବଲପୁର ମହାନଦୀ କୂଳରେ ବିରାଜମାନ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଓ ପାର୍ଶ୍ୱରେ ଥିବା ହେରିଟେଜ୍ କରିଡର୍ ରୂପାନ୍ତରଣ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସମ୍ବଲପୁର ଗସ୍ତ ଅବସରରେ ଏହି ପ୍ରକଳ୍ପ ସହିତ ହୀରାକୁଦକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ସହ ସମଲେଇ ମନ୍ଦିର ଉନ୍ନୟନ କାମ ପାଇଁ ୫୦ କୋଟି ଟଙ୍କା ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ୨୦୧୯ ମସିହାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମଲେଇ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହେଲା। ପ୍ରଥମେ ୩୧୯ ଏକର ଜମି ଅଧିଗ୍ରହଣ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଗଲା। ସମସ୍ତ ବିସ୍ଥାପିତଙ୍କୁ ଉଚିତ କ୍ଷତିପୂରଣ ଓ ଥଇଥାନ କରିବା ସହିତ କାମ ଆରମ୍ଭ ହୋଇଥିଲା।

## ■ କେମିତି ହୋଇଥିଲା ପ୍ରକଳ୍ପ ପ୍ରସ୍ତୁତି

ପ୍ରଥମେ ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ସମ୍ବଲପୁର ଗସ୍ତକରି ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭଳି ସମଲେଇ ମନ୍ଦିରକୁ ବିକଶିତ କରାଯିବ ବୋଲି ସୂଚନା ଦେଇଥିଲେ। ପାଖାପାଖି ୨୫୦କୋଟି ଟଙ୍କା ବ୍ୟୟ ଅଟକଳ ଥିବା ସେ କହିଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ବିଶେଷଜ୍ଞ ଦଳ ବିଭିନ୍ନ ସମୟରେ କ୍ଷେତ୍ର ପ୍ରଦର୍ଶନ କରି ପ୍ରକଳ୍ପ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ରାସ୍ତା ଓ ରେଳ ଷ୍ଟେସନର ସ୍ଥିତାବସ୍ଥା, ଗମନାଗମନ ସୁବିଧା ନେଇ ରେଳ ବିଭାଗ, ଜିଲ୍ଲା ପ୍ରଶାସନ ଓ ନାଗରିକ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା କରାଯାଇ ରିପୋର୍ଟ ପ୍ରସ୍ତୁତି କରାଯାଇଥିଲା। ଏହି ଯୋଜନା କାର୍ଯ୍ୟକାରୀ କରିବା ଦାୟିତ୍ୱ ଓଡ଼ିଶା ବ୍ରିଜ୍ ଓ ନିର୍ମାଣ ନିଗମ (ଓବିସିସି)କୁ ଦିଆଯାଇଛି। ଓବିସିସିର ଅଧୀନରେ ଏକ ଜାତୀୟସ୍ତରର କମ୍ପାନୀ ପ୍ରକଳ୍ପ କାମ କରୁଛି। କାମ ଆରମ୍ଭ ହେବା ପୂର୍ବରୁ ଉକ୍ତ କମ୍ପାନୀ ସମଲେଇ ମନ୍ଦିର ଆସିବା ସହ ଦୁର୍ଗାପାଲି ଅଞ୍ଚଳ ସମେତ ମହାନଦୀର ଦୃଶ୍ୟ ପରିଦର୍ଶନ କରିଥିଲେ ଓ ବିସ୍ଥାପିତଙ୍କୁ କିପରି ବ୍ୟବସ୍ଥିତ ଢଙ୍ଗରେ ଥଇଥାନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏବେ ଧାର୍ଯ୍ୟ ସମୟ ଭିତରେ କାମ ଶେଷ ହେବାକୁ ଯାଉଛି।

## ■ ବାସ୍ତବ ରୂପନେଉଛି ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା

୨୦୨୦ ମସିହା ଜାନୁଆରୀ ୨୧ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଗସ୍ତକରି ମନ୍ଦିର ଉନ୍ନତିକରଣ କରିବା ନେଇ ଘୋଷଣା କରିଥିଲେ। ପ୍ରଥମେ ସମେଇଲ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଯେତେ ପରିମାଣ ବ୍ୟୟ ଅଟକଳ ହେବ ଖର୍ଚ୍ଚ କରାଯିବ, ଅନୁଦାନର ଅଭାବ ନାହିଁ ବୋଲି କହିଥିଲେ। ମାତ୍ର ଦୁଇବର୍ଷ ଭିତରେ ସମଲେଇ ମନ୍ଦିରର ବାସ୍ତବ ଚିତ୍ର ପରିବର୍ତ୍ତନ ହୋଇସାରିଛି। ଏହି ଐତିହାସିକ ଶକ୍ତିପୀଠ ବିକଶିତ ହେବାକୁ ଲାଗିଛି। ୩ ବର୍ଷ ପୂର୍ବରୁ ସମଲେଶ୍ୱରୀ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ପାଇଁ କରାଯାଇଥିବା ପରିକଳ୍ପନା ଏବେ ବାସ୍ତବ ରୂପ ନେବାକୁ ଯାଉଛି। ମନ୍ଦିର ପରିସରରେ ଇତିହାସର ସୂଚନା ଦେବା ସହ ଆକୃଷ୍ଟ କରିବା ପାଇଁ ଲାଇଟ୍ ସାଉଣ୍ଡ ସୋ' ଉଦ୍‌ଘାଟିତ ହୋଇସାରିଛି। ବାରମ୍ବାର ବିଭାଗୀୟ ଅଧିକାରୀ, '୫-ଟି' ଅଧ୍ୟକ୍ଷ ଗସ୍ତକରି ତଦାରଖ ଓ ପ୍ରୋତ୍ସାହନ ଦେବା ପରେ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ■ ମିଳିବ ଆଧ୍ୟାତ୍ମିକ ଅନୁଭବ

ସମଲେଇ ମନ୍ଦିରରେ ନୂଆବର୍ଷରୁ ଶ୍ରଦ୍ଧାଳୁ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ଅନୁଭବ କରିପାରିବେ। ଏଥିରେ ଭକ୍ତମାନଙ୍କ ସୁବିଧା ପାଇଁ ସବୁ ବ୍ୟବସ୍ଥା ରହିଛି। ଯାତ୍ରୀମାନେ ଯେପରି ଏକ ସୁନ୍ଦର ଆଧ୍ୟାତ୍ମିକ ଅନୁଭବ ନେଇ ସମଲେଇ ମନ୍ଦିରରୁ ଫେରିବେ ତାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାମ କରିବାକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ଯାତ୍ରୀଙ୍କ ସୁବିଧା ପାଇଁ ପ୍ରାଥମିକ ଚିକିତ୍ସା ଓ ଆନୁସଙ୍ଗିକ ସୁବିଧା ଶୀଘ୍ର ସାରିବାକୁ କହିଛନ୍ତି।

## ■ ଐତିହ୍ୟ କରିଡର୍‌ରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ

ଐତିହ୍ୟ କରିଡର୍ ଓ ମନ୍ଦିର ଚତୁଃପାର୍ଶ୍ୱରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉଛି। ପଥର ବିଛାଇବା କାର୍ଯ୍ୟ ଆଗେଇ ଚାଲିଛି। ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବୃକ୍ଷଲତାର ବ୍ୟବହାର ଓ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦେବା ପାଇଁ '୫-ଟି' ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି। ମନ୍ଦିର ଭିତର ପାର୍ଶ୍ୱରେ ନିର୍ମାଣ ହେଉଥିବା ବିଭିନ୍ନ କାମ, କ୍ଲକ୍ ଟାୱାର, ଓ ଲାମ୍ପ୍ ରୁମ୍ କାମର ସୋନ୍ଦର୍ଯ୍ୟକରଣ କରାଯାଇଛି।

## ■ ବିସ୍ଥାପିତଙ୍କୁ ସୁବ୍ୟବସ୍ଥିତ ଥଇଥାନ

ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ସମଲେଶ୍ୱରୀ 'ଟେମ୍ପଲ୍ ଏରିଆ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଲୋକାଲ୍ ଇକୋନୋମି ଇନିସିଏଟିଭ୍-ସମଲେଇ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିପାଇଁ ୧୦୮ ଏକର ଜମି ପ୍ରଥମେ ଅଧିଗ୍ରହଣ କରିବାର ଲକ୍ଷ୍ୟ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ସରକାରୀ କୋଠା ଓ କ୍ୱାର୍ଟର୍ସ, ମତ୍ସ୍ୟ, ଜଳସେଚନ, ଜନସ୍ୱାସ୍ଥ୍ୟ, ଉଠା ଜଳସେଚନ ଓ ପୌର ସଂସ୍ଥାର କେତେକ କୋଠା ରହିଥିଲା। ଏହା ସହ ଘୁନଘୁଟିପଡ଼ା, ବଡ଼ ବଜାର, କମଲି ବଜାର, କମଲି ବଜାରର ସାପ୍ତାହିକ ହାଟ, ମନ୍ଦିର ପାର୍ଶ୍ୱରେ ଦୋକାନ ଘରଗୁଡ଼ିକ ରହିଥିଲା। ଏବେ ପ୍ରାୟ ସମସ୍ତଙ୍କୁ ସୁ-ବ୍ୟବସ୍ଥିତ ଭାବେ ଥଇଥାନ କରାଯାଇଛି। ପୂଜାରୀଙ୍କ ପାଇଁ ସ୍ୱତନ୍ତ୍ର କଲୋନୀ ଓ ଘୁନଘୁଟିପଡ଼ା ଭଳି ତଳି ଅଞ୍ଚଳବାସୀଙ୍କ ପାଇଁ ମଧ୍ୟ ଘର ସହିତ ଜମି ଯୋଗାଇ ଦିଆଯାଇଛି।



ସମଲେଇ ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ପ୍ରକଳ୍ପ ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ ନିଜେ ସମୀକ୍ଷା କରୁଥିଲେ। ଫଳରେ ଆଜି ଧାର୍ଯ୍ୟ ସମୟ ଭିତରେ ଶେଷ ହୋଇ ପାରିଛି। ଅତି ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ।

- ସଞ୍ଜୟ ବାବୁ, ଟ୍ରଷ୍ଟ ସଭାପତି



ସମଲେଇ ମନ୍ଦିରର ରୂପାନ୍ତରୀକରଣ ଶ୍ରଦ୍ଧାଳୁଙ୍କୁ ନିଶ୍ଚିତ ଭାବେ ଆକର୍ଷିତ କରିବ। ସେମାନଙ୍କ ପାଇଁ ସମସ୍ତ ସୁବିଧା କରାଯାଇଛି। ପୂଜାରୀଙ୍କ ଦାବି ଅନୁସାରେ ସୁବିଧା କରାଯାଇଛି।

-ଅମ୍ବିକା ପ୍ରସାଦ ରାୟ, ମୁଖ୍ୟ ପୂଜକ

## '୫-ଟି' ଅଧ୍ୟକ୍ଷଙ୍କ ତୁହାକୁତୁହା ସମୀକ୍ଷା

ସମ୍ବଲପୁରର ସମଲେଇ ପ୍ରକଳ୍ପ କାମ ଚାଲିଥିବା ସମୟରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ତୁହାକୁତୁହା ସମ୍ବଲପୁର ଗସ୍ତରେ ଆସି ସମୀକ୍ଷା କରୁଛନ୍ତି। ନିକଟରେ ତାଙ୍କର ସମ୍ବଲପୁର ଗସ୍ତ ଅବସରରେ ସେ ଭୋରରେ ମା' ସମଲେଇଙ୍କ ଦର୍ଶନ କରିଥିଲେ। ମନ୍ଦିର ଗମ୍ଭୀରା ଭିତରକୁ ଯାଇ ଦର୍ଶନ କରିବା ସହିତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ନିର୍ମାଣ ସଂସ୍ଥା, ଅଧିକାରୀଙ୍କ ସହିତ ଜଣେ ସାଧାରଣ ମଣିଷ ପରି ବ୍ୟବହାର ଦେଖାଇ ପ୍ରକଳ୍ପ ସମୀକ୍ଷା କରି କିଭଳି କାମ ଶେଷ ହେବ, ସେ ନେଇ ପରାମର୍ଶ ଦେଇଥିଲେ। ଏହା ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମଧ୍ୟ ସମୀକ୍ଷା କରିଛନ୍ତି। ତେଣୁ ଧାର୍ଯ୍ୟ ସମୟ ଭିତରେ ପ୍ରକଳ୍ପର ମୁଖ୍ୟ କାମଗୁଡ଼ିକ ଶେଷ ହୋଇଯାଇଛି।

## ସୁଦୃଶ୍ୟ ହେବ ମହାନଦୀ

ସମଲେଇ ମନ୍ଦିରର ଭବ୍ୟ ପ୍ରବେଶ ଦ୍ୱାର ନିର୍ମାଣ କରାଯାଇଛି। ମହାନଦୀ ତଟରେ ରିଭର ଭିୟୁ ପଣ୍ଡ ତିଆରି କରାଯାଇଛି। ଯାହାକି ପର୍ଯ୍ୟଟକମାନେ ମହାନଦୀର ଆକର୍ଷଣୀୟ ମନଲୋଭା ଦୃଶ୍ୟ ଦେଖି ପାରିବେ। ଏହାସହ ଭକ୍ତଙ୍କ ପାଇଁ ଥିବା ବ୍ୟବସ୍ଥା ଅମାନତ କକ୍ଷ, ଭେଣ୍ଡିଂ ଜୋନ୍, ସୂଚନା କେନ୍ଦ୍ର, ଯାତ୍ରୀ ସୁବିଧା କେନ୍ଦ୍ରର, ଫୁଟ୍‌ପାଥ, ପାର୍କ, ମୁଖଶାଳା, ଭୋଗ ଘର, ତୋରଣ, ଏକକିଲୋମିଟରଦୈର୍ଘ୍ୟ ବେଢ଼ା, ଯାତ୍ରୀ ନିବାସ, ମନ୍ଦିର ପାର୍ଶ୍ୱରୁ ରିଂରୋଡ୍ ଉପରେ ମହାନଦୀକୁ ସଂଯୋଗ ପାଇଁ ଓଭରବ୍ରିଜ, ମହାନଦୀ ଆଳତି ପାଇଁ ସ୍ୱତନ୍ତ୍ର ଗ୍ୟାଲେରୀ ପ୍ରଭୃତି ବିକଶିତ କରାଯାଉଛି।

## ଦୁଇଟି ପର୍ଯ୍ୟାୟରେ ୪୦୦ କୋଟି ମଞ୍ଜୁର

ସମଲେଇ ଯୋଜନାକୁ ପ୍ରଥମ ପର୍ଯ୍ୟାୟରେ ୨୦୦ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ପରେ ଆର୍ଥିକ ବର୍ଷ ୨୦୨୨-୨୩ରେ ପୁଣି ୨୦୦ କୋଟି ଟଙ୍କା ମଞ୍ଜୁର ହୋଇ କାମ ଆଗେଇ ଚାଲିଛି। ଏ ପର୍ଯ୍ୟନ୍ତ ପ୍ରାୟ ୨୯୩ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିବା ଜଣାପଡ଼ିଛି। କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଛି। କେବଳ ଲୋକାର୍ପଣକୁ ଅପେକ୍ଷା।

## ଦାବି ପୂର୍ବରୁ ଘୋଷଣା

ସରକାର ପ୍ରଥମେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ପରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଇଁ ଅନୁଦାନ ଘୋଷଣା ହୋଇଥିଲା। ଏହାକୁ ନେଇ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାବାସୀଙ୍କ ମନରେ ବିଭ୍ରାନ୍ତିକର ଭାବନା ଆସିଥିଲା। ସାମାଜିକ ଗଣମାଧ୍ୟମରେ ଆଲୋଚନା ମଧ୍ୟ ହେଲା। ଲୋକମାନେ ଦାବି କରିବାକୁ ସ୍ଥିର କରିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ସମ୍ବଲପୁରବାସୀଙ୍କ ଦାବି ପୂର୍ବରୁ ୨୦୦ଶହ କୋଟି ଟଙ୍କା ଘୋଷଣା କରିଥିଲେ। ପରେ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡ଼ିକରେ ଥିବା ଶକ୍ତିପୀଠର ଉନ୍ନତିକରଣ ପାଇଁ ମଧ୍ୟ ଘୋଷଣା କରିଥିଲେ।

## ତ୍ୱରାନ୍ୱିତ ପାଇଁ ତତ୍ପରତା

ସମଲେଶ୍ୱରୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପ୍ରକଳ୍ପର ଅଗ୍ରଗତି ଅଧିକାରୀଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ପ୍ରକଳ୍ପ ଆରମ୍ଭରୁ ଦେଖିବାକୁ ଗଲେ ସମ୍ବଲପୁର ଜିଲ୍ଲା ପ୍ରଶାସକ ରାଜ୍ୟ ସଚିବାଳୟର ସଚିବ, କମିସନରସ୍ତରରେ ଅନେକ ଥର ସମୀକ୍ଷା ବୈଠକ କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ସେହିଭଳି ଭାବେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ପୂର୍ତ୍ତ ବିଭାଗ ସଚିବ ବୀର ବିକ୍ରମ ଯାଦବ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍.ଭିନିଲ୍ କ୍ରିଷ୍ଣା ଗସ୍ତ କରିଥିଲେ। ସମଲେଇ ଯୋଜନା ବାବଦରେ ଏହି ଉଚ୍ଚସ୍ତରୀୟ ପ୍ରତିନିଧିଦଳ ଭିନ୍ନ ଭିନ୍ନ ସମୟରେ ସମୀକ୍ଷା କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ତତ୍କାଳୀନ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲାପାଳ ଶୁଭମ୍ ସକ୍‌ସେନା, ପୁଲିସ ଆଇଜି ଡା. ଦୀପକ କୁମାର, ତତ୍କାଳୀନ ଏସପି ବି. ଗଙ୍ଗାଧର, ଏଡିଏମ୍ ପ୍ରଦୀପ କୁମାର ସାହୁ, ପ୍ରକଳ୍ପର ଓଏସଡି ଅନିରୁଦ୍ଧ ପ୍ରଧାନଙ୍କ ଭଳି ଅନେକ ଅଧିକାରୀ ଯୁଦ୍ଧକାଳୀନ ଭିତ୍ତିରେ କିଭଳି ପ୍ରକଳ୍ପ ଶେଷ ହେବ ସେ ନେଇ ତତ୍ପରତା ପ୍ରକାଶ କରି ସମଲେଇ ମନ୍ଦିରକୁ ଆସି ଯୋଜନାର ରୂପରେଖ ବାବଦରେ ସମୀକ୍ଷା କରିଛନ୍ତି।



ଗୁଡ୍ ମର୍ଣ୍ଣିଂ ଓଡ଼ିଶା

# ଆନନ୍ଦ ବନ



ବହିଯାଉଥିବା ଶୀତଳ ପବନ ଏବଂ ବୃକ୍ଷଲତାର ଛାଇ ଆଢୁଆଳରେ ମନପ୍ରାଣରେ ଆନନ୍ଦ ଭରିଦିଏ ମନୋରମ ପ୍ରାକୃତିକ ପରିବେଶ । ରାଜଧାନୀ ସହରର ଶଙ୍କରପୁର ମୌଜାରେ ଅବସ୍ଥିତ ଏହି ବନ । ଏଠାରେ ଶୁଣାଯାଏ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ସାଙ୍ଗକୁ ଝରଣାର ମଧୁର ସଙ୍ଗୀତ । ଏଠାରେ ରହିଛି ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ଔଷଧୀୟ ବୃକ୍ଷର ପ୍ରାକୃତିକ ସମ୍ଭାର । ଲୋକଙ୍କ ମନ ମୋହୁଛି ସହର ଭିତରେ ଗାଁର ଜଙ୍ଗଲ ଭଳି ପରିବେଶ । ସ୍ମାର୍ଟସିଟିକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ରାଜ୍ୟ ସରକାରଙ୍କ ନିଆରା ପ୍ରୟାସ 'ଆନନ୍ଦ ବନ' ।

ପ୍ରସ୍ତୁତି - ମାନସ ରଞ୍ଜନ, ସିଦ୍ଧାର୍ଥ

## ସହର ଭିତରେ ଗାଁର ବାସ୍ନା

ଦିନ ଥିଲା ଏହି କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଇଥିବା ଜାଗା ଖାଲି ରହୁଥିଲା । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୦୯ ମସିହାରେ ଏଠାରେ ଗଛ ଲଗାଇ ଜଙ୍ଗଲର ଆବଶ୍ୟକତା ବିଷୟରେ ଲୋକଙ୍କୁ ଜଣାଇ ଥିଲା । ଜଙ୍ଗଲ ମାଫିଆଙ୍କ ରାଜ୍ ପାଇଁ ଏହା ନିଜ ଲକ୍ଷ୍ୟ ହାସଲରୁ ବଞ୍ଚିତ ହେଉଥିଲା । ମାତ୍ର ଆଜି 'ଆନନ୍ଦ ବନ' ସ୍ମାର୍ଟସିଟି ଭୁବନେଶ୍ୱରର ଲୋକଙ୍କୁ ଆନନ୍ଦ ଦେଉଛି । ସହରର କୋଳରେ ଏହି ସୁନ୍ଦର୍ ପରିବେଶ । ଅନେକ ପ୍ରଜାତିର ଉଦ୍ଭିଦ ରୋପଣ କରାଯାଇଛି । ବନ ଭିତରେ ବିହାର କରୁଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଆପଣ ଏହି ପ୍ରାକୃତିକ ମନୋରମ ସୌନ୍ଦର୍ଯ୍ୟର ଦୃଶ୍ୟକୁ ଅନୁଭବ କରିବେ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଓଡ଼ିଶା ମାଇନିଂ କର୍ପୋରେସନର ଦୃଢ଼ ମନୋବଳ ଓ ସଂକଳ୍ପ ଆଜି ସାକାର ହୋଇଛି । ମୋଟ ୯୦ ଏକର ପରିମିତ ଜାଗାରେ ଆନନ୍ଦ ବନ ଭୁବନେଶ୍ୱରବାସୀଙ୍କ ସପ୍ନକୁ ସାକାର କରିଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅଣାଯାଇଥିବା ପ୍ରାୟ ୨୫୦ ପ୍ରଜାତିର ଔଷଧୀୟ ବୃକ୍ଷ ପରିବେଶକୁ ସୁସ୍ଥ ରଖିବାରେ ସହାୟ ହେଉଛନ୍ତି । ୨୦୨୨ ମସିହାରେ ସିଟି ଫରେଷ୍ଟ ଡିଭିଜନ ଡିଏଫ୍‌ଓ ଅଜିତ କୁମାର ଶତପଥୀ ଓ ଓଡ଼ିଶା ମାଇନିଂ କର୍ପୋରେସନର ଅଧକ୍ଷ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧକ୍ଷ ବଲୱନ୍ତ ସିଂଙ୍କ ବଳିଷ୍ଠ ନେତୃତ୍ୱ ଓ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ସହଯୋଗର ମିଠାଫଳ ହେଉଛି ଆନନ୍ଦ ବନ । ଆଗାମୀ ଦିନରେ ଭୁବନେଶ୍ୱର ପଟିଆରେ ଥିବା ଶ୍ମଶାନ ଓ ଫୁଲେଶ୍ୱରୀ ବସ୍ତିରେ ମଧ୍ୟ ଏଭଳି ଜଙ୍ଗଲ ଲୋକଙ୍କ ପାଇଁ ତିଆରି କରାଯିବାର ପରିକଳ୍ପନା ରହିଛି ।

## ଜୈବ ବିବିଧତାର ଗନ୍ତାଘର

ଶଙ୍କରପୁର ମୌଜାର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ତଥା କଳିଙ୍ଗ ବିହାର 'କେ-୪ ରୁ କେ ୭' ମଧ୍ୟରେ ଶୋଭା ପାଉଛି ଆନନ୍ଦ ବନ । କୃତ୍ରିମ ହେଲେ ବି ଏହା ପ୍ରାକୃତିକ ଜଙ୍ଗଲର ଭ୍ରମ ସୃଷ୍ଟି କରିଥାଏ । ଆଗାମୀ ୩୦ ରୁ ୪୦ ବର୍ଷ ପର୍ଯ୍ୟନ୍ତ ଏହି କୃତ୍ରିମ ଜଙ୍ଗଲ ସ୍ମାର୍ଟସିଟିକୁ ଶୁଦ୍ଧବାୟୁ ପ୍ରଦାନ କରିବ ଓ ଲୋକଙ୍କୁ ସୁସ୍ଥ ରଖିବ । ଏହି ଜଙ୍ଗଲରେ କଂକ୍ରିଟ ରାସ୍ତା ବଦଳରେ ରହିଛି 'ଜିଓ ସଏଲ' । ଯାହା ୬ ଇଞ୍ଚର ପ୍ଲାଷ୍ଟିକ ମ୍ୟାଟେରିଆଲ ଓ ଚିପ୍ସ ସହ ୩ ଇଞ୍ଚର ମୋରମରେ ତିଆରି । ଆନନ୍ଦ ବନକୁ ଏହା ହିଁ ଭିନ୍ନ କରିଥାଏ । ବର୍ଷା ହେଲେ ମୃତ୍ତିକା କ୍ଷୟରୁ ମଧ୍ୟ ଏହି ରାସ୍ତା ରକ୍ଷା ପାଇବ । ନିମ୍ବ, ରକ୍ତ ଚନ୍ଦନ, ହରିଡ଼ା, ବାହାଡ଼ା, ଅଁଳା ପରି ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ଏହି ଜଙ୍ଗଲରେ ଦେଖିବାକୁ ପାଇବେ ପର୍ଯ୍ୟଟକ ତଥା ସାଧାରଣ ଦେଖଣାହାରୀ । ଭୃଙ୍ଗରାଜ, ରକ୍ତ ଚିତା, ରକ୍ତ ଖାଇ, ଅର୍ଣ୍ଣପୂର୍ଣ୍ଣ, ହାଡ଼ଯୋଡ଼ା ଓ ଆୟପନ୍ ଭଳି ଔଷଧୀୟ ଗଛ ବି ଏଠି ରହିଛି । ପଶୁପକ୍ଷୀଙ୍କ ଆହାର ପାଇଁ ମଧ୍ୟ ଆନନ୍ଦବନରେ ସ୍ୱତନ୍ତ୍ର ବୃକ୍ଷଲତାର ବ୍ୟବସ୍ଥା କରାଯାଇଛି । ମଣିଷ ଓ ପରିବେଶ ମଧ୍ୟରେ ଏହା ସୁସମ୍ପର୍କ ସ୍ଥାପନ ସହ ଖାଦ୍ୟ ଓ ଖାଦକ ସାହାଯ୍ୟରେ ଜୈବ ବିବିଧତାକୁ ପ୍ରଭାବିତ କରିବ । ଯାହାକି ପାରମ୍ପରିକ ପ୍ରାକୃତିକ ଜଙ୍ଗଲରେ ଦେଖିବାକୁ ମିଳିଥାଏ । ଆନନ୍ଦ ବନରେ କୃତ୍ରିମ ଉପାୟରେ ଖାଦ୍ୟଶୃଙ୍ଖଳ ତିଆରି କରାଯାଇ ସୃଷ୍ଟି କରଯାଇଛି ଏକ ପ୍ରାକୃତିକ ମନୋରମ ପରିବେଶ ।



## ସୁନ୍ଦର ବନାନୀ ପାଇଁ ପ୍ରତିଶ୍ରୁତିବଦ୍ଧ

ସହରାଞ୍ଚଳରେ ଜଙ୍ଗଲ ବୃଦ୍ଧି ଏବଂ ସୁନ୍ଦର ବନାନୀ ସୃଷ୍ଟି କରିବା ସହିତ ଏହାର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ଏହି ଦିଗରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ଆଗାମୀ ବର୍ଷଗୁଡ଼ିକରେ ଅନେକ ସ୍ଥାନରେ ଚାରାରୋପଣ କରି ସବୁଜ ବନାନୀ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏ କ୍ଷେତ୍ରରେ ପ୍ରଶାସନ, ଜଙ୍ଗଲ ବିଭାଗ, ବିଭିନ୍ନ ବ୍ୟକ୍ତି ବିଶେଷ, ସଂଗଠନ, ପରିବେଶବିତ୍ ତଥା ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଉଦ୍ୟମ ଯୋଗୁଁ ସବୁ କିଛି ସମ୍ଭବ ହୋଇପାରିଛି । ଔଷଧୀୟ ବୃକ୍ଷ ତଥା ଗୁଳ୍ମ, ଯାହା ମନୁଷ୍ୟ ଜୀବନରେ ଅତ୍ୟନ୍ତ ଆବଶ୍ୟକ । କେଉଁ ପ୍ରାଚୀନ କାଳରୁ ଔଷଧୀୟ ଚାରା ଆମର ପାରମ୍ପରିକ ଚିକିତ୍ସା ସେବାରେ ବ୍ୟବହୃତ ହୋଇ ଆସୁଛି । ଏହି ଆନନ୍ଦ ବନ ମଧ୍ୟରେ ପ୍ରାୟ ୨୫୦ ପ୍ରଜାତିର ବିଭିନ୍ନ ଔଷଧୀୟ ବୃକ୍ଷରୋପଣ କରାଯାଇଛି । ଯାହା ରାଜ୍ୟର ବିଭିନ୍ନ ସ୍ଥାନରୁ ଔଷଧୀୟ ଚାରା, ମଞ୍ଜି ଓ ଗୁଳ୍ମ ସଂଗ୍ରହ କରି ରୋପଣ ହୋଇଛି । ବିଭିନ୍ନ ଔଷଧୀୟ କାମରେ ଏହି ବନ ମଧ୍ୟରୁ ଚେରମୂଳିର ଆବଶ୍ୟକତା ରହିଛି । ପ୍ରତ୍ୟେକଟି ବୃକ୍ଷଲତା କିଛି ନା କିଛି ଔଷଧୀୟ ଗୁଣର ଅଧିକାରୀ ହୋଇଥାନ୍ତି । ଏହି ଔଷଧୀୟ ବୃକ୍ଷ ଆନନ୍ଦ ବନର ହୃଦୟ କହିଲେ ଅତ୍ୟୁକ୍ତି ହେବନାହିଁ । ଦୈନନ୍ଦିନ ଜୀବନରେ ଅପରିହାର୍ଯ୍ୟ ଚେରମୂଳି ମଧ୍ୟ ଏଠାରେ ଉପଲବ୍ଧ ।



## 'ମିଶନ ଆନନ୍ଦ ବନ' ମୋଡ୍‌ରେ ମିଶନଶକ୍ତି

ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ଓ ପ୍ରଗତିକୁ ସବୁବେଳେ ସବୁଠାରେ ଗୁରୁତ୍ୱ ଦେଇ ଆସିଛନ୍ତି । ସେମାନଙ୍କୁ ରୋଜଗାରର ସହଯାତ୍ରୀ କରିବା ପାଇଁ ମିଶନଶକ୍ତି ମଧ୍ୟ କାର୍ଯ୍ୟ କରୁଛି । ଏ କ୍ଷେତ୍ରରେ ଆନନ୍ଦବନରେ ମଧ୍ୟ ରାଜ୍ୟ ସରକାରଙ୍କ ଉଦ୍ୟମରେ ମିଶନଶକ୍ତି ମାଧ୍ୟମରେ ବହୁ ମହିଳା ଆତ୍ମନିର୍ଭରଶୀଳ ହେବେ । 'ମିଲେଟ୍ ମିଶନ' ମାଣ୍ଡିଆ ଓ ବହୁ ମିଲେଟ୍ ଜାତୀୟ ଖାଦ୍ୟ ଚଖାଇବ ଆନନ୍ଦବନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ । ଏହାରି ମାଧ୍ୟମରେ ସୃଷ୍ଟି ହେବ ରୋଜଗାର । ସମୃଦ୍ଧ ହେବ ଓଡ଼ିଶା, ସୃଷ୍ଟିହେବ ନୂଆ ସମ୍ଭାବନା । ସେଥିପାଇଁ ଉଦ୍‌ଘାଟନ ପୂର୍ବରୁ ମିଶନ ଆନନ୍ଦ ବନ ମୋଡ୍‌ରେ ମିଶନଶକ୍ତି ମହିଳାମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି ।

## ପର୍ଯ୍ୟଟକଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ

ଆନନ୍ଦ ବନ ପାଇଁ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟ ସରକାର ଖର୍ଚ୍ଚ କରିବେ ପ୍ରାୟ ୩୨ କୋଟି ଟଙ୍କା । ଭୁବନେଶ୍ୱରରେ ରହୁଥିବା ସାଧାରଣ ଲୋକେ ଏହାରି ମାଧ୍ୟମରେ ଲାଭବାନ ହେବେ । ଏଠାରେ ଥିବା ରାସ୍ତାରେ ସେମାନେ ଚାଲିବେ, ବୁଲିବେ, ଯୋଗ କରିବେ ତାହା ସହ ସୁସ୍ଥ ରହିବେ । ସେଥିପାଇଁ ସେମାନଙ୍କ ପାଇଁ କାଶତଣ୍ଡି ଘାସ, କାଉଡ଼ିଆ ଘାସ, ବେଣା ଘାସ ଓ ଖଡ଼ି ଘାସରେ ତିଆରି ଚଲାପଥ ରହିଥିବା ବେଳେ ଜଳାଶୟର ମଜା ମଧ୍ୟ ନେଇ ପାରିବେ । ଆନନ୍ଦ ବନର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ହେଉଛି ୪ ଲକ୍ଷ ଟଙ୍କାରେ ନିର୍ମିତ କାଚଘର । ସେମାନଙ୍କ ମନ ମଧ ମୋହିବ । ପାଇଁ ପ୍ରସ୍ତୁତ ହୋଇଛି । କାଚଘର ଭିତରେ ରାଜଧାନୀବାସୀ ଅନୁଭବ କରିବେ ଗାଁର ସେ ପକ୍ଷୀଙ୍କ ରାବ । ଯୋଗ କରି ନୀରୋଗ ରହିବା ପାଇଁ ଏଠି ନିର୍ମାଣ ହେଉଛି ଯୋଗମଣ୍ଡପ । ସେହିଭଳି ଏଠି ସାଧାରଣ ଲୋକଙ୍କ ପାଇଁ ରହିଛି 'ଏକ୍ସସିସ୍ ଅଫ୍ ହେପିନେସ୍' ଓ 'ବାଇସାଇକଲ ଟ୍ରାଏଲ୍' । ଯାହା ଲୋକଙ୍କୁ ଖୁସି ଅନୁଭବ କରାଇବା ସହ ଫିଟ୍ ରଖିବ । ସହରୀ ଲୋକଙ୍କୁ ଗାଁ ସଂସ୍କୃତି ଓ ପରମ୍ପରା ସହ ପରିଚିତ ମଧ କରାଇବ ଏହି କୃତ୍ରିମ ଘଞ୍ଚବନ । ପ୍ରତିଦିନ ଆନନ୍ଦ ବନକୁ ଏବେ ୧ ହଜାରରୁ ଅଧିକ ଲୋକ ବୁଲିବାକୁ ଆସୁଛନ୍ତି । ଯାହା ଆଗାମୀ ଦିନରେ ଏହାର ଉଦ୍ଘାଟନ ହେଲା ପରେ ବଢ଼ିବାର ଅନୁମାନ କରାଯାଉଛି । ବାଉଁଶରେ ନିର୍ମିତ ବେଞ୍ଚ, କଂକ୍ରିଟ୍ ବିହୀନ ରାସ୍ତା ଏବଂ ପୋଲ । ଏହି ବନ ମଧ୍ୟରେ ଥିବା ଦୁଇଟି ପୋଲ ସମ୍ପୂର୍ଣ୍ଣ ଭାବେ କାଠ ଏବଂ ବାଉଁଶରେ ନିର୍ମିତ ହୋଇଛି । କିଛି ସ୍ଥାନରେ ବାଉଁଶରେ ନିର୍ମିତ ବେଞ୍ଚ ରଖାଯାଇଛି । ବୁଲୁଥିବା ସମୟରେ ନିଜର ଥକ୍କା ମେଣ୍ଟାଇବା ପାଇଁ ତାହା ଉପରେ କିଛି ସମୟ ବସି ଆନନ୍ଦ ବନର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ବୁଲି ଆସୁଥିବା ଲୋକମାନଙ୍କ ପାଇଁ ଗାଡ଼ି ପାର୍କିଂର ବ୍ୟବସ୍ଥା ରହିଛି । ଏପରିକି ଆନନ୍ଦ ବନ ମଧ୍ୟରେ ପରିମଳ ବ୍ୟବସ୍ଥାକୁ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ବନ ମଧ୍ୟରେ ପ୍ରମୁଖ ସ୍ଥାନରେ ଅତ୍ୟାଧୁନିକ ଶୌଚାଳୟ ବ୍ୟବସ୍ଥା ମଧ୍ୟ କରାଯାଇଛି ।





## ମିଳିବ କୋରାପୁଟ କଫିର ସୁଆଦ

ଆନନ୍ଦ ବନ ଭୁବନେଶ୍ୱରବାସୀଙ୍କୁ ଉତ୍ତମ ପରିବେଶ ଓ ଶାରୀରିକ ସୁସ୍ଥତା ପ୍ରଦାନ କରିବା ସହ ରୋଜଗାରର ଦ୍ୱାରକୁ ମଧ୍ୟ ଉନ୍ମୁକ୍ତ କରିବ । ମହିଳା ଓ ପୁରୁଷ ପାଦରେ ପାଦ ମିଶାଇ ରୋଜଗାରରେ ସାଜିବେ ସହଭାଗିତା । ବର୍ତ୍ତମାନ ଏଠାରେ ୨୨ ଜଣ ଜଗୁଆଳି ଥିବାବେଳେ ପାଖାପାଖି ୮୦ ରୁ ଅଧିକ ଲୋକ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ନିୟୋଜିତ ଅଛନ୍ତି । ସେମାନେ ଦିନକୁ ୩୮୫ ଟଙ୍କା ଲେଖାଏଁ ମଜୁରି ପାଉଛନ୍ତି । ସେହିଭଳି ରାଜ୍ୟ ସରକାର, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଓଡ଼ିଶା ମାଇନିଂ କର୍ପୋରେସନର ମିଳିତ ସହଯୋଗରେ କୋରାପୁଟ କଫି ମଧ୍ୟ ଲୋକଙ୍କୁ ଟାଣିବ । ତାହା ସହ ମିଶନ ଶକ୍ତି, ଓର୍‌ମାସ, ଓଟିଡିସି ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ କିଓସ୍କ ସହ ଯୋଡ଼ି ରୋଜଗାର ପଥକୁ ଆହୁରି ସୁଦୃଢ଼ କରାଯିବ । ଗାଡ଼ି ପାର୍କିଂ ପାଇଁ ଲୋକଙ୍କୁ ନିୟୋଜିତ କରାଯାଇ ଆନନ୍ଦ ବନକୁ ବିକାଶର 'ନବୀନ ସାରଥି' ଭାବରେ ଗଢ଼ାଯିବ । ଲୋକେ ଉପକୃତ ହେବେ । ନବୀନ ଓଡ଼ିଶାରେ ନବ ଉନ୍ମାଦନା ସାଜି ଆନନ୍ଦ ବନ ସମସ୍ତଙ୍କୁ ଆନନ୍ଦିତ କରିବ ।



## ସମ୍ପର୍କର ସେତୁ ସାଜିଛି ଫୁଟ୍ ଓଭର୍‌ବ୍ରିଜ୍

ପ୍ରାୟ ୯୦ ଏକର ଜାଗାରେ ସୃଷ୍ଟି ହୋଇଥିବା ଆନନ୍ଦ ବନର ଦୁଇ ପାର୍ଶ୍ୱକୁ ଏହି ଫୁଟ୍ ବ୍ରିଜ୍ ସମ୍ପର୍କର ସେତୁ ଭାବେ ଯୋଡ଼ୁଛି । ଯେହେତୁ ଏହି ବନର ମଧ୍ୟ ଭାଗରେ ଜାତୀୟ ରାଜପଥ ରହିଛି, ବନର ଉଭୟ ପାର୍ଶ୍ୱକୁ ଏହି ବ୍ରିଜ୍ ସଂଯୋଗର ମାଧ୍ୟମ ପାଲଟିଛି । ଗୋଟିଏ ପାଖରୁ ଅନ୍ୟ ପାର୍ଶ୍ୱକୁ ନିର୍ଭୟ ଏବଂ ନିରାପଦ ଭାବରେ ଭ୍ରମଣକାରୀମାନେ ଯିବାଆସିବା କରିପାରିବେ ।



## କାଚଘରେ ଶୁଣାଯିବ ପକ୍ଷୀ ଗପ

କୃତ୍ରିମ ଜଙ୍ଗଲ ଆନନ୍ଦବନରେ ସାଧାରଣ ଲୋକ ଓ ପର୍ଯ୍ୟଟକଙ୍କୁ ଯୋଗାଇ ଦିଆଯିବ ଚିତ୍ତବିନୋଦନ ପାଇଁ ଅନେକ ସୁବିଧା । ଆମ୍ଫି ଥିଏଟରରେ ବସି ଗଳ୍ପ, ଆଳାପ ସହ ମୁକ୍ତ ନୀଳ ଆକାଶରେ ତାଙ୍କ ମନ ଉଡ଼ି ବୁଲିବ । ସେହିଭଳି କାଚଘରକୁ ଯାଇ ଲୋକେ ପକ୍ଷୀ ଗପ ଶୁଣିବେ ତ ପୁଣି ସେଠାରେ ଥିବା ଜଳାଶୟର କାର୍ନିଭୋରସ ଓ ଆକ୍ୱାଟିକ୍ ପ୍ଲାଣ୍ଟ ଦେଖି ମନକୁ ହଜାଇବେ । ପୁଣି ଯେମିତି ଗାଁରେ ନିର୍ମିତ ନଡ଼ା ଘରର ଅନୁଭବ ପାଇବେ ସହରବାସୀ । ତାହା ସହ ଭିନ୍ନ ଭିନ୍ନ ପ୍ରକାର କୃତ୍ରିମ ପାହାଡ଼ ସେମାନଙ୍କ ମନକୁ ବିମୋହିତ କରିବା ପାଇଁ ପ୍ରସ୍ତୁତ ହେଉଛି । ରେନ୍ ସେଣ୍ଟରର ବର୍ଷାରେ ଭିଜିବେ ପର୍ଯ୍ୟଟକ ଓ ରାଜଧାନୀବାସୀ । ସଏଲ୍ ଟ୍ରେନ୍ ଓ ରଫ୍ ଟ୍ରେନରେ ବସି ସେମାନେ ଦେଖିବେ ଆନନ୍ଦ ବନ ।



## ଆଲୁଅରେ ଝଲସିବ ଆନନ୍ଦବନ

ଆନନ୍ଦବନରେ ସାଧାରଣଲୋକ ସକାଳେ ଓ ସନ୍ଧ୍ୟା ସମୟରେ ଭ୍ରମଣର ମଜା ନେଇ ପାରିବେ । ସେମାନଙ୍କ ପାଇଁ ଏଠାରେ ସବୁ ବନ୍ଦୋବସ୍ତ କରାଯାଇଛି । ସନ୍ଧ୍ୟା ସମୟରେ ସେମାନଙ୍କୁ ଯେମିତି କୌଣସି ପ୍ରକାର ଅସୁବିଧାର ସାମ୍ନା ନ କରିବାକୁ ପଡ଼ିବ ତାହା ପ୍ରତି ମଧ୍ୟ ଦୃଷ୍ଟି ଦିଆଯାଇଛି । ସେଥିପାଇଁ ଆନନ୍ଦବନରେ ପ୍ରତିଟି କୋଣଅନୁକୋଣରେ ରହିଛି ଅତ୍ୟାଧୁନିକ ଲାଇଟ୍ ବ୍ୟବସ୍ଥା । ଆଲୁଅରେ ଝଲସିବା ସହ ଏହା ପର୍ଯ୍ୟଟକ ଓ ସାଧାରଣଲୋକଙ୍କୁ ଆକୃଷ୍ଟ କରିବ । ମହିଳାମାନେ ମଧ୍ୟ ସନ୍ଧ୍ୟା ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତିକୁ ସାମ୍‌ନା ନ କରନ୍ତୁ ସେଥିପ୍ରତି ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି ।



## କାହାମୁହଁରେ କେଉଁକଥା



ଜଙ୍ଗଲକୁ ନେଇ ଆମେ ପୂର୍ବରୁ ମଧ୍ୟ ଅନେକ କାମ କରିଛୁ । କିନ୍ତୁ ଆନନ୍ଦ ବନ ନିଶ୍ଚିତ ଭାବରେ ଏକ ନିଆରା ପ୍ରକଳ୍ପ । ଯାହାକି ବହୁ ଦିନରୁ ଭୁବନେଶ୍ୱର ଆବଶ୍ୟକ କରୁଥିଲା । ଏବେ ସେ ସ୍ୱପ୍ନ ସାକାର ହୋଇଛି । ଖୁବ୍‌ଶୀଘ୍ର ଏହାର ଉଦ୍‌ଘାଟନ ହେବାର ଯୋଜନା ମଧ୍ୟ ରହିଛି । ତାପରେ ଲୋକେ ଏହି କୃତ୍ରିମ ବନର ଭରପୂର ମଜାନେଇ ପାରିବେ । ରାଜ୍ୟ ସରକାର, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଓଡ଼ିଶା ମାଇନିଂ କର୍ପୋରେସନ୍ (ଓଏମ୍‌ସି) ସହ ମିଶି ଏଭଳି ଏକ ନିଆରା ପ୍ରକଳ୍ପ ସାଧାରଣ ଲୋକଙ୍କ ନିମନ୍ତେ କାର୍ଯ୍ୟକାରୀ କରୁଛନ୍ତି ।

- ଆଲୋକ କୁମାର ପରିଡ଼ା
ଫରେଷ୍ଟର୍, ଆନନ୍ଦ ବନ ଇନ୍‌ଚାର୍ଜ

ଆନନ୍ଦ ବନକୁ ମୁଁ ପ୍ରାତଃଭ୍ରମଣ କରିବାକୁ ଆସେ । ମୋତେ ଏହା ନିଜ ଗାଁର ଜଙ୍ଗଲ ପରି ଲାଗେ । ସାଧାରଣ ଲୋକଙ୍କ ପାଇଁ ଏଠାରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ଅଛି । ଏଠାରୁ ବହୁ ଔଷଧୀୟ ଗଛ ବିଷୟରେ ମୁଁ ଜାଣିବାକୁ ପାଇଛି । ଏହାର ମନୋରମ ପରିବେଶ ମତେ ଘରକୁ ଯିବାକୁ ଦିଏନି । ଘଣ୍ଟା ଘଣ୍ଟା ଧରି ଏଠି ମୁଁ ବୁଲାବୁଲି କରେ । ଆନନ୍ଦବନ ଆସି ବେଶ୍ ଖୁସି ଲାଗେ ।

- ପ୍ରତ୍ୟାଶା ଷଡ଼ଙ୍ଗୀ,
ଛାତ୍ରୀ, କଳିଙ୍ଗ ବିହାର

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର

## ଚାଷୀଙ୍କୁ ପ୍ରେରଣା ପିଆଜ ଗବେଷଣା

**କେନ୍ଦ୍ର କୃଷି ମନ୍ତ୍ରଣାଳୟ ଅଧୀନରେ ରାଷ୍ଟ୍ରୀୟ ଉଦ୍ୟାନକୃଷି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ତରଫରୁ ସମଗ୍ର ଦେଶରେ ୪ଟି ସ୍ଥାନରେ ଆଞ୍ଚଳିକ ପିଆଜ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେଥିମଧ୍ୟରୁ ମହାରାଷ୍ଟ୍ରର ନାସିକ, କର୍ଣ୍ଣାଟକର କରନାଲ, ତାମିଲନାଡୁର କୋଇମ୍ବାଟୁର ଏବଂ ଓଡ଼ିଶାର ବୌଦ୍ଧ ଜିଲ୍ଲାରେ ପିଆଜ ଗବେଷଣା କେନ୍ଦ୍ର ରହିଛି।**





ଓଡ଼ିଶାରେ ଥିବା ଏକମାତ୍ର ପିଆଜ ଗବେଷଣା କେନ୍ଦ୍ର ବୌଦ୍ଧ ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୧୫ କିମି ଦୂର ପାଲଝାର ଠାରେ ଅବସ୍ଥିତ। ୨୦୧୫ ମସିହାରେ ପ୍ରତିଷ୍ଠିତ ଏହି କେନ୍ଦ୍ର ୨୦୧୮ ମସିହାରେ କାର୍ଯ୍ୟକ୍ଷମ ହୋଇଥିଲା। ୫୧ ଏକର ପରିମିତ ଜାଗାରେ ପ୍ରତିଷ୍ଠିତ ଏହି ଗବେଷଣା କେନ୍ଦ୍ରରେ ଉଭୟ ପିଆଜ ଏବଂ ରସୁଣ ସମ୍ପର୍କୀୟ ଗବେଷଣା କାର୍ଯ୍ୟ ହେଉଥିବା ବେଳେ ମୁଖ୍ୟତଃ ଓଡ଼ିଶା ଜଳବାୟୁ ଆଧାରରେ ପିଆଜ ଗବେଷଣା ଅଗ୍ରାଧିକାର ଭିତ୍ତିରେ କରାଯାଏ। ପିଆଜ ଗବେଷଣା ବ୍ୟତୀତ ଏଠାରେ ଚାଷୀଙ୍କୁ ପିଆଜ ଓ ରସୁଣ ଚାଷ ସମ୍ବନ୍ଧୀୟ ପ୍ରଶିକ୍ଷଣ, ଚାଷୀଙ୍କ ଦକ୍ଷତା ବିକାଶ ତାଲିମ, ରାଜ୍ୟର ଚାଷୀଙ୍କ ଏକ୍ସପୋଜର ଭିଜିଟ, ବିହନ ଉତ୍ପାଦନ, ଗବେଷଣା ପରୀକ୍ଷଣ ଇତ୍ୟାଦି ଏଠାରେ ଅନୁଷ୍ଠିତ ହୁଏ। ଅଦ୍ୟାବଧି ଏଠାରେ ୪ ହଜାର ଚାଷୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆ ସାରିଥିବା ବେଳେ ୧ଟି ରାଜ୍ୟସ୍ତରୀୟ ଏବଂ ୨ଟି ଜାତୀୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠାନରୁ ଖରିଫ ଋତୁ ପାଇଁ ୧ଟି ଏବଂ ରବି ଋତୁ ପାଇଁ ୪ଟି ଏହିଭଳି ମୋଟ ୫ଟି ପିଆଜ କିସମ ରିଲିଜ ହୋଇଛି। ଖରିଫ ଋତୁ ପାଇଁ ଲାଇନ ୮୮୩ ଏବଂ ରବି ଋତୁ ପାଇଁ ଲାଇନ ୯୨୦, ରେଡ, ରେଡ ୨ ଏବଂ ରେଡ ୪ କିସମ ରିଲିଜ ହୋଇଛି। ଏସବୁ କିସମ ବିହନ ବୌଦ୍ଧ ଜିଲ୍ଲା ସମେତ ଅନଗୁଳ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, ଯାଜପୁର ଏବଂ କୋରାପୁଟ ଜିଲ୍ଲାର ଚାଷୀଙ୍କୁ ପ୍ରଦାନ କରାଯାଇଛି। ଏଠାରୁ ରିଲିଜ ହୋଇଥିବା ବିହନ ପାରମ୍ପରିକ ବିହନ ତୁଳନାରେ ଅଧିକ ଅମଳକ୍ଷମ, ରୋଗପୋକ ସହନ କ୍ଷମତା ଅଧିକ, ଅଳ୍ପ ଦିନରେ ଅମଳକ୍ଷମ ଏବଂ ଅଧିକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇପାରେ। ବୌଦ୍ଧ ଜିଲ୍ଲାରେ ଖରିଫ ଋତୁରେ ୨୦୦ ହେକ୍ଟର ଜମିରେ ଏସବୁ କିସମ ପିଆଜ ଚାଷ ହେଉଥିବା ବେଳେ ରବି ଋତୁରେ ୩୫୦ ହେକ୍ଟର ଜମିରେ ଚାଷ କରାଯାଉଛି। ଉଭୟ ଚାଷୀ ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଏହି ପ୍ରତିଷ୍ଠାନ ଗବେଷଣା ସହିତ ବିଭିନ୍ନ ପ୍ରକାର ଉନ୍ନତ ବିହନ, ପ୍ରଯୁକ୍ତି ବିଦ୍ୟା, ସଂରକ୍ଷଣ ଜ୍ଞାନକୌଶଳ ଚାଷୀଙ୍କୁ ପ୍ରଦାନ କରୁଥିବା ବେଳେ, ମାତ୍ର ୫ ବର୍ଷ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ଏହି ଗବେଷଣା କେନ୍ଦ୍ରର କୃଷି ବୈଜ୍ଞାନିକମାନେ ଏହାର ମୌଳିକ ଉଦ୍ଦେଶ୍ୟ ନିଶ୍ଚିତ ସାଧିତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।


ଦିବ୍ୟ ରଞ୍ଜନ ପଟ୍ଟନାୟକ



## ସୁଆଁ ଚାଷରୁ ଲକ୍ଷପତି


ଜୟକୃଷ୍ଣ ସେଠ

**ଆବହମାନ କାଳରୁ ପୁଷ୍ଟିଶସ୍ୟ ମଣିଷ ସଭ୍ୟତାର ମୁଖ୍ୟ ଓ ପ୍ରଥମ ଖାଦ୍ୟ ଥିଲା। ହେଲେ ଉଗ୍ର ଆଧୁନିକତାର କରାଳ ଛାୟାରେ ମାନବ ସମାଜର ବହୁମୂଲ୍ୟ ପୁଷ୍ଟିଶସ୍ୟ ଖାଦ୍ୟ ବିଲୁପ୍ତ ପ୍ରାୟ ହୋଇ ଲୋକେ ଜଙ୍କ୍ ଫୁଡ, ଫାଷ୍ଟଫୁଡର ବିଷାକ୍ତ ବଳୟରେ ଛନ୍ଦି ହୋଇଛନ୍ତି। କିନ୍ତୁ ଆଜି ଏଥିରେ ଅନେକ ପରିବର୍ତ୍ତନ ଆସିଛି। ସାରା ବିଶ୍ୱ ପୁଷ୍ଟିଶସ୍ୟ ଜାତୀୟ ଫସଲ, ଖାଦ୍ୟର ଗୁରୁତ୍ୱ ଓ ଏହାର ଅବଦାନ ବିଷୟରେ ହୃଦୟଙ୍ଗମ କରିପାରିଛି।**



ପୁଷ୍ଟିଶସ୍ୟର ବିଭିନ୍ନ ପ୍ରଜାତିର ଫସଲ ମଧ୍ୟରୁ ଓଡ଼ିଶାରେ 'ସୁଆଁ' ଚାଷ ଅପେକ୍ଷାକୃତ ଅଳ୍ପ ଭାବେ ପ୍ରଚଳିତ। ସୁଆଁରୁ ମୁଖ୍ୟତଃ ବିସ୍କୁଟ, କେକ, ଉପମା, କ୍ଷିରୀ, ଇଡଲି, ବରା, ଜଲେବି ଇତ୍ୟାଦି ପ୍ରସ୍ତୁତ କରାଯାଏ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାଲୁଥିବା ମିଲେଟ୍ ମିଶନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ପ୍ରୋତ୍ସାହନରେ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ତଲସରା ଗ୍ରାମର ସରିତା ସାହୁ (୨୪) ସୁଆଁ ଚାଷ କରି ସଫଳ ହୋଇଛନ୍ତି। ଗତବର୍ଷ ବାଲିଶଙ୍କରା ବ୍ଲକରେ ଆୟୋଜିତ ପୁଷ୍ଟିଶସ୍ୟ ମହୋତ୍ସବ, ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଥିଲେ। ସରିତାଙ୍କ ପରିବାରରେ ନିଜସ୍ୱ ଜମି କହିଲେ କିଛି ନାହିଁ। କିନ୍ତୁ ପିଲାଟି ଦିନରୁ ଚାଷ ପ୍ରତି ସରିତାଙ୍କ ଥିବା ଦୁର୍ବଳତା ତାଙ୍କୁ ସଫଳତା ଦେଇଛି। ନିଜର ଦୃଢ ଇଚ୍ଛାଶକ୍ତି, ନୂଆ କିଛି କରିବାର ଅଦମ୍ୟ ଆଗ୍ରହ ଦ୍ୱାରା ଗ୍ରାମର ୭ ଜଣଙ୍କୁ ସଚେତନ କରି ଭାଗ ଚାଷୀ ଭାବେ ପଡ଼ିଆ ପଡ଼ିଥିବା ୧୫ ଏକର ଜମିରେ ସୁଆଁ ଚାଷ ଆରମ୍ଭ କରିଥିଲେ। ନିଜର କଠିନ ପରିଶ୍ରମ, ପରିବାର ବର୍ଗଙ୍କ ସହଯୋଗ ପାଇ ସୁନାର ଫସଲ ଫଳାଇବାରେ ସଫଳ ହୋଇଥିଲେ। ଇତିମଧ୍ୟରେ ସେ ଏହାକୁ ଅମଳ କରିସାରିଛନ୍ତି। ଏଥିରୁ ଅତି କମରେ ୩ ଲକ୍ଷରୁ ଅଧିକ ଟଙ୍କା ରୋଜଗାର ହେବ ବୋଲି ସେ ଆଶା ରଖିଛନ୍ତି। ସେ ନିଜେ ସ୍ୱାବଲମ୍ବୀ ହେବା ସହ ଆଗାମୀ ଦିନରେ ଏହି ଚାଷରୁ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ କରିବାର ମହତ୍ ଉଦ୍ଦେଶ୍ୟ ରଖିଛନ୍ତି।



## ରାହା ଯୋଗାଉଛି ମିଶନ ଶକ୍ତି


ସୁବୋଧ ଚେଟ୍ଟି

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସାରା ରାଜ୍ୟରେ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଆ ମିଶନ ଶକ୍ତି ମାଧ୍ୟମରେ ରୋଜଗାରକ୍ଷମ ହୋଇପାରିଛନ୍ତି। କୋରାପୁଟ ଜିଲ୍ଲାର ମାଆମାନେ ମଧ୍ୟ ବେଶ୍ ଉପକୃତ ହୋଇପାରିଛନ୍ତି। ଯେଉଁମାନେ ଦିନେ ଟଙ୍କାଟିଏ ରୋଜଗାର କରି ପାରୁ ନ ଥିଲେ ଆଜି ସେମାନେ ମିଶନ ଶକ୍ତି ସହାୟତାରେ ମାସକୁ ୩ ରୁ ୫ ହଜାର ଟଙ୍କା ଲେଖାଏଁ ରୋଜଗାର କରିବାରେ ସମର୍ଥ ହୋଇଛନ୍ତି।**



କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ନିଘାମାନିଗୁଡା ଗ୍ରାମର ଗାଙ୍ଗେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ। ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ଏବଂ ପଦ୍ମପୁର ଏମ୍‌ବିକେ ସିପ୍ରା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଜଣ ସଦସ୍ୟା ଆତ୍ମନିର୍ଭରଶୀଳ ହେବାକୁ ଏକ ମାଷ୍ଟର ପ୍ଲାନ କରି ବର୍ତ୍ତମାନ ସଫଳତାର ପ୍ରଥମ ପାହାଚ ଚଢ଼ିବାରେ ସକ୍ଷମ ହୋଇପାରିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଗାଙ୍ଗେଶ୍ୱରୀ ଏସ୍‌ଏଚ୍‌ଜି ମା'ମାନେ ଜଣେ ବ୍ୟକ୍ତିଙ୍କ ୭୦ ଡେସିମିଲ ଜାଗା ଲିଜ୍ ସୂତ୍ରରେ ନେଇ ବିଭିନ୍ନ ପ୍ରକାର ଚାଷ କରି ବେଶ ଲାଭବାନ ହୋଇଛନ୍ତି। ୨୦ ଡେସିମିଲ ଜମିରେ କରାଯାଇଥିବା ପୋଲି ହାଉସରେ ଉନ୍ନତ କିସମର ଆଳୁଚାରା, ଅମୃତଭଣ୍ଡା ଓ ଅନ୍ୟାନ୍ୟ ଚାରା ଉତ୍ପାଦନ କରି ବାର୍ଷିକ ସେମାନେ ୨ ଲକ୍ଷ ୭୫ ହଜାର ଟଙ୍କା ଲାଭ ପାଇଥିବା ବେଳେ ଛତୁଚାଷରୁ ୩୦ ହଜାର, ଫୁଲଚାଷରୁ ୨୫ ହଜାର, ମସଲା ଗୁଣ୍ଡ ତିଆରି କରି ୫୦ହଜାର ଟଙ୍କା ଲାଭ ପାଇଥିବା ଗାଙ୍ଗେଶ୍ୱରୀ ଏସ୍‌ଏଚ୍‌ଜି ସଭାନେତ୍ରୀ ନିରୋଶା ଚୌଧରୀ ପ୍ରକାଶ କରିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ତଥା କମିଶନର ଡଃ.ଅରବିନ୍ଦ କୁମାର ପାଢ଼ୀ, ମିଶନ ଶକ୍ତି ମୁଖ୍ୟ ଉପଦେଷ୍ଟା ଡଃ.ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଗାଙ୍ଗେଶ୍ୱରୀ ଏସ୍‌ଏଚ୍‌ଜି ଦ୍ୱାରା କରାଯାଇଥିବା ପୋଲି ହାଉସ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଦେଖି ଖୁବ୍ ପ୍ରଶଂସା କରିବା ସହ ଆଉ କିଛି ନୂଆ କାର୍ଯ୍ୟକ୍ରମ ହାତକୁ ନେବାକୁ ପରାମର୍ଶ ଦେଇଥିଲେ।





## 'କୁକୁଡ଼ା' ଦେଇଛି ପେଟକୁ ଦାନା

**ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ହୋଇଛି। ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶା ଆଜି ଖାଦ୍ୟଶସ୍ୟରେ ବଳକା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା କୃଷି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନା ମାଇଲଖୁଣ୍ଟ ହୋଇଛି। ଏହି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ମହିଳା ଓ ଯୁବକମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି।**


ବିଚିତ୍ରାନନ୍ଦ ବେହେରା





ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ ବଡତୋଟା ଛପାଲି ଗ୍ରାମର ଏସ୍‌କେ ସାଜିଦ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ନିଜ ଜାଗାରେ ବୈଜ୍ଞାନିକ ପଦ୍ଧତିରେ ଅଣ୍ଡାରୁ କଲରବାଡ ଚିଆଁ ପ୍ରସ୍ତୁତ ହାଚେରି ପ୍ରସ୍ତୁତ କରିଛନ୍ତି। ଆଗରୁ ସାଜିଦ ଭଡା ସୂତ୍ରରେ ମେସିନ ନେଇ ମାତ୍ର ପାଞ୍ଚ ହଜାର ଚିଆଁ ବସାଉଥିଲେ ଏବଂ ଚିଆଁ ପ୍ରସ୍ତୁତ କରୁଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ବିଷୟରେ ଠିକ୍ ଭାବରେ ବୁଝିଲା ପରେ ସାଜିଦ ଆଉ ପଛକୁ ଚାହିଁ ନାହାଁନ୍ତି। ବ୍ୟାଙ୍କରୁ ଲୋନ ଆଣି ୭୫ଲକ୍ଷ ଟଙ୍କାର ଆବଶ୍ୟକୀୟ ଯନ୍ତ୍ରାଂଶ ଆଣି ହାଚେରୀ ପ୍ରସ୍ତୁତ କରିଥିଲେ। ଏବେ ସପ୍ତାହକୁ ଏକ ଲକ୍ଷ ତିରିଶ ହଜାର କଲରବାଡ ଚିଆଁ ତାଙ୍କ ହାଚେରିରୁ ପ୍ରସ୍ତୁତ ହେଉଛି। କଲରବାଡ ଚିଆଁଗୁଡିକୁ ଓଡ଼ିଶାର ବିଭିନ୍ନ ଜିଲ୍ଲା ସହିତ ଓଡ଼ିଶା ବାହାର ତିନୋଟି ରାଜ୍ୟକୁ ଚିଆଁ ବିକ୍ରି କରବା ପାଇଁ ପଠାଉଛନ୍ତି। ସାଜିଦ ଏହି କଲରବାଡ ଚିଆଁ ବିକ୍ରିକରି ବେଶ ଲାଭବାନ ହେବା ସହିତ ସାଜିଦ ନିଜ ଅଞ୍ଚଳ ସହିତ ବାହାର ଜିଲ୍ଲାର ୧୫ ଜଣ ଯୁବକଙ୍କୁ ତାଙ୍କ ହାଚେରିରେ ନିଯୁକ୍ତ ଯୋଗାଇଛନ୍ତି। ଏହି ହାଚେରିରେ କାମ କରୁଥିବା ସମସ୍ତ ଯୁବକମାନେ ବେଶ ଖୁସି ମଧ୍ୟ ଅଛନ୍ତି। ସାଜିଦଙ୍କର ଏହି ସଫଳ କାର୍ଯ୍ୟ ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାକାଳପଡ଼ା ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବରେ ପରିଚିତ ହେବା ସହିତ ଅନ୍ୟମାନଙ୍କ ପାଇଁ ସେ ଉଦାହରଣ ପାଲଟିଛନ୍ତି।



## ଡାହାଣୀ ଛଡ଼ାଇବା ନାଁରେ ନାବାଳିକାକୁ ଗଣଦୁଷ୍କର୍ମ

# ଦୁଇ ଦୋଷୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ଜଗତସିଂହପୁର, ୨୦।୧(ସମିସ):** ଡାହାଣୀ ଛଡ଼ାଇବା ନାଁରେ ଜଣେ ନାବାଳିକାକୁ ଦୁଷ୍କର୍ମ କରାଯିବା ମାମଲାର ଶୁଣାଣି କରି ଜଗତସିଂହପୁର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଉଭୟ ୩୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ହେଲେ ଉଭୟଙ୍କୁ ଅଧିକ ୯ ମାସ ଲେଖାଏଁ ଜେଲ୍ ଭୋଗିବାକୁ ପଡ଼ିବ। ଦୋଷୀଦ୍ୱୟ ହେଲେ, ତିର୍ତ୍ତୋଲ ଅଞ୍ଚଳର ଅକ୍ଷୟ କୁମାର ନାୟକ (୬୪) ଓରଫ୍ ମଇନ ବାବା ଏବଂ ତାଙ୍କ ସହଯୋଗୀ ପ୍ରଭାତ ମଲ୍ଲିକ। ସୂଚନା ଅନୁସାରେ, ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ନାବାଳିକା ବାରମ୍ବାର ଅସୁସ୍ଥ ହେଉଥିଲେ। ଚିକିତ୍ସା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଡାହାଣୀ ଲାଗିଥିବା ସନ୍ଦେହରେ ପରିବାରଲୋକ ତାଙ୍କର ଝଡ଼ାଫୁଙ୍କା କରାଇଥିଲେ। ଏଥିପାଇଁ ସେମାନେ ସ୍ଥାନୀୟ ଅଞ୍ଚଳର ଗୁଣିଆ ଅକ୍ଷୟଙ୍କୁ ଡକାଇଥିଲେ। ୨୦୧୬ ଜୁଲାଇ ୧୬ ତାରିଖରେ ଅକ୍ଷୟ ନିଜ ସହଯୋଗୀ ପ୍ରଭାତ ସହ ନାବାଳିକା ଘରେ ପହଞ୍ଚିଥିଲା। ରାତିରେ ଡାହାଣୀ ଛଡ଼ାଇବେ ବୋଲି କହି ଦୁହେଁ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ ଜାଣି ନାବାଳିକାଙ୍କ ପରିବାରଲୋକ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ।

## ଅବଶିଷ୍ଟାଂଶ...

### 'ନୂଆ ଓଡ଼ିଶା...

ଅତ୍ୟାଧୁନିକ ଲାବୋରେଟେରୀର ବ୍ୟବସ୍ଥା କରାଯାଇଛି। ରୂପାନ୍ତରିତ ସ୍କୁଲର ସଠିକ୍ ଉପଯୋଗ କରି ଭଲ ପାଠ ପଢ଼ିବା ସହିତ ନିଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ସରକାରୀ ସ୍କୁଲମାନଙ୍କରେ ପିଲାମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବହୁ ଉନ୍ନତି ଆସିଛି। ଏବେ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ପିଲା ଓ ଅଭିଭାବକ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ସେହିପରି ପିଲାମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତୁମେମାନେ ତୁମ ଜୀବନରେ '୫-ଟି' ନୀତିର ପ୍ରୟୋଗ କର। ଏହା ତୁମମାନଙ୍କ ପାଇଁ ସଫଳତା ଆଣିଦେବ। ତୁମେମାନେ ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କର ବିଶେଷ ଭୂମିକା ରହିଛି। ସ୍ୱଚ୍ଛତା ଓ ସାଧୁତା ହେଉଛି ମଣିଷ ଜୀବନର ଶ୍ରେଷ୍ଠ ଗୁଣ। ସମୟକୁ ନଷ୍ଟ ନକରି ତା'ର ଉପଯୋଗ କର। ଏହି ଚାରୋଟି ନୀତିକୁ ଅନୁସରଣ କଲେ ଜୀବନରେ ସଫଳତା ହାସଲ କରି ରୂପାନ୍ତର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ପ୍ରଥମରୁ ସ୍କୁଲ ରୂପାନ୍ତର ଏକ ସ୍ୱପ୍ନ ଭଳି ଥିଲା। ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଅଭିଭାବକ ସମସ୍ତଙ୍କ ସହଯୋଗ ଏବଂ ଟିମ୍‌ୱାର୍କ ଯୋଗୁଁ ଏହା ଅଭୂତପୂର୍ବ ସଫଳତା ପାଇଛି। ବର୍ତ୍ତମାନ ରୂପାନ୍ତରିତ ସ୍କୁଲଗୁଡିକର ରକ୍ଷଣାବେକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତଦେଇ ସେ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ '୫-ଟି' ସ୍କୁଲ ରୂପାନ୍ତର ସଂପର୍କରେ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ନବମ ଶ୍ରେଣୀର ଛାତ୍ରୀ ଆର୍ଯ୍ୟସୂତା ପ୍ରଧାନ, ରାୟଗଡ଼ାର ନବମ ଶ୍ରେଣୀ ଛାତ୍ର ଗୁପ୍ତେଶ୍ୱର ନାଗ, ନୂଆପଡ଼ାର ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ତାଣ୍ଡି ଏବଂ ବଲାଙ୍ଗିରର ନବମ ଶ୍ରେଣୀ ଛାତ୍ର ସାନ୍ତନୁ ରଣା ପ୍ରମୁଖ ସେମାନଙ୍କ ମତାମତ ଦେଇ କହିଛନ୍ତି ଯେ ସ୍କୁଲ ରୂପାନ୍ତର ଆମ ପାଠପଢ଼ା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। '୫-ଟି' ଉପକ୍ରମ ଆମ ବିଦ୍ୟାଳୟର ସ୍ୱରୂପ ବଦଳାଇ ଦେଇଛି। ବର୍ତ୍ତମାନ ଆମେ ଆମର ଲକ୍ଷ୍ୟ ପୂରଣ ନେଇ ଗଭୀର ଆତ୍ମବିଶ୍ୱାସର ସହ ପାଠ ପଢୁଛୁ। ସେହିପରି ସମ୍ବଲପୁରର ଜିଲ୍ଲା ସରକାରୀ ଭିନ୍ନକ୍ଷମ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ପୂର୍ଣ୍ଣିମା ଭୁଏ କହିଛନ୍ତି ଯେ ଆମ ପାଠ ପଢ଼ିବା ପାଇଁ ସ୍ମାର୍ଟ କ୍ଲାସରୁମ୍ ସହିତ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି ଯାହାକି ଆମ ପାଇଁ ପାଠ ବୁଝିବାକୁ ସହଜ କରିଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

ମୟୂରଭଞ୍ଜରେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାୟଗଡ଼ାରେ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ବଲପୁରରେ ବିଧାୟକ ରୋହିତ ପୁଜାରୀ, ନୂଆପଡାରେ ସାଂସଦ ବସନ୍ତ ପଣ୍ଡା ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝୀ ଏବଂ ବଲାଙ୍ଗିରରେ ଜଳସଂପଦ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ପିଲାମାନେ ବଡ଼ ହେବା ପାଇଁ, ଭଲ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ବ୍ୟବସ୍ଥା କରିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି ଲୋକାର୍ପିତ ହୋଇଥିବା ହାଇସ୍କୁଲ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ୧୦୫ଟି, ସମ୍ବଲପୁରର ୬୩ଟି, ନୂଆପଡ଼ାର ୩୩ଟି, ରାୟଗଡ଼ାର ୬୦ଟି ଓ ବଲାଙ୍ଗିର ଜିଲ୍ଲାର ୧୦୦ଟି ହାଇସ୍କୁଲ ରହିଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ଟି ସ୍କୁଲ ରୂପାନ୍ତରିତ ହେବ।

### ଜାଣି ଅଜଣା...

ଶ୍ରୀ ଦାସ ନିଜ ଟୁଇଟ୍‌ରେ ଆହୁରି ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ସଂସ୍ଥା ଇଡିସିଆଇଏଲ୍ କେନ୍ଦ୍ରୀୟ ବିଦ୍ୟାଳୟ ଠାରୁ ଆରମ୍ଭ କରି ଜବାହାର ନବୋଦୟ ବିଦ୍ୟାଳୟ, ଏମସ୍, ଭାରତୀୟ ସେନା ଏବଂ ଅନ୍ୟାନ୍ୟ ସଂସ୍ଥାପାଇଁ ହଜାର ହଜାର ସଂଖ୍ୟାରେ ନିଯୁକ୍ତି କରିଥାଏ। ତା' ହେଲେ ସେଠି ମଧ୍ୟ କ'ଣ ଅନିୟମିତତା ହୋଇଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

### ୧୩ଟି ଜିଲ୍ଲାରେ...

କରି ପରିବେଶକୁ ସମତୁଳ କରିବ। ଏହା ସହିତ ବନ୍ୟା ନିୟନ୍ତ୍ରଣରେ ମଧ୍ୟ ଏହି ପ୍ରକଳ୍ପଗୁଡିକ ସହାୟକ ହେବ। ଆମର ନିରନ୍ତର ବିକାଶ ପାଇଁ ଏପରି ପ୍ରକଳ୍ପ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମ ହୋଇଥିଲା। କେନ୍ଦ୍ରାପଡ଼ାରେ ୧୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ୧୫ ହଜାରରୁ ଅଧିକ ଚାଷୀ ଉପସ୍ଥିତ ଥିଲେ।

ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୨୦ରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ୧୧୭୦୦ କୋଟି ଟଙ୍କାରେ ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩ଟି ପର୍ଯ୍ୟାୟରେ ୭୨ଟି ପ୍ରକଳ୍ପ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଆମର ସବୁ କାର୍ଯ୍ୟକ୍ରମ ଲୋକମତ ଓ ଜନସହଭାଗିତା ଭିତ୍ତିରେ କରାଯାଉଛି। ତାଙ୍କ ନିର୍ଦ୍ଦେଶରେ '୫-ଟି' ଅଧ୍ୟକ୍ଷ ବିଭିନ୍ନ ଜିଲ୍ଲାକୁ ଗସ୍ତ କରିବା ସମୟରେ ଲୋକଙ୍କ ଠାରୁ ଏପରି ପ୍ରକଳ୍ପ ପାଇଁ ପ୍ରସ୍ତାବ ଆସିଥିଲା। ଲୋକଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇ ଏହି ସବୁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। '୫-ଟି' ଉପକ୍ରମରେ ଏହି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପଗୁଡ଼ିକର ନିର୍ମାଣ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବେ ନାହିଁ।

ସେହିପରି ରାଜ୍ୟରେ ଚାଷୀମାନଙ୍କର କଲ୍ୟାଣାର୍ଥେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରକଳ୍ପ ଚାଷୀର ବିକାଶ ଓ ପରିବେଶର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। 'କାଳିଆ' ଯୋଜନା, କୃଷକମାନଙ୍କ ପାଇଁ ବିନା ସୁଧରେ ଋଣ ସୁବିଧା, ଶସ୍ୟ ବୀମା ପ୍ରିମିୟମ ପ୍ରଦାନ ଇତ୍ୟାଦି କାର୍ଯ୍ୟକ୍ରମ ରାଜ୍ୟରେ ଚାଷୀମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଛି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ। ସେମାନଙ୍କ ଉନ୍ନତି ପାଇଁ ଆମେ କାମ କରୁଛୁ ଓ କରି ଚାଲିବୁ ମୁଖ୍ୟମନ୍ତ୍ରୀ କହିଥିଲେ।

ବଲାଙ୍ଗିରଠାରେ କାର୍ଯ୍ୟକ୍ରମରେ ଯୋଗଦେଇ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ ଚାଷୀମାନଙ୍କର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କର ଦୃଢ଼ ସଂକଳ୍ପ ରହିଛି। ଚାଷୀମାନେ ଖରାଦିନେ ଯେପରି ପାଣି ପାଇବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଆରମ୍ଭ କରିଛନ୍ତି। କେନ୍ଦ୍ରାପଡ଼ାରେ ଉପସ୍ଥିତ ରହି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ କେନ୍ଦ୍ରାପଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। କେବଳ ଏହି ପ୍ରକଳ୍ପ ନୁହେଁ; କେନ୍ଦ୍ରାପଡ଼ାରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ବୌଦ୍ଧ କନ୍ଧମାଳରେ ଉପସ୍ଥିତ ବିଧାୟକ ମହିଧର ରଣା ମଧ୍ୟ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ତିନି ଜଣ ଚାଷୀ ସେମାନଙ୍କ ମତାମତ ଦେଇଥିଲେ। କେସିଙ୍ଗାରେ ପାନାଲାଲ ବେମାଲ, ଆଖୁଆପଦାରେ ଶରତ ଚନ୍ଦ୍ର ଜେନା ଓ ବୀରମହାରାଜପୁରରେ ବିବସ୍ୱତି ପଣ୍ଡା ପ୍ରମୁଖ ମତ ଦେଇ କହିଛନ୍ତି ଯେ ଏହି ପ୍ରକଳ୍ପ ଦ୍ୱାରା ଆମ ଭଳି ଚାଷୀ ମାନଙ୍କର ମରୁଡି ସମସ୍ୟା ଦୂର ହେବ। ଆମେ ବିଭିନ୍ନ ପ୍ରକାର ଚାଷ କରିପାରିବୁ ଓ ପିଇବା ପାଣିର ସମସ୍ୟା ମଧ୍ୟ ରହିବ ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି। ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଦେଇଥିଲେ।

### ଖୁବଶୀଘ୍ର ନିପନ୍...

କେନ୍ଦ୍ରାପଡ଼ାରେ ଆର୍ସେଲର୍ ମିତ୍ତଲ ନିପନ୍ ଷ୍ଟିଲ ପ୍ରକଳ୍ପ ପାଇଁ ଜାପାନ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଖୁବ୍ ଉଦ୍ୟମ କରିଥିଲେ। ଲୋକଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଏଥିପାଇଁ ଶୁଭଦେବେ ବୋଲି '୫-ଟି' ଅଧ୍ୟକ୍ଷ କହିଛନ୍ତି। ଆର୍ସେଲର୍ ମିତ୍ତଲ ପ୍ରକଳ୍ପ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି।

### ସାନିଆ-ସୋଏବଙ୍କ...

ପୋଷ୍ଟ କରିଛନ୍ତି। ଏହାପରେ ସାନିଆଙ୍କ ସହ ସୋଏବଙ୍କର ବିବାହ ବିଚ୍ଛେଦ ହୋଇଥିବା ସ୍ପଷ୍ଟ ହୋଇଛି। ସାନିଆଙ୍କ ପରିବାର ସୂତ୍ରରୁ ସୂଚନା ମିଳିଛି, ଯେ ଏହା ଏକତରଫା ବିଚ୍ଛେଦ। ମୁସ୍‌ଲିମ୍ ଧର୍ମରେ ଜଣେ ମହିଳା ଚାହିଁଲେ ତାଙ୍କ ସ୍ୱାମୀଙ୍କୁ 'ଖୁଲା' ବା ଛାଡ଼ପତ୍ର ଦେଇପାରିବେ। ସାନିଆ ଏହି ନିୟମ ଅନୁଯାୟୀ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ଗୋଟିଏ ଦିନ ପୂର୍ବରୁ ସେ ମଧ୍ୟ ଗଣମାଧ୍ୟମରେ ପୋଷ୍ଟ କରିଥିଲେ, ବିବାହ କରିବା କଷ୍ଟକର, ତାଙ୍କୁ ସମ୍ଭାଳିବା ଓ ବିଚ୍ଛେଦ ହେବା ମଧ୍ୟ କଷ୍ଟକର। ଏଥିରୁ ସେ ଛାଡ଼ପତ୍ର ଦେଇଥିବା ଏବେ ଅନୁମାନ ସ୍ପଷ୍ଟ ହୋଇଯାଇଛି। ୨୦୧୦ରେ ପାକିସ୍ତାନ ଜାତୀୟ ଦଳର କ୍ରିକେଟ ଅଧିନାୟକ ସୋଏବ ମଲିକଙ୍କୁ ସାନିଆ ନିଜ ସହର ହାଇଦରାବାଦ୍‌ରେ ବିବାହ କରିଥିଲେ। କିନ୍ତୁ ସାନିଆ ପାକିସ୍ତାନ ନ ଯାଇ ଦୁବାଇରେ ବସବାସ କରୁଥିଲେ। ଏମାନଙ୍କର ଏକ ୫ ବର୍ଷର ପୁଅ ଇଜାନ ଥିଲାବେଳେ ଗତ ଦେଢ଼ବର୍ଷ ଧରି ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ନଥିଲା। ଉଭୟ ଏକତ୍ର କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିଲେ। ଏବେ ଏହି ବିଚ୍ଛେଦ ଚର୍ଚ୍ଚାର ଶେଷ ହୋଇଛି।

---

O-2260 e-mail : eerw_sunabeda@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTEDNING ENGINEER**
**RURAL WORKS DIVISION, SUNABEDA**
**e-Procurement Notice for Building works**
**Identification No Online Tender /12/RWD-SBD/2023-24**

Letter No. 202 / Date: 18.01.2024 /

01. Name of the work :: Building works Lamtaput & Laxmipur block
02. Total Number of works :: 02 nos works
03. Estimated cost :: 80.00 lakhs to 92.00 lakhs
04. Class of Contractor :: "B" Class
05. Period of Completion :: 06 months
06. Other Details

| Procurement Officer | Bid Identification No. | Availability of tender online for bidding | | Last date & time for seeking tender Clarification | Date of opening of tender | |
|---|---|---|---|---|---|---|
| | | From | To | | Technical | Financial |
| Superintending Engineer, R.W. Division, Sunabeda | Online Tender/12/ RWD-SBD /2023-24 | 20.01.2024 at 11.00 a.m | 09.02.2024 upto 17.00 p.m | 08.02.2024 up 01.00 PM | 12.02.2024 at 11.00 a.m | To be intimated separately |

Further details can be seen from the website www.tendersorissa.gov.in

Sd/-
Executive Engineer,
Rural Works Division: Sunabeda

OIPR-25121/11/0018/2324

---

**e-Procurement Notice**
**OFFICE OF THE NOTIFIED AREA COUNCIL, CHIKITI, GANJAM.**
**Tender Call Notice No. - 63 /Dt.20.01.2024**
**Bid Identification No. - CHKT-NAC-4/2023-24**

The Executive Officer, N.A.C Chikiti on behalf of Governor of Odisha invites percentage bid in double cover system for bidder of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works — 1 No.
2. Estimated Cost for Civil works — Rs.6581125/-
3. Period of completion — As per DTCN.
4. Date & time of availability of Bid Documents in the portal — Dt. 22.01.2024 of 11.00 A.M to Dt:05.02.2024 of 5.00 P.M for online bidding.
5. Last Date of receipt of Bid through Online — Dt: 05.02.2024 of upto 5.00 P.M.
6. Date of opening of Technical Bid — Dt: 06.02.2024 at 11.00 A.M.

Further details can be seen from the procurement portal https://tendersodisha.gov.in

*Executive Officer*
*Chikiti N.A.C*

---

**DISTRICT PROJECT OFFICE** n-264
**SAMAGRA SHIKSHA; KANDHAMAL**

No. 1571 / 2024 Dated 19.01.2024

**NOTICE INVITING TENDER (NIT)**

Sealed tenders under two bid systems are invited from the reputed & credible printing firms agencies having valid PAN,GST.& IT Clearance, registration of firm etc. for printing & supply of Holistic Report Cardfor Class-I to VIII Students under SS Scheme. The tender papers (Bid documents) containing detailed specification with term and conditions, application of technical bid & application of financial bid etc. is available in the website www.kandhamal.nic.in, www.osepa.odisha.gov.in. Interested and eligible printing firms may download BID DOCUMENT from the above website and apply accordingly. The bidders are required to submit DD amounting Rs 1000/-( Rupees one thousands only)drawn in favour of District project Coordinator , SS, Kandhamal towards cost of the tender paper along with the application of technical bid.The last date of tender paper is on dtd. 05.02.2024 at 5PM and will be opened on dtd.06.02.2024 at 11AM. in presence of tenderers or their authorized representatives. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

**By order of Collector-cum-Chairman**
**District Project Coordinator**
**SS, Kandhamal**

OIPR-27059/11/0006/2324

---

**OFFICE OF THE,** C-2392
**KORAPUT MUNICIPALITY: KORAPUT.**

No. 206/MUN-2024 Dated- 19.01.2024

**"e" PROCUREMENT NOTICE.**

Bid Identification No. : KPTMUN-96/2024

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

1. Name of the Work : Civil Work
2. No.of works : 08 No.
3. Estimated Cost : Rs.10,00,000/- TO Rs.71,44,000/-
4. Period of Completion : 2 Months
5. Date & time of Bidding : From 11.00 A.M of 22.01.2024 to 5.00 P.M 03.02.2024.
6. Last date & time for receipt of Bids in portal : 03.02.2024 at 5.00 P.M
7. Bids received online shall be opened on : 03.00PM. hours of Dt.07.02.2024.
8. Name and address of the Officer inviting Bid : Executive Officer, Koraput Municipality

Further details can be seen from the procurement portal. : www.tenderorissa.gov.in

**Executive Officer,**
**Koraput Municipality**

OIPR-13074/11/0024/2324

---

**OFFICE OF THE EXECUTIVE ENGINEER (AGRIL.),** L-210
**KORAPUT DIVISION, JEYPORE**
**EmailId-eeagril.koraput@gmail.com**

No. 219 Date 18.01.2024

**INVITATIONS FOR BIDS THROUGH e-Procurement**

**Bid Identification No/e – Procurement Notice No.–E.E (Agril), Koraput Division, Jeypore – 07/2023-24**

The Executive Engineer (Agril.), Koraput Division, Jeypore on behalf of Governor of Odisha invites **Percentage** Rate Bids in **Single cover** system for the works as detailed in table below.

| Sl. No. | Nos of the work/nature of work | Estimated Cost (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 6 (Six) Nos of Civil Works | Rs. 6.70 lakhs to Rs. 40.00 lakhs | Rs. 4000/- to Rs. 6000/- | 1% On Estimated Cost | B, C & D | 90 days to 120 Days |

a) **The bidders have to participate in ONLINE bidding only.**
b) **The web-site for "ONLINE BIDDING" is http://tendersorissa.gov.in.**
c) **Bid documents will be available in above Website from date. 25.01.2024 at 10.00 AM to Date. 03.02.2024 up to 5.30 P.M for "ONLINE BIDDING".**
d) **Date of original bid documents submission from dt. 25.01.2024 at 10.00 AM to Date. 06.02.2024 up to 5.30 P.M.**
e) **Bids shall be opened at 11:00AM on Dt. 07.02.2024**
f) **The Tender Paper Cost will be deposited in shape of Bank Draft in favour of Executive Engineer (Agril), Koraput Division, Jeypore payable at Jeypore.**
g) **The EMD amount will be deposited in shape of Bank TDR duly pledged with Executive Engineer (Agril), Koraput Division, Jeypore by the awarded contractor only.**
h) **Henceforth all the correspondence will be made to the contractor / bidder through e-mail only (please quote your email with the tender paper).**

The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e- Procurement web site www.tendersorissa.gov.in.

***N.B: Subsequent corrigendum / addendum if required shall be available in the website as indicated above***

Executive Engineer (Agril.)
Koraput Division, Jeypore

OIPR-01472/11/0007/2324

---

**DISTRICT PROJECT OFFICE,**
**SAMAGRA SHIKSHA, RAYAGADA DISTRICT**
Old Revenue Colony, Behind Govt. Hospital, email - dpcrayagadassa.opepa@nic.in

**No. 134/XI/Pd/35/2024** **Date 18.01.2024**

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Holistic Progress Card for the students of Class-I to VIII" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card for the students of Class-I to VIII | Rs.1000/- (Rupees one thousand only) | Rs.12780/- (Rupees twelve thousand seven hundred eighty only) | 09.02.2024 by 05:00 pm | 13.02.2024 by 03:00 pm |

The detailed BID document is available in the website www.osepa.odisha.gov.in & www.rayagada.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

District Project Coordinator,
Samagra Shiksha, Rayagada.

---

**GOVERNMENT OF ODISHA** E-760
**HEALTH & FAMILY WELFARE DEPARTMENT**
**CHIEF DISTRICT MEDICAL & PUBLIC HEALTH OFFICER, RAYAGADA**

Advt No.536 Date 18.01.2024

**Quotation/Tender Call notice for hiring the vehicle for Health & family Welfare Department / CDM & PHO, Rayagada**

Sealed quotations/tenders are invited from interested reputed Travel agencies for providing 3 nos of Ac diesel driven vehicles having sitting capacity not more than 6 including driver. Interested bidders fulfilling the eligibility criteria may submit their Quotation / Proposal(s) which are available at www.rayagada.nic.in. The last date of submission of quotation/proposals is on **05.02.2024 at 5 PM.** The Quotations will be opened on **06.02.2024 at 4 PM** in the office chamber of the undersigned.

OIPR-10035/11/0008/2324 **Sd/-CDM &PHO, Rayagada**

---

n-267

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମିଏଁ ପଢ଼ନ୍ତୁ ସମିଏଁ ବଢ଼ନ୍ତୁ

**OFFICE OF THE DISTRICT PROJECT COORDINATOR,**
**SAMAGRA SHIKSHA, BALANGIR**
dpcbolangirssa.opepa@nic.in
Ph. No. 06652-251010

No. 142/02/pdg, date 19.01.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / printing firms having office as well as Printing set up in the State of Odisha for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students & Holistic Progress Card for Class-I to VIII Students of Balangir district in two bid systems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.1000/- | 120000/- | 07.02.2024 up to 05.00 PM (in all working days, office hour only) | 08.02.2024 04.30 PM |
| Printing & Supply of Holistic Progress Card for Class-I to VIII Students | Rs.1000/- | 20000/- | | |

The detailed BID document is available in the website www.balangir.nic.in & www.osepa.odisha.gov.in Interested and eligible printers / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

**Collector-cum-Chairman**
**Samagra Shiksha, Balangir**

OIPR-27071/11/0004/2324

---

B-1653

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS ) DIVISION-I**
AT/PO- PADHUANPADA , BALASORE
**CONTACT NO :- 06782262045**
**E Mail ID :- ee_blsrb@yahoo.co.in**

**BID INVITATION NO. SE (R and B) BLS-Divn-1- 73 / 2023-24**
**Letter No. 619 / Date 18.01.2024**

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 1 No |
| 3 | Nature of work : | : | Electrical work of Balasore (R&B)Division-I |
| 4 | Class of Contractor : | : | "HT Electrical" Class Contractor |
| 5 | Approx. value of work | : | Rs. 9.75 Lakh |
| 6 | Tender Cost | : | Rs. 4000/- |
| 7 | Availability of Bid Documents in the website : | : | **From 10.00 Hours of dt. 22.01.2024 to 16:00 hours of dt. 29.01.2024** |
| 8 | Date of Opening of Bid : | : | Dt. **30.01.2024** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR-34157/11/0025/2324

**Superintending Engineer,**
**Balasore (R&B) Division-I**

---

B-1646

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**
Email – eedklpwd@gmail.com
**INVITATION FOR BIDS THROUGH e-Procurement**

Bid Identification No. SEDKL (R&B). 50 / 2023-24
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of work | : | Roads works (1 Nos) |
| 3. | No. of work | : | 01 Nos. |
| 4. | Bid Cost. | : | ₹.10,000/- |
| 5. | Class of Contractor | : | 'B' Class |
| 6. | Availability of Bid Documents in the website | : | From 10.00 AM of 25.01.2024 to 5.00 PM of 08.02.2024 |
| 7. | Date of Opening of Bid | : | Dt. 09.02.2024 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Superintending Engineer**
**Dhenkanal (R&B) Division, Dhenkanal**

OIPR-34016/11/0039/2324

---

**OFFICE OF THE EXECUTIVE ENGINEER** O-2265
**RWSS DIVISION, RAIRANGPUR**
**INVITATION FOR BIDS**
**E-mail-eerwss_rai@nic.in, eerwss.rai@gmail.com**
**e-PROCUREMENT NOTICE**
**IDENTIFICATION No. 55 RWSS/RRPUR- 2023-2024 / Dated 19.01.2024**

The Executive Engineer, RWSS Division, Rairangpur on behalf of Governor of Odisha, invites **percentage rate** bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work : - Shifting of water supply utilities to be affected due to improvement of **Laxmiposi** to Dundu via Jamda ODR from 08/0002 to 33/ 526 KM under Jamda Block in the District of Mayurbhanj (R&B Deposit 2023-2024)
2. No. of work : - **01**(One) no
3. Period of Completion : **02**(**Two**) months
4. Cost of tender : - ₹10000.00
5. Estimated cost : - **₹117.92** Lac
6. Class of Contractor : - (As mentioned in Tender Call Notice)
7. Date and time of availability of bid documents in Portal: -from **9 hours of 30.01.2024 to 17.30 to hours of 15.02.2024**
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. **16.02.2024** at **11.00** hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
12. **Any addendum / Corrigendum / Cancellation of tender can also be seen in the said website.**
13. **Concession of 10 % will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him / her**

Executive Engineer
RWSS Division, Rairangpur

OIPR-25010/11/0019/2324

---

L-209

E-Mail:asco.puri@gmail.com/pdws.puri@gmail.com

**OFFICE OF THE ASSITANT DIRECTOR, SOIL CONSERVATION, PURI**
**Station Bazar, Puri-752002**
Bid Identification No. : ADSC, PURI-03 of 2023-24

The Assistant Director, Soil Conservation, Puri on behalf of Governor of Odisha, invites percentage rate bids in single cover system in ONLINE MODE , as detailed below.

1. Estimated Cost- Ranging from **Rs. 15 lakh to 20 lakh**
2. Bid Cost: **Rs 6,000/- as Mentioned against each in Column - 04**
3. Period of completion: **Calendar Months Mentioned in Column – 07**
4. No. of works (Tender): **3nos.**
5. EMD: **As mentioned in Column-05**
6. Class of Contractor: **As Mentioned in Column - 06**
7. Date & Time of availability of bid document in the portal:**20.01.2024** at **11.00 A.M.**To **04.02.2024** up to **5.00 P.M**
8. Last date / Time for receipt of bids in the portal:**04.02.2024 up to 5.00 PM**
9. Date of submission of documents:**05.02.2024 11.00 A.M.** to **07.02.2024** up to **5.00 P.M.( Except Holidays)**
10. Date & time of opening of online bids:**08.02.2024 12.00 PM & onwards**
11. Name and address of the officer inviting Bid :**Assistant Director, Soil Conservation, Puri**

Further details can be seen from the e-procurement portal **http:// tendersodisha.gov.in**

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum / corrigendum / cancellation of tender can also be seen in the said website.

Sd/-
Asst. Director, Soil Conservation,
Puri

OIPR-08164/11/0003/2324




# ସୋଏବ-ସାନିଆ ବିଚ୍ଛେଦ



ବହୁ ଚର୍ଚ୍ଚିତ କ୍ରୀଡ଼ା ଦମ୍ପତି ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ସୋଏବ ମଲିକ ଓ ଭାରତୀୟ ମହିଳା ଟେନିସ କିମ୍ବଦନ୍ତୀ ସାନିଆ ମିର୍ଜାଙ୍କ ମଧ୍ୟରେ ବିବାହ ବିଚ୍ଛେଦ ହୋଇଛି। ସୋଏବ ତୃତୀୟ ବିବାହ କରିବା ପରେ ଏହା ସ୍ପଷ୍ଟ ହୋଇଛି। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ବିବାହ ବିଚ୍ଛେଦ ନେଇ ଚର୍ଚ୍ଚା ହେଉଥିଲା। ଏବେ ଏହା ସ୍ପଷ୍ଟ ହେବା ସହ ବିଚ୍ଛେଦ ଚର୍ଚ୍ଚାର ଅନ୍ତ ଘଟିଛି। ୪୧ ବର୍ଷୀୟ ସୋଏବ ୩୦ ବର୍ଷୀୟା ପାକିସ୍ତାନ ଅଭିନେତ୍ରୀ ସାନା ଜାଭେଦଙ୍କୁ ବିବାହ କରିଛନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସୋଏବ ସାନାଙ୍କ ସହ ଫଟୋ ସେୟାର କରି ନିଜର ତୃତୀୟ ବିବାହ ନେଇ ସୂଚନା ଦେଇଛନ୍ତି। ସାନା ମଧ୍ୟ ପୂର୍ବରୁ ବିବାହ କରିଥିଲେ ଓ ଏହା ତାଙ୍କର ଦ୍ୱିତୀୟ ବିବାହ। ୨୦୨୦ ସେ ପାକିସ୍ତାନର ଗାୟକ, ଅଭିନେତା ଉମର ଯଶୱାଲଙ୍କୁ ବିବାହ କରିଥିଲେ।

ପୂର୍ବରୁ ୨୦୦୨ରେ ଭାରତର ହାଇଦରାବାଦ ମଡେଲ ଆଏଶା ସିଦ୍ଦିକିଙ୍କ ସହ ସୋଏବ ପ୍ରଥମ ବିବାହ କରିଥିଲେ। ଆଏଶାଙ୍କଠାରୁ ଛାଡ଼ପତ୍ର ନେବା ପରେ ସୋଏବ ୨୦୧୦ରେ ସାନିଆଙ୍କ ସହ ଦ୍ୱିତୀୟ ବିବାହ କରିଥିଲେ। ଯଦିଓ ଆନୁଷ୍ଠାନିକ ଭାବେ ଦୁହିଁଙ୍କ ବିବାହ ବିଚ୍ଛେଦ ନେଇ କୌଣସି ସୂଚନା ଦିଆଯାଇନାହିଁ। ସାନା ମଧ୍ୟ ଇନ୍‌ଷ୍ଟାଗ୍ରାମ୍‌ରେ ନିଜ ଉପନାମ ପରିବର୍ତ୍ତନ କରିଛନ୍ତି। ସାନା ଜାଭେଦ ବଦଳରେ ସେ ନିଜ ଏକାଉଣ୍ଟରେ ସାନା ସୋଏବ ମଲିକ ଲେଖିଛନ୍ତି। ସାନିଆ ମଧ୍ୟ ବୁଧବାର ବିବାହ ବିଚ୍ଛେଦ ନେଇ ନିଜର କ୍ଷୋଭ ପରୋକ୍ଷରେ ପ୍ରକାଶ କରିଥିଲେ।

## ୨୦୧୦ରେ ସାନିଆଙ୍କ ହାତ ଧରିଥିଲେ ସୋଏବ

ସୋଏବଙ୍କ ଏହି ବିବାହ ଅପେକ୍ଷା ସାନିଆଙ୍କ ସହ ତାଙ୍କର ବିଚ୍ଛେଦକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ସାନିଆଙ୍କ ପ୍ରଶଂସକ ମଧ୍ୟ ଏ ନେଇ ସାମାଜିକ ଗଣମାଧ୍ୟମଗୁଡ଼ିକରେ ନିଜ ମତ ରଖି ବିଭିନ୍ନ ମିମ୍ ପୋଷ୍ଟ କରୁଛନ୍ତି। ୨୦୦୪-୦୫ରେ ଦୁହେଁ ପ୍ରଥମଥର ପାଇଁ ପରସ୍ପରକୁ ଭେଟିଥିଲେ। ୨୦୦୯-୧୦ରେ ଦୁହେଁ ଅଷ୍ଟ୍ରେଲିଆର ସିଡ୍‌ନୀ ସହରରେ ଦ୍ୱିତୀୟଥର ପାଇଁ ଭେଟିଥିଲେ। ଏହାପରେ ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ସାନିଆଙ୍କ ସହ ୫ ମାସ ଡେଟିଂ କରିବା ପରେ ସେ ତାଙ୍କୁ ବିବାହ କରିଥିଲେ। ୨୦୧୦ ଏପ୍ରିଲ ୧୨ ତାରିଖ ହାଇଦାରାବାଦରେ ଦୁଇ କ୍ରୀଡ଼ାବିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହାପରେ ଲାହୋରରେ ଏପ୍ରିଲ ୧୫ରେ ବିବାହ ଭୋଜି ଆୟୋଜିତ ହୋଇଥିଲା। କିନ୍ତୁ ଗତ ଜୁଲାଇରେ ଇନଷ୍ଟାଗ୍ରାମ ବାୟୋରେ ସାନିଆଙ୍କ ନାମ ହଟାଇଥିଲେ। ଏହାପରେ ବିବାହ ବିଚ୍ଛେଦ ନେଇ ଚର୍ଚ୍ଚା ଜୋର ଧରିଥିଲା।

## ବିବାହର ୮ ବର୍ଷରେ ପୁଅର ଜନ୍ମ

ବିବାହର ୮ ବର୍ଷ ପରେ ୨୦୧୮ରେ ପୁଅ ଇଜହାନ ଜନ୍ମ ନେଇଥିଲା। ଏଥିପାଇଁ ସାନିଆ ଟେନିସରୁ ଦେଢ ବର୍ଷ ଦୁରେଇ ରହିଥିଲେ। ନିଜ ପେସାଦାର ଜୀବନରେ ଯେତେବେଳେ ସମସ୍ୟା ସହିତ ସଂଘର୍ଷ କରୁଥିଲେ ସେତେବେଳେ ସୋଏବଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା ବୋଲି ସାନିଆ ତାଙ୍କର ଆତ୍ମ ଜୀବନୀ 'ଏସ ଏଗେନଷ୍ଟ ଅଡ୍ସ'ରେ ଉଲ୍ଲେଖ କରିଛନ୍ତି।


୨୦୧୦ ସୋଏବ-ସାନିଆ


୨୦୨୪ ସୋଏବ-ସାନା

## ଗତବର୍ଷ ଅବସର ଘୋଷଣା କରିଥିଲେ ସାନିଆ

ଗତବର୍ଷ ଅର୍ଥାତ ୨୦୨୩ରେ ସାନିଆ ଟେନିସରୁ ଅବସର ନେଇଥିଲେ। ଭାରତର ଅଭିଜ୍ଞ ପୁରୁଷ ତାରକା ରୋହନ ବୋପାନ୍ନାଙ୍କ ସହ ସେ ହାଇଦାରାବାଦର ଲାଲ ବାହଦୁର ଷ୍ଟାଡିୟମରେ ଏକ ବିଦାୟୀ ମ୍ୟାଚ୍ ଖେଳି ଟେନିସରୁ ଅବସର ନେଇଥିଲେ। ଦୁଇ ଦଶନ୍ଧିର ଉଜ୍ଜ୍ୱଳମୟ କ୍ୟାରିୟରରେ ସାନିଆ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ଭାରତର ଶ୍ରେଷ୍ଠ ଟେନିସ ଖେଳାଳି ବିବେଚିତ ହୋଇଥିଲେ। ୨୦୧୬ରେ ରିଓ ଅଲିମ୍ପିକ୍ସ ସେମିରେ ପ୍ରବେଶ କରିଥିବା ସାନିଆ କ୍ୟାରିୟରରେ ମୋଟ୍ ୪୩ଟି ଟାଇଟଲ ହାସଲ କରିଛନ୍ତି। ସୋଏବଙ୍କଠାରୁ ବିଚ୍ଛେଦ ପରେ ସାନିଆ ଏବେ କ'ଣ କରିବେ ସେ ନେଇ ପ୍ରଶଂସକଙ୍କ ମନରେ ଉତ୍ସୁକତା ଆହୁରି ବଢ଼ିଛି।

# ଅଲିମ୍ପିକ୍ସ ସ୍ୱର୍ଣ୍ଣ ଲକ୍ଷ୍ୟରେ ସିନ୍ଧୁ

ଭାରତୀୟ ବ୍ୟାଡମିଣ୍ଟନ ତାରାକା ପିଭି ସିନ୍ଧୁ ଗତ କିଛି ଦିନ ହେବ ଆଘାତ ସମସ୍ୟା ଓ ଦୁର୍ବଳ ଫର୍ମ ଦେଇ ଗତି କରୁଛନ୍ତି। କ୍ୟାରିୟରରେ ସବୁଠାରୁ କଷ୍ଟକର ସ୍ଥିତି ଦେଇ ଗତି କରୁଥିଲେ ମଧ୍ୟ ସେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି। ଅଲିମ୍ପିକ୍ସରେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ବିଶ୍ୱ ଚାମ୍ପିଅନ ସିନ୍ଧୁ ଏବେ ବିଶ୍ୱ ମାନ୍ୟତାର ଏକାଦଶ ସ୍ଥାନରେ ରହିଛନ୍ତି। ଦୀର୍ଘ ୩ ମାସ ପରେ ସେ ପୂରାଦମ୍‌ରେ ଟ୍ରେନିଂ ଆରମ୍ଭ କରିଛନ୍ତି। ନିଜର ଲକ୍ଷ୍ୟ ହାସଲ କରିବାକୁ ୨୮ ବର୍ଷୀୟା ସିନ୍ଧୁ ନୂଆ କୋଚ୍ ଇଣ୍ଡୋନେସିଆର ଅଗସ ଦ୍ୱି ସାଣ୍ଟୋସୋଙ୍କ ସହ କାର୍ଯ୍ୟ ଆରମ୍ଭ କରିଛନ୍ତି। ନୂଆ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ଏକ ସ୍ୱତନ୍ତ୍ର ଲକ୍ଷ୍ୟ ସହ ଆମେ କାର୍ଯ୍ୟ ସଫଳତାର ସହ ଆରମ୍ଭ କରିଛୁ। ଗତବର୍ଷ ଅକ୍ଟୋବର ଫ୍ରେଞ୍ଚ୍ ଓପନ ଖେଳିବା ଅବସରରେ ସେ ଆହତ ହୋଇଥିଲେ। ସାଣ୍ଟୋସେ ମଧ୍ୟ ତାଙ୍କ କୋର୍ଟ ମୁଭମେଣ୍ଟ୍, ଫିଟ୍‌ନେସ ଓ ଶାରୀରିକ ବ୍ୟାୟାମ ଉପରେ କଡ଼ା ନଜର ରଖିଛନ୍ତି। ସାଣ୍ଟୋସୋ ତାଙ୍କ କୋଚିଂ କ୍ୟାରିୟରରେ ଏକାଧିକ ତାରକା ଖେଳାଳି ସୃଷ୍ଟି କରିଛନ୍ତି। ଏମାନଙ୍କ ମଧ୍ୟରେ ଅଲିମ୍ପିକ୍ସ ରୌପ୍ୟ ବିଜେତା ହେନ୍ଦ୍ରାୱାନ, ବୁଦି ସାଣ୍ଟୋସୋ ଓ ବୁସାନ ଅଙ୍ଗବାମ୍ରୁଙ୍ଗଫାନ୍‌ଙ୍କ ଭଳି ତାରାକା ଖେଳାଳି ସାମିଲ ରହିଛନ୍ତି। ଟ୍ରେନିଂ ଭଲ ଭାବେ ଚାଲିଛି ଓ ବ୍ୟସ୍ତ ହେବାର କିଛି ନାହିଁ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ବେଳକୁ କିନ୍ତୁ ସବୁକିଛି ଠିକ୍‌ଠାକ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ପୂରା ଟିମ୍ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଫର୍ମ ଫେରିପାଇବି ବୋଲି ଆଶା କରୁଛି। ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲେ। ଏଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତି ସେ ନିଜର ସବୁଠାରୁ ବଡ଼ ଲକ୍ଷ୍ୟ ହାସଲ କରିବେ ବୋଲି ଆଶା କରାଯାଉଛି।



## ନୀରଜଙ୍କୁ କେଟି ମୁନ୍‌ଙ୍କ ତାରିଫ୍



ଦୌଡ଼ କୁଦ ମହାତାରକା ନୀରଜ ଚୋପ୍ରା ବିଶ୍ୱ କ୍ରୀଡ଼ାରେ ଭାରତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜାଭେଲିନ୍ ଥ୍ରୋ'ରେ ସେ ସବୁ ପ୍ରକାର ବିଶ୍ୱସ୍ତରୀୟ ସଫଳତା ଅର୍ଜନ କରିସାରିଛନ୍ତି। ବିଶ୍ୱ ଚାମ୍ପିଅନସିପ୍, ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସେ ଡାଇମଣ୍ଡ ଲିଗ୍‌ରେ ମଧ୍ୟ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୬ ବର୍ଷୀୟ ନୀରଜଙ୍କ ପ୍ରଶଂସକଙ୍କ ତାଲିକାରେ ଏବେ ଆମେରିକୀୟ ମହିଳା ଆଥଲେଟ କେଟି ମୁନ ସାମିଲ ହୋଇଛନ୍ତି। ମୁମ୍ବାଇ ଗସ୍ତ ଅବସରରେ ସେ ନୀରଜଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତରେ କ୍ରିକେଟ ସବୁଠାରୁ ବଡ଼ ଗେମ୍ ତଥା ଲୋକପ୍ରିୟ ଖେଳ ବିବେଚିତ ହେଉଛି। ଏହା ସତ୍ତ୍ୱେ ନୀରଜ ଟ୍ରାକ୍ ଆଣ୍ଡ ଫିଲ୍ଡକୁ ଭାରତରେ ଲୋକପ୍ରିୟ କରାଇବାରେ ସଫଳ ହୋଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରଶଂସକ ଏବେ ଟ୍ରାକ୍ ଆଣ୍ଡ ଫିଲ୍ଡକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହା ଏକ ବହୁତ ବଡ଼ ଉପଲବ୍ଧି। ନୀରଜ ହେଉଛନ୍ତ ଭାରତର ଗର୍ବ ଓ ଗୌରବ।



# ଗୋଟିଏ ନାଁରେ ଦୁଇ କ୍ରିକେଟର୍



## ରୋହିତ୍ ଶର୍ମା

ବର୍ତ୍ତମାନ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ୫ ୱିକେଟ୍ ଅକ୍ତିଆର କରି ଜାମ୍ମୁ କାଶ୍ମୀର ଦ୍ରୁତ ବୋଲର ରୋହିତ୍ ଶର୍ମା ଚର୍ଚ୍ଚାରେ ରହିଛନ୍ତି। ୨୯ ବର୍ଷୀୟ ଏହି ଡାହାଣହାତୀ ଦ୍ରୁତ ବୋଲର ନିଜର ଉଚ୍ଚତା ଓ ଗତି ଲାଗି ପ୍ରତିପକ୍ଷ ବ୍ୟାଟର୍‌ଙ୍କୁ ଅଡୁଆରେ ପକାଇବାରେ ସଫଳ ହେଉଛନ୍ତି। ୨୦୧୫ରେ ରଣଜୀ ପଦାର୍ପଣ କରିଥିବା ଏହି ଚର୍ଚ୍ଚିତ ନାମଧାରୀ ରୋହିତ ଶର୍ମା ବର୍ତ୍ତମାନ ସୁଦ୍ଧା ଜାମ୍ମୁ କାଶ୍ମୀର ପାଇଁ ୧୭ ପ୍ରଥମ ଶ୍ରେଣୀ, ୮ ଲିଷ୍ଟ-ଏ ଓ ୫ ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି। ପ୍ରଥମ ଶ୍ରେଣୀରେ ୨୯ ଓ ଲିଷ୍ଟ-ଏ'ରେ ୮ଟି ୱିକେଟ୍ ତାଙ୍କ ନାମରେ ଲିପିବଦ୍ଧ ରହିଛି।

ଚଳିତ ରଣଜୀ ଟ୍ରଫିର ୩ୟ ରାଉଣ୍ଡ ପର୍ଯ୍ୟାୟରେ ଏଲିଟ୍ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ଜାମ୍ମୁ କାଶ୍ମୀର ସାମ୍ନାସାମ୍ନି ହୋଇଛନ୍ତି। କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଉଛି। ଏହି ମୁକାବିଲାରେ ଘରୋଇ ଓଡ଼ିଶା ପ୍ରଥମ ପାଳିରେ ମାତ୍ର ୧୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ପାଳିରେ ଭ୍ରମଣକାରୀ ଦଳର ଦ୍ରୁତ ବୋଲର୍ ରୋହିତ୍ ଶର୍ମା ୫ ୱିକେଟ୍ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ରୋହିତ୍ ୫ ୱିକେଟ୍ ନେଇ ଯେତିକି ଚର୍ଚ୍ଚାରେ ନାହାନ୍ତି ଏହାଠୁ ଅଧିକ ଚର୍ଚ୍ଚା ତାଙ୍କ ନାମକୁ ନେଇ ଚାଲିଛି। ରୋହିତ୍ ଶର୍ମା କହିଲେ ସାଧାରଣତଃ ଭାରତୀୟ ଦଳର ଅଧିନାୟକଙ୍କୁ ସାରା ବିଶ୍ୱ ଜାଣେ। କିନ୍ତୁ ସମାନ ନାମରେ ଆଉ ଜଣେ ଖେଳାଳି ଭାରତୀୟ ଘରୋଇ କ୍ରିକେଟ୍‌ରେ ସକ୍ରିୟ ରହିଛନ୍ତି ତାହା ଖୁବ୍ କମ୍ ଲୋକ ଜାଣିଥିଲେ। ଭାରତୀୟ କ୍ରିକେଟ୍‌ରେ ଏହିଭଳି କିଛି କନିଷ୍ଠ ଖେଳାଳିଙ୍କ ବିଷୟରେ ସଂକ୍ଷେପରେ ଆଲୋଚନା କରିବା ଯେଉଁମାନଙ୍କ ନାମ କିମ୍ବଦନ୍ତୀ କ୍ରିକେଟର୍‌ଙ୍କ ସହ ସମାନ ରହିଛି।



## ମହମ୍ମଦ ଆଝାରୁଦ୍ଦିନ

ମହମ୍ମଦ ଆଝାରୁଦ୍ଦିନଙ୍କ ନାମ ଉଠିଲେ ସାଧାରଣତଃ ସମସ୍ତେ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ଜାଣିଥାନ୍ତି। କିନ୍ତୁ ସମାନ ମହମ୍ମଦ ଆଝାରୁଦ୍ଦିନ ନାମରେ ଆଉ ଜଣେ କ୍ରିକେଟର୍ କେରଳ ଦଳରୁ ଖେଳୁଛନ୍ତି। ୨୦୧୫ରେ ସେ କେରଳ ପକ୍ଷରୁ ରଣଜୀ ଟ୍ରଫି ପଦାର୍ପଣ କରିଥିଲେ। ଜଣେ ଡାହାଣହାତୀ ବ୍ୟାଟର୍ ଭାବେ ପରିଚିତ ଏହି କନିଷ୍ଠ ଆଝାରୁଦ୍ଦିନ ୨୦୨୧ରେ ବିସ୍ଫୋରକ ଶତକୀୟ ପାଳି ଖେଳି ଚର୍ଚ୍ଚାରେ ରହିଥିଲେ। ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ସେ ମୁମ୍ବାଇ ବିପକ୍ଷରେ ମାତ୍ର ୩୭ ବଲରୁ ଶତକ ଅର୍ଜନ କରି କେରଳ ପକ୍ଷରୁ ଟି-୨୦ରେ ପ୍ରଥମ ଶତକ ହାସଲକାରୀ ବ୍ୟାଟର୍ ହୋଇଥିଲେ। ସେ କେରଳ ପାଇଁ ୨୨ ପ୍ରଥମ ଶ୍ରେଣୀ, ୪୨ଟି ଲେଖାଏ ଲିଷ୍ଟ-ଏ ଓ ଟି-୨୦ ମ୍ୟାଚ୍ ଖେଳିସାରିଛନ୍ତି।



## ମହମ୍ମଦ କୈଫ୍

ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଭାଇ ମହମ୍ମଦ କୈଫ୍ ଚଳିତ ସିଜନରେ ରଣଜୀ ପଦାର୍ପଣ କରି ପ୍ରଥମ ମ୍ୟାଚରେ ହିଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର୍ ମହମ୍ମଦ କୈଫ୍‌ଙ୍କ ନାମ ସହ ସମାନ ଥିବା ସାମିଙ୍କ ଭାଇ ବେଙ୍ଗଲ ପକ୍ଷରୁ ରଣଜୀ ମ୍ୟାଚ୍ ଖେଳି ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚରେ ମୋଟ୍ ୪୫ ରନ କରିବା ସହ ୭ଟି ୱିକେଟ୍ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଯୁବରାଜ ସିଂହ

ଯୁବରାଜ ସିଂହ ନାମରେ ଆଉ ଜଣେ କ୍ରିକେଟର୍ ଭାରତୀୟ ଘରୋଇ କ୍ରିକେଟ୍‌ରେ ସକ୍ରିୟ ରହିଛନ୍ତି। ସେ ହେଲେ ହରିୟାଣାର ୧୯ ବର୍ଷୀୟ ଡାହାଣହାତୀ ବ୍ୟାଟର୍ ଯୁବରାଜ। ୨୦୨୨ରେ ତ୍ରିପୁରା ବିପକ୍ଷରେ ଖେଳି ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେ ହରିୟାଣା ପାଇଁ ୯ ପ୍ରଥମ ଶ୍ରେଣୀ, ୧୭ ଲିଷ୍ଟ-ଏ ଓ ୨ଟି ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୭୬, ୫୨୭ ଓ ୩୭ ରନ ସଂଗ୍ରହ କରିଛନ୍ତି। ଆଉ ଜଣେ ଯୁବରାଜ ସିଂ ମଧ୍ୟ ବର୍ତ୍ତମାନ ରେଳବାଇ ଦଳରୁ ରଣଜୀ ଟ୍ରଫି ଖେଳୁଛନ୍ତି।



## ନାଦାଲ, ଫେଡରର୍ ଏକାଠି

ବିଶ୍ୱ ଟେନିସ୍‌ର ଦୁଇ ମହାନ ତାରକା ତଥା କିମ୍ବଦନ୍ତୀ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲ ଓ ସ୍ୱିଜରଲାଣ୍ଡର ରୋଜର ଫେଡରରଙ୍କୁ ପୁଣି ଥରେ ଏକାଠି ଦେଖିବାକୁ ମିଳିଛି। ଅବଶ୍ୟ ଟେନିସ କୋର୍ଟର ବାହାରେ ଦୁହିଁଙ୍କର ବନ୍ଧୁତ୍ୱ ଦେଖିବାକୁ ମିଳିଛି। ସ୍ପେନର ମାଲୋର୍କାସ୍ଥିତ ନାଦାଲଙ୍କ ଏକାଡେମୀ 'ରାଫେଲ ନାଦାଲ ଟେନିସ ଏକାଡେମୀ' ଦୁହେଁ ଏକାଠି ହୋଇଥିଲେ। ଫେଡରର ଆସିବା ନେଇ ନାଦାଲ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଥିଲେ ଓ ଏଥିପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଅଗାମୀ ଦିନରେ ଦୁହେଁ ପୁଣି ଏକାଠି ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଦୁହେଁ ଟେନିସର ବିକାଶ ନେଇ ଆଲୋଚନା କରିଥିଲେ। ଟେନିସ କୋର୍ଟରେ ଗତ ଦୁଇ ଦଶନ୍ଧି ହେବ ଏହି ଦୁଇ ଖେଳାଳି ପରସ୍ପରକୁ କଡ଼ା ଟକ୍କର ଦେଇ ଆସୁଥିଲେ ମଧ୍ୟ ପରସ୍ପରକୁ ଖୁବ ସମ୍ମାନ କରିଥାନ୍ତି। ଦୁଇ ଖେଳାଳିଙ୍କ ପ୍ରଶଂସକ ଏ ନେଇ ବେଶ୍ ଖୁସି ଜାହିର କରିବା ସହ ସାମାଜିକ ଗଣମାଧ୍ୟମଗୁଡ଼ିକରେ ନିଜ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦୀର୍ଘ ୨୨ ବର୍ଷର କ୍ୟାରିୟରରେ ୩୭ ବର୍ଷୀୟ ନାଦାଲ ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ସେହିପରି ୪୨ ବର୍ଷୀୟ ଫେଡରର ୨୪ବର୍ଷର କ୍ୟାରିୟରରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି।



# ଅଯୋଧ୍ୟାରେ ଶ୍ରୀରାମ ନାଟ୍ୟ ସଂସଦ ପକ୍ଷରୁ ନାଟକ ପରିବେଷଣ




**ବାଙ୍କୀ, ୨୦।୧(ସମିସ):** ବାଙ୍କୀ ପାଟପୁରସ୍ଥ ଶ୍ରୀରାମ ନାଟ୍ୟ ସଂସଦ ଆନୁକୂଲ୍ୟରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଯୋଧ୍ୟା ଠାରେ ଆୟୋଜିତ ଚତୁର୍ଥ ଦିବସରେ 'ରାମ ଅଭିଷେକ' ନାଟକ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କଳାକାର ଯଥା ରାମ ଭୂମିକାରେ ଲକ୍ଷ୍ମୀଧର ନାୟକ, ଲକ୍ଷ୍ମଣ ଭୂମିକାରେ ଜିତୁ ଦାସ, ସୀତା ଅଭିନୟରେ ଦିଲ୍ଲୀପ୍ ନାୟକ, ଭରତ ଅଭିନୟରେ ଜଗା ମହାପାତ୍ର, ଶତ୍ରୁଘ୍ନ କାଳନ୍ଦୀ ବେହେରା ଓ ହନୁମାନ ଭୂମିକାରେ ଅଭିମନ୍ୟୁ ସାହୁ ଅଭିନୟ କରି ଦର୍ଶକମାନଙ୍କୁ ଆମୋଦିତ କରିଥିଲେ। ଏନ୍‌ଜେଡ୍‌ସିସିର ନିର୍ଦ୍ଦେଶକ ଅତୁଲ୍ ଦ୍ୱିବେଦୀ ଅନୁଷ୍ଠାନର ସମ୍ପାଦକ ଅଶୋକ ବେହେରାଙ୍କୁ ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ତରଫରୁ ଅଜୟ ଗୁପ୍ତା ପରିଚାଳନା କରିଥିଲେ।

## ଖୁବ୍‌ଶୀଘ୍ର ଟାଙ୍ଗୀରେ ଖୋଲିବ କୋର୍ଟ

# କ୍ଷେତ୍ର ପରିଦର୍ଶନ କଲେ ରେଜିଷ୍ଟ୍ରାର

**ଟାଙ୍ଗୀ, ୨୦।୧(ସମିସ)**



କଟକ ଜିଲ୍ଲା ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀରେ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମ୍‌ଏଫ୍‌ସି କୋର୍ଟ ଖୁବଶୀଘ୍ର ଖୋଲିବ। ଏଥି ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପ୍ରଶାସନ ବିଭିନ୍ନ କାର୍ଯ୍ୟାଳୟ ପରିଚାଳିତ ଏକ ଦ୍ୱିତଳ ବିଶିଷ୍ଟ କୋଠା ବ୍ୟବସ୍ଥା କରିଥିବାବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କଟକ ଜିଲ୍ଲା ସିଭିଲ କୋର୍ଟ ରେଜିଷ୍ଟ୍ରାର ଦୀପଙ୍କର ପଟ୍ଟନାୟକ ଓ କୋର୍ଟ ମ୍ୟାନେଜର ବସନ୍ତ ମହାନ୍ତି ଶନିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏଥିସହ କୋର୍ଟ ମାର୍ଗଦର୍ଶିକା ଅନୁଯାୟୀ କୋଠରିଗୁଡ଼ିକୁ ପ୍ରସ୍ତୁତ କରିବା ନିମନ୍ତେ ଉପସ୍ଥିତ ଆର ଆଣ୍ଡ ବି ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅତିରିକ୍ତ ବିଡିଓ ଶାଶ୍ୱତ ଜେନାଙ୍କ ସହ ଆଲୋଚନା ପୂର୍ବକ ଉକ୍ତ କୋଠାରେ ପରିଚାଳିତ ଆଇସିଡିଏମ୍ କାର୍ଯ୍ୟାଳୟ ସମେତ ମିଶନ ଶକ୍ତି, ଜୀବିକା ମିଶନ, ଜଳ ଯୋଗାଣ ଓ ଯୋଗାଣ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାନାନ୍ତର କାର୍ଯ୍ୟ ଶୀଘ୍ର ସାରିବାକୁ କହିଥିଲେ।

ବରିଷ୍ଠ ଆଇନଜୀବୀ ତଥା ଟାଙ୍ଗୀ-ଚୌଦ୍ୱାର ତହସିଲ ଆନ୍ଦୋଳନର ଆବାହକ ପ୍ରଭାତ କୁମାର ପ୍ରହରାଜ, ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ ସାହୁ, ବିଶ୍ୱନାଥ ସ୍ୱାଇଁ, ଡମ୍ବରୁଧର ବେହେରା, ପରମଜିତ ମହାନ୍ତି ଓ ଆଶିଷ ଷଡ଼ଙ୍ଗୀଙ୍କ ସମେତ ବହୁ ବୁଦ୍ଧିଜୀବୀ ରେଜିଷ୍ଟ୍ରାରଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଧ୍ୟାପକ ମହାଦେବ ପ୍ରଧାନ ସମ୍ବର୍ଦ୍ଧିତ

**ବାଙ୍କୀ, ୨୦।୧(ସମିସ):** ସର୍ବଭାରତୀୟ ପ୍ରସାର ଭାରତୀ ଆନୁକୂଲ୍ୟରେ ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିଠାରେ ଅନୁଷ୍ଠିତ ପ୍ରସାର ଭାରତୀ ଯୁବ କବି ସମ୍ମିଳନୀରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ମହାଦେବ ପ୍ରଧାନ ଓଡ଼ିଶାର ଯୁବସ୍ୱର ଭାବେ ସମ୍ବର୍ଦ୍ଧିତ ହୋଇଛନ୍ତି।



ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜ ଓଡ଼ିଆ ବିଭାଗ ତରଫରୁ ଅଧ୍ୟାପକ ପ୍ରଧାନଙ୍କୁ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ.ସନ୍ତୋଷ ପଣ୍ଡା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଚିନ୍ମୟ ତ୍ରିପାଠୀ, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଡ. ସସ୍ମିତା ଦାଶ, ଅଧ୍ୟାପକ ମହାଦେବ ପ୍ରଧାନ ଓ ଅଧ୍ୟାପକ ଅନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଓଡ଼ିଶାର ଗର୍ବ ଗୌରବ ଭାବେ ଅଧ୍ୟାପକ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ; ସେମିରେ ପିଏଏ

**ତିଗିରିଆ, ୨୦।୧(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ମିନି ଷ୍ଟାଡିୟମରେ ପାଞ୍ଚଗାଁ ଆଞ୍ଚଳିକ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଅକ୍ଷୟ ମଲ୍ଲୀକ ଓ ସଦାଶିବ ସ୍ମାରକୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଅନୁଷ୍ଠିତ ୩ୟ କ୍ୱାଟର ଫାଇନାଲ ମ୍ୟାଚରେ କଟକର ଏସଏସଏ ଫୁଟବଲ ଟିମକୁ ବିପକ୍ଷ ପାଞ୍ଚଗାଁ ଆଞ୍ଚଳିକ ଆଥଲେଟିକ ଆସୋସିଏସନ (ପିଏଏ) ଦଳ ୪-୦ ଗୋଲ ବ୍ୟବଧାନରେ ପରାସ୍ତ କରି ୩ୟ ଦଳ ଭାବେ ସେମି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି। ଆଜିର ଖେଳରେ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲୀକ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ଦାଶ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗୌରହରୀ ପରିଡ଼ା ପ୍ରମୁଖ ଅତିଥି ରୂପେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଆର୍ଶିବାଦ କାନୁନ୍‌ଗୋ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅରୁଣ ନାୟକ ଓ ଦେବରାଜ ସ୍ୱାଇଁ ସହଯୋଗ କରିଥିଲେ। ସୁବାସ ଚନ୍ଦ୍ର ମୁଦୁଲି ୪ର୍ଥ ରେଫରୀର ଦାୟିତ୍ୱ ନିର୍ବାହ କରିଥିଲେ।



## ବାଲୁଙ୍କେଶ୍ୱର ବିଦ୍ୟାପୀଠ ଛାତ୍ରଛାତ୍ରୀଙ୍କ ସଫଳତା



**ଫୁଲନଖରା, ୨୦।୧(ସମିସ):** ଜଳ ସଂରକ୍ଷଣ ଉଦ୍ଦେଶ୍ୟରେ ରାଜ୍ୟ ପାଣି ପଞ୍ଚାୟତ ତରଫରୁ ଆୟୋଜିତ ଡିଭିଜନ୍ ଓ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ସଫଳତା ଅର୍ଜନ କରିଥିଲେ। ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ବାପୁନା ଭୋଇ ଡ୍ରଇଂ ଓ ପେଣ୍ଟିଂରେ ଦ୍ୱିତୀୟ ସ୍ଥାନ ଓ ପ୍ରକଳ୍ପ ନିର୍ମାଣରେ ୮ମ ଶ୍ରେଣୀର ଛାତ୍ରୀ ଗୁଲସନ୍ ଆରା ତୃତୀୟ ସ୍ଥାନ ଅଧିକାର କରି ଉଭୟେ ମାନପତ୍ର ସହ ଆର୍ଥିକ ରାଶି ଯଥାକ୍ରମେ ୧୫ଶହ ଓ ୧ହଜାର ଟଙ୍କା ପୁରସ୍କାର ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ଜଗତପୁରସ୍ଥିତ ମହାନଦୀ ନର୍ଥ ଡିଭିଜନ ପରିସରରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ଦାଶଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ 'ନୂଆ-ଓ' କାର୍ଯ୍ୟକ୍ରମ


ଅଂଶୁପା ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ

**ବାଙ୍କୀ, ୨୦।୧(ସମିସ)**

ଆଜି ସରଣ୍ଡା ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ନୂଆ -ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପ୍ରତିଷ୍ଠାତା ସମ୍ପାଦକ ତଥା ବାଙ୍କୀ ଓକିଲ ସଂଘ ସଭାପତି ଶ୍ରୀନିବାସ ମହାପାତ୍ର, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାତ୍ରୀ, ସରଣ୍ଡା ଉନ୍ନୟନ କମିଟି ସଭାପତି ଗତିକୃଷ୍ଣ ସ୍ୱାଇଁ, ଶିକ୍ଷାବିତ୍ କାହ୍ନୁଚରଣ ସ୍ୱାଇଁ ଯୋଗଦେଇଥିଲେ। ଏହି ସଭାରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ବେଉରା ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡ. ଶୁଭଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଙ୍କୀର ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍ ଏବଂ କଟକ ଜିଲ୍ଲା ମହିଳା ବିଜୁ ଜନତା ଦଳର ସଭାପତି ଜ୍ୟୋସ୍ନାରାଣୀ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଅତିଥିମାନେ ବିଭିନ୍ନ ପ୍ରକାର ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ଜଗଦିଶ୍ ହରିଚନ୍ଦନ ସଭାକୁ ପରିଚାଳନା କରିଥିବା ବେଳେ ଦୁଷ୍ମନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ନିଆଳି:** ନିଆଳି ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷା ସ୍ମିତାରାଣୀ ସିଂହଙ୍କ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଲେଖିକା ପୁଷ୍ପା ପରିଡ଼ା ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ରାଜଶ୍ରୀ ସିଂହ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଅଧ୍ୟାପକ ଅମିନ୍ ଖାନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ କ୍ଷୁଦ୍ର ଗଳ୍ପ, ଓଡ଼ିଆ ଭଜନ ଓ ଓଡ଼ିଆ ଭାଷାକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଦେବଜାନୀ ମିଶ୍ର, ନିର୍ମଳା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରଭାସିନୀ ପଟ୍ଟନାୟକ, ମହାଶ୍ୱେତା ସାହୁ, ମଧୁସ୍ମିତା ସାହୁ, ସୌଦାମିନୀ ନାୟକ, ଶିବାନୀ ତୟନ ଓତା, ଉଦୁଦ୍ ଅହମ୍ମଦ, ସଞ୍ଜୟ ବେହେରା, ଆରତୀ ଷଡ଼ଙ୍ଗୀ, ଲକ୍ଷ୍ମଣ ଦାସ, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

**ଚୌଦ୍ୱାର:** ଚୌଦ୍ୱାର କଲେଜରେ 'ଓଡିଆ ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଅତିଥିଭାବେ ଯୋଗଦେଇଥିଲେ। ନୋଡାଲ ଅଫିସର ପ୍ରଫୁଲ କୁମାର ସାହୁଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ଦେବତା, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଆକାଶବାଣୀ ଓ ଦୂରଦର୍ଶନ କଣ୍ଠଶିଳ୍ପୀ ନିଶିପ୍ରଭା ପାଣି ଜଗନ୍ନାଥ ସଂସ୍କୃତି ତଥା ଚାରିଧାମ ସମ୍ପର୍କରେ ଏବଂ ଓଡିଆ ଭାଷା ସାହିତ୍ୟର ଉତ୍ପତ୍ତି ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ଅର୍ଜ୍ଜୁନ ପଣ୍ଡା, କାର୍ଯ୍ୟକାରୀ ସଭାପତି ବିମଳ ବେଉରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

**ନିଶ୍ଚିନ୍ତକୋଇଲି:** ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ନୂଆ ଓଡ଼ିଶା ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଡ.ଅଚ୍ୟୁତ ସାମନ୍ତ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ମହମ୍ମଦ ସକିଲଙ୍କ ସଭାପତିତ୍ୱରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ମାହଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ରାଜ୍ୟ ତଥା ଦେଶର ବିକାଶ ପାଇଁ ଶିକ୍ଷିତ ହେବା ନିତ୍ୟାନ୍ତ ଜରୁରୀ ବୋଲି କହିଥିଲେ। କଲେଜ ପରିଚାଳନା କମିଟିର ସଭାପତି ଡ. ରମାନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲ୍ଲାପରିଷଦ ଜସ୍ମିତା ସେଠୀ, ସରପଞ୍ଚ ଗୌତମୀ ଦାସ, ସମିତିସଭ୍ୟା ହିମାଦ୍ରି ମିଶ୍ର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜୋନ୍ ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, ଯୁବନେତା ଅନନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ଶ୍ରୀ ଜେନା କଲେଜ ପରିସରରେ ଏକ ବାଳକ ବିଶ୍ରାମଗୃହ ନିର୍ମାଣ ନିମନ୍ତେ ଶୁଭ ଶିଳାନ୍ୟାସ କରିଥିଲାବେଳେ ଅତିଥିମାନେ ସୁଭଦ୍ରା ମହତାବ ଓ ହରେକୃଷ୍ଣ ମହତାବ୍ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପଦାରବିନ୍ଦ ବିଶ୍ୱାଳ, ବିରଞ୍ଚି ନାରାୟଣ ପଣ୍ଡା, ଅଧ୍ୟାପକ ମନମୋହନ ଖଟୁଆ, ପ୍ରାଧ୍ୟାପିକା ପ୍ରଣତୀ ନାୟକ, କଳ୍ପତରୁ ପଟ୍ଟନାୟକ, ଡ. ନରୋତ୍ତମ ବଳ, ନୂଆ-ଓ କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ଅଧ୍ୟାପକ ସୁଧୀର ଦାସ, ବଳରାମ ସ୍ୱାଇଁ, ବିଜୟ ପରିଡ଼ାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରାଧ୍ୟାପିକା ଡ. ସୁପ୍ରଭା ପରିଡ଼ା ଧନ୍ୟବାଦ ଦେଇଥିଲେ।

**ନିଶ୍ଚିନ୍ତକୋଇଲି :** ନତକାଇ ସ୍ଥିତ ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଆଧାରିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ସଭାପତିତ୍ୱରେ ଭାଷା ବଞ୍ଚିଲେ ଦେଶ ବଞ୍ଚିବ ଓ ଆମ ସଂସ୍କୃତି ଆମ ପରମ୍ପରା ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ପ୍ରଧ୍ୟାପକ ଆଦିକନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ଡ.ଜୟଶ୍ରୀ ନନ୍ଦ, ସମ୍ମାନୀତ ଅତିଥି ଭାବେ ସାରସ୍ୱତ ସାଧକ ସଚ୍ଚିଦାନନ୍ଦ ମିଶ୍ର ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟାପକ ଡ.ଜୟନ୍ତୀ ସାହୁ, ଦେବଜାନୀ ରାଉତ, ସୁଚିସ୍ମିତା ପ୍ରଧାନ, ସୁଚରିତା ସେନାପତି, ସୁନିତା ଶୁଭଦର୍ଶିନୀ, ଉର୍ବସୀ ସାହୁ, ପ୍ରଭାବତୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଲୋପାମୁଦ୍ରା ରଥ ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ:** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀ ମହାବିଦ୍ୟାଳୟ ପକ୍ଷରୁ ଶନିବାର ଆୟୋଜିତ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଇକବାଲ ହୁସେନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କୃପାସାଗର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଆଲା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଗୋବିନ୍ଦ ଦାସ, ସାଗର କର, ପରମଜିତ ମହାନ୍ତି, ଆଶିଷ ଷଡ଼ଙ୍ଗୀ ଓ ଗୋପାଳ ଲେଙ୍କା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ନୋଡାଲ ଅଧିକାରୀ ଡ. ବିଲକେସ ପରିବିନ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଶରତ ଖୁଣ୍ଟିଆ ଅତିଥି ପରିଚୟ ଏବଂ ସୁଚିତ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### କନ୍ଦରପୁର କଲେଜ

**କଟକ:** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କନ୍ଦରପୁର କଲେଜର ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଓଡିଆ ସାହିତ୍ୟ ପଠନ କ୍ଲବ, ଛାତ୍ରଛାତ୍ରୀମାନଙ୍କ ଭିତରେ ଅନ୍ତର୍ନିହିତ ଥିବା ଓଡ଼ିଆ ଭାଷାଜ୍ଞାନ ଉପରେ ଦକ୍ଷତା ତଥା ନିଜର ବିବିଧ ଭାଷା କୌଶଳ ପ୍ରଦର୍ଶନ କରିବା ନିମନ୍ତେ କଲେଜରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କଲେଜର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ଅଞ୍ଜଳି ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ପ୍ରଣତି ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ପ୍ରଶାସନିକ ଅଧିକାରୀ ଡ଼ ସ୍ମିତା ମହାନ୍ତି, ପ୍ରାଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାହୁ, ଅଧ୍ୟାପିକା ଜ୍ୟୋତିର୍ମୟୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଉଦଘାଟନୀ ସମାରୋହକୁ ଅଧ୍ୟାପିକା ଶୁଭସ୍ମିତା ସାହୁ ପରିଚାଳନା କରିଥିବାବେଳେ ନୋଡାଲ ଅଫିସର ଅଧ୍ୟାପିକା ବିଶ୍ୱକଲ୍ୟାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେଉରିଆ, ଅଧ୍ୟାପିକା ଦୀପାଳି ରାଉତ, ଦିବ୍ୟଜ୍ୟୋତି ସାହୁ, ସଂଗ୍ରାମ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀମାନେ ସହଯୋଗ କରିଥିଲେ।

### ପ୍ରହ୍ଲାଦ ମହାବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦଘାଟନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଯୋଗଦେଇଥିଲେ। ନୋଡାଲ ଅଫିସର ଅଧ୍ୟାପକ ଡ. ଦେବଜାନୀ ସିହ୍ନାଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ପ୍ରଶାନ୍ତ ଭାରତୀ, ଅଧ୍ୟାପିକା ପୁଷ୍ପଲତା ବେହେରା, ରବୀନ୍ଦ୍ର ରଞ୍ଜନ ପ୍ରଧାନ, ମୁରଲୀଧର ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଡମପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ


ଚୌଦ୍ୱାର କଲେଜ


ସୁଭଦ୍ରା ମହତାବ କଲେଜ


ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ


ଟାଙ୍ଗୀ ମହାବିଦ୍ୟାଳୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୧୦ ● ପାଉଣ୍ଡ ୧୦୫.୫୮
- ୟୁରୋ ୯୦.୬୫ ● ୟେନ୍ ୦.୫୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୭,୮୦୦ (ନୂଆଦିଲ୍ଲୀ)
- ରୁପା : ୭୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୬୮୩.୦୦
- ନିଫ୍ଟି ୨୧,୬୬୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ପ୍ରଥମ ଥର ପାଇଁ ଶନିବାର ଖୋଲିଲା ଷ୍ଟକ୍‌ବଜାର

ମୁମ୍ବାଇ,୨୦।୧(ଏଜେନ୍ସି)

ପ୍ରଥମଥର ପାଇଁ ଶନିବାର(ଜାନୁଆରୀ ୨୦) ଦିନ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସଇ) ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ(ଏନଏସଇ)ରେ ସ୍ୱତନ୍ତ୍ର କାରବାର ସେସନରେ ଶେୟାର କାରବାର କରାଯାଇଛି। ଆସନ୍ତା ସୋମବାର(ଜାନୁଆରୀ୨୨)ରେଅଯୋଧ୍ୟାରେଅନୁଷ୍ଠିତ ହେବାକୁ ଥିବା ରାମଲଲ୍ଲାଙ୍କ ପ୍ରାଣପ୍ରତିଷ୍ଠା ସମାରୋହ ପାଇଁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଓ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ବନ୍ଦ ରହୁଥିବାରୁ ଶନିବାର ସ୍ୱତନ୍ତ୍ର ଭାବେ ଶେୟାର କାରବାର କରାଯାଇଥିଲା। ପୂର୍ବ ଯୋଜନା ଅନୁସାରେ ଶନିବାର ଷ୍ଟକ ବଜାର ମାତ୍ର ୨ ଘଣ୍ଟା ପାଇଁ ଖୋଲିବାକୁ କୁହାଯାଇଥିଲା। କିନ୍ତୁ ପରେ ପୁଣି ନିଷ୍ପତ୍ତି ପରିବର୍ତ୍ତନ କରାଯିବା ସହିତ ଏହାକୁ ପୂର୍ଣ୍ଣକାଳୀନ ପର୍ଯ୍ୟାୟ ଅନୁସାରେ ଖୋଲା ରଖାଯାଇଥିଲା। ସେହି ଅନୁସାରେ ଶନିବାର ଷ୍ଟକବଜାର ସକାଳ୯ଟା ୧୫ ମିନିଟରେ ଖୋଲି ୩.୩୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହି ସ୍ୱତନ୍ତ୍ର ପର୍ଯ୍ୟାୟରେ ଉଭୟ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ସେଭଳି ବୃଦ୍ଧି ପରିଲକ୍ଷିତ ହୋଇ ନଥିଲା। କାରବାର ବନ୍ଦ ସୁଦ୍ଧା ବିଏସଇ ସୂଚକାଙ୍କ ସେନସେକ୍ସ ୨୫୯.୫୮ ପଏଣ୍ଟ ବା ୦.୩୬ ପ୍ରତିଶତ ହ୍ରାସ ପାଇ ୭୧,୪୨୩ ସ୍ତରରେ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି ୫୦.୬୦ ପଏଣ୍ଟ ବା ୦.୨୩ ପ୍ରତିଶତ ବୃଦ୍ଧି ସହ ୨୧,୫୭୧ ସ୍ତରରେ ବନ୍ଦ ରହିଥିବା ଜଣାପଡ଼ିଛି। ଏହି କାରବାର ପର୍ଯ୍ୟାୟରେ ଷ୍ଟକ ଏକ୍ସଚେଞ୍ଜ ବିପର୍ଯ୍ୟୟ ପୁନରୁଦ୍ଧାର ସାଇଟର ପରୀକ୍ଷା କରାଯିବା ଲାଗି ଶନିବାର ଶେୟାର ବଜାର ଖୋଲା ରଖାଯାଇଥିବା କୁହାଯାଇଛି। ଆଇଟି ଏବଂ ଏଫଏମସିଜି କ୍ଷେତ୍ରର ଶେୟାର କାରବାରରେ ହ୍ରାସ ଦେଖାଯାଇଥିଲା ବେଳେ ମିଡ୍‌କ୍ୟାପ୍ ଏବଂ ସ୍ମଲକ୍ୟାପ୍ କ୍ଷେତ୍ରରେ କାରବାର ଅନୁକୂଳ ରହିଥିଲା। ହିନ୍ଦୁସ୍ତାନ ୟୁନିଲିଭର, ଟେକ୍ ମହିନ୍ଦ୍ରା, ଏଚସିଏଲ ଟେକ୍,ଇଣ୍ଡସଇଣ୍ଡ ବ୍ୟାଙ୍କ ଆଦି କ୍ଷେତ୍ରର ଶେୟାର ମୂଲ୍ୟରେ ହ୍ରାସ ଘଟିଥିଲା।ପୂର୍ବରୁ ଭାରତୀୟ ଶେୟାର ବଜାର ସ୍ଥିତି ଉତ୍ସାହଜନକ ରହିଆସିଥିଲା ବେଳେ ବିଗତ କିଛି ଦିନ ହେଲା ଅସ୍ଥିରତା ଲାଗି ରହିଛି। ବିଶେଷକରି ଆନ୍ତର୍ଜାତିକ ବଜାରରେ ବିଭିନ୍ନ କାରଣକୁ ନେଇ ନିବେଶକାରୀଙ୍କ ମଧ୍ୟରେ ସଂଶୟ ପଶିଥିବାରୁ ଏହାର ପ୍ରଭାବ ଶେୟାର ବଜାର ଉପରେ ଅନୁଭୂତ ହୋଇଥିବା କୁହାଯାଇଛି।



● ଦୁର୍ନୀତି ମାମଲାରେ ସେଲ୍‌ର କାର୍ଯ୍ୟାନୁଷ୍ଠାନ

# ୨୬ ଅଧିକାରୀ, ୨ ନିର୍ଦ୍ଦେଶକ ନିଲମ୍ବିତ




ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଦୁର୍ନୀତି ମାମଲାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୨ ନିର୍ଦ୍ଦେଶକ ଏବଂ ୨୬ ଜଣ ଅଣ ବୋର୍ଡ ଅଧିକାରୀଙ୍କୁ ନିଲମ୍ବନ କରିଦେଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ମଧ୍ୟ ସାମିଲ ଅଛନ୍ତି। ଏହା ସହିତ ନିର୍ଦ୍ଦେଶକ (ବାଣିଜ୍ୟିକ) ଭିଏସ୍ ଚକ୍ରବର୍ତ୍ତୀ ଏବଂ ନିର୍ଦ୍ଦେଶକ (ଆର୍ଥିକ) ଏକେ ତୁଲସିଆନିଙ୍କୁ ତତ୍କାଳ ପ୍ରଭାବରେ ନିଲମ୍ବନ କରାଯାଇଛି। ଏ ସମସ୍ତଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଥିଲା। ଏମାନେ ଷ୍ଟକ୍ ଏକ୍ସଚେଞ୍ଜକୁ ଶନିବାର କମ୍ପାନୀର ତଥ୍ୟ ଫାଇଲିଂ କରୁଥିଲେ ବୋଲି କୁହାଯାଇଛି। ପୂର୍ବରୁ ଲୋକପାଳଙ୍କ ନିକଟରେ ଏହି ଦୁର୍ନୀତି ନେଇ ଅଭିଯୋଗ ହୋଇଥିଲା।



ଝାରସୁଗୁଡ଼ା ଠାରେ ଏଣ୍ଟରପ୍ରାଇଜ ଓଡିଶା- ୨୦୨୪ ଉଦଘାଟନ ଅବସରରେ ଜେଏସଡବ୍ଲ୍ୟୁ ଏନର୍ଜି ଗ୍ରୁପ୍ ପକ୍ଷରୁ ଇନ୍ଦ୍ ଭାରତ ଏନର୍ଜି ପାୱାର୍ ପ୍ଲାଣ୍ଟ ଉତ୍ପାଦନ କ୍ଷମତା ୮୦୦ ମେଗାୱାଟକୁ ବୃଦ୍ଧି କରିବା ନିମନ୍ତେ ଜେଏସଡବ୍ଲ୍ୟୁ ଗ୍ରୁପ ହେଡ୍ (ରେଗୁଲେଟରୀ) ଜ୍ୟୋତି ପ୍ରକାଶ ପଣ୍ଡା ରାଜ୍ୟ ସରକାରଙ୍କ ସହିତ ଏମ୍ଓୟୁ ସ୍ୱାକ୍ଷର କରୁଛନ୍ତି।

# ସନସାଇନ୍ ହସ୍ପିଟାଲ୍ ଆଡଭାନସ କ୍ଲିନିକ୍ ଉଦ୍‌ଘାଟନ ଅବସରରେ ମାଗଣା ସ୍ୱାସ୍ଥ୍ୟଶିବିର

ଭୁବନେଶ୍ୱର,୨୦।୧(ସମିସ)



ସନସାଇନ୍ ହସ୍ପିଟାଲ ପକ୍ଷରୁ ଆଡଭାନ୍ସ ଅସ୍ଥିଶଲ୍ୟ ଓ ଜଏଣ୍ଟ ରିପ୍ଲେସମେଣ୍ଟ ,ଡାଇବେଟିସ୍, ହୃଦରୋଗ ଓ ନ୍ୟୁରୋ ବିଭାଗର କ୍ଲିନିକ୍ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୁରୀ ଭିଆଇପି ରୋଡସ୍ଥିତ ସ୍ୱାପ୍ନ କେୟାର ମେଡିକାଲ ହଲ୍ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ପୁରୀ ଆଇଏମଏ ଅଧ୍ୟକ୍ଷ ଡକ୍ଟର ବାମଦେବ ମହାନ୍ତି, ସନସାଇନ୍ ହସ୍ପିଟାଲର ସିଇଓ ଡକ୍ଟର ମନୋଜ ନାଗପାଲ, ଡେପୁଟି ଜେନେରାଲ ମ୍ୟାନେଜର ସନ୍ଦୀପ ପୃଷ୍ଟି ଏବଂ ସ୍ୱାପ୍ନ କେୟାରର ପ୍ରତିଷ୍ଠାତା ତପନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସିଇଓ ଡକ୍ଟର ନାଗପାଲ ସନସାଇନ ହସ୍ପିଟାଲ ଆଡଭାନସ କ୍ଲିନିକ୍‌ର ଉନ୍ନତ ସେବା ଏବଂ ଏଠାକାର ବରିଷ୍ଠ ବିଶେଷଜ୍ଞମାନଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଚିକିତ୍ସା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ଡିଜିଏମ ଶ୍ରୀପୃଷ୍ଟି ଆଣ୍ଠୁ ଗଣ୍ଠି ବ୍ୟଥା, ଆଣ୍ଠୁ ଗଣ୍ଠି ଯନ୍ତ୍ରଣା, ଆଣ୍ଠୁ ଗଣ୍ଠି ଫୁଲିବାଜନିତ ସମସ୍ୟାର ସମାଧାନ ଏବଂ ଚିକିତ୍ସା ପାଇଁ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡକ୍ଟର ଚନ୍ଦନ ପଣ୍ଡାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଉପଚାର ସମ୍ପର୍କରେ କହିବା ସହିତ ହୃଦରୋଗ ଏବଂ ଆନୁଷଙ୍ଗିକ ସମସ୍ୟାର ଉପଚାର ପାଇଁ ଅଭିଜ୍ଞ ବିଶେଷଜ୍ଞ ଡକ୍ଟର ବଦ୍ରୀ ଦଣ୍ଡପାଣି ଏବଂ ମଧୁମେହଜନିତ ରୋଗ ଚିକିତ୍ସା କ୍ଷେତ୍ରରେ ବରିଷ୍ଠ ଡାଇବେଟିସ ବିଶେଷଜ୍ଞ ଡକ୍ଟର ରମେଶ କୁମାର ଗୋଏଙ୍କାଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଚିକିତ୍ସା ସୁବିଧା ବିଷୟରେ କହିଥିଲେ। ମାଗଣା ସ୍ୱାସ୍ଥ୍ୟସେବା ଶିବିରରେ ଡକ୍ଟର ପଣ୍ଡା, ଡକ୍ଟର ଦଣ୍ଡପାଣି ଏବଂ ଡକ୍ଟର ଗୋଏଙ୍କା ୧୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ମାଗଣାରେ ପରାମର୍ଶ ଦେଇଥିଲେ।

# ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ‘ୱିଣ୍ଟର ୱେଡିଂ’ କଲେକ୍ସନ

ଭୁବନେଶ୍ୱର,୨୦।୧(ଏଜେନ୍ସି): ବର୍ତ୍ତମାନ ବିବାହ ଋତୁ ଆରମ୍ଭ ହେବା ସହିତ ଗ୍ରାହକ ମହଲରେ ସେଲିବ୍ରେସନ ମାହୋଲ ସୃଷ୍ଟି ହୋଇଛି। ସେଲିବ୍ରେସନ ଉତ୍ସାହ ଏବଂ ଉଦ୍ଦୀପନାକୁ ଆହୁରି ରୋମାଞ୍ଚକ କରିବା ଉଦ୍ଦେଶ୍ୟରେ ରୁପା ଗହଣାର ସ୍ୱତନ୍ତ୍ର ବ୍ରାଣ୍ଡ ଚାନ୍ଦି ଭଣ୍ଡାର ପକ୍ଷରୁ ଗ୍ରାହକମାନଙ୍କ ଲାଗି ‘ ୱିଣ୍ଟର ୱେଡିଂ’ ସମ୍ଭାର ଉପଲବ୍ଧ କରାଯିବା ନେଇ ଘୋଷଣା କରାଯାଇଛି। ଏହି ସମ୍ଭାରରେ ଆକର୍ଷଣୀୟ ଗହଣା ଉପଲବ୍ଧ କରାଯିବା ସହିତ ପ୍ରତ୍ୟେକ ଆଇଟମ୍‌କୁ ଅତି ସୂକ୍ଷ୍ମତାର ସହ ପ୍ରସ୍ତୁତ କରାଯାଇଛି। ଏଥିରେ ଉନ୍ନତ ଗୁଣବତ୍ତା ବଜାୟ ରଖାଯାଇ ଅତ୍ୟାଧୁନିକ ଢଙ୍ଗରେ ଏଗୁଡିକର ପ୍ରସ୍ତୁତି କରାଯାଇଛି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଗ୍ରାହକମାନେ ୯୨.୫ ପ୍ରତିଶତ ଶୁଦ୍ଧ ଷ୍ଟର୍ଲିଂ ସିଲଭରରେ ପ୍ରସ୍ତୁତ ହଲମାର୍କ ବାସନ ଏବଂ ଅନ୍ୟାନ୍ୟ କଲେକ୍ସନ ପାଇପାରିବେ। ବିବାହ ଋତୁକୁ ଦୃଷ୍ଟିରେ ରଖି ମହିଳାଙ୍କ ପାଇଁ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଗହଣା ଏବଂ ଅନ୍ୟାନ୍ୟ କଲେକ୍ସନ ଉପଲବ୍ଧ କରାଯାଇଛି। ସେହିପରି ପୁରୁଷମାନଙ୍କ ପାଇଁ ମଧ୍ୟ ବିଭିନ୍ନ ରେଞ୍ଜର ଷ୍ଟାଇଲ ବର୍ଦ୍ଧନ କଲେକ୍ସନ ରହିଛି। ଏହି ଅବସରରେ ଓଡ଼ିଶାର ୪ ଲୋକପ୍ରିୟ ଯୁବ କଳାକାରଙ୍କୁ ନେଇ ‘ ୱିଣ୍ଟର ୱେଡିଂ’ ବିଜ୍ଞାପନ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି ବୋଲି ଚାନ୍ଦି ଭଣ୍ଡାର ନିର୍ଦ୍ଦେଶିକା ଲିପସା ହଂସ କହିଛନ୍ତି। ଏଥିସହିତ ବିବାହ ଋତୁରେ ରୁପା ଗହଣା ଏବଂ ଅନ୍ୟାନ୍ୟ କଳାକୃତି ସାମଗ୍ରୀ ଉପରେ ଗଢା ମଜୁରୀ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିଆତି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଏହି ରିଆତି ଜାନୁଆରୀ ୧୯ ରୁ ୩୧ ତାରିଖ ଯାଏଁ ଉପଲବ୍ଧ ହେବ।



# ୪୧ତମ ଓଡ଼ିଶା ମେଟାଲିଫେରସ୍ ଖଣି ସୁରକ୍ଷା ସପ୍ତାହ



ଭୁବନେଶ୍ୱର,୨୦।୧(ସମିସ)

୪୧ତମ ଓଡ଼ିଶା ମେଟାଲିଫେରସ ଖଣି ସୁରକ୍ଷା ସପ୍ତାହ ପାଳନ ଅବସରରେ ଏହାର ଉଦଯାପନୀ ଉତ୍ସବ ବଡ଼ବିଲସ୍ଥିତ ଏସଏମପିଏଲ ସେଣ୍ଟ୍ରାଲ ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ କାର୍ଯ୍ୟକ୍ରମ ଭୁବନେଶ୍ୱର ଖଣି ମହାନିର୍ଦ୍ଦେଶାଳୟଙ୍କ ଅଧିନସ୍ଥ ଓଡ଼ିଶା ଖଣି ବିଭାଗ ତତ୍ୱାବଧାନରେ ଜେଏସଡବଲ୍ୟୁ ଷ୍ଟିଲ ଲିମିଟେଡ ଦ୍ୱାରା ଆୟୋଜିତ ହୋଇଥିଲା।ଖଣି ସୁରକ୍ଷା ବିଭାଗର ମହାନିର୍ଦ୍ଦେଶକ ପ୍ରଭାତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଣି ନିରାପତା କାର୍ଯ୍ୟକ୍ରମକୁ ସମସ୍ତ ଖଣିମାଲିକମାନେ ପାଳନ କରୁଥିବାରୁ ସେ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଖଣିର ଆଖପାଖ ଅଞ୍ଚଳର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଖଣିମାଲିକ ମାନେ ଏଥିପ୍ରତି ସଚେତନ ରହିବା ଉଚିତ। ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥାକୁ କିପରି ଅଧିକ ଉନ୍ନତ କରାଯାଇପାରିବ ଏହା ଉପରେ ସେ ମତାମତ ଲୋଡ଼ିଥିଲେ।ପ୍ରାୟ ୧୧୦ ଖଣି ଓ ୭୫ କଣ୍ଟ୍ରାକ୍ଟର ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ଓ ଖଣି ନିରାପତା ଉପରେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ୟୁନିୟନର ପ୍ରତିନିଧି ତଥା ବିଭିନ୍ନ କମ୍ପାନୀ ଅଧିକାରୀଙ୍କ ସମେତ ୫୦୦ରୁ ଅଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଡେପୁଟି ଡାଇରେକ୍ଟର ଜେନେରାଲ ଏସଡି ଚିଡାୱାର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ବ୍ୟକ୍ତି ମାନଙ୍କ ଭିତରେ ସୌଭିକ ମଜୁମଦାର, ସିଓଓ, ମାଇନସ ଡିଭିଜନ, ଜେଏସଡବଲ୍ୟୁ ଷ୍ଟିଲ ଲିମିଟେଡ, କୃଷ୍ଣେନ୍ଦୁ ମଣ୍ଡଳ (ଡିଏମଏସ ଭୁବନେଶ୍ୱର ରିଜିଅନ-୧), ପିଆର ଠାକୁର (ଡିଏମଏସ ଭୁବନେଶ୍ୱର ରିଜିଅନ-୨), ରତ୍ନାକର ଶୁଙ୍କି (ଡିଏମଏସ ମେକାନିକାଲ ରାଞ୍ଚି), ମହେଶ୍ୱର ରେଡି କନାଲା, ଶଙ୍କର୍ଷଣ ବେହେରା, ବିକାଶ ଗୋବିନ୍ଦରାଓ ମେସ୍ରାମ, ଟି ହରିପ୍ରସାଦ ଓ ଟି ଶିବ ଶଙ୍କର ପ୍ରମୁଖ ଯୋଗ ଦେଇଥିଲେ।ସୁରକ୍ଷା ସପ୍ତାହ ଅବସରରେ ବିଭିନ୍ନ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।ଖଣି ଉଦ୍ୟୋଗ କ୍ଷେତ୍ରରେ ଦୃଷ୍ଟାନ୍ତ ସୃଷ୍ଟି କରିବା ଦିଗରେ ଏନଡି ରାଓଙ୍କୁ ତାଙ୍କର ଜୀବନବ୍ୟାପୀ ସଫଳତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ରୌପ୍ୟ ଜୟନ୍ତୀ ଉତ୍ସବ ବେଳେ କମ୍ପାନୀ ସିଇଓଙ୍କ ମୃତ୍ୟୁ

ହାଇଦାରାବାଦ, ୨୦।୧(ଏଜେନ୍ସି): ହାଇଦରାବାଦସ୍ଥିତ ରାମୋଜି ଫିଲ୍ମ ସିଟିରେ ଏକ ଘରୋଇ କମ୍ପାନୀର ରୌପ୍ୟ ଜୟନ୍ତୀ ଚାଲିଥିଲା ବେଳେ ଦୁର୍ଘଟଣାରେ ଉକ୍ତ କମ୍ପାନୀ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ)ଙ୍କ ମୃତ୍ୟୁ ହେବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମିଳିଥିବା ଖବର ଅନୁସାରେ ରାମୋଜି ଫିଲ୍ମ ସିଟିରେ ଭିସଟେକ୍ସ ଏସିଆ ନାମକ ଏକ ଘରୋଇ କମ୍ପାନୀର ରୌପ୍ୟ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମ ଚାଲିଥିଲା। ଏହି




ସମୟରେ କମ୍ପାନୀ ସିଇଓ ସଞ୍ଜୟ ଶାହ (୫୬) ଏବଂ କମ୍ପାନୀର ଅଧ୍ୟକ୍ଷ ରାଜୁ ଦାତଲା (୫୨) ଏକ ଚମତ୍କାର ଢଙ୍ଗରେ ଷ୍ଟେଜ୍‌କୁ କ୍ରେନ୍‌ରେ ଓହ୍ଲାଉଥିଲେ। ହେଲେ ହଠାତ୍ କ୍ରେନ୍‌ର ତାର ଛିଣ୍ଡି ଯିବାରୁ କଂକ୍ରିଟ୍ ଷ୍ଟେଜ୍ ଉପରେ ସିଇଓ ସଞ୍ଜୟ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ କମ୍ପାନୀ ଅଧ୍ୟକ୍ଷ ରାଜୁ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣାର ଏକ ଦୁଃଖଦ ଭିଡିଓ ସାମ୍ନାକୁ ଆସିଛି। ରୌପ୍ୟ ଜୟନ୍ତୀ ଉତ୍ସବରେ କମ୍ପାନୀର ପ୍ରାୟ ୭୦୦ କର୍ମଚାରୀ ଉପସ୍ଥିତ ରହିଥିଲା ବୋଲେ ଏହି ଦୁଃଖଦ ଘଟଣାକୁ ନେଇ ସାରା ମାହୋଲ ସ୍ତବ୍ଧ ହୋଇଯାଇଥିଲା।

# ଲାଲ୍‌ଚାନ୍ଦ୍ ଷ୍ଟୋର୍‌ରେ ‘ଶ୍ରୀରାମ ଦରବାର’ ରୁପା ମୁଦ୍ରା

ଭୁବନେଶ୍ୱର,୨୦।୧(ଏଜେନ୍ସି): ଅଯୋଧ୍ୟାରେ ନବନିର୍ମିତ ଭବ୍ୟ ମନ୍ଦିର ଏବଂ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହର ପ୍ରାଣପ୍ରତିଷ୍ଠା ମହୋତ୍ସବ ଅବସରରେ ପୂର୍ବ ଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ପକ୍ଷରୁ ‘ଶ୍ରୀରାମ ଦରବାର’ ସ୍ୱତନ୍ତ୍ର ସଂସ୍କରଣ ରୁପା ମୁଦ୍ରା ଉପଲବ୍ଧ କରାଯାଇଛି। ଲାଲ୍‌ଚାନ୍ଦ୍‌ର ରଘୁନାଥପୁର, କଟକ ଏବଂ ବ୍ରହ୍ମପୁରସ୍ଥିତ ଶୋ’ରୁମ୍‌ରେ ଗ୍ରାହକମାନଙ୍କ ଲାଗି ଏହି ବିଶେଷ ମୁଦ୍ରା ଉପଲବ୍ଧ କରାଯାଇଥିବା କୁହାଯାଇଛି।ଗୋଲାକାର ଓ ବର୍ଗାକାର ରୁପା ମୁଦ୍ରାରେ ପ୍ରଭୁ ଶ୍ରୀରାମ, ଦେବୀ ସୀତାଙ୍କ ସହ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ହନୁମାନଙ୍କ ଚିତ୍ର ଅଙ୍କିତ ହୋଇଛି।




ହଲ୍‌ମାର୍କ ଯୁକ୍ତ ୯୯୯ ଶୁଦ୍ଧତା ବିଶିଷ୍ଟ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ଏହି ମୁଦ୍ରା ୧୦ ଗ୍ରାମରୁ ଆରମ୍ଭ କରି ୧୦୦ ଗ୍ରାମ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱତନ୍ତ୍ର ରୁପା ମୁଦ୍ରାକୁ ଗ୍ରାହକମାନେ କିଣି ଏକ ଦିବ୍ୟ ଅନୁଭୂତି ଲାଭ କରିବା ସହ ବହୁ ପ୍ରତିକ୍ଷୀତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସ୍ମରଣୀୟ କରିପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଲାଲ୍‌ଚାନ୍ଦ୍‌ର କଟକ ଷ୍ଟୋର୍‌ର କର୍ମଚାରୀଙ୍କ ଦ୍ୱାରା ଏକ ସୁନ୍ଦର ରଙ୍ଗୋଲୀ ଅଙ୍କାଯାଇ ରାମଲଲାଙ୍କୁ ସ୍ୱାଗତ କରାଯାଇଛି।ଦୀର୍ଘ ବର୍ଷ ପରେ ଜନ୍ମଭୂମି ଅଯୋଧ୍ୟାକୁ ଶ୍ରୀରାମଲଲାଙ୍କ ଆଗମନ ଏବଂ ଭବ୍ୟ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଲାଲ୍‌ଚାନ୍ଦ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଂଜୟ ହଂସ ସମସ୍ତ ଗ୍ରାହକ ଏବଂ ରାମଭକ୍ତଙ୍କୁ ଶୁଭକାମନା ଜଣାଇଛନ୍ତି।

# ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନିଟ୍ ଲାଭ ୧୦.୯% ବୃଦ୍ଧି

ମୁମ୍ବାଇ,୨୦।୧(ଏଜେନ୍ସି)




ଭାରତର ସର୍ବବୃହତ ଘରୋଇ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛି। ତୈଳ ବ୍ୟବସାୟ କ୍ଷେତ୍ରରେ ଆୟ ଉପରେ ପୂର୍ବ ନିର୍ଦ୍ଧାରିତ ମେଣ୍ଟେନାନ୍ସ (ରକ୍ଷଣାବେକ୍ଷଣ) କାର୍ଯ୍ୟ ପାଇଁ ପଡିଥିବା ପ୍ରଭାବ ରିଟେଲ ଏବଂ ଟେଲିକମ ବ୍ୟବସାୟରେ ସ୍ଥିର ପ୍ରଦର୍ଶନ ବଳରେ ଭରଣା ହୋଇପାରିଛି । ଏହି ତ୍ରୟମାସରେ କମ୍ପାନୀର ନେଟ ଲାଭ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୧୦.୯ ପ୍ରତିଶତ ବୃଦ୍ଧି ପାଇ ୧୯୬୪୧ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଗତ ଆର୍ଥିକ ବର୍ଷର ସମାନ ତ୍ରୟମାସରେ କମ୍ପାନୀର ନେଟ ଲାଭ ୧୭୭୦୬ କୋଟି ଟଙ୍କା ରହିଥିଲା ।ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମୋଟ ଆୟ ପୂର୍ବ ବର୍ଷ ତୁଳନାରେ ୩.୨ ପ୍ରତିଶତ ବୃଦ୍ଧି ସହିତ ୨.୪୮ ଲକ୍ଷ କୋଟି ରହିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଏହି ଅବଧିରେ ରିଲାଏନ୍ସ ରିଟେଲ ର ନେଟ ଲାଭ ପୂର୍ବ ବର୍ଷ ତୁଳନାରେ ୩୧.୯ ପ୍ରତିଶତ ବୃଦ୍ଧି ପାଇ ୩୧୬୫ କୋଟି ଟଙ୍କା ହୋଇଥିବା ବେଳେ ତ୍ରୈମାସିକ ରାଜସ୍ୱ ୨୨.୮ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୮୩୦୮୩ କୋଟି ଟଙ୍କା ହୋଇଥିବା ଜଣାପଡିଛି । ତୃତୀୟ ତ୍ରୟମାସରେ ରିଲାଏନ୍ସ ରିଟେଲ ପକ୍ଷରୁ ୨୫୨ ଟି ନୂଆ ଷ୍ଟୋର ଖୋଲାଯିବା ସହିତ ଏହାର ମୋଟ ଷ୍ଟୋର ସଂଖ୍ୟା ୧୮୭୭୪ ରେ ପହଁଚିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଜିଓ ପ୍ଲାଟଫର୍ମସର ତ୍ରୈମାସିକ ନେଟ ଲାଭ ଗତ ବର୍ଷ ତୁଳନାରେ ୧୧.୬ ପ୍ରତିଶତ ବୃଦ୍ଧି ସହ ୫୪୪୫ କୋଟି ଟଙ୍କା ରହିଥିବା ଜଣାପଡିଛି ।

## ଜିଓର ନିଟ୍ ଲାଭ ୫୨୦୮ କୋଟି ଟଙ୍କା

ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି । ୨୦୨୩ ଅକ୍ଟୋବର ରୁ ଡିସେମ୍ବର ମଧ୍ୟରେ କମ୍ପାନୀର ନେଟ ଲାଭ ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୧୨.୨ ପ୍ରତିଶତ ବୃଦ୍ଧି ପାଇ ୫୨୦୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି । ଗତ ଆର୍ଥିକ ବର୍ଷର ସମାନ ତ୍ରୟମାସରେ କମ୍ପାନୀର ନେଟ ଲାଭ ୪୬୩୮ କୋଟି ଟଙ୍କା ରହିଥିଲା ।ସେହିଭଳି ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଜିଓର ପରିଚାଳନାଗତ ରାଜସ୍ୱ ଗତ ବର୍ଷ ସମାନ ତ୍ରୟମାସ ତୁଳନାରେ ୧୦.୩ ପ୍ରତିଶତ ବୃଦ୍ଧି ପାଇ ୨୫୩୬୮ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି ।ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସରେ ଜିଓ ନେଟୱାର୍କରେ ମୋଟା ଡାଟା ଟ୍ରାଫିକ ଗତ ବର୍ଷ ତୁଳନାରେ ୩୧.୫ ପ୍ରତିଶତ ବୃଦ୍ଧି ପାଇ ୩୮.୧ ବିଲିଅନ ଜିବି ହୋଇଥିବା ବେଳେ ଭଏସ ଟ୍ରାଫିକ ୭.୯ ପ୍ରତିଶତ ବୃଦ୍ଧି ପାଇ ୧.୩୭ ଟ୍ରିଲିଅନ ମିନିଟ ହୋଇଥିବା ଜଣାପଡିଛି । ସେହିଭଳି ତୃତୀୟ ତ୍ରୟମାସରେ ଜିଓ ସର୍ବାଧିକ ୧୧.୨ ମିଲିଅନ ଗ୍ରାହକ ଯୋଡିବା ସହିତ ଦେଶରେ ଡିସେମ୍ବର ମାସ ଶେଷ ସୁଦ୍ଧା ଏହାର ମୋଟ ଗ୍ରାହକ ସଂଖ୍ୟା ୪୭ କୋଟି ଅତିକ୍ରମ କରିଥିବା କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ।

■ ବିଏସ୍‌କେୱାଇ ହିତାଧିକାରୀଙ୍କୁ ହଇରାଣ କରୁଛନ୍ତି ଘରୋଇ ଡାକ୍ତରଖାନା

# କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ

**ଭୁବନେଶ୍ୱର,୨୦ା୧(ସମିସ):** ବିଏସ୍‌କେୱାଇ କାର୍ଡ ଥାଇ ସୁଦ୍ଧା କର୍କଟ ରୋଗୀ, ସାପ କାମୁଡ଼ାରେ ଆହତ ବ୍ୟକ୍ତିଙ୍କୁ ଘରୋଇ ଡାକ୍ତରଖାନାରେ ମାଗଣା ଚିକିତ୍ସା ମିଳୁନାହିଁ। କିଛି ଘରୋଇ ଡାକ୍ତରଖାନାରେ ବିଏସ୍‌କେୱାଇ ହିତାଧିକାରୀଙ୍କୁ ଜାଣିଶୁଣି ହଇରାଣ କରାଯାଉଛି। ମହିଳା ଡାକ୍ତର ଓ ନର୍ସିଂ ଛାତ୍ରୀଙ୍କ ହଷ୍ଟେଲରେ ଉପଯୁକ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଅଭାବ ରହିଛି। ଏସ୍‌ସିବି ମେଡିକାଲରେ ରଞ୍ଜନ ରଶ୍ମି (ଅଲ୍ଟ୍ରାସାଉଣ୍ଡ)କୁ ନେଇ ସମସ୍ୟା ରହିଥିବା ବେଳେ ସିଟି ସ୍କାନ୍ ମେସିନ୍ ଅଚଳ ଅଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନିୟୋଜିତ ସ୍ୱାସ୍ଥ୍ୟ ବିଭାଗ ଓ ମେଡିକାଲ କଲେଜର ପରାମର୍ଶଦାତାମାନେ ଏପରି ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତ୍ୱରିତ ପଦକ୍ଷେପ ନେବା ଲାଗି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତାଙ୍କ ପତ୍ର ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

ବିଏସ୍‌କେୱାଇର ପରାମର୍ଶଦାତା ପୁଷ୍ପାଞ୍ଜଳି ରଣା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି ଯେ ଜଣେ ମହିଳା କର୍କଟ ରୋଗୀ ଭୁବନେଶ୍ୱରରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସେ ବିଏସ୍‌କେୱାଇ ହିତାଧିକାରୀ ହୋଇଥିବା ସତ୍ତ୍ୱେ ଡାକ୍ତରଖାନା କର୍ତ୍ତୃପକ୍ଷ ତାଙ୍କୁ ଚିକିତ୍ସା ଯୋଗାଇ ନଥିଲେ। ସେ ଆହୁରି କହିଛନ୍ତି ଯେ ଜଣେ ସାପ କାମୁଡ଼ା ରୋଗୀ ଭୁବନେଶ୍ୱରର ଆଉ ଏକ ଘରୋଇ ଡାକ୍ତରଖାନାକୁ ଯାଇଥିଲେ। କିନ୍ତୁ ବିଏସ୍‌କେୱାଇ ହିତାଧିକାରୀ ହୋଇଥିବା ସତ୍ତ୍ୱେ ତାଙ୍କୁ ଆଇସିୟୁରେ ଜାଗା ମିଳିଲା ନାହିଁ

**ସ୍ୱାସ୍ଥ୍ୟ ପରାମର୍ଶଦାତାଙ୍କ ପ୍ରସ୍ତାବ ଆଧାରରେ ଡାକ୍ତରଖାନାରେ ଭଲ ବ୍ୟବସ୍ଥା ପାଇଁ ପଦକ୍ଷେପ**

କିମ୍ବା ବିଏସ୍‌କେୱାଇରେ ମାଗଣା ଚିକିତ୍ସା ଦିଆଗଲା ନାହିଁ। ଫଳରେ ସେ ହାତରୁ ୮୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ବାଧ ହେଲେ।

ଏସ୍‌ସିବି ମେଡିକାଲ କଲେଜର ପରାମର୍ଶଦାତା ସ୍ୱପ୍ନାରାଣୀ ପାତ୍ର ଅଭିଯୋଗ କରିଛନ୍ତି ଯେ କଟକରେ ଥିବା ଏକ ଘରୋଇ ଡାକ୍ତରଖାନା ବିଏସ୍‌କେୱାଇ ହିତାଧିକାରୀଙ୍କୁ କ୍ୟାସଲେସ୍ ଚିକିତ୍ସା ଦେବା ପାଇଁ ହଇରାଣ କରୁଛନ୍ତି। ବିଏସ୍‌କେୱାଇ କାର୍ଡ ଦେବା ସତ୍ତ୍ୱେ ରୋଗ ଓ ଚିକିତ୍ସା ସମ୍ପର୍କରେ କାଗଜପତ୍ର ଦାଖଲ କରିବା ପାଇଁ ହିତାଧିକାରୀଙ୍କୁ ବାଧ କରାଯାଉଛି।

ସେହିପରି କଟକ ଏସ୍‌ସିବି ମେଡିକାଲ କଲେଜରେ ରୋଗୀ ସୁବିଧା ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଆଣିବାର ଆବଶ୍ୟକତା ଅଛି। ସେଠାରେ ଦୁଇଟି ୨୪ ଘଣ୍ଟିଆ ଅଲ୍ଟ୍ରାସାଉଣ୍ଡ ମେସିନ୍ ସ୍ଥାପନ କରିବା ଜରୁରୀ। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଲେବର୍ ରୁମ୍‌ର ସମ୍ପ୍ରସାରଣ, ଅସ୍ଥିଶଲ୍ୟ ବିଭାଗରେ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦେବା, ବିଭିନ୍ନ ପ୍ରକାର ଆଇସିୟୁ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା ସହିତ ପୂରା ପ୍ରକ୍ରିୟା ଉପରେ ନଜର ରଖିବା ପାଇଁ କର୍ମଚାରୀଙ୍କ ନିମନ୍ତେ କୋଠରିରେ ବ୍ୟବସ୍ଥା କରିବା ପାଇଁ ଏସ୍‌ସିବି ମେଡିକାଲ କଲେଜର ପରାମର୍ଶଦାତା ଦିଲ୍ଲୀପ କୁମାର ସାହୁ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷେ ଜୟପୁର ମେଡିକାଲରେ ପ୍ରଚଳିତ ସୂଚନା ପ୍ରଦାନ ବ୍ୟବସ୍ଥା, ନୂଆପଡ଼ା ଡାକ୍ତରଖାନାରେ ପ୍ରେସ୍‌କ୍ରିପସନ୍ ସ୍କାନିଂ ବ୍ୟବସ୍ଥା ଭଳି ଭଲ ପଦକ୍ଷେପକୁ ଅନ୍ୟ ଡାକ୍ତରଖାନାରେ ଲାଗୁ କରିବାର ଆବଶ୍ୟକତା ରହିଛି ବୋଲି ନିରାମୟ ପରାମର୍ଶଦାତା ରଞ୍ଜନ କୁମାର ବିଶ୍ୱାଳ ପ୍ରସ୍ତାବ ଦେଇଛନ୍ତି। ଅନେକ ପରାମର୍ଶଦାତା ତୃଣମୂଳସ୍ତରରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୨୫ରୁ ଭୁବନେଶ୍ୱରରେ ଡାଇବେଟିସ୍ ଇଣ୍ଡିଆ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର,୨୦ା୧(ସମିସ):** ୨୫ରୁ ଚାରିଦିନ ଧରି ୧୪ତମ ଜାତୀୟ ସମ୍ମିଳନୀ ଡାଇବେଟିସ୍ ଇଣ୍ଡିଆ ୨୦୨୪ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ବିଙ୍ଗ୍ ଇଣ୍ଡିଆ ଓ ବିଏନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହଭାଗିତାରେ ଆୟୋଜିତ ହେବାକୁ ଥିବା ଏହି ଜାତୀୟ ସମ୍ମିଳନୀକୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୀତେନ୍ଦ୍ର ସିଂହ ଉଦ୍‌ଘାଟନ କରିବେ ବୋଲି ସଂଗଠନ ସଭାପତି ଡାକ୍ତର ଅଭୟ ସାହୁ କହିଛନ୍ତି। ଆଜି ସ୍ଥାନୀୟ ଆଇଏମ୍ଏ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡାକ୍ତର ସାହୁ କହିଛନ୍ତି, ଏହି ସମ୍ମିଳନୀରେ ବହୁ ସଂଖ୍ୟକ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମଧୁମେହ ବିଶେଷଜ୍ଞ ଯୋଗ ଦେବେ। ଏହି ଅବସରରେ ୩୫୦ରୁ ଅଧିକ ଗବେଷଣା ସନ୍ଦର୍ଭ ଉପସ୍ଥାପନ କରାଯିବ। ସମ୍ମିଳନୀରେ ଭାରତରୁ ୩ ହଜାର ଡାକ୍ତର ଏବଂ ଓଡ଼ିଶାରୁ ୧୩ ଶହ ଡାକ୍ତର ଯୋଗ ଦେବେ। ବର୍ତ୍ତମାନ ଚୀନ୍ ପରେ ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ମଧୁମେହ ରୋଗୀ ଅଛନ୍ତି। ସେମାନଙ୍କ ସଂଖ୍ୟା ପ୍ରାୟ ୭.୭କୋଟିରୁ ଅଧିକ ହେବ। ଏଥିସହ ମଧୁମେହର ପ୍ରାଥମିକ ସ୍ତରରେ ଥିବା ବ୍ୟକ୍ତିଙ୍କୁ ମିଶାଇଲେ, ଏହି ସଂଖ୍ୟା ୧୫ କୋଟିରୁ ଅଧିକ ହେବ। ଦେଶର ବିକାଶରେ ଏହା ଅନ୍ତରାୟ ସୃଷ୍ଟି କରୁଛି। ତେଣୁ ଏହି ଜାତୀୟ ସମ୍ମିଳନୀ ଓଡ଼ିଶାରେ ମଧୁମେହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବ। ରାଜ୍ୟରେ ମଧୁମେହ ରୋଗ ସମ୍ପର୍କରେ ଗବେଷଣା କରାଯାଇ ନୂତନ ଚିକିତ୍ସା ପ୍ରଣାଳୀ ଏବଂ ଔଷଧ ବିକଶିତ ହୋଇଛି। ଏସବୁ ବାବଦରେ ଓଡ଼ିଶାର ଚିକିତ୍ସକଙ୍କୁ ସମ୍ମିଳନୀରେ ସୂଚନା ପ୍ରଦାନ କରାଯିବ। ଏହି ଅବସରରେ ଡାଇବେଟିସ୍ ରୋଗ ଉପରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡାଃ ରିତେଶ କୁମାର ଅଗ୍ରୱାଲ, ଡାଃ ସତ୍ୟଜିତ ତ୍ରିପାଠୀ, ଡାଃ ସ୍ୱୟଂସିଦ୍ଧ ମଙ୍ଗରାଜ, ଉତ୍କଳ କେଶରୀ ଖାଡ଼ାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଆୟୁଷ ଦୀକ୍ଷା କେନ୍ଦ୍ରର ଶିଳାନ୍ୟାସ

**ଭୁବନେଶ୍ୱର,୨୦ା୧(ସମିସ):** କେନ୍ଦ୍ର ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଆଜି ଭୁବନେଶ୍ୱରରେ 'ଆୟୁଷ ଦୀକ୍ଷା' କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ (ସିଏଆରଆଇ) ପରିସରରେ ଏହି ଅତ୍ୟାଧୁନିକ କେନ୍ଦ୍ର ନିର୍ମାଣ କରାଯିବ। ଏହି ଅବସରରେ ଶ୍ରୀ ସୋନୋୱାଲ କହିଛନ୍ତି ଯେ ଦେଶବାସୀଙ୍କୁ ବିଶ୍ୱସ୍ତରୀୟ ରୋଗୀ ସେବା ପ୍ରଦାନ କରିବାରେ ଏହି କେନ୍ଦ୍ର ଆୟୁଷ ପେସାଦାରମାନଙ୍କ ଦକ୍ଷତା ବୃଦ୍ଧି କରିବ। ସୂଚନା ଅନୁଯାୟୀ, ଆୟୁଷ ଦୀକ୍ଷା ଅନୁଷ୍ଠାନ ଆୟୁଷ ପେସାଦାର, ବିଶେଷକରି ଆୟୁର୍ବେଦ ଚିକିତ୍ସକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାନ କରିବ। ଏହି କେନ୍ଦ୍ର ୩୦ କୋଟି ଟଙ୍କା ବିନିମୟରେ ନିର୍ମାଣ କରାଯାଉଛି। ଏଥିରେ ୨ଟି ସଭାଗୃହ, ସମସ୍ତ ସୁବିଧା ସହ ୪୦ଟି ଆଧୁନିକ କୋଠରି, ଭିଆଇପିଙ୍କ ପାଇଁ ସୁଇଟ୍, ପ୍ରାକୃତିକ ପାଠାଗାର ପାଇଁ ଉତ୍ସର୍ଗୀକୃତ ସ୍ଥାନ, ଆଲୋଚନା କକ୍ଷ, ମଡ୍ୟୁଲାର ରୋଷେଇ ଘର, ଡାଇନିଂ ଲାଉଞ୍ଜ ସମେତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିବ। ଆଜିର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ସିସିଆରଏଏସ୍‌ର ମହାନିର୍ଦ୍ଦେଶକ ପ୍ରଫେସର୍ ବୈଦ୍ୟ ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଓ ଆୟୁଷ ପେସାଦାରମାନେ ଉପସ୍ଥିତ ଥିଲେ।

**ପେସାଦାରଙ୍କ ଦକ୍ଷତା ବୃଦ୍ଧି କରିବ: ସର୍ବାନନ୍ଦ ସୋନୱାଲ**

# 'ସକାଳ' ପ୍ରତିନିଧି ରାଜେଶ ଶର୍ମାଙ୍କୁ ମରଣାନ୍ତକ ଆକ୍ରମଣ



**ବାରିପଦା,୨୦ା୧(ସମିସ):** ଶନିବାର ପୂର୍ବାହ୍ନରେ ରାଇରଙ୍ଗପୁର ଟାଉନ୍ ଥାନା ସମ୍ମୁଖରେ 'ସକାଳ' ପ୍ରତିନିଧି ରାଜେଶ ଶର୍ମାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ଖୁବ୍‌ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି। ଆକ୍ରମଣକାରୀମାନେ ଟାଉନ୍ ଥାନା ଅଞ୍ଚଳ ପୁରୁଣାପାଣି ଗାଁର। ଏକ ଆତ୍ମହତ୍ୟା ଖବର ପରିବେଷଣକୁ କେନ୍ଦ୍ର କରି ଅଭିଯୁକ୍ତମାନେ ରାଜେଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

# ଫେବ୍ରୁଆରୀ ୧ ରୁ କଂଗ୍ରେସର ବସ୍ ଯାତ୍ରା

**ଭୁବନେଶ୍ୱର, ୨୦ା୧(ସମିସ):** ଆସନ୍ତା ୨୯ ତାରିଖ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏହିକ୍ରମରେ ଫେବ୍ରୁଆରୀ ୧ତାରିଖ ଦିନ ଭୁବନେଶ୍ୱରରୁ ବସ୍ ଯାତ୍ରା ଆରମ୍ଭ ହେବ ବୋଲି କାର୍ଯ୍ୟକ୍ରମର ଆବାହକ ବିଧାୟକ ତାରା ପ୍ରସାଦ ବାହିନୀପତି ପିସିସି ସଭାପତିଙ୍କ ସହିତ ଆଲୋଚନା କରି ଜଣାଇଛନ୍ତି। ସୂଚନା ଅନୁଯାୟୀ ରାଜ୍ୟର ୩୦ଟି ଜିଲ୍ଲାକୁ ଏହି ବସ୍ ଯାତ୍ରା ଗସ୍ତ କରିବ ଏବଂ ପ୍ରତ୍ୟକ ଜିଲ୍ଲାର ସଦର ମହକୁମା ଏବଂ ଅନ୍ୟ ସ୍ଥାନମାନଙ୍କରେ ସାଧାରଣ ସଭା ଅନୁଷ୍ଠିତ ହେବ। ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର, ସଭାପତି ଶରତ ପଟ୍ଟନାୟକଙ୍କ ସହିତ ସମସ୍ତ ବରିଷ୍ଠ ନେତୃବର୍ଗ ଏହି ବସ ଯାତ୍ରାରେ ଗସ୍ତ କରିବେ। ଅପରପକ୍ଷେ ଆସନ୍ତା ୨୩ ଓ ୨୫ତାରିଖରେ ବିଧାନସଭା ସଂଯୋଜକ ତଥା ସଂସଦୀୟ କ୍ଷେତ୍ରର ସଂଯୋଜକ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ରୋଟାରୀ ଭବନଠାରେ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ଏଆଇସିସି ପ୍ରଶିକ୍ଷଣ ବିଭାଗର ବରିଷ୍ଠ ଅଧିକାରୀ ଓ ନେତୃବର୍ଗ ଆସନ୍ତା ୨୩ ତାରିଖ ଦିନ ସକାଳେ ଭୁବନେଶ୍ୱରରେ ପହଞ୍ଚିବେ। ୩ ଦିନ ଧରି ଭୁବନେଶ୍ୱରରେ ରହି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସେମାନେ ପରିଚାଳନା କରିବା ସହିତ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେବେ।

# ନବନିଯୁକ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କଲେ ସ୍କୁଲ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୨୦ା୧(ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ୟୁନିସେଫ୍‌ର ମିଳିତ ପ୍ରୟାସରେ ଉଚ୍ଚ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରସଙ୍ଗରେ ୱେବିନାର ସିରିଜ ଗତ ସେପ୍ଟମ୍ବରଠାରୁ ଆଭାସୀ ମାଧ୍ୟମରେ ଆୟୋଜନ କରାଯାଉଛି। ଏଥିରେ ୫୦ଟି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୨୩୧ଟି ଧନ୍ଦାମୂଳକ ଓ ୧୧୦ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରର ଖ୍ୟାତନାମା ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦିଗ୍‌ଦର୍ଶନ ଦିଆଯାଉଛି।

ଆଜିର ଅଧିବେଶନରେ ନୂତନ ଭାବେ ନିଯୁକ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ସହିତ କଥାବାର୍ତ୍ତା ଶୀର୍ଷକ ଆଲୋଚନା ହୋଇଥିଲା। ଦୁଇ ନବନିଯୁକ୍ତ ଅଧିକାରୀ ସମୀର ଜେନା ଓ ସୌମ୍ୟରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ଆବଶ୍ୟକ ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ସ୍ୱାଗତ ଭାଷଣ ଦେଇଥିଲେ। ଆଇଡେଣ୍ଟିଟି ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଯଶୋବନ୍ତ ସିଙ୍ଘଲାଲ ଅଧିବେଶନକୁ ପରିଚାଳନା କରିଥିଲେ। ବିଭାଗୀୟ ଉପଶାସନ ସଚିବ ରଞ୍ଜିତା ମେରୀ ନାୟକ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ 'ଲକ୍ଷ୍ମୀ' ବସ୍ ଯୋଜନା

# ଅପହଞ୍ଚ ଗ୍ରାମବାସୀଙ୍କ ପାଇଁ ପାଲଟିଛି ଆଶୀର୍ବାଦ

**ନବରଙ୍ଗପୁର,୨୦ା୧(ସମିସ):** 'ଲକ୍ଷ୍ମୀ' ବସ୍ ସେବା ନବରଙ୍ଗପୁର ଜିଲ୍ଲାର ଅପହଞ୍ଚ ଗ୍ରାମବାସୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ଏହି ବସ୍ ସେବା ଦ୍ୱାରା ଏବେ ଜିଲ୍ଲାର ଆଭ୍ୟନ୍ତର ଅଞ୍ଚଳରୁ ସହରକୁ ଯାତାୟାତ ସୁଗମ ହୋଇଛି। ଏନେଇ ଆଭ୍ୟନ୍ତର ତଥା ଅପହଞ୍ଚ ଗ୍ରାମବାସୀଙ୍କ ମନରେ ଏବେ ହସ ଫୁଟିଥିବା ବେଳେ ଉକ୍ତ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରଥମକରି ନବରଙ୍ଗପୁରରେ ଗତ ଡିସେମ୍ବର ୩୦ ତାରିଖଠାରୁ ଜିଲ୍ଲାର ୧୮୯ ପଞ୍ଚାୟତରେ ଗଡ଼ିଛି ମୋଟ ୪୪ଟି 'ଲକ୍ଷ୍ମୀ' ବସ୍। ଏହି ବସ୍ ନବରଙ୍ଗପୁରର ଅଗଣିତ ଜିଲ୍ଲାବାସୀଙ୍କ ସହ ଜିଲ୍ଲାର ମା'ମାନଙ୍କର ଏବେ ମୁଖ୍ୟ ସାରଥୀ ପାଲଟିଛି। ପୂର୍ବରୁ ନବରଙ୍ଗପୁର ଜିଲ୍ଲାର ସହର

**ସୁଗମ ହୋଇଛି ଆଭ୍ୟନ୍ତର ଅଞ୍ଚଳରୁ ସହରକୁ ଯାତାୟାତ**

ଏବଂ ବ୍ଲକ୍ ସଦର ମହକୁମାଠାରୁ ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗମନାଗମନରେ ବହୁ ଅସୁବିଧା ରହିଥିଲା। ବର୍ତ୍ତମାନ ଏହି ଲକ୍ଷ୍ମୀ ବସ୍ ସେବା ମାଧ୍ୟମରେ ଜଣେ ଚାଷୀ ବଜାର ସହିତ ଯୋଡ଼ି ହେଉଥିବା ବେଳେ ଗ୍ରାମାଞ୍ଚଳର ରୋଗୀଙ୍କ ଡାକ୍ତରଖାନା ଆସିବା ସୁବିଧାଜନକ ହୋଇଛି। ବର୍ତ୍ତମାନ ପ୍ରତ୍ୟେକ ଗ୍ରାମ ଲକ୍ଷ୍ମୀ ବସ୍ ସେବା ଯୋଗୁଁ ବ୍ଲକ୍ ସହିତ ଯୋଡ଼ି ହୋଇଥିବା ବେଳେ ପ୍ରତ୍ୟେକ ବ୍ଲକ୍ ସହର ସହ ଯୋଡ଼ି ହୋଇଛି। ଫଳରେ ଲୋକଙ୍କ ମଧ୍ୟରେ ସମ୍ପର୍କ ଆହୁରି ମଜଭୁତ ହୋଇପାରିଛି। ମା' ଲକ୍ଷ୍ମୀଙ୍କୁ ସମୃଦ୍ଧିର ପ୍ରତୀକ ସ୍ୱରୂପ ବିବେଚନା କରାଯାଉଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ଏହି ଲକ୍ଷ୍ମୀ ବସ୍ ସେବା ଜିଲ୍ଲାର ପ୍ରତି ଘରେଘରେ ପହଞ୍ଚି ଖୁସି ଓ ଆନନ୍ଦ ଆଣି ପାରିଛି। ଏଥିପାଇଁ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏ ସଂପର୍କରେ ଉମରକୋଟ ବ୍ଲକ୍ ବଡ଼କୁମାରୀ ପଞ୍ଚାୟତର ମୁନା ଡାକୁଆ କହିଛନ୍ତି, ପୂର୍ବରୁ ପଞ୍ଚାୟତରେ ଉମରକୋଟ ବ୍ୟାଙ୍କ ଓ ଉମରକୋଟ ସହରକୁ ଯିବାକୁ ହେଲେ ଅଟୋ ଭଡ଼ା ୫୦ ଟଙ୍କା ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଜନା ହେବା ଦ୍ୱାରା ସୁବିଧାରେ ବ୍ୟାଙ୍କ ଓ ସହରକୁ ମହିଳାମାନେ ଯାଇପାରୁଛୁ। କମ୍ ଖର୍ଚ୍ଚ ଓ କମ୍ ସମୟରେ ପହଞ୍ଚି ପାରୁଛୁ। ସେହିପରି ଉମରକୋଟ ପଡ଼ାଗଡ଼ର ଗୀତା ପାଇକ ଏବଂ ବାଉଁଶବେଡ଼ାର ଅମ୍ବିକା ପାତ୍ର ଓ ଗୋଟିଗୁଡ଼ାର ବିଦ୍ୟୁତପ୍ରଭା ବେହେରା ଏହି ଲକ୍ଷ୍ମୀ ବସ୍ ଆମକୁ ଗାଁ ଓ ପଞ୍ଚାୟତରୁ ସହର, ଡାକ୍ତରଖାନା ଯିବାରେ ବହୁ ସହାୟକ ହୋଇଛି ବୋଲି କହିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।





**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I Sukanta Kumar Prusty, son of late Sri Sanyasi Prusty, resident of plot no 611/9032/10814, Rudrapur, PS- Balianta, Bhubaneswar-752101 declare by this affidavit dated 18.01.2024 that from now on my daughter Saahita Sukanta Kumar Prusty will be known as **Saahita Prusty** for all purposes.

**AFFIDAVIT**

I, Srikant Samal, s/o - Pratap Samal, resident of Maharakul, Po-Madhuban , Ps-Aul , Dist-Kendrapara, Pin - Odisha. Declare by this affidavit No-59AA 790247 dtd-19/01/2024 that now onwards I shall be known as **Srikanta Samal** for all future purposes.

**AFFIDAVIT**

I Jhunubala pattanaik, D/o- late Laxmidhar pattanaik, W/o -Satya Narayan Samantaray, resident of PlotNo.60, Bapujinagar . Bhubaneswar, District- khordha, Pin -751009 Odisha. Declare by this affidavit No.178 dtd-18/05/ 2022 that now onwards I shall be known as **JHUNUBALA SAMANTARAY** for all future purposes.

**AFFIDAVIT**

I, Vijaya Sankara Rao Pasupureddi, S/o-Syamala Rao Pasupureddi,resident of At- B1-501, Permanent Campus, Aragul, IIT, PS-Jatni, Bhubaneswar, Dist-Khurda, Pin- 752050, Odisha declare by this affidavit No.147, dated-20/01/2024 that now onwards I shall be known as **VIJAY SHANKAR PASUPUREDDI** for all future purposes.

**AFFIDAVIT**

I, Ranjan Mallick, S/o-Narahari Mallick, resident of At- Plot No.32, Gymkhana, Palm Heights, Near SUM Hospital, Khandagiri, Bhubaneswar, Dist-Khordha, Pin-751030, Odisha declare by this affidavit No.142, dated- 19/01/2024 that now onwards I shall be known as **RANJAN KUMAR MALLICK** for all future purposes.

**AFFIDAVIT**

I, Stiti Pragyan Mallick, W/o-Ranjan Kumar Mallick, resident of At-Plot No.32, Gymkhana, Palm Heights, Near SUM Hospital, Khand-agiri, Bhubaneswar, Dist-Khordha, Pin-751030, Odisha declare by this affidavit No.143, dated- 19/01/2024 that now onwards I shall be known as **STITI PRAGYAN DALBEHERA** for all future purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-3777
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨୬ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା ୦୯ H-2177/1995 ତା.୧୦.୦୧.୨୦୨୪

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱ-ଦାମୋଦର ମିଶ୍ର<br>ପିତା-ସ୍ୱ ଦିବ୍ୟସିଂହ ମିଶ୍ର<br>ସା-ଯଦୁଚନ୍ଦ୍ରପୁର<br>ପୋ-ଭିତରଗଡ଼<br>ଥାନା-ରାଜନଗର<br>ଜିଲ୍ଲା-କେନ୍ଦ୍ରାପଡ଼ା | ଏଲଆଇଜି-୬୬୦<br>(LIG-660)<br>ପ୍ରଶାନ୍ତି ବିହାର, ପଟିଆ<br>ଭୁବନେଶ୍ୱର | ୧. ସମାର ମିଶ୍ର (ପୁତ୍ର)<br>୨. ପ୍ରଦୀପ ମିଶ୍ର (ପୁତ୍ର)<br>୩. ଅଜିତ ମିଶ୍ର (ପୁତ୍ର)<br>୪. ଦିଲ୍ଲୀପ ମିଶ୍ର (ପୁତ୍ର)<br>୫. କୃଷ୍ଣପ୍ରିୟା ମିଶ୍ର (ସ୍ତ୍ରୀ)<br>୬. ଅଜନ୍ତା ମିଶ୍ର (ବି. କନ୍ୟା)<br>୭. ଅଲୋରା ମିଶ୍ର (ବି. କନ୍ୟା)<br>୮. ଅଳକାନନ୍ଦା ମିଶ୍ର (ବି. କନ୍ୟା) |

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0624/2324

**OFFICE OF THE CDM & PHO & DISTRICT MISSION DIRECTOR, BHADRAK DISTRICT HEALTH MISSION**
**(Department of Health & FW, Govt. of Orissa)** E-762
Corrigendum Advt. No. 02/2024 Date 20.01.2024
With reference to the advt. No- 01/2024 dtd. 08.01.2024, it is for information of al concerned that for hiring of the vehicles for DPMU on monthly basis will not include the vehicle - Swift Desire & Honda City.
All other terms and conditions in the RFP invited earlier will remain unchanged.
OIPR-10123/11/0012/2324 Sd/- CDM &PHO, Bhadrak

**DISTRICT PROJECT OFFICE**
**SAMAGRA SIKSHYA, MAYURBHANJ**
**TENDER CALL NOTICE** n-259
No. 180, Date 18.01.2024
**FOR PRINTING OF QUESTION-CUM- ANSWER SHEET, ORAL QUESTION, SCORING KEYS FOR SUMMATIVE ASSESSMENT-112023-24**
Sealed Quotations under two bid systems are Invited from registered Offset Printers/firms for Printing, Packing and Supply of Question-cum-Answer sheets for Summation Assessment (Class-I to VIII) for 2023-24 for Mayurbhanj District. The tender papers/bid documents containing detailed specification with terms and conditions in 2 part bidding ie., application of Technical Bid fJ application of Financial Sid & the tender paper can be downloaded in the website at **www.osepa.odisha.gov.in and www.mayurbhanj.nic.in.** Cost Tender processing fees Rs.4000.00 (Rupees Four Thousand) Only (Non-Refundable). The last date & time for submission of sealed tender is 01.02.2024 at 2 pm and the tech bid will be opened on 02.02.2024 at 11 Am.
Collector-cum-Chairman
SS, Mayurbhanj
OIPR-27140/11/0001/2324

B-1650
e-mail ID - supenger_rbjyp@yahoo.co.in
Phone No – 06854 – 231528
**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
**INVITATIONS FOR BIDS (IFB)**
Bid Identification No. C.C.E.J.C (R&B) - 35/2023-24
No. 234 / Date - 16.01.2024

| | |
|---|---|
| 1. Nature of the work: | **BUILDING WORKS** |
| 2. Total No. of Works: | 03 (Three) Nos. |
| 3. Estimated cost: | Rs. **1.08 Crs. to 1.09 Crs.** |
| 4. Period of completion: | 07 (Seven) Months Each. |
| 5. Cost of Bid Document: | Rs. 10,000/- |
| 6. Bid Security (EMD): | Rs. **1.08 to 1.09** Lac As per column no. 06 of IFB. |
| 7. Class of Contractor: | "B" & "A" Class as per cl no. 05 of TCN & according to Financial Eligibility. |
| 8. Date & time of availability of bid Document in the portal: | From 11.00 hours of 22.01.2024 to 17.00 hours of 05.02.2024 |
| 9. Last date / Time for receipt of bids in the Portal: | 17.00 hours of 05.02.2024 |
| 10. Opening date of Bid: | 10.00 hours of 06.02.2024 |
| 11. Name and address of the Officer Inviting Bid : | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in
Any addendum / corrigendum / cancellation of tender can also be seen in the said website only.
Chief Construction Engineer
Jeypore (R&B) Circle, Jeypore
OIPR-34108/11/0040/2324

O-2270
Email: eerwel_bsr@yahoo.co.in
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Procurement Notice No.- EERWELBBSR-44/2023-24

| | | |
|---|---|---|
| 1 | Name of the work | 4nos of SITC of IP based CCTV surveillance system to different court building |
| 2 | Estimated Cost | From 7.34 lakhs to 9.81 lakhs (Excluding GST) |
| 3 | Period of completion | 30days |
| 4 | Bid Identification No | **EERWELBBSR – 44/ 2023-24** |
| 5 | Date and time of availability of Bid documents in the portal | From Dt.**22.01.2024** at 12:30 A.M.to Dt **29.01.2024** up to 5.00 P.M |
| 6 | Date & Time of opening of tender | Dt.**30.01.2024** at 01.00 P.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W.EL.DIVN.BBSR At- 1st floor of Divn. Complex, Rasulgarh Behind Explanade Mall. Dist. -Khurda Odisha. Pincode-751010 |

Further detail can be seen from the Govt. website www.tenderorissa.gov.in
Executive Engineer
Rural Work Electrical Division,
Bhubaneswar
OIPR-25168/11/0013/2324

**OFFICE OF THE EXECUTIVE ENGINEER** O-2264
**RWSS DIVISION, RAIRANGPUR**
**INVITATION FOR BIDS**
E-mail-eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
**IDENTIFICATION No. 57 RWSS/RRPUR-2023-2024 / Dated 19.01.2024**
The Executive Engineer, RWS&S Division, Rairangpur on behalf of Odisha invites from bidders of manufacturers / suppliers / distributor registered with the State Government and bidders of equivalent Grade / Class registered with Central Government / MES / Railways for supply of materials. The manufacturers / suppliers / distributor may submit bids for any or all of the following work.

1. Nature of work: - Supply of ISI marked steel tubes used in water wells of type electric resistance welder (ERW) confirming to **IS-4270/2001** with subsequent amendments if any having length of **3.05 mtrs cutting tolerance** (-0.00mtr. + 0.05 mtr) and both sides beveled. The angle of bevel shall be 150 in one end and 450 in other end. Nominal Bore **5" (125 mm dia) ERW MS Casing Pipe** having wall thickness **5.40 mm. (01 Package)**
2. Period of Delivery : **30(thirty)** days
3. Cost of tender :- **₹10000.00**
4. Estimated cost :- **₹ 76.87 Lac**
5. Class of Bidder :- **Registered manufacturers / Authorized Dealers only.**
6. Date and time of availability of bid documents in Portal: -from **11.00 hours of 31.01.2024 to 17.00 to hours of 17.02.2024**
7. Receipt of bid cost, bid security, documents: - Online only
8. Date & time of opening of technical bid: - Dt. **19.02.2024** at **11.00** hours onwards.
9. Other Documents: - (As mentioned in DTCN)
10. The bidders have to participate in on-line bidding only. Further details can be seen from the website **https://www.tendersodisha.gov.in.**
11. **Any addendum / Corrigendum / Cancellation of tender can also be seen in the said website.**

Executive Engineer
RWSS Division, Rairangpur
OIPR-25010/11/0018/2324

## ପାରାଦୀପ ପୋର୍ଟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ବଢ଼ିଲା ଅଡୁଆ

# କୋଟିଏ ୧୧ ଲକ୍ଷର ଆୟ ବହିର୍ଭୂତ ସମ୍ପତ୍ତି ଠାବ କଲା ସିବିଆଇ

**ଭୁବନେଶ୍ୱର,୨୦ ।୧ (ସମିସ):** ୫୪ ହଜାର ଟଙ୍କା ଲାଞ୍ଚ ମାମଲାରେ ଜେଲ୍ ଯାଇଥିବା ପାରାଦୀପ ପୋର୍ଟ ଜନସ୍ୱାସ୍ଥ୍ୟ ଅଧିକାରୀ(ପୋର୍ଟ ହେଲଥ୍ ଅଫିସ୍‌ର) ଡା. ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି । ତାଙ୍କୁ ଗିରଫ ପରେ ତାଙ୍କର କଳାଧନକୁ ସିବିଆଇ ଯାଞ୍ଚ କରିଥିଲା । ଯାଞ୍ଚ କରିବା ପରେ ସିବିଆଇ ତାଙ୍କର ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି । ୨୦୧୮ ମେ' ୧୪ରୁ ୨୦୨୩ ଅକ୍ଟୋବର ୧୨ତାରିଖ ମଧ୍ୟରେ ରାଜେନ୍ଦ୍ର ୧କୋଟି ୧୧ଲକ୍ଷ ୯୫ହଜାର ୭୧୬ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି । ଏହା ସ୍ପଷ୍ଟ ହେବା ପରେ ସିବିଆଇ ରାଜେନ୍ଦ୍ର ପାଣିଗ୍ରାହୀଙ୍କ ନାମରେ ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ କରୁଛି । ଡାକ୍ତର ରାଜେନ୍ଦ୍ର ପାରାଦୀପ ପୋର୍ଟରେ କାର୍ଯ୍ୟ କରିବା ପୂର୍ବରୁ କୋଲକାତା ଏବଂ ଅନ୍ୟାନ ସଂସ୍ଥାରେ କାମ କରିଛନ୍ତି । ଏହି କାର୍ଯ୍ୟକାଳ ସମୟରେ ସେ ଏଭଳି କଳାଧନ ଅର୍ଜନ କରିଥିଲେ ।

୨୦୧୮ ମେ ୧୪ରେ ଏକ ଫୋର୍ଡ ଇକୋ ସ୍ପୋର୍ଟସ୍ କାର୍ କିଣିଥିଲେ । ତାଙ୍କର ଦୁଇଟି ଇନ୍ସ୍ୟୁରାନ୍ସ ପଲିସ୍, ଘର ସାମଗ୍ରୀ, ବ୍ୟାଙ୍କ୍ ବାଲାନ୍ସ ଆଦି ମିଶି ସମୁଦାୟ ୫୫ଲକ୍ଷ ୫ହଜାର ୭୫୨ ଟଙ୍କା ହେବ । ଏହିଭଳି ତାଙ୍କଠାରୁ ଜବତ ହୋଇଥିବା ଟଙ୍କା, ସ୍ଥାବର/ଅସ୍ଥାବର ସମ୍ପତ୍ତି, ବ୍ୟାଙ୍କ୍ ବାଲାନ୍ସ, ଘର ସାମଗ୍ରୀ, କାର୍, ଇନ୍ସ୍ୟୁରାନ୍ସ ପଲିସ୍ ଆଦି ମିଶାଇ ସମୁଦାୟ ତାଙ୍କର ୧କୋଟି ୬୭ଲକ୍ଷ ୬୩ହଜାର ୯୯୫ ଟଙ୍କା ଠାବ କରାଯାଇଛି ।

ବଡ଼ କଥା ହେଲା, ରାଜେନ୍ଦ୍ରଙ୍କ ଚାକିରି କାଳ ମଧ୍ୟରେ ସେ ସମୁଦାୟ ୭୦ ଲକ୍ଷ ୪୨ ହଜାର ୨୨୫ ଟଙ୍କା ଆୟ କରିଥା'ନ୍ତେ । କିନ୍ତୁ ସେ କେବଳ ୬୯ଲକ୍ଷ ୭୯ହଜାର ୬୯୮ଟଙ୍କା ଖର୍ଚ୍ଚ କରି ସାରିଛନ୍ତି । ଘର ଭଡ଼ାଠାରୁ ଆରମ୍ଭ କରି କାର୍ ସିର୍ଭିସ, ଫ୍ଲାଟ୍ କିଣା ଏବଂ ଅନ୍ୟାନ ବାବଦରେ ସେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ତାଙ୍କ ମା' ଆରତି ପାଣିଗ୍ରାହୀଙ୍କ ନାମରେ ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣିଛନ୍ତି । ସିବିଆଇ ଯାଞ୍ଚ ସମୟରେ ଜଣାପଡ଼ିଥିଲା ଯେ ୨୦୧୮ ମେ' ୧୪ରୁ ୨୦୨୩ ଅକ୍ଟୋବର ୧୨ତାରିଖ ମଧ୍ୟରେ ରାଜେନ୍ଦ୍ରଙ୍କ ଆକାଉଣ୍ଟରେ ୬୨ ହଜାର ୫୨୭ଟଙ୍କା ରହିବା କଥା । କିନ୍ତୁ ତାଙ୍କର ଆକାଉଣ୍ଟ ଏବଂ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ମିଶାଇ ୧କୋଟି ୧୨ଲକ୍ଷ ୫୮ହଜାର ୨୪୩ ଟଙ୍କା ହେଉଛି । ସମସ୍ତ ଯାଞ୍ଚ ପରେ ଜଣାପଡ଼ିଲା ଯେ ଡା. ରାଜେନ୍ଦ୍ର ୧କୋଟି ୧୧ଲକ୍ଷ ୯୫ହଜାର ୭୧୬ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିଛନ୍ତି । ଦୁର୍ନୀତି କରି ସେ କଳାଧନ ଅର୍ଜନ କରିଥିବାରୁ ସିବିଆଇ ତାଙ୍କ ନାମରେ ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ମାମଲାରେ ମନି-ଲଣ୍ଡରିଂ ଲିଙ୍କ୍ ଆସୁଥିବାରୁ ଇଡି ଏହି ମାମଲାର ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି ।

- ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ କଲା ସିବିଆଇ
- ବିଳାସ ବେସନରେ ଖର୍ଚ୍ଚ କରିଛନ୍ତି ୬୯ ଲକ୍ଷ ଟଙ୍କା
- ୫୪ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ
- ମନିଂ ଲଣ୍ଡରିଂ ଲିଙ୍କ୍‌ରେ ତଦନ୍ତ କରିବ ଇଡ଼ି

ସୂଚନାନୁସାରେ, କୋଭିଡ୍ କ୍ଲିୟରାନ୍ସ ସାର୍ଟିଫିକେଟ୍ ପାଇଁ ଶିପିଂ ଏଜେଣ୍ଟଙ୍କଠାରୁ ଲାଞ୍ଚ ମାଗିଥିଲେ । ଏନେଇ ଅଭିଯୋଗ ହେବା ପରେ ସିବିଆଇ ଅଧିକାରୀ ଗତ ବର୍ଷ ଅକ୍ଟୋବର ୧୨ ତାରିଖରେ ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫୪ହଜାର ଲାଞ୍ଚ ଟଙ୍କା ଜବତ କରିଥିଲେ । ପରେ ରାଜେନ୍ଦ୍ରଙ୍କ ପାରାଦୀପରେ ଥିବା ଅଫିସ୍ ସମେତ ଜେ.ବି କଲୋନୀରେ ଥିବା କ୍ୱାର୍ଟର୍ସ, ହାଉସିଂ ବୋର୍ଡ କଲୋନୀ, କଟକ ଏବଂ ବାଲେଶ୍ୱରରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ଦୁଇଟି ଘରୁ ଲକ୍ଷ ଲକ୍ଷ ଟଙ୍କାର ଦାମୀ ବିଦେଶୀ ମଦ ଓ ଦାମୀ ସିଗାରେଟ ମିଳିଥିଲା । ଏହାସହ ବିଛଣା ତଳୁ, ବାଥରୁମରୁ ୧୭ଲକ୍ଷ ନଗଦ ଟଙ୍କା ଏବଂ ୨୦୫୫୮ ଆମେରିକାନ୍ ଡଲାର ମିଳିଥିଲା ।

# ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା

**ଉମରକୋଟ,୨୦ ।୧(ସମିସ):** ଟାଙ୍ଗିଆରେ ହାଣି ମହିଳାଙ୍କୁ ହତ୍ୟା । ଏଭଳି ଏକ ଆପରାଧିକ ଘଟଣା ଘଟିଛି, ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ରାଜପୁର ପଞ୍ଚାୟତରେ । ମୃତ ମହିଳାଜଣକ ହେଲେ ସୁମନି ଜାନି(୩୫) । ତାଙ୍କୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ଧନସିଂ ଜାନି(୪୫)ଙ୍କୁ ପୁଲିସ ଅଟକ ରଖିଛି । ଏ ସଂପର୍କରେ ମୃତ ସୁମନିଙ୍କ ପୁତୁରା ଖେମରାଜ ଜାନି ସିଂସାରୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ, ସୁମନି ଓ ଧନସିଂ ଗୁରୁବାର ସନ୍ଧ୍ୟାରେ ଗାଁ ନିକଟ ପୋଖରୀ କୂଳରେ ବୁଲୁଥିବା ଗ୍ରାମବାସୀ ଦେଖିଥିଲେ । ଶୁକ୍ରବାର ସନ୍ଧ୍ୟାରେ ସୁମନିଙ୍କ ଶବ ବିଲରେ ପଡ଼ିଥିଲା । ଗାଈ ଚରାଇବାକୁ ଯାଇଥିବା ଜଣେ ଯୁବକ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଘଟଣା ପ୍ରଘଟ ହୋଇଥିଲା । ସୁମନିଙ୍କ ଶରୀରର ବିଭିନ୍ନ ସ୍ଥାନରେ ଟାଙ୍ଗିଆ ଚୋଟ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଡାବୁଗାଁ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ଏସ୍ଆଇ ଚନ୍ଦନ କୁମାର ସାହୁ, ଏସ୍ଆଇ ବିଜୁରାମ ବାଗ, ଏଏସ୍ଆଇ ଶଶିକାନ୍ତ ଘୋଷ ଏବଂ ନବରଙ୍ଗପୁର ଜିଲ୍ଲା ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ସୁମନିଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ସନ୍ଧ୍ୟା ହୋଇଯିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍ଆଇ ବିଜୁରାମ ବଗ ସୂଚନା ଦେଇଛନ୍ତି ।

# ପୁଲିସ ପୋଡ଼ିଦେଲା ୬ ଏକର ଗଂଜେଇ ଚାଷ

**ବାଲିମେଳା, ୨୦ ।୧(ସମିସ):** ମାଲକାନଗିରି ଜିଲ୍ଲା ଓର୍କେଲ ପୁଲିସ ପକ୍ଷରୁ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରାଯାଇ ୬ ଏକର ଜମିରୁ ୫୫୦୦ ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରାଯାଇଛି । କୁଡୁମୁଲୁଗୁମା ପଞ୍ଚାୟତ ଦୁର୍ଗମ ମଜୁରଲେଣ୍ଡି ଗ୍ରାମ ଜଙ୍ଗଲରେ ପ୍ରଚୁର ପରିମାଣର ଗଞ୍ଜେଇ ଚାଷ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ସୂଚନା ମିଳିଥିଲା । ଆଜି ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲେ । ପୁଲିସକୁ ଦେଖି ଗଞ୍ଜେଇ ଚାଷୀମାନେ ଜଙ୍ଗଲରେ ଲୁଚି ପଳାଇଥିଲେ । ପରେ ସେଠାରେ ୬ ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ପୋଡ଼ି ନଷ୍ଟ କରାଯାଇଥିଲା ।

# ପୂର୍ବତନ ସାଂସଦ ଅନାଦି ସାହୁଙ୍କ ପରଲୋକ

**କଟକ,୨୦ ।୧(ସମିସ):** ପୂର୍ବତନ ସାଂସଦ ତଥା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅନାଦିଚରଣ ସାହୁ(୮୩)ଙ୍କ ସିଡିଏ ସେକ୍ଟର-୬ସ୍ଥିତ ବାସଭବନରେ ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଛି । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବ୍ରହ୍ମପୁରର ପୂର୍ବତନ ସାଂସଦ ଅନାଦି ଚରଣ ସାହୁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଜଣେ ଦକ୍ଷ ଆଇପିଏସ ଅଧିକାରୀ ସହ ଜନପ୍ରତିନିଧି ଭାବେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି । ଅପରପକ୍ଷେ, ମେୟର୍ ସୁବାସ ସିଂହ, ସାଂସଦ ଭର୍ତ୍ତୃହରି ମହତାବ, ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ବିଧାୟକ ମହମ୍ମଦ ମୋକିମ, ପୁଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅବସରପ୍ରାପ୍ତ ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତି, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ବିଜେପି ନେତା ନୟନକିଶୋର



### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ମହାନ୍ତି, ଲଲାଟେନ୍ଦୁ ବଡୁ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ସାମ୍ବିଦିକ ଡଃ ସତ୍ୟ ରାୟଙ୍କ ସମେତ ବହୁ ରାଜନେତା, ବରିଷ୍ଠ ପୁଲିସ ଅଧିକାରୀ, ସାହିତ୍ୟିକ, ବୁଦ୍ଧିଜୀବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନ୍ତିମ ଦର୍ଶନ କରିଥିଲେ । ଅବସରପ୍ରାପ୍ତ ପୁଲିସ ଅଫିସର୍ ୱେଲଫେୟାର୍ ଆସୋସିଏସନ ପକ୍ଷରୁ କୃଷ୍ଣଚନ୍ଦ୍ର ସାମଲଙ୍କ ସମେତ ଅନ୍ୟ କର୍ମକର୍ତ୍ତା ତାଙ୍କ ଶେଷ ଦର୍ଶନ କରିଥିଲେ । ସତୀଚଉରାଠାରେ ଆଜି ଅପରାହ୍ଣରେ ଅନ୍ତିମ ସଂସ୍କାର କରାଯାଇଛି ।

୧୯୪୦ ଜୁଲାଇ ୧ ତାରିଖରେ ଗଞ୍ଜାମର ଖଇରପଙ୍କା ଗ୍ରାମରେ ଜନ୍ମିତ ଅନାଦିଙ୍କର ଆଇପିଏସ୍ ଅଫିସର୍ ଭାବେ ଯଥେଷ୍ଟ ସୁନାମ ରହିଥିଲା । ସେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଣେ ଦକ୍ଷ ଓ ସଚ୍ଚୋଟ ଅଫିସର ଭାବେ ସୁଚାରୁରୂପେ ତାଙ୍କ ଦାୟିତ୍ୱ ସମ୍ପାଦନ କରିଥିଲେ । ବିଶେଷକରି କଟକରେ ଏସ୍‌ପି ଥିବା ବେଳେ ବହୁ କୁଖ୍ୟାତ ଅପରାଧୀଙ୍କୁ ସାବାଡ୍ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରି ପାରିଥିଲେ । ପୁଲିସ ଆଇଜି ଭାବେ କାର୍ଯ୍ୟ କରୁଥିବା ବେଳେ ଭାରତୀୟ ପୁଲିସ ସେବାରୁ(ଆଇପିଏସ) ସେତେବେଳେ ଇସ୍ତଫା ଦେଇ ରାଜନୀତିରେ ପ୍ରବେଶ କରିଥିଲେ । ୧୯୯୬ ମସିହା ସାଧାରଣ ନିର୍ବାଚନରେ ଅନାଦି ଚରଣ ସାହୁ କଂଗ୍ରେସ ଟିକେଟରେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଉକ୍ତ ନିର୍ବାଚନରେ ସେ ଜନତା ଦଳର ପ୍ରାର୍ଥୀ ବିଜୁ ପଟ୍ଟନାୟକଙ୍କ ଠାରୁ ପରାସ୍ତ ହୋଇଥିଲେ । ହେଲେ ବିଜୁ ପଟ୍ଟନାୟକ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ମଧ୍ୟ ବିଜୟୀ ହୋଇଥିବାରୁ କଟକ ଲୋକସଭା ଆସନରୁ ଇସ୍ତଫା ଦେଇଥିଲେ । ବିଜୁ ବାବୁ ଇସ୍ତଫା ଦେବା ପରେ ପୁଣି କଟକ ଲୋକସଭା ଆସନ ପାଇଁ ଉପନିର୍ବାଚନ ହୋଇଥିଲା । ଏଥିରେ ଅନାଦି ଚରଣ ସାହୁ ଜନତା ଦଳର ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ହରାଇ ବିଜୟୀ ହୋଇଥିଲେ । ଏହାପରେ ଅନାଦି ବିଜେପିରେ ସାମିଲ ହୋଇଥିଲେ । ୧୯୯୯ ମସିହା ସାଧାରଣ ନିର୍ବାଚନରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏଥିରେ ସେ ବିଜୟୀ ହୋଇଥିଲେ । ହେଲେ ୨୦୦୪ ପରଠାରୁ ସେ ରାଜନୀତିରୁ ଦୂରେଇ ଯାଇଥିଲେ । ଅନ୍ୟପଟେ ସେ ଜଣେ ବିଶିଷ୍ଟ ସାରସ୍ୱତ ସାଧକ ଭାବେ ପରିଚିତ ଥିଲେ । ଜଣେ ସଫଳ କଥାକାର, ନାଟ୍ୟକାର ତଥା ସାହିତ୍ୟିକ ଭାବେ ସେ ବେଶ ଜଣାଶୁଣା ଥିଲେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଥିଲେ । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ତାଙ୍କ ସୃଷ୍ଟି ମଧ୍ୟରୁ ଜଙ୍ଗଲୀ ସହର, ଜରାସନ୍ଧ, ମାୟା, ତାଣ୍ଡବ ଓ ମୁଣ୍ଡମେଖଳା ଅନ୍ୟତମ । ସେହିପରି ତାଙ୍କ ରଚିତ ଗଳ୍ପ ମଧ୍ୟରୁ ପାଣ୍ଡୁର ବଳୟ, ଚକାଡୋଳା ଏବଂ ନତଜାନୁ ପାଠକୀୟ ମହଲରେ ବେଶ୍ ଆଦୃତ ହୋଇଥିଲା ।

# ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପରଲୋକ

**ଜଳେଶ୍ୱର/ରାଇବଣିଆ, ୨୦ ।୧(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି (୭୪)ଙ୍କ ପରଲୋକ ହୋଇଛି । ଦୀର୍ଘ ଦିନ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଗତ ଡିସେମ୍ବର ୨୮ ତାରିଖରେ ପରିବାରଲୋକ ତାଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଇଥିଲେ । ଆଜି ସକାଳ ପ୍ରାୟ ୭ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ତାଙ୍କ ପାର୍ଥିବ ଶରୀର ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ହାସିମପୁର ଗ୍ରାମରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା ।



ଛାତ୍ରାବସ୍ଥାରୁ ରାଜନୀତିରେ ପାଦ ଥାପିଥିବା ଜୟନାରାୟଣ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ୧୯୯୫ ଓ ୨୦୦୦ ମସିହାରେ କଂଗ୍ରେସ୍ ଟିକଟରେ ଦୁଇ ଦୁଇଥର ବିଧାୟକ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ୨୦୧୯ରେ ସେ ବିଜେପିରେ ସାମିଲ ହୋଇଥିଲେ । ଜଳେଶ୍ୱର ନିର୍ବାଚନମଣ୍ଡଳୀରୁ ସେ ବିଜେପିରୁ ବିଧାୟକ ପ୍ରାର୍ଥୀ ହୋଇ ପୁଣି ପରାଜିତ ହୋଇଥିଲେ । ଶାରୀରିକ ଅସୁସ୍ଥତା କାରଣରୁ ସେ ୨୦୧୯ ନିର୍ବାଚନ ପରଠାରୁ ରାଜନୀତିରେ ବିଶେଷ ସକ୍ରିୟ ନଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ'(वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिक उपयुक्त उत्तर वाले विकल्प चुनकर लिखिए ।** (1x5=5)

इंटरनेट ने शिक्षा को इतना आसान बना दिया है कि कोई भी किसी प्रकार की समस्या क्यों ना हो, पल भर की प्रतीक्षा किए बिना ही उसका उत्तर हमें मिल जाता है। पुस्तकालय में बैठकर घंटों माथापच्ची नहीं करनी पड़ती। विद्यालयों में स्मार्ट क्लासों का प्रचलन बढ़ रहा है। जिससे नेट के माध्यम से छात्रों को अत्याधुनिक ज्ञान प्रदान किया जाता है। इतना ही नहीं विद्यार्थी अपने घरों में रह कर विदेशी विद्यालयों एवं विश्वविद्यालयों से कम खर्च में पढ़ सकते हैं और किसी भी प्रकार की समस्या का हल निकाल सकते हैं।

परीक्षणों एवं प्रतियोगिताओं की तैयारी में भी इंटरनेट का सहारा लेकर छात्र सफलताकी नई ऊंचाइयां छू रहे हैं। आज भारतीय युवाओं की सफलता से शिक्षा और तकनीकी शिक्षण में इंटरनेट का बहुत बड़ा हाथ है। गांव और छोटे शहरों में रहने वाले लोग इसके माध्यम से विश्वस्तरीय ज्ञान प्राप्त कर रहे हैं और परिश्रम रूपी घोड़े की लगाम पकड़कर विकास की नई-नई ऊंचाइयों को छू रहे हैं । सच्ची कहा है 'शिक्षा में कमाल इंटरनेट का धमाल '।

इंटरनेट मानव जाति के भूत, भविष्य और वर्तमान की गाथा भी सुनने में सक्षम है और इतिहास के पन्नों को पलट सकते हैं । भविष्य का अनुमान लगा सकते हैं और वर्तमान में क्या घट रहा है यह भी देख सकते हैं । किसी भी रचनाकार की कृति को पढ़सकते हैं। नई नई खोज भी कर सकते हैं । विचारों का आदान प्रदान कर सकते हैं, भौगोलिक परिवर्तनों से रुबरु हो सकते हैं। प्राकृतिक आपदाओं के विषयों में भविष्यवाणी कर सकते हैं। यहाँ तक कि, अपने आचरण को शिष्ट एवं अनुशासित रखने के लिए सामाजिक एवं नैतिक शिक्षा पा सकते हैं।

क) गद्यांश के आधार पर बताइए कि इंटरनेट ने मानव जीवन को किस प्रकार प्रभावित्त किया है?
- i)मानव जीवन को अत्यंत सहज बना दिया है।
- ii)मानव जीवन को अत्यंत उलझा दिया है।
- iii)मानव का विकास अवरुद्ध किया है।
- iv)संबंधों में बदलाव ला दिया है।

ख) इंटरनेट के माध्यम से हम घर बैठे कौन सी सुविधा प्राप्त कर सकते हैं?
- i) वर्तमान में घटित होने वाली घटना की जानकारी प्राप्त कर सकते हैं।
- ii) इतिहास की जानकारी प्राप्त कर सकते हैं।
- iii) भविष्य का अनुमान लगा सकते हैं।
- iv) उपर्युक्त सभी।

ग) गद्यांश के अनुसार आचरण को शिष्ट एवं अनुशासित रखने के लिए आवश्यकता है-
- i) इंटरनेट की ii) सामाजिक एवं नैतिक शिक्षा की
- iii) तकनीकी शिक्षा की iv) मानवता की

घ) विभिन्न प्रकार की समस्याओं का समाधान किस के माध्यम से किया जा सकता है ?
- i) नवीन सोच के माध्यम से ii) इंटरनेट के माध्यम से।
- iii) इतिहास के माध्यम से iv) शिक्षा के माध्यम से

ङ) निम्नलिखित कथन-A तथा कारण-R को ध्यानपूर्वक पढ़िए उसके बाद दिए गए विकल्पों में से कोई एक सही विकल्प चुनकर लिखिए।

कथन A) - वर्तमान में इंटरनेट के माध्यम से आप इतिहास के पन्नों को पलट सकते हैं तथा भविष्य का अनुमान लगा सकते हैं।

कारण-R इंटरनेट मानव जाति के भूत, भविष्य और वर्तमान की गाथा सुनाने में सक्षम है।
- i) कथन A तथा कारण R दोनों गलत थे।
- ii) कथन A गलत है किंतु कारण R सही है।
- iii) कथन A और कारण R दोनों सही है, लेकिन कारण R कथन की गलत व्याख्या करता है।
- iv) कथन A और कारण R दोनों सही है, और कारण R कथन A के सही व्याख्या करता है।

2. **निर्देशानुसार पदबंध पर आधारित पांच बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए।** (1×4)

क) <u>बाहर से आए मनुष्य में कुछ</u> शरारती तत्व भी है। वाक्यमें रेखांकित पद है।
- i) विशेषण पदबंध ii) क्रिया- विशेषण पदबंध
- iii) संज्ञा पदबंध । iv) सर्वनाम पदबंध

ख) तताँरा को मानो कुछ होश आया । इस वाक्य में क्रिया पदबंध है :
- i)तताँरा ii)होश आया iii)मानो iv) कुछ

ग) बड़ी देर से <u>अपने को संभालकर निखिल</u> बोला, वाक्य में रेखांकित पदबंध है :
- i) क्रिया विशेषण पदबंध ii) संज्ञा पदबंध
- iii) विशेषण पदबंध iv) सर्वनाम पदबंध

घ) बृजलाल गोयनका वंदे मातरम बोलते हुए <u>मोनुमेंट की ओर भागे</u>। वाक्यमें रेखांकित पद बंधहै।
- i)संज्ञा पदबंध ii)सर्वनाम पदबंध iii)क्रिया विशेषण पदबंध iv)क्रिया पदबंध

ङ) संज्ञा पदबंध का उदाहरण छाँटिए ।
- i) बड़े भाई साहब लेखक की निडरता को भाप चूके थे।
- ii) गीतकार गीत गा रहा है ।
- iii) वह सदैव दूसरों की सहायता के लिए तत्पर रहता था।
- iv) उन्होंने तीसरी कसम का निर्माण कियाथा।

3. **निर्देशानुसार रचना के आधार पर वाक्य भेद पर आधारित बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए ।** (1×4)

क) अधिक पढ़ने पर अधिक लाभ होगा । का मिश्र वाक्य बनेगा।
- i) अधिक पढ़ोगे, तो अधिक लाभ होगा।
- ii) अधिक पढ़ो, क्योंकि इससे अधिक लाभ होगा।
- iii) जो अधिक पढ़ेगा उसे अधिक लाभ होगा। iv) अधिक पढ़ने से लाभ होता है।

ख) जो जितना बड़ा होता है, उसे उतना ही कम गुस्सा आता है"। रचना के आधार पर वाक्य भेद है
- i) सरल वाक्य ii) संयुक्त वाक्य iii) मिश्र वाक्य iv) विधान वाचक वाक्य

ग) 'वामीरो की प्रतीक्षा में एक- एक पल पहाड़ की तरह भारी था'। रचना के आधार पर वाक्य भेद है ।
- i) सरल वाक्य ii) संयुक्त वाक्य iii)मिस्र वाक्य iv) सामान्य वाक्य

घ) 'भाई साहब ने अपने दर्जे की पढ़ाई का जो भयंकर चित्र खींचा था, उसने मुझे भयभीत कर दिया'। इस वाक्य का संयुक्त वाक्य होगा ।
- i) जब भाई साहब ने अपने दर्जे की पढाई का भयंकर चित्र खींचा, तो उसने मुझे भयभीत कर दिया।
- ii) भाई साहब अपने दर्जे की पढाई का चित्र खींच कर मुझे भयभीत कर चूके थे।
- iii) भाई साहब ने अपने दर्जे की पढाई का भयंकर चित्र खींचा और उसने मुझे भयभीत कर दिया।
- iv) भाई साहब ने अपने दर्जे की पढ़ाई का चित्र खींचकर मुझे भयभीत कर दिया।

ङ) निम्नलिखित वाक्य में से सरल वाक्य छांटिए ।
- i) इस तरह अंग्रेजी पढ़ोगे, तो जिंदगी भर पढ़ते रहोगे।
- ii) अपराध तो मैंने किया, लताड़ कौन सहे ?
- iii) भाई साहब उपदेश देने की कला में निपुण थे।
- iv) अगर तुम्हें इस तरह उम्र गँवानी है तो घर चले जाओ।

4. **निर्देशानुसार मुहावरे पर आधारित बहुविकल्पीय प्रश्नों में से किन्हीं चार प्रश्नों के उत्तर दीजिए ।** (1×4)

क) मेहमान के स्वागत में सीमा को....... अच्छा लगता है।
रिक्त स्थान की पूर्ति उचित मुहावरे द्वारा कीजिये।
- i)आँखें तरेरना ii)आँखें फेरना iii)आँखे बिछाना iv)आँखें निकालना

ख) साइकिल की सवारी करना आजकल के युवाओं के लिए......है। उपयुक्त मुहावरे से रिक्त स्थान की पूर्ति कीजिए।
- i) शान में बट्टा लगना ii) सिर झुकाना iii)यम की यातना करना iv) मैदान मारना

ग) पुलिस की आहट सुनते ही चोर.......बन जाते हैं।
(सटीक मुहावरे से स्थान की पूर्ति कीजिए)
- i)भेड़िया धसान ii)भीगी बिल्ली iii) दलबदलू iv) गोबर गणेश।

घ) नन्हें शिशु की तोतली बोली ---- कर देती है।
- i) गले लगा ii)रंग दिखा iii)कानों में रस घोल iv)अगाह कर

ङ) एवरेस्ट पर चढ़ना ---- है।
- i) लोहे के चने चबाना ii)लोहे को पिघलाना iii)लोहा गलाना iv) लोहा लेना

5. **निम्नलिखित प्रश्नों में से किन्हीं तीन प्रश्नों का उत्तर लिखिए ।** (3×2)

क) बढ़ती हुई आबादी से पर्यावरण में क्या परिवर्तन आए हैं? "अब कहाँ दूसरों के दुःख से दुःखी होने वाले" पाठ के आधार पर लिखिए।

ख) बुजुर्गों द्वारा दी गई सीख भविष्य निर्माण में किस प्रकार सहायक होती है ? 'अब कहाँ दूसरों के दुःख से दुःखी होने वाले' पाठ के आधार पर स्पष्ट कीजिए।

ग) चाय पीने की प्रक्रिया ने लेखक के दिमाग की गति धीमी कैसे कर दी। 'पतझड़ में टूटी पत्तियाँ' पाठ के आधार पर बताइए ।

घ) हमारे जीवन की रफ्तार बढ़ गई है। यहाँ कोई चलता नहीं, बल्कि दौड़ता है । कोई बोलता नहीं, बल्कि बकता है । हम जब अकेले पड़ते हैं तब अपने आप से लगातार बड़बड़ाते रहते हैं। 'झेन की देन' पाठ के आधार पर स्पष्ट करिए कि जीवन न भूत, नहीं भविष्य है, अपितु केवल वर्तमान पर आधारित होता है।

6. आप श्रीमती रीमा वर्मा है। आप एक समाजसेवी हैं हिंदुस्तान भारत के संपादक के नाम एक पत्र लिख कर सामाजिक जीवन में बढ़ रही हिंसा पर अपने विचार व्यक्त कीजिए लगभग 100 शब्दों में । (5×1)

अथवा

आपके विद्यालय में खेल की उपयुक्त सामग्री है तथा समय समय पर सभी स्तरों पर मैच का आयोजन भी किया जाता है विद्यालय के खेल कप्तान होने के नाते प्रधानाचार्या के प्रति आभार व्यक्त करते हुए एक पत्र लिखिए।

7. **इनमें से किसी एक विषय पर लगभग 80 शब्दों में सूचना लिखिए।** (4×1)

**(क)** आपकी कीमती घड़ी विद्यालय में कहीं खो गई है । विद्यालय के श्यामपट्ट हेतु लगभग 80 शब्दों में एक सूचना लिखिए ।

**(ख)** आप विद्यालय के खेल सचिव हैं । वार्षिक खेल महोत्सव पर आयोजित होने वाले खेलों के कार्यक्रम के लिए विभिन्न खेलों के विवरण सहित एक सूचना तैयार कीजिए।

*****

*All the Best...*

**ANSWER KEY**

| | | | | |
|---|---|---|---|---|
| 1. क)i | ख)iv | ग)ii | घ)ii | ङ)iv |
| 2. क)iv | ख)ii | ग)ii | घ)iv | ङ)i |
| 3. क)i | ख)iii | ग)i | घ)iii | ङ)iii |
| 4. क)iii | ख)i | ग)ii | घ)iii | ङ)i |

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

# ଚତୁର୍ଥ ରାଉଣ୍ଡରେ ଆଲକାରାଜ, ମେଦ୍‌ଭେଦେଭ

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍



ଲିଣ୍ଡା ନୋସ୍କୋଭା

ମେଲବୋର୍ଣ୍ଣ, ୨୦।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସରେ ଶନିବାର ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ସ୍ପେନର କାର୍ଲୋସ ଆଲକାରାଜ ୱାକଓଭର ପାଇଁ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ତାଙ୍କ ପ୍ରତିପକ୍ଷ ଖେଳାଳି ଶାଙ୍ଗ ଜୁନ୍‌ଚେଙ୍ଗ ଫିଟ୍‌ନେସ କାରଣରୁ ଓହରିଯାଇଥିଲେ। ସେତେବେଳେକୁ ଆଲକାରାଜ ୬-୧, ୬-୧, ୧-୦ ସେଟରେ ଅଗ୍ରଣୀ ରହିଥିଲେ। ତୃତୀୟ ସିଡ୍ ରୁଷିଆର ଡାନିଲ ମେଦଭେଦେଭ ତୃତୀୟ ରାଉଣ୍ଡ ମୁକାବିଲାରେ ୬-୩, ୬-୪, ୬-୩ ସେଟ୍‌ରେ କାନାଡାର ଫେଲିକ୍ସ ଅଗୁର ଅଲିଆଜିମଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୬-୨, ୭-୬, ୬-୨ ସେଟ୍‌ରେ ଆମେରିକାର ଆଲେକ୍ସ ମାଇକେଲସନଙ୍କୁ, ୧୯ତମ ସିଡ୍ ବ୍ରିଟେନର କାମେରନ ନୋରି ୬-୪, ୬-୭, ୬-୪, ୬-୩ ସେଟ୍‌ରେ ୧୧ତମ ସିଡ୍ ନରୱେର କାସ୍ପେର ରୁଡଙ୍କୁ, ୯ମ ସିଡ୍ ହୁବର୍ଟ ହୁରକାଜ ୩-୬, ୬-୧, ୭-୬, ୬-୩ ସେଟ୍‌ରେ ୨୧ତମ ସିଡ୍ ଫ୍ରାନ୍ସର ଉଗୋ ହମ୍ବର୍ଟଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ୧୩ତମ ସିଡ୍ ବୁଲଗେରିଆ ଗ୍ରିଗର ଡିମିଟ୍ରୋଭ ୭-୬, ୪-୬, ୨-୬, ୬-୭ ସେଟ୍‌ରେ ପର୍ତ୍ତୁଗାଲର ନୁନୋ ବର୍ଗସଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ୧୪ତମ ସିଡ୍ ଆମେରିକା ଟିମୋ ପଲ ୪-୬, ୬-୩, ୬-୨, ୬-୭, ୦-୬ ସେଟ୍‌ରେ ଏମ୍ କେକମାନୋଭିକଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### ସ୍ୱିଆଟେକଙ୍କ ବିପର୍ଯ୍ୟୟ; ଆଜାରେଙ୍କା, ଭିଟୋଲିନାଙ୍କ ଅଗ୍ରଗତି

ମହିଳା ଏକକରେ ଶନିବାର ଏକ ମହା ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ପୋଲାଣ୍ଡର ଇଗା ସ୍ୱିଆଟେକ ୬-୩, ୩-୬, ୪-୬ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ୧୯ତମ ସିଡ୍ ଏଲିନା ଭିଟୋଲିନା ୬-୨, ୬-୩ ସିଧାସଳଖ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଜା ଗୋଲୁବିକ୍‌ଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ୧୮ତମ ସିଡ୍ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ୬-୧, ୭-୫ ସେଟ୍‌ରେ ୧୧ତମ ସିଡ୍ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଦ୍ୱାଦଶ ସିଡ୍ ଚୀନର କୁଇନୱେନ ଝେଙ୍ଗ ୬-୪, ୨-୬, ୭-୬ ସେଟ୍‌ରେ ନିଜ ଦେଶର ୱାଙ୍ଗ ୟାଫାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି।



କାର୍ଲୋସ୍ ଆଲକାରାଜ

## ଆଇପିଏଲ୍ ଟାଇଟଲ ପ୍ରାୟୋଜନ ଅଧିକାର ପୁଣି କିଣିଲା ଟାଟା



ନୂଆଦିଲ୍ଲୀ, ୨୦।୧(ଏଜେନ୍ସି): ଟାଟା କମ୍ପାନୀ ପୁଣିଥରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଟାଇଟଲ ପ୍ରାୟୋଜେନ ଅଧିକାର କ୍ରୟ କରିଛି।୨୫୦୦ କୋଟି ଟଙ୍କା ବିନିମୟରେ ଆଗାମୀ ୫ ବର୍ଷ (୨୦୨୪- ୨୦୨୮) ପାଇଁ ଟାଟା ଏହି ଅଧିକାର କିଣିଛି। ଅର୍ଥାତ ଗୋଟିଏ ଆଇପିଏଲ ସଂସ୍କରଣ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଟାଇଟଲ ପ୍ରାୟୋଜନ ବାବଦରେ ୫୦୦ କୋଟି ଟଙ୍କା ମିଳିବ। ଏହାପୂର୍ବରୁ ମଧ ଟାଟା ପାଖରେ ଏହି ଅଧିକାର ରହିଥିଲା। ଟାଟା ୨୦୨୨ରେ ୭୩୦ କୋଟି ଟଙ୍କା ପ୍ରଦାନ କରି ୨୦୨୩ ପର୍ଯ୍ୟନ୍ତ ଅଧିକାର କ୍ରୟ କରିଥିଲା। ବିଶ୍ୱର ସବୁଠାରୁ ଏହି ଧନୀ ଟି-୨୦ ଲିଗ୍‌କୁ ଏବେ ଟାଟା ଆଇପିଏଲ୍ ବୋଲି କୁହାଯିବ।

ବିସିସିଆଇଠାରୁ ଟେଣ୍ଡର ଦସ୍ତାବିଜ କ୍ରୟ କରିବା ପରେ କମ୍ପାନୀଗୁଡିକ ଡାକ ଲଗାଇଥିଲେ। ଏଥିରେ ଆଦିତ୍ୟ ବିର୍ଲା ଗ୍ରୁପ୍ ୨୫୦୦ କୋଟି ଟଙ୍କାର ଡାକ ଲଗାଇଥିଲା। ଫଳରେ ବୋର୍ଡ ଟାଟାକୁ ଏହି ପରିମାଣ ଅର୍ଥରେ ଡାକ ଲଗାଇବ କି ବୋଲି ପ୍ରଶ୍ନ କରିଥିଲା। ଟାଟା କିନ୍ତୁ ସଙ୍ଗେସଙ୍ଗେ ରାଜି ହୋଇଥିଲା। ଫଳରେ ଟାଟାକୁ ଅଧିକାର ମିଳିଥିଲା। ଗୋଟିଏ ମାସ ପୂର୍ବରୁ ଆଇପିଏଲ ଏହି ଟେଣ୍ଡର ଜାରି କରିଥିଲା। ୫ ଲକ୍ଷ ଟଙ୍କା ବିନିମୟରେ କମ୍ପାନୀଗୁଡିକ ଟେଣ୍ଡର ଦସ୍ତାବିଜ କ୍ରୟ କରିଥିଲେ। ଜାନୁଆରୀ ୮ ଥିଲା ଦସ୍ତାବିଜ କ୍ରୟ କରିବାର ଶେଷ ତାରିଖ ଥିଲା। ଆଇପିଏଲ୍‌ର ଆଗାମୀ ସଂସ୍କରଣ ଏଥର ମାର୍ଚ୍ଚ ୨୨ରୁ ଆରମ୍ଭ ହେବାର ସମ୍ଭାବନା ରହିଛି। ଏଥର ଖେଳାଳି ନୀଲାମିରେ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ୨୪.୭୫ କୋଟି ଟଙ୍କାରେ କୋଲକାତା ନାଇଟ ରାଇଡର୍ସ ଦଳରେ ସାମିଲ ହେବା ସହ ସବୁଠାରୁ ଦାମୀ ଖେଳାଳି ବିବେଚିତ ହୋଇଥିଲେ।

## ପିସିବି ଅଧ୍ୟକ୍ଷ ଜାକା ଅଶ୍ରଫଙ୍କ ଇସ୍ତଫା

କରାଚି, ୨୦।୧(ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମଧ୍ୟବର୍ତ୍ତୀକାଳୀନ ଅଧ୍ୟକ୍ଷ ଜାକା ଅଶ୍ରଫ୍ ତାଙ୍କ ପଦବୀର ଇସ୍ତଫା ଦେଇଛନ୍ତି। ବୋର୍ଡ ମ୍ୟାନେଜମେଣ୍ଟ କମିଟି ବୈଠକରେ ଯୋଗଦେବାକୁ ତାଙ୍କୁ ସରକାର ବାରଣ କରିବା ଓ କୌଣସି ଅର୍ଥନୈତିକ ନିଷ୍ପତ୍ତି ନେବାକୁ ମନା କରିଥିଲେ। ଏହା ସତ୍ତ୍ୱେ ସେ କମିଟି ବୈଠକ ଡକାଇଥିଲେ ଓ ସେଠାରେ ତାଙ୍କ ଇସ୍ତଫା ପ୍ରସଙ୍ଗରେ ଘୋଷଣା କରିଥିଲେ। ନଜମ ସେଠୀଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ଫେବୃଆରୀ ୪ ତାରିଖ ମଧ୍ୟରେ ନିର୍ବାଚନ କରାଇବାକୁ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ସେ କାମ ଆରମ୍ଭ କରିବାରେ ମଧ ସମର୍ଥ ହୋଇ ନଥିଲେ। ସେହିପରି ତାଙ୍କ ସମୟରେ ପାକିସ୍ତାନ ସବୁଠାରୁ ଖରାପ କ୍ରିକେଟ ପ୍ରଦର୍ଶନ କରିଥିଲା। ଦଳର ତାରକା ଖେଳାଳି ବାବର ଆଜମ ସବୁ ଫର୍ମାଟରୁ ଇସ୍ତଫା ଦେଇଥିଲେ। ନିକଟରେ ଅଷ୍ଟ୍ରେଲିଆ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିବା ଓ ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୦-୪ରେ ପଛୁଆ ରହିବା ପରେ ଡିରେକ୍ଟର ମିକି ଆର୍ଥର ଓ କୋଚ୍ ଗ୍ରାଣ୍ଟ ବ୍ରାଡବର୍ଣ୍ଣଙ୍କୁ ନ୍ୟାସନାଲ କ୍ରିକେଟ ଏକାଡେମୀରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଦେଶୀ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ତାଙ୍କ କାର୍ଯ୍ୟକଳାପରେ କଟକଣା ଲଗାଯିବା ପରେ ସେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ।

## ଭୁବନେଶ୍ୱରରେ କରାଟେ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର, ୨୦।୧(ସମିସ): ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଦ୍ୱାରା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଏକ ଜାତୀୟସ୍ତରର କରାଟେ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ଶିବିରରେ ଓଡ଼ିଶାରୁ ଏବଂ ଓଡ଼ିଶା ବାହାରୁ ୬୦ଜଣ ଜାତୀୟ ସ୍ତରର କରାଟେକା ଅଂଶଗ୍ରହଣ କରିଥିଲେ। ବିଶ୍ୱ କରାଟେ ସଂଘର ବୈଷୟିକ କମିଟି ସଦସ୍ୟ ଭରତ ଶର୍ମାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିବିରାର୍ଥିଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଭରତ। ଦୀର୍ଘ ୪୦ ବର୍ଷ ଧରି ଓଡ଼ିଶା କରାଟେ ଡୋ ସଂଘ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ବିଜୟୀ ହୋଇପାରିଛି। ଏହି ସଫଳତା ଲାଗି କରାଟେ ଗୁରୁ ହରିପ୍ରସାଦ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ହାନ୍‌ସି ଭରତ ଶର୍ମା। ଏଠାରେ କରାଯାଇଥିବା ପ୍ରଶିକ୍ଷଣ ଶିବିର ଭବିଷ୍ୟତରେ ଓଡ଼ିଆ ପ୍ରତିଯୋଗୀଙ୍କୁ ଅଧିକ ପଦକ ଜିତାଇବାରେ ସହାୟକ ହେବ ବୋଲି ଶ୍ରୀ ଶର୍ମା ଆଶା ପ୍ରକାଶ କରିଛନ୍ତି।

ଶ୍ରୀକର ଭରତଙ୍କ ଶତକ; ସୁଦର୍ଶନ ଓ ସୂତାରଙ୍କ ଅର୍ଦ୍ଧଶତକ

## ଭାରତ-ଇଂଲଣ୍ଡ 'ଏ' ଟେଷ୍ଟ ଅମୀମାଂସିତ

ଅହମ୍ମଦାବାଦ, ୨୦।୧(ଏଜେନ୍ସି): ୱିକେଟ ରକ୍ଷକ ଶ୍ରୀକର ଭରତଙ୍କ ଶତକ, ସ୍ପିନର ମାନବ ସୂତାର ଓ ସାଇ ସୁଦର୍ଶନଙ୍କର ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଭାରତ-ଏ ଏବଂ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଚାଲିଥିବା ୪ ଦିନିଆ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡ ଲାୟନ୍ସ ପକ୍ଷରୁ ପ୍ରଥମ ପାଳିରେ ୧୫୪ ଓ ଦ୍ୱିତୀୟ ପାଳିରେ ୫୪ ରନ୍ କରିଥିବା କିଟନ ଜେନିଙ୍ଗ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ମଧ୍ୟରେ ଦ୍ୱିତୀୟ ଓ ତୃତୀୟ ମୁକାବିଲା ଲାଗି ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ଭାରତ-ଏ'ର ଦଳର ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏହିଠାରେ ଜାନୁଆରୀ ୨୪ରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

ଏହି ଟେଷ୍ଟର ପ୍ରଥମ ପାଳିରେ ଇଂଲଣ୍ଡ ଲାୟନ୍ସ ୮ ୱିକେଟରେ ୫୫୩ ଓ ଦ୍ୱିତୀୟ ପାଳିରେ ୬ ୱିକେଟ ହରାଇ ୧୬୩ ରନ୍ କରି ପାଳି ସମାପ୍ତି ଘୋଷଣା କରିଥିଲା। ଜବାବରେ ଭାରତ-ଏ' ପ୍ରଥମ ପାଳିରେ ୨୨୭ ରନ୍ କରିବା ଫଳରେ ବାକିଥିବା ୫ଟି ସେସନ୍‌ରେ ମ୍ୟାଚ୍ ଜିତିବାକୁ ୪୯୦ ରନ୍‌ର ବିଶାଳ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ମ୍ୟାଚ୍‌ର ତୃତୀୟ ଦିନ ଖେଳ ଭାରତ-ଏ ଦ୍ୱିତୀୟ ପାଳିରେ ୧୫୯ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଅପରାଜିତ ବ୍ୟାଟର ସାଇ ସୁଦର୍ଶନ ଓ ଶେଷ ଦିନରେ ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ମାନବ ସୂତାର ଲଢୁଆ ଖେଳ ପ୍ରଦର୍ଶନ କରି ୫ମ ୱିକେଟରୁ ୬୧ ରନ୍ ଉଠାଇ କିଛିଟା ଆଶ୍ୱସ୍ତି ଦେଇଥିଲେ। କିନ୍ତୁ ସୂତାରଙ୍କ ସହ ୱିକେଟରକ୍ଷକ ଭରତ ଯୋଗ ଦେବା ପରେ ଭ୍ରମଣକାରୀ ଇଂଲଣ୍ଡ ଦଳକୁ ଆଉ ବିଶେଷ ସଫଳତା ମିଳି ନଥିଲା। ଏମାନେ ପ୍ରଥମେ ସତର୍କତା ଓ ପରେ ଆକ୍ରମଣାତ୍ମକ ଖେଳିଥିଲେ ମଧ ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ। ଯାହା ଫଳରେ ମ୍ୟାଚ୍‌ର ଫଳାଫଳ ବାହାରି ପାରି ନ ଥିଲା। ଖେଳ ବନ୍ଦ ହେଲା ବେଳକୁ ଭାରତ ୫ ୱିକେଟରେ ୪୨୬ ରନ୍ କରିଥିଲା। ମାନବ ସୂତାର ୮୯ ଓ ଭରତ ୧୧୬ ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୬ଷ୍ଠ ୱିକେଟ ଭାଗୀଦାରିରୁ ୨୦୭ ରନ୍ ସଂଗୃହିତ ହୋଇଥିଲା।



କେଏସ୍ ଭରତ

## ପ୍ୟାରିସ ଅଲିମ୍ପିକ୍ସକୁ ଅନନ୍ତଜିତ୍, ରାଇଜାଙ୍କ ଯୋଗ୍ୟତା

କୁଏତ୍ ସିଟି, ୨୦।୧ (ଏଜେନ୍ସି): କୁଏତ୍ ସିଟିରେ ଚାଲିଥିବା ଏସିଆନ୍ ସଟ୍‌ଗନ୍ ଚାମ୍ପିଅନସିପ୍‌ରେ ଦୁଇ ଭାରତୀୟ ସୁଟର୍ ଅନନ୍ତଜିତ୍ ସିଂହ ନାରୁକା ଓ ରାଇଜା ଢିଲନ ରୌପ୍ୟ ପଦକ ଜିତିଛନ୍ତି। ଉଭୟ ଯଥାକ୍ରମେ ପୁରୁଷ ଓ ମହିଳା ସ୍କିଟ୍ ଇଭେଣ୍ଟରେ ଏହି ପଦକ ସଫଳତା ପାଇଛନ୍ତି। ଏଥିସହ ଅନନ୍ତଜିତ୍ ଓ ରାଇଜା ଚଳିତ ବର୍ଷ ପ୍ୟାରିସରେ ହେବାକୁ ଥିବା କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଚଳିତ ଏସିଆନ୍ ସଟ୍‌ଗନ୍ ଚାମ୍ପିଅନସିପ୍‌ରେ ପ୍ରତି ଇଭେଣ୍ଟର ଦୁଇ ଶ୍ରେଷ୍ଠ ସୁଟର୍ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାର ନିୟମ ରହିଛି। ଏହିକ୍ରମରେ ଉଭୟ ପ୍ୟାରିସ ଅଲିମ୍ପିକ୍ସ ଟିକଟ୍ ହାସଲ କରିଛନ୍ତି। ଏଥିସହ ବର୍ତ୍ତମାନ





ସୁଦ୍ଧା ଭାରତରୁ ୧୯ଜଣ ସୁଟର୍ ଆଗାମୀ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି। ଯାହାକି ୨୦୨୦ ଟୋକିଓ ଅଲିମ୍ପିକ୍ସଠାରୁ ୪ ଅଧିକ। ଟୋକିଓ ଅଲିମ୍ପିକ୍ସରେ ଭାରତରୁ ୧୫ଜଣ ସୁଟର୍ ଅଂଶଗ୍ରହଣ କରିଥିଲେ।

● ତମାଣ୍ଡୋ ପ୍ରିମିୟର ଲିଗ୍

## ବିହାରୀଲାଲ ଫାଇଟର୍ସର ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୨୦।୧ (ସମିସ): ଅଜିତ ଦାସଙ୍କ ଶତକ ଓ ସୂର୍ଯ୍ୟକାନ୍ତ ବଡ଼ଜେନାଙ୍କ ଅର୍ଦ୍ଧଶତକ ସହାୟତାରେ ପୋଖରୀପୁଟର ବିହାରୀଲାଲ ଫାଇଟର୍ସ ୪ ୱିକେଟରେ ଯାଁଳାର ବ୍ଲୁ ରକ୍ ଷ୍ଟାରକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ ଗ୍ରୁପ୍-ଏ'ରେ ଫାଇଟର୍ସ ଦ୍ୱିତୀୟ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରିଛି। ବିଜୟୀ ଦଳ ତାହାର ଶେଷ ରାଉଣ୍ଡ ରବିନ ଲିଗ୍ ମ୍ୟାଚ୍ ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସ ସହ ଖେଳିବ। ଏହି ମ୍ୟାଚ୍‌ରେ ମାତ୍ର ୩୭ ବଲ୍‌ରୁ ୧୧୯ ରନ୍ କରିଥିବା ବିଜୟୀ ଫାଇଟର୍ସ ଦଳର ଅଜିତ ଦାସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ରବିବାର ମହିଳା ପ୍ରଦର୍ଶନୀ ମ୍ୟାଚ୍ ଖେଳାଯିବ। ଏହା ପରେ ସୋମବାର ପରବର୍ତ୍ତୀ ମୁକାବିଲା ଯାଁଳାର ବ୍ଲୁ ରକ୍ ଷ୍ଟାର ଓ ନଁପୁଟର ଜେପି ସୁପର କିଙ୍ଗ୍‌ସ ମଧ୍ୟରେ ଖେଳାଯିବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏ' ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରକ୍ ଷ୍ଟାର ୬ ୱିକେଟରେ ୨୭୫ ରନ୍ କରିଥିଲା। ଦଳ ପକ୍ଷରୁ ସେଖ୍ ସୁଲେମାନ ୫୧ ବଲ୍‌ରେ ୭ ଚୌକା ଓ ୧୦ ଛକା ସହ ୧୦୭ ଓ କାହ୍ନା ମହାନ୍ତି ୧୪ ବଲ୍‌ରେ ୪୫ ରନ୍ କରିଥିଲେ। କାହ୍ନା ୨ ଚୌକା ଓ ୬ ଛକା ମାରିଥିଲେ। ପ୍ରତିପକ୍ଷ ଦଳର





ମନୋଜ ବେହେରା ୩୦ ରନ୍‌ରେ ୩ଟି ୱିକେଟ ନେଇଥିଲେ। ଜବାବରେ ବିହାରୀଲାଲ ଫାଇଟର୍ସ ୧୯.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ପକ୍ଷରୁ ଅଜିତ ଦାସ ୩୭ ବଲ୍‌ରେ ସର୍ବାଧିକ ୧୧୯ ଓ ସୂର୍ଯ୍ୟକାନ୍ତ ବଡ଼ଜେନା ୩୫ ବଲ୍‌ରେ ୭୭ ରନ୍ କରି ଦଳକୁ ୪ ୱିକେଟରେ ଜିତାଇଥିଲେ। ପ୍ରତିପକ୍ଷ ଦଳର ସୁଲେମାନଙ୍କୁ ୨ଟି ୱିକେଟ ମିଳିଥିଲା। ଖେଳ ଶେଷରେ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ବରିଷ୍ଠ ସଦସ୍ୟ ବିଜୟ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଶରତ ଜେନା ଓ କମଳାକାନ୍ତ ଜେନା ଖେଳ ପରିଚାଳନା କରିଥିଲେ।

## ସହିଦ ନଗର ଇଣ୍ଡିଆନ୍ସ ଚାମ୍ପିଅନ



ଭୁବନେଶ୍ୱର, ୨୦।୧ (ସମିସ): ସ୍ଥାନୀୟ ସହିଦ ସ୍ପୋର୍ଟିଂ କ୍ଲବ ପରିସରରେ 'ସହିଦ ନଗର ପ୍ରିମିୟର' ଲିଗ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଚେଷ୍ଟା କ୍ଲବ ଦ୍ୱାରା ଆୟୋଜିତ ଏହି କ୍ରିକେଟ୍ ପ୍ରତିଯୋଗିତାରେ ସହିଦ ନଗର ଇଣ୍ଡିଆନ୍ସ ଚାମ୍ପିଅନ ହୋଇଛି। ଫାଇନାଲରେ ସହିଦ ନଗର ପାନ୍ଥର୍ସ ଦଳକୁ ପରାସ୍ତ କରି ଇଣ୍ଡିଆନ୍ସ ଦଳ ଏହି ସଫଳତା ପାଇଛି। ଏଥିରେ ଅନ୍ୟ ଦୁଇ ଦଳ ଭାବେ ସହିଦ ନଗର ରୟାଲ୍ସ ଓ କସମୋ ୱାରିୟର୍ସ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜଗନ୍ନାଥ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଚେଷ୍ଟା ଟ୍ରଷ୍ଟର ଚେୟାରମ୍ୟାନ ପ୍ରିୟତୋଷ, ତ୍ରୁଷ୍ଟି ବିନ୍ଦୁ ମହାନ୍ତି, ଆଲୋକ ପୃଷ୍ଟି, ସନନ୍ତ ମହାନ୍ତି, ଭାରତୀ ପାଢ଼ୀ, ଦେବୀ ପ୍ରସାଦ, ଅର୍ଜୁନ ସ୍ୱାଇଁ, ଭାସ୍କର ସ୍ୱାଇଁ, ସାରଦା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ରଣଜୀ ଟ୍ରଫି ୩ୟ ରାଉଣ୍ଡ

## ହରିୟାଣା, ହାଇଦରାବାଦ୍, ମେଘାଳୟର ପାଳି ବିଜୟ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଚଳିତ ରଣଜୀ ଟ୍ରଫି ୩ୟ ରାଉଣ୍ଡର ୨ୟ ଦିବସରେ ଶନିବାର ୩ଟି ମ୍ୟାଚର ଫଳାଫଳ ବାହାରିଯାଇଛି। ହରିୟାଣା, ହାଇଦରାବାଦ୍ ଓ ମେଘାଳୟ ଦଳ ପାଳି ବିଜୟ ହାସଲ କରିଛନ୍ତି।

ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ ମୁକାବିଲାରେ ହରିୟାଣା ଏକ ପାଳି ଓ ୩୩୮ ରନରେ ମଣିପୁରକୁ ପରାସ୍ତ କରିଛି। ଏହି ମ୍ୟାଚରେ ହିମାଂଶୁ ରାଣା (୨୫୦ ରନ)ଙ୍କ ଦ୍ୱିଶତକ ଓ ନିଶାନ୍ତ ସାନ୍ଧୁ (୧୧୯)ଙ୍କ ଶତକ ବଳରେ ପ୍ରଥମେ ବ୍ୟାଟିଂ କରି ହରିୟାଣା ୩ ୱିକେଟରେ ୫୦୮ ରନର ବିଶାଳ ସ୍କୋର କରି ପାଳି ଘୋଷଣା କରିଥିଲା। ଏହାର ଜବାବରେ ମଣିପୁର ପ୍ରଥମ ପାଳିରେ ମାତ୍ର ୭୭ ରନରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ପୁନର୍ବାର ବ୍ୟାଟିଂରେ ଫେଲ୍ ମାରି ୯୩ ରନରେ ସୀମିତ ରହିବା ସହ ଏକ ପାଳି ଓ ୩୩୮ ରନରେ ପରାସ୍ତ ହୋଇଥିଲା।

**ହାଇଦରାବାଦ୍:** ଅଧିନାୟକ ତିଳକ ବର୍ମା (୧୦୩*) ଓ ଓପନର୍ ତନ୍ମୟ ଅଗ୍ରୱାଲ୍ (୧୩୭)ଙ୍କ ଶତକ ବଳରେ ଘରୋଇ ହାଇଦରାବାଦ୍ ଏକ ପାଳି ଓ ୧୯୮ ରନରେ ସିକ୍କିମକୁ ପରାସ୍ତ କରିଛି। ପ୍ଲେଟ୍ ଗ୍ରୁପ୍‌ର ଏହି ମ୍ୟାଚରେ ସିକ୍କିମ ପ୍ରଥମ ପାଳିରେ ମାତ୍ର ୭୯ ରନରେ ସୀମିତ ରହିଥିଲା। ଏହାପରେ ହାଇଦରାବାଦ୍ ଦୁଇଟି ଶତକ ବଳରେ ପ୍ରଥମ ପାଳିରେ ୪ ୱିକେଟ୍‌ରେ ୪୬୩ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୩୮୪ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ସିକ୍କିମ ଶନିବାର ୨ୟ ଦିବସରେ ୧୮୬ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସିଲଂ:** ସିଲଂରେ ଖେଳାଯାଇଥିବା ଅନ୍ୟ ଏକ ପ୍ଲେଟ୍ ପର୍ଯ୍ୟାୟ ମ୍ୟାଚରେ ମେଘାଳୟ ପାଳି ଓ ୧୨୮ ରନରେ ନାଗାଲାଣ୍ଡକୁ ହରାଇ ୭ ପଏଣ୍ଟ ହାତେଇ ନେଇଛି। ଅକ୍ଷୟ ଚୌଧୁରୀଙ୍କ ବୋଲିଂକୁ ସାମ୍ନା କରି ନ ପାରି ନାଗାଲାଣ୍ଡ ପ୍ରଥମ ପାଳିରେ ୭୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହାପରେ ମେଘାଳୟ ପ୍ରଥମ ପାଳିରେ ୩୦୪ ରନ କରି ୨୩୨ ରନରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟ ପାଳି ଆରମ୍ଭ କରିଥିବା ନାଗାଲାଣ୍ଡ ପୁଣିଥରେ ବ୍ୟାଟିଂରେ ବିଫଳ ହୋଇ ୧୦୪ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅକ୍ଷୟ ଉଭୟ ପାଳିରେ ଯଥାକ୍ରମେ ୭ ଓ ୩ ସହ ୧୦ ୱିକେଟ୍ ନେଇଥିଲେ।



ଏନ୍ ଜଗଦିଶନ

### ଜଗଦିଶନଙ୍କ ୨୪୫* ରନ; ତାମିଲନାଡୁର ସ୍ଥିତି ଦୃଢ଼:

କୋଏମ୍ବାଟୁଟର୍‌ରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ସି'ର ଏକ ମୁକାବିଲାରେ ରେଲବାଇ ବିପକ୍ଷରେ ତାମିଲନାଡୁ ଦୃଢ଼ ସ୍ଥିତିରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ଓପନର୍ ତଥା ୱିକେଟ୍‌କିପର ଏନ୍. ଜଗଦିଶନଙ୍କ ଅପରାଜିତ ୨୪୫ ରନ ବଳରେ ପ୍ରଥମ ପାଳିରେ ୪୮୯ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଛି। ୪୦୨ ବଲର ସାମ୍ନା କରିଥିବା ଜଗଦିଶନ ଏହି ଦ୍ୱିଶତକୀୟ ପାଳିରେ ୨୫ ଚୌକା ଓ ୪ଟି ଛକା ମାରିଥିଲେ। ଜବାବରେ ରେଲବାଇ ଶନିବାର ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୧୨୬ ରନ କରିଛି। ପ୍ରଥମ ସିଂ ୭୬ ରନ କରି ଖେଳୁଛନ୍ତି। ଅଗ୍ରଣୀ ହାସଲ ଲାଗି ଦଳ ଆହୁରି ୩୬୪ ରନ ଆବଶ୍ୟକ କରୁଛି।



# କ୍ରୀଡ଼ା





## କଳିଙ୍ଗରେ ଅଭ୍ୟାସ ଆରମ୍ଭ କଲେ କିଶୋର



ଭୁବନେଶ୍ୱର, ୨୦।୧(ସମିସ): ଆଗାମୀ ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଓଡ଼ିଆ ଜାଭେଲିନ୍ ତାରକା କିଶୋର କୁମାର ଜେନା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି। ଗତବର୍ଷ ଅସାଧାରଣ ପ୍ରଦର୍ଶନ କରି ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିବା ସହ ବୁଦାପେଷ୍ଟ ବିଶ୍ୱ ଚାମ୍ପିଅନସିପ୍‌ରେ ୫ମ ସ୍ଥାନ ଅଧିକାର କରି ରାତାରାତି ତାରକା ବନିଯାଇଥିଲେ ଓ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରିଥିଲେ। କୋଚ୍ ସମରଜିତ୍ ସିଂ ମାଲିଙ୍କ ତତ୍ତ୍ୱାବଧାନରେ କିଶୋର ଶନିବାର ତାଙ୍କର ଟ୍ରେନିଂ ଆରମ୍ଭ କରିଛନ୍ତି।

### କିଶୋର ଅଲିମ୍ପିକ୍ସରେ ସଫଳ ପ୍ରଦର୍ଶନ କରିବେ: ସମରଜିତ

ଅଲିମ୍ପିକ୍ସରେ କିଶୋରଙ୍କ ଭଲ ପ୍ରଦର୍ଶନ ନେଇ ସମରଜିତ ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଥିବା ଭିତ୍ତିଭୂମି ଓ ସୁବିଧା ସୁଯୋଗ ବିଶ୍ୱସ୍ତରୀୟ ବୋଲି ସେ ଅଭିହିତ କରିଛନ୍ତି। ଏବେ ଏଠାରେ କଳିଙ୍ଗ ସୁପରକପ୍ ଚାଲୁ ରହିଛି। ସମ୍ପୂର୍ଣ୍ଣ ଏକ କ୍ରୀଡ଼ା ବାତାବରଣ ଓ ପରିବେଶରେ କିଶୋରଙ୍କ ପ୍ରତିବଦ୍ଧତା ଓ ସଂକଳ୍ପକୁ ଆହୁରି ଦୃଢ କରିଛି ବୋଲି ସେ କହିଛନ୍ତି। ଅଭ୍ୟାସ ଦ୍ୱାରା କିଶୋର ପ୍ରଦର୍ଶନରେ କ୍ରମାଗତ ଉନ୍ନତି ଆଣିପାରିବେ। ୭୬ ମିଟରରୁ କିଶୋର ୮୭.୫ ମିଟର ଜାଭେଲିନ୍ ଫିଙ୍ଗିବାରେ ସମର୍ଥ ହୋଇଛନ୍ତି। ତେଣୁ ସେ ପ୍ରଦର୍ଶନ ଆହୁରି ଉନ୍ନତି ଆଣି ଅଲିମ୍ପିକ୍ସରେ ପଦକ ହାସଲ କରିପାରିବେ ବୋଲି ସମରଜିତ କହିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ କିଶୋର ଅଷ୍ଟ୍ରେଲିଆ ଗୋଲ୍ଡକୋଷ୍ଟ ଯାଇ ସେଠାରେ ଅଭ୍ୟାସ କରିବେ। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ସମେତ ଭାରତୀୟ ଖେଳ ପ୍ରାଧୀକରଣ ଓ ରିଲାଏନ୍ସକୁ କୃତଜ୍ଞତା ଜଣାଇଛନ୍ତି।

# ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ୨୫ରୁ

ନୂଆଦିଲ୍ଲୀ, ୨୦।୧(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷରେ ଶେଷ ହୋଇଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଭାରତ ୩-୦ରେ ଜିତିନେଇଛି। ଏହି ସିରିଜ୍ ପରେ ଭାରତୀୟ ଟେଷ୍ଟ ଦଳ ଓ ଭାରତୀୟ ଖେଳାଳିମାନେ ଘରୋଇ ମାଟିରେ ମେ ମାସ ଯାଏ ଖେଳିବେ। ଆଫଗାନ ବିପକ୍ଷ ଟି-୨୦ ସିରିଜ୍ ପରେ ଘରୋଇ ମାଟିରେ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଜାନୁଆରୀ ୨୫ରୁ ଆରମ୍ଭ ହେବ। ଏହି ସିରିଜ୍‌ର ପ୍ରଥମ ଟେଷ୍ଟ ହାଇଦରାବାଦ, ଦ୍ୱିତୀୟ ଟେଷ୍ଟ ଫେବୃଆରୀ ୨ରୁ ବିଶାଖାପାଟଣା, ତୃତୀୟ ଟେଷ୍ଟ ଫେବୃଆରୀ ୧୫ରୁ ରାଜକୋଟ, ଚତୁର୍ଥ ଟେଷ୍ଟ ଫେବୃଆରୀ ୨୩ରୁ ରାଞ୍ଚି ଓ ପଞ୍ଚମ ତଥା ଶେଷ ଟେଷ୍ଟ ମାର୍ଚ୍ଚ ୭ରୁ ଧର୍ମଶାଳାରେ ଖେଳାଯିବ। ଉଭୟ ଦେଶ ମଧ୍ୟରେ ଟେଷ୍ଟ ମୁକାବିଲା ବେଶ ରୋମାଞ୍ଚକର ହୋଇଥାଏ। ଭାରତରେ ଇଂଲଣ୍ଡ ଦଳର ପ୍ରଦର୍ଶନ ସେତେଟା ଭଲ ନ ଥିବାରୁ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ପ୍ରଶିକ୍ଷଣରେ ଭ୍ରମଣକାରୀ ଦଳ ଏହି ସିରିଜ୍ ଜିତିବାକୁ ଚେଷ୍ଟା କରିବ। ବାଜବଲ ନୀତିରେ ଖେଳୁଥିବା ଇଂଲଣ୍ଡ ଦଳକୁ ଦେଶ ଓ ଦେଶ ବାହାରେ ଭଲ ସଫଳତା ମିଳିଛି। ଇଂଲଣ୍ଡର ଖେଳାଳିମାନେ ମଧ୍ୟ ଭଲ ଭାବେ ଏହାକୁ ଗ୍ରହଣ କରି ଖେଳୁଛନ୍ତି। ଏପରିକି ଇଂଲଣ୍ଡ ଲାୟନ୍ସ ଦଳ ଭାରତ-ଏ' ଟିମ ସହ ସମାନ ନିୟମରେ ଖେଳୁଛି। କିନ୍ତୁ ବାଜ୍‌ବଲ ନିୟମ ଏଠାରେ କାମ କରିବ କି ନାହିଁ ତାହା ଖେଳ ପରେ ଜଣାପଡ଼ିବ। ଏହାର ମୁଖ୍ୟ କାରଣ ହେଲା ଭାରତୀୟ ପିଚ୍‌ରେ ସ୍ପିନରଙ୍କୁ ମୁକାବିଲା କରିବା କଷ୍ଟକର। ସ୍ପିନରଙ୍କ ବିପକ୍ଷରେ ଆକ୍ରମଣାତ୍ମକ ସଟ୍ ଖେଳି କେତେ ସମୟ ବ୍ୟାଟର ତିଷ୍ଠି ରହିବେ ତାହା ଖେଳ ହେଲେ ଜଣାପଡ଼ିବ। କିନ୍ତୁ 'ଆକ୍ରମଣ ହିଁ ଶ୍ରେଷ୍ଠ ପ୍ରତିରକ୍ଷା' ନିୟମକୁ ଇଂଲଣ୍ଡ ବ୍ୟାଟର କିପରି ପାଳନ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

ଏହା ମଧ୍ୟରେ ଦଳର ପ୍ରମୁଖ ଫାଷ୍ଟ ବୋଲର ଜେମ୍ସ ଆଣ୍ଡରସନ କହିଛନ୍ତି, ଭାରତୀୟ ପିଚ୍‌ରେ ଆବଶ୍ୟକ ପଡ଼ିଲେ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବୁ। ଆମେ ସମସ୍ତ ସମୀକରଣ ଲାଗି ପ୍ରସ୍ତୁତି କରିଛୁ ଓ ଭାରତକୁ ଭାରତର ମାଟିରେ ହରାଇବାକୁ ଯୋଜନା କରିଛୁ ବୋଲି ସେ କହିଛନ୍ତି।





### ଖେଳାଳି ଦଳ

**ଇଂଲଣ୍ଡ :** ବେନ୍ ଷ୍ଟୋକ୍ସ (ଅଧିନାୟକ), ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଓଲି ପୋପ୍ (ସମସ୍ତେ ବ୍ୟାଟର) ଜନି ବେୟାରଷ୍ଟୋ ଓ ବେନ୍ ଫୋକ୍ସ (ୱିକେଟରକ୍ଷକ), ଜେମ୍ସ ଆଣ୍ଡରସନ, ଗସ ଆଟକିନସନ, ଓଲି ରବିନସନ, ମାର୍କ ଉଡ୍ (ସମସ୍ତେ ପେସ୍ ବୋଲର), ଜ୍ୟାକ୍ ଲିଚ୍, ଟମ୍ ହାର୍ଟଲୀ, ରେହାନ ଅହମ୍ମଦ୍, ସୋଏବ ବଶିର (ସମସ୍ତେ ସ୍ପିନର)।

**ଭାରତ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର (ସମସ୍ତେ ବ୍ୟାଟର), ଲୋକେଶ ରାହୁଲ, ଶ୍ରୀକର ଭରତ ଓ ଧ୍ରୁବ ଜୁରେଲ (ସମସ୍ତେ ୱିକେଟକିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ (ସ୍ପିନ ବୋଲିଂ ଅଲରାଉଣ୍ଡର), କୁଲଦୀପ ଯାଦବ (ସ୍ପିନର), ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ମୁକେଶ କୁମାର ଓ ଆଭେଷ ଖାନ୍ (ସମସ୍ତେ ପେସ୍ ବୋଲର)।

*(ବିଦ୍ର- ପ୍ରଥମ ଦୁଇଟି ଟେଷ୍ଟ ଲାଗି)*

### ଖେଳସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୨୫ରୁ ୨୯।୧ | ପ୍ରଥମ ଟେଷ୍ଟ | ହାଇଦରାବାଦ |
| ୦୨ରୁ ୦୬।୨ | ୨ୟ ଟେଷ୍ଟ | ବିଶାଖାପାଟଣା |
| ୧୫ରୁ ୧୯।୨ | ୩ୟ ଟେଷ୍ଟ | ରାଜକୋଟ |
| ୨୩ରୁ ୨୭।୨ | ଚତୁର୍ଥ ଟେଷ୍ଟ | ରାଞ୍ଚି |
| ୦୭ରୁ ୧୧।୩ | ପଞ୍ଚମ ଟେଷ୍ଟ | ଧର୍ମଶାଳା |

## 'ରିଙ୍କୁ ସିଂ' ବାମ ହାତିଆ ଧୋନି

ଚେନ୍ନାଇ, ୨୦।୧(ଏଜେନ୍ସି): ଭାରତୀୟ କ୍ରିକେଟରେ ନୂଆ ସୁପରଷ୍ଟାର ହେବାକୁ ଯାଉଛନ୍ତି ବାମହାତୀ ବ୍ୟାଟର ରିଙ୍କୁ ସିଂ। ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ହେଉ କିମ୍ବା ଆଇପିଏଲ୍ ସବୁଥିରେ ଏହି ବାମହାତୀ ବ୍ୟାଟର ଜଣଙ୍କ ନିଜସ୍ୱ ଛାପ ଛାଡିଛନ୍ତି। ବିଶେଷ କରି ସେ ଭାରତୀୟ ଦଳରେ ନଂ-୬ ପୋଜିସନରେ ବ୍ୟାଟିଂ କରି ଭାରତକୁ ଜିତାଇବାରେ ସମର୍ଥ ହେଉଛନ୍ତି। ରିଙ୍କୁ ସିଂ ହେଉଛନ୍ତି ବାମହାତିଆ ଧୋନି ବୋଲି ଅନ୍ୟତମ କିମ୍ବଦନ୍ତୀ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। ସେ ନୂଆ ଫିନିସର ହୋଇ ଧୋନିଙ୍କ ଅନୁପସ୍ଥିତି ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଧୋନି ଜଣେ ବିରାଟ ଖେଳାଳି। ମୁଁ ତାଙ୍କ ସହ ରିଙ୍କୁଙ୍କୁ ତୁଳନା କରିପାରିବି ନାହିଁ। କିନ୍ତୁ ସେ ଭବିଷ୍ୟତରେ ନିଜକୁ ବାମହାତିଆ ଧୋନି ବୋଲି ପ୍ରମାଣିତ କରିବେ ବୋଲି ଅଶ୍ୱିନ କହିଛନ୍ତି। ଭାରତ ପକ୍ଷରୁ ସେ ଏଯାଏ ଖେଳିଥିବା ୧୫ଟି ମ୍ୟାଚ୍‌ରୁ ୮୯ ହାରରେ ୩୫୬ ରନ୍ କରିଛନ୍ତି। ଏଥିରେ ତାଙ୍କର ଷ୍ଟ୍ରାଇକ୍‌ରେଟ ହେଉଛି ୧୭୬.୨୩। ସେ ଉତ୍ତରପ୍ରଦେଶ ପକ୍ଷରୁ ପ୍ରଚୁର ରନ୍ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

## ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍
# ବିଜୟରୁ ଭାରତର ଅଭିଯାନ

ବ୍ଲୋଏମଫୋଣ୍ଟେନ୍, ୨୦।୧(ଏଜେନ୍ସି): ବାଂଲାଦେଶକୁ ୮୪ ରନ୍‌ରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ରେ ଟାଇଟଲ ରକ୍ଷା ଅଭିଯାନ ଆରମ୍ଭ କରିଛି। ଏଠାରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓପନର ଆଦର୍ଶ ସିଂ ସର୍ବାଧିକ ୭୬, ଅଧିନାୟକ ଉଦୟ ଶାହରନ୍ ୬୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୫୧ ରନ୍ କରିଥିଲା। ପ୍ରତିପକ୍ଷ ଦଳର ପେସ୍ ବୋଲର ମାରୁଫ ମିର୍ଦ୍ଧା ସୁନ୍ଦର ବୋଲିଂ କରି ୪୩ ରନ୍‌ରେ ୫ ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ପ୍ରଥମ ୬ ଓଭରରେ ୩୩ ରନ୍ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ୪୫.୫ ଓଭରରେ ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମହମ୍ମଦ୍ ଶିହାବ ଜେମ୍ସ ୫୪, ଅରିଫୁଲ ଇସ୍‌ଲାମ ୪୧ ରନ୍ କରିଥିଲେ। ଭାରତ ପକ୍ଷରୁ ସୌମୀ ପାଣ୍ଡେ ୪ଟି ଓ ମୁଶିର ଖାନ ୨ଟି ୱିକେଟ ନେଇ ଭାରତକୁ ଏହି ସହଜ ବିଜୟ ପ୍ରଦାନ କରିଥିଲେ। ଆଦର୍ଶ ସିଂଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ତାହାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଆୟର୍ଲାଣ୍ଡ ସହ ୨୫ରେ ଖେଳିବ। ଗ୍ରୁପ୍‌ର ତୃତୀୟ ତଥା ଶେଷ ମ୍ୟାଚ୍‌ରେ ଭାରତ ୨୮ ତାରିଖ ରବିବାର ଆମେରିକା ସହ ଖେଳିବ।



### ସ୍କଟଲାଣ୍ଡକୁ ୭ ୱିକେଟରେ ହରାଇଲା ଇଂଲଣ୍ଡ

**ପୋଚେଫ୍‌ଷ୍ଟ୍ରମ୍:** ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଂଲଣ୍ଡ ୭ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସ୍କଟଲାଣ୍ଡ ମାତ୍ର ୧୭୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଓୱେନ ଗୁଡ୍ ସର୍ବାଧିକ ୪୮ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଫରହାନ ଅହମ୍ମଦ୍ ଓ ଲୁକ ବେଙ୍କେନଷ୍ଟେଇନ୍ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଇଂଲଣ୍ଡ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳର ଅଧିନାୟକ ବେ୍ ମ୍ୟାକ୍‌କିନ୍ନି ସର୍ବାଧିକ ୮୮ ଓ ଜେଡନ ଡେନ୍‌ଲୀ ୪୦ ରନ୍ କରିଥିଲେ।

### ପାକିସ୍ତାନର ବିଜୟ ବ୍ୟବଧାନ ୧୮୧ ରନ୍

**ଇଷ୍ଟ ଲଣ୍ଡନ :** ଓପନର ଶାହଜେବ୍ ଖାନଙ୍କ ୧୦୬ ଓ ଅଧିନାୟକ ସାଦ ବେଗ୍‌ଙ୍କ ୫୫ ରନ୍ ସହାୟତାରେ ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ୧୮୧ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୯ ୱିକେଟରେ ୨୮୪ ରନ୍ କରିଥିଲା। ଆଫଗାନିସ୍ତାନର ଖଲୀଲ ଅହମ୍ମଦ୍ ୪ଟି ଓ ବଶିର ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ। ଜବାବରେ ଆଫଗାନିସ୍ତାନ ୨୬.୨ ଓଭରରେ ମାତ୍ର ୧୦୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନର ପେସର ଉବୈଦ ଶାହଙ୍କୁ ୪ଟି ଓ ମହମ୍ମଦ୍ ଜୀଶାନଙ୍କୁ ୩ଟି ୱିକେଟ ମିଳିଥିଲା।

# ହ୍ୟାଟ୍ରିକ ବିଜୟ ସହ ସେମିରେ ଜାମସେଦପୁର

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର, ୨୦।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଦ୍ୱିତୀୟ ଦଳ ଭାବେ ଜାମସେଦପୁର ଏଫ୍‌ସି ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର କଳିଙ୍ଗ ଷ୍ଟାଡିୟମ ପିଚ୍-୧ରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚରେ ଜାମସେଦପୁର ଏଫ୍‌ସି ୨-୦ ଗୋଲରେ ସିଲଂ ଲାଜଂ ଦଳକୁ ପରାସ୍ତ କରିଥିଲା। ଏଥିସହ ଜାମସେଦପୁର ୩ ମ୍ୟାଚରୁ ୩ୟ ବିଜୟ ସହ ୯ ପଏଣ୍ଟ ପାଇ ଗ୍ରୁପ୍-ବି'ର ଶୀର୍ଷରେ ରହି ସେମିଫାଇନାଲ ଟିକଟ୍ ଅର୍ଜନ କରିଛି। ସେହିଭଳି ସିଲଂ ଲାଜଂ ୩ୟ ପରାଜୟ ସହ ଖାତା ଖୋଲି ନ ପାରି ବିଦାୟ ନେଇଛି। ପୂର୍ବରୁ ପ୍ରଥମ ଦଳ ଭାବେ ଇଷ୍ଟ ବେଙ୍ଗଲ ଗ୍ରୁପ୍-ଏ'ରୁ ସେମିଫାଇନାଲରେ ପହଞ୍ଚିଥିଲା।

ଶନିବାର ଅପରାହ୍ଣରେ ଜାମସେଦପୁର ଓ ସିଲଂ ଲାଜଂ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ପ୍ରଥମାର୍ଦ୍ଧର ନିର୍ଦ୍ଧାରିତ ୪୫ ମିନିଟ୍ ସୁଦ୍ଧା କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ଇଞ୍ଜୁରୀ ଟାଇମ୍ (୪୫+୧)ରେ ମହମ୍ମଦ ସାନନଙ୍କ ଗୋଲ୍ ବଳରେ ଜାମସେଦପୁର ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ଥୋଙ୍ଗକୋସିମ ହାଓକିପ୍ ଜାମସେଦପୁର ପାଇଁ ୨ୟ ଗୋଲ୍ ଦେଇଥିଲେ। ବଳକା ୧୭ ମିନିଟ୍‌ରେ ଆଇ-ଲିଗ୍ ଦଳ ସିଲଂ ଲାଜଂ ମ୍ୟାଚକୁ ଫେରିବାକୁ ସଂଘର୍ଷ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଫଳରେ ଜାମସେଦପୁର ୨-୦ ଗୋଲରେ ଜିତି ୩ ପଏଣ୍ଟ ହାସଲ କରିଥିଲା।

### ନର୍ଥଇଷ୍ଟ-୪, କେରଳ ବ୍ଲାଷ୍ଟର୍ସ-୧

ଶନିବାର ସନ୍ଧ୍ୟାରେ କଳିଙ୍ଗ ଷ୍ଟାଡିୟମ ମୁଖ୍ୟ ପିଚ୍‌ରେ କେରଳ ବ୍ଲାଷ୍ଟର୍ସ ଓ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ନର୍ଥଇଷ୍ଟ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳ ୩ୟ ମ୍ୟାଚରୁ ୨ୟ ବିଜୟ ସହ ୬ ପଏଣ୍ଟ ପାଇ ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। କେରଳର ଏହା ୩ୟ ମ୍ୟାଚରୁ ୨ୟ ପରାଜୟ ଥିଲା।



## ରଣଜୀ ଟ୍ରଫିରେ ରାଜେଶ ମହାନ୍ତିଙ୍କୁ ୫ ୱିକେଟ ସଫଳତା
# ପରାଜୟ ଆଶଙ୍କାରେ ଓଡ଼ିଶା

କଟକ, ୨୦।୧(ସମିସ): ଟାଙ୍ଗୀସ୍ଥିତ ଡ୍ରିମସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ଏବଂ ଜମ୍ମୁ ଓ କଶ୍ମୀର ବିପକ୍ଷ ରଣଜୀ ମ୍ୟାଚ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ପେସ୍ ବୋଲିଂ ଚକ୍ରବ୍ୟୂହରେ ବ୍ୟାଟର ଫସିବା ସହ ଉଭୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶାର ପ୍ରଥମ ପାଳି ୧୩୦ରନ ଜବାବରେ ଜମ୍ମୁ ଓ କଶ୍ମୀରର ପାଳି ୧୮୦ରନରେ ସୀମିତ ରହିଥିଲା। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଦଳ ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ବିନିମୟରେ ୧୨୬ରନ କରିଛି। ହାତରେ ୩ ୱିକେଟ ବାକି ଥିବା ବେଳେ ଦଳ ମାତ୍ର ୭୬ରନରେ ଆଗୁଆ ରହିଛି। ମ୍ୟାଚ୍ ଆହୁରି ୨ ଦିନ ବାକି। ସମ୍ଭବତଃ ରବିବାର ଏହି ମ୍ୟାଚ୍‌ର ଫଳାଫଳ ସ୍ପଷ୍ଟ ହେବ ଓ ଆୟୋଜକ ଓଡ଼ିଶା ଦଳ ନିକଟରେ ଆଉ ପର୍ଯ୍ୟାପ୍ତ ବ୍ୟାଟିଂ ଶକ୍ତି ନ ଥିବାରୁ ଦଳ ପରାଜୟ ଆଶଙ୍କାରେ ରହିଛି।

ଅସମାପ୍ତ ପ୍ରଥମ ପାଳି ୪୫/୪ରୁ ଜମ୍ମୁ ଓ କଶ୍ମୀର ଦଳ ଶନିବାରର ଖେଳ ଆରମ୍ଭ କରିଥିଲା। ଶୁଭମ ପୁନ୍ଦିର ଏବଂ ୱିକେଟ କିପର ଫଜିଲ ରସିଦ ଦୁଇ ରନ ଲେଖାଏ ସଂଗ୍ରହ କରି ଅପରାଜିତ ଥିଲେ। ପ୍ରଥମ ସେସନର ୩ୟ ଓଭରରେ ଫଜିଲଙ୍କୁ ୮ରନରେ କ୍ଲିନ ବୋଲ୍ଡ କରି ଓଡ଼ିଶା ନିମନ୍ତେ ରାଜେଶ ମହାନ୍ତି ୫ମ ସଫଳତା ଦେଇଥିଲେ।



ରାଜେଶ ମହାନ୍ତି

ପରବର୍ତ୍ତୀ ବ୍ୟାଟର ଆକ୍ୟୁବ ନବି ୧୩ରନରେ ସୁନୀଲ ରାଉଳଙ୍କ ଶିକାର ହୋଇଥିଲେ। ୮୫ରନରେ ଦଳ ୬ଟି ୱିକେଟ ହରାଇ ସାରିଥିଲା। ଆବିଦ ମୁସ୍ତାକ ଏବଂ ଶୁଭମ ପୁନ୍ଦିର ୬୧ବଲରୁ ୪୫ରନର ଭାଗିଦାରୀ ସୃଷ୍ଟି କରିବା ଯୋଗୁଁ ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ସହ ଜମ୍ମୁ ଓ କଶ୍ମୀର ସମକକ୍ଷ ହୋଇଥିଲା। ଶୁଭମଙ୍କୁ ୩୪ରନରେ ଏଲବି କରି ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ତଥା ୭ମ ସଫଳତା ଦେଇଥିଲେ ପ୍ରୟାସ ସିଂହ। ନିମ୍ନକ୍ରମର ବ୍ୟାଟରଙ୍କ ସହଯୋଗରେ ଜମ୍ମୁ ଓ କଶ୍ମୀର ଇନିଂସ ଅଗ୍ରଣୀ ହାସଲ କରିଥିଲା। ଆବିଦ ମୁସ୍ତାକ ଦ୍ରୁତ ୫୦ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଉମର ନାଜିର ମୀର ୨୫ରନ ଏବଂ ଉମ୍ରାନ ମଲ୍ଲିକ ୭ରନ କରିବା ସହିତ ଦଳ ସମସ୍ତ ୱିକେଟ ହରାଇ ୧୮୦ରନ କରିଥିଲା। ପ୍ରତିପକ୍ଷ ଦଳର ସମସ୍ତ ୧୦ଟି ଯାକ ୱିକେଟ ପେସ୍ ବୋଲରଙ୍କୁ ମିଳିଥିଲାବେଳେ ରାଜେଶ ମହାନ୍ତି ସର୍ବାଧିକ ୫ ଜଣଙ୍କୁ ଆଉଟ କରିଥିଲେ। ପ୍ରଥମଶ୍ରେଣୀ ଫର୍ମାଟ କ୍ରିକେଟରେ ଏହା ତାଙ୍କର ଗୋଟିଏ ପାଳିରେ ୫ମ ଥର ୫ୱିକେଟ ସଫଳତା। ସୁନୀଲ ରାଉଳ ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ପ୍ରୟାସ ସିଂହଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ସନ୍ଦୀପ-ସୂର୍ଯ୍ୟକାନ୍ତଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ

୫୦ରନ ପଛୁଆ ରହିଥିବା ଓଡ଼ିଶା ବେଶ ସତର୍କତାର ସହ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ଅଧିନାୟକ ଶାନ୍ତନୁ ମିଶ୍ର ଏବଂ ଅନୁରାଗ ଷଡ଼ଙ୍ଗୀ ଅଧିକ ସମୟ କ୍ରିଜରେ ତିଷ୍ଠି ରହିବାକୁ ଉଦ୍ୟମ କରିଥିଲେ। ଉଭୟ ଧିମା ଗତିରେ ରନ ସଂଗ୍ରହ କରିଥିଲେ। ମାତ୍ର ଜମ୍ମୁ ଓ କଶ୍ମୀରର ପେସ୍ ଆଟାକ୍ ସମ୍ମୁଖରେ ଏମାନଙ୍କ ଉଦ୍ୟମ ନିଷ୍ଫଳ ହୋଇଥିଲା। ୨୨ରନରେ ଦଳ ପ୍ରଥମ ୱିକେଟ ହରାଇଥିଲା। ଅନୁରାଗଙ୍କୁ ୧୬ରନରେ ଆଉଟ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ ଆକ୍ୟୁବ ନବି। ପରେ ଶାନ୍ତନୁ ମଧ୍ୟ ୭ରନ କରିଥିବା ବେଳେ ଆକ୍ୟୁବଙ୍କ ଶିକାର ହୋଇଥିଲେ। ଖାତା ଖୋଲିବା ଆଗରୁ ଶୁଭ୍ରାଂଶୁ ଶେଖର ସେନାପତି, ୮ରନରେ ଗୋବିନ୍ଦ ପୋଦ୍ଦାର, ୭ରନରେ କାର୍ତ୍ତିକ ବିଶ୍ୱାଳ, ୧ରନରେ ରାଜେଶ ଧୂପର, ୪ରନରେ ପ୍ରୟାସ ସିଂହ ଆଉଟ ହେବା ସହ ୬୭ରନରେ ଦଳ ୭ ୱିକେଟ ହରାଇ ସାରିଥିଲା। ମାତ୍ର ସନ୍ଦୀପ ପଟ୍ଟନାୟକ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଅସମାପ୍ତ ୮ମ ୱିକେଟ ଭାଗୀଦାରିରେ ୫୯ରନ ସଂଗ୍ରହ କରି ଏହି ମୁକାବିଲାକୁ ତୃତୀୟ ଦିନକୁ ନେବାରେ ସମର୍ଥ ହୋଇଥିଲେ। ୧୦୮ବଲ ସମ୍ମୁଖୀନ ହୋଇଥିବା ସନ୍ଦୀପ ୪୭ରନରେ ଅପରାଜିତ ରହିଛନ୍ତି। ୨୫ବଲରୁ ଗୋଟିଏ ଚୌକା ଓ ଛକା ସହାୟତାରେ ସୂର୍ଯ୍ୟକାନ୍ତ ଅପରାଜିତ ୨୭ରନ ସଂଗ୍ରହ କରିଛନ୍ତି। ରୋହିତ ଶର୍ମା, ଉମର ନାଜିର ମୀର ଏବଂ ଆକ୍ୟୁବ ନାବି ୨ଟି ଲେଖାଏ, ଉମ୍ରାନ ମଲ୍ଲିକ ଗୋଟିଏ ୱିକେଟ ଦଖଲ କରିଛନ୍ତି।

## ସାତ୍ତ୍ୱିକ-ଚିରାଗ ଫାଇନାଲରେ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଚଳିତ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ପୁରୁଷ ଯୁଗଳ ସେମିଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୮, ୨୧-୧୪ ସିଧାସଳଖ ଗେମ୍‌ରେ ମାଲେସିଆର ସୋ ୱି ୟିକ୍ ଓ ଆରୋନ୍ ଚିଆ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ତେବେ ପୁରୁଷ ଏକକରେ ଏଚ୍‌ଏସ୍ ପ୍ରଣୟ ସେମିଫାଇନାଲରେ ହାରି ବିଦାୟ ନେଇଛନ୍ତି।

**MODERN PUBLIC SCHOOL**
MEGHADAMBARU, BALASORE-756056, ODISHA
A CBSE Affiliated School Invites Application for the following Posts for the Session 2024-2025

| POST | SUBJECT | QUALIFICATION |
|---|---|---|
| PGT | MATHS, PHY, CHEM, BIO, ENG | M.Sc./M.A with M.Ed or B.Ed |
| TGT | MATHS, PHY, CHEM, BIO, SST (GEO), ENG, HINDI | M.Sc./M.A/B.Sc./B.A with B.Ed |
| | COMPUTER SCIENCE | MCA or Equivalent |
| PRT | MATHS, EVS, SST, ENG | M Sc./M.A/B. Sc./B.A with B.Ed/D.EL.Ed. |
| PRE-PRT | Pre-Primary Teacher (Mother Teacher) | Graduate with NTT |
| LAB ASST. | COMPUTER SCIENCE | MCA/BCA or Equivalent |
| HOSTEL WARDEN (MALE / FEMALE) | | B.Sc/B.Com/B.A. Ex -Serviceman/Retired Military person is preferred. |

Preference will be given to candidates with good academic records, good communication skills and work experience. **Last date of Application : 24.01.2024.** Only shortlisted Candidates will be called for interview through WhtsApp/E-mail or Phone call by 27.01.2024. A written test will be conducted on 28.01.2024 (Sunday) at 9:00 AM followed by viva-voce (Applicable for Qualified Candidates in Written Test). Salary is as per Govt. Scale or Negotiable. Email : modern.public@gmail.com.
For any Query, Contact : 90789 66640 (4:00 PM to 8:00 PM). PRINCIPAL

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର